

ଅଭିନେତ୍ରୀରୁ ଫିଲ୍ମ ନିର୍ମାତା

▸ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-58 ◆FRIDAY ◆22 AUGUST 2025 ◆PAGE-12 ◆₹ 6.00

JEYPORE

◆ବର୍ଷ-୪୩ ◆ସଂଖ୍ୟା-୫୮ ◆ଶୁକ୍ରବାର ◆୨୨ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସମୂହ ଜୀବନ ହାରିଲେ ପରିବାରର ୫ ସଦସ୍ୟ

■ **ହାଇଦରାବାଦ୍, ୨୧।୮ (ଏଜେନ୍ସି):** ହାଇଦରାବାଦ୍‌ରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଗୋଟିଏ ପରିବାର ୫ ଜଣ ସଦସ୍ୟଙ୍କ ମୃତଦେହ ସନ୍ଦେହଜନକ ଭାବେ ଗୋଟିଏ ଘରୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ଜଣେ ଦୁଇ ବର୍ଷର ଶିଶୁ ମଧ୍ୟ ରହିଛି। ମୃତକଙ୍କ ମଧ୍ୟରେ ଜଣେ ପୁରୁଷ (୬୦), ତାଙ୍କ ପତ୍ନୀ (୫୫), ଝିଅ (୨୪), ଜ୍ୱାଇଁ (୩୨)ଓ ଦୁଇବର୍ଷର ଶିଶୁ ରହିଛନ୍ତି। ମିୟାପୁର ପୁଲିସ ଥାନ୍ ଅନ୍ତର୍ଗତ ମକଥା ମେହବୁବପେଟ୍‌ରେ ଏହି ଘଟଣା ଘଟିଛି। ପଡୋଶୀଙ୍କଠାରୁ ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ଏହି ପରିବାର କର୍ଣ୍ଣାଟକର ଗୁଲବର୍ଗା ଜିଲ୍ଲାର ଆସି ଏଠାରେ ଗତ ୬ ବର୍ଷ ହେବ ରହୁଥିଲେ। ଏମାନେ ଆତ୍ମହତ୍ୟା କରିଛନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ମୃତଦେହଗୁଡ଼ିକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘରର ମୁଖ୍ୟ ଲକ୍ଷ୍ମାଇଆ ଜଣେ ଶ୍ରମିକ ଭାବେ କାର୍ଯ୍ୟକରନ୍ତି। ପୂର୍ବରୁ କିଛି ଋଣ କରିଥିବାରୁ ଓ ଏହାକୁ ପରିଶୋଧ କରିବା ଉଦ୍ଦେଶ୍ୟରେ ରୋଜଗାର ପାଇଁ ଏହି ପରିବାର ହାଇଦରାବାଦ ସ୍ଥାନାନ୍ତର ହୋଇଥିଲେ। ଆର୍ଥିକ ଅନାଟନ ପାଇଁ ସମସ୍ତେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ଓ ତଦନ୍ତ ସରିବାର ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।




## ଭାରତ-ପାକ୍ ଏସିଆ କପ୍ ମ୍ୟାଚ୍‌କୁ ସବୁଜ ସଙ୍କେତ

■ **ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି):** ସେପ୍ଟେମ୍ବର ୧୪ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇଭୋଲଟେଜ ଏସିଆ କପ୍ କ୍ରିକେଟ୍ ମ୍ୟାଚକୁ କେନ୍ଦ୍ର କ୍ରୀଡ଼ା ବିଭାଗର ସବୁଜ ସଙ୍କେତ ମିଳିଛି। ନୂଆ ନୀତି ଅନୁଯାୟୀ ଭାରତ କୌଣସି ଦ୍ୱିପାକ୍ଷିକ ସିରିଜ କିମ୍ବା ଇଭେଣ୍ଟରେ ପାକିସ୍ତାନ ସହ ଖେଳିବ ନାହିଁ। କିନ୍ତୁ ଅନ୍ତର୍ଜାତୀୟ ଇଭେଣ୍ଟରେ ଯେଉଁଥିରେ ପାକିସ୍ତାନ ଦଳ ଓ ଖେଳାଳି ଅଂଶଗ୍ରହଣ କରୁଥିବେ ସେଥିରେ ଭାରତୀୟ ଖେଳାଳି ଏବଂ ଦଳକୁ ଖେଳିବା ଲାଗି ବାରଣ କରାଯିବ ନାହିଁ। କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯିବା ପରେ ଏସିଆ କପ୍ କ୍ରିକେଟ୍‌ରେ ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ଦୀର୍ଘଦିନ ହେବ ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରର ୧୭ତମ ସଂସ୍କରଣ ସେପ୍ଟେମ୍ବର ୯ରୁ ୟୁଏଇରେ ଆରମ୍ଭ ହେବ। ପ୍ରକାଶଯୋଗ୍ୟ, ଏପ୍ରିଲ ୨୨ରେ ପହଲଗାମ ଆକ୍ରମଣ ଓ ପରେ ଭାରତର 'ଅପରେସନ ସିନ୍ଦୁର'କୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଥିଲା। ଏପରିକି ପାକିସ୍ତାନ ସହ କୌଣସି ଅନ୍ତର୍ଜାତୀୟ ମ୍ୟାଚ ନ ଖେଳିବା ଲାଗି ଦେଶରୁ ସ୍ୱରଉତ୍ତୋଳନ ହୋଇଥିଲା।



# ହଟିବ ୧୨%, ୨୮% ଜିଏସ୍‌ଟି ସ୍ଲାବ୍

**ବିଳାସ ସାମଗ୍ରୀ ଉପରେ ଲାଗିବ ୪୦% ଟିକସ**

- ମନ୍ତ୍ରୀ ସ୍ତରୀୟ ବୈଠକରେ ପ୍ରସ୍ତାବକୁ ମଞ୍ଜୁରୀ
- ଜିଏସ୍‌ଟି ସରଳୀକରଣକୁ ମିଳିଲା ସହମତି
- ଶସ୍ତା ହେବ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ

■ **ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି):** ଚାରିଟି ଜିଏସ୍‌ଟି ସ୍ଲାବ ବଦଳରେ ଏଣିକି ଦୁଇଟି ଜିଏସ୍‌ଟି ସ୍ଲାବ୍ ରହିବ । ପ୍ରଚଳିତ ବ୍ୟବସ୍ଥାରେ ଥିବା ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ, ୨୮ ପ୍ରତିଶତ ଟିକସ ସ୍ଲାବରୁ ୧୨ ପ୍ରତିଶତ ଓ ୧୮ ପ୍ରତିଶତକୁ ଟିକସକୁ ପ୍ରତ୍ୟାହାର କରାଯିବ। ଯେଉଁ ସାମଗ୍ରୀଗୁଡ଼ିକରୁ ୨୮% ଟିକସ ନିଆଯାଉଥିଲା, ତାହାକୁ ୧୮% ବର୍ଗରେ ରଖାଯିବ ଏବଂ ୧୨% ଟିକସ ବର୍ଗକୁ ୫ ପ୍ରତିଶତକୁ ହ୍ରାସ କରାଯିବ। ଯାହା ଫଳରେ ଅନେକ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ। ଜିଏସ୍‌ଟି ପରିଷଦର ମନ୍ତ୍ରୀଗୋଷ୍ଠୀ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଏହା ଲାଗୁ ହେଲେ ସିମେଣ୍ଟ, ପ୍ରସାଧନ ସାମଗ୍ରୀ, ସାଧାରଣ ପରିବହନରେ ବ୍ୟବହୃତ ବାହନ, କୃଷି ଯନ୍ତ୍ରାଂଶ, ସୌର ପ୍ୟାନେଲ, ଟାୟାର ଆଦିର ମୂଲ୍ୟ ହ୍ରାସ ପାଇବ।

ସମ୍ପ୍ରତି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିକୁ ନେଇ ସାରା ଦେଶରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। କେନ୍ଦ୍ର ସରକାରଙ୍କ ଉପରେ ଏଥିପାଇଁ ଚାପ ବଢ଼ୁଛି। ଅନ୍ୟପକ୍ଷରେ ଦେଶର ଅର୍ଥନୀତିକୁ ଗତି ଦେବା ପାଇଁ ବଜାର କାରବାର ଦ୍ରୁତ କରାଯିବାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ଦରଦାମ ତାତିରୁ ଖାଉଟିଙ୍କୁ ରିହାତି ନ ମିଳିଲେ ଦେଶର ଅର୍ଥନୀତି ଆଗକୁ ବଢ଼ିବ ନାହିଁ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଉଛନ୍ତି। ତେଣୁ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥାକୁ ଆହୁରି ସରଳ କରିବାକୁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆଜି ଅନୁଷ୍ଠିତ ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କ ବୈଠକରେ କେନ୍ଦ୍ର ଦ୍ୱାରା ପ୍ରସ୍ତାବିତ ଜିଏସ୍‌ଟି ସରଳୀକରଣକୁ ସହମତି ମିଳିଛି। ଯାହାଫଳରେ ଜିଏସ୍‌ଟି ବ୍ୟବସ୍ଥାରେ ରହିଥିବା ୧୨% ଏବଂ ୨୮% ସ୍ଲାବ୍ ହଟିବ ବୋଲି ଆଶା କରାଯାଉଛି। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବସିଥିବା ୬ ସଦସ୍ୟ ବିଶିଷ୍ଟ ମନ୍ତ୍ରୀଗୋଷ୍ଠୀର ସୁପାରିସକୁ ଅନୁମୋଦନ ମିଳିଲେ ନୂତନ ଟିକସ ହାର ୨୦୨୬ ପ୍ରାରମ୍ଭ ସୁଦ୍ଧା କାର୍ଯ୍ୟକାରୀ ହୋଇପାରେ ବୋଲି କୁହାଯାଉଛି।

ବୈଠକର ନିଷ୍ପତ୍ତି ଅନୁସାରେ ଜିଏସ୍‌ଟି ହାରକୁ କେବଳ ଦୁଇଟି ସ୍ଲାବରେ ବିଭକ୍ତ କରାଯିବ। ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ୫% ହାର ଲାଗୁ ହେବ ଏବ ଅନ୍ୟ ସେବାମୂଳକ ସାମଗ୍ରୀ ଉପରେ ୧୮% ଟିକସ ଲାଗୁ ହେବ। ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ୪୦% ସ୍ଲାବ୍ ରହିବ। ପୂର୍ବରୁ ୧୨% ଟିକସ ଲାଗୁ ହେଉଥିବା ପ୍ରାୟ ୯୯% ସାମଗ୍ରୀ ଏବେ ୫% ସ୍ଲାବ ଅଧୀନକୁ ଆସିବ। ଅନ୍ୟପକ୍ଷରେ ପୂର୍ବରୁ ୨୮% ଟିକସ ଲାଗୁ ହେଉଥିବା ପ୍ରାୟ ୯୦% ସାମଗ୍ରୀ ଉପରେ ୧୮% ଟିକସ ଲାଗୁ ହେବ। ବୈଠକରେ ମନ୍ତ୍ରୀ ଗୋଷ୍ଠୀ ଏହା ମଧ୍ୟ ପ୍ରସ୍ତାବ ଦେଇଛି ଯେ, ବିଳାସପୂର୍ଣ୍ଣ କାରଗୁଡ଼ିକ ଉପରେ ୪୦% ହାରରେ ଟିକସ ଲାଗୁ କରାଯିବା ଉଚିତ। ଏହାସହିତ, କିଛି ହାନୀକାରକ ଦ୍ରବ୍ୟକୁ ମଧ୍ୟ ଏହି ସ୍ଲାବରେ ▸ପୃଷ୍ଠା-୭




# ଅଚଳାବସ୍ଥା ମଧ୍ୟରେ ସରିଲା ଅଧିବେଶନ

### ଲୋକସଭା ଚାଲିଲା ୩୭ ଘଣ୍ଟା, ରାଜ୍ୟସଭା ୪୧ ଘଣ୍ଟା

■ **ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆରକୁ ନେଇ ଅଚଳ ରହିଥିବା ସଂସଦର ମୌସୁମୀ ଅଧିବେଶନ ଆଜି ଶେଷ ହୋଇଛି। ଅପରେସନ ସିନ୍ଦୂର ଆଲୋଚନାକୁ ଛାଡ଼ିଦେଲେ ଆଉ କୌଣସି ଦିନ ସଂସଦ ଚାଲିପାରି ନାହିଁ। ଏକ ମାସ ଧରି ଚାଲିଥିବା ସଂସଦର ଏହି ଅଧିବେଶନରେ ଆଲୋଚନା ପାଇଁ ୧୨୦ ଘଣ୍ଟା ଧାର୍ଯ୍ୟ କରାଯାଇଥିବା ବେଳେ ଲୋକସଭାରେ ମାତ୍ର ୩୭ ଘଣ୍ଟା ଆଲୋଚନା ହୋଇଥିବା ବେଳେ ରାଜ୍ୟସଭାରେ ୪୧ ଘଣ୍ଟା ପାଇଁ ଆଲୋଚନା ହୋଇଛି। ଅନ୍ୟ ସମୟ ସବୁ ପ୍ରବଳ ହଟ୍ଟଗୋଳ ଓ ୱାକଆଉଟ୍ ଯୋଗୁଁ ଧୋଇ ହୋଇଯାଇଛି। ତେବେ ଯେତେ ସମୟ ଧରି ସଂସଦ ଚାଲିଲା, ତାହା ମଧ୍ୟରେ ଲୋକସଭାରେ ୧୨ଟି ବିଲ୍ ଗୃହୀତ ହୋଇଥିବା ବେଳେ ରାଜ୍ୟସଭାରେ ୧୫ଟି ବିଲ୍ ଗୃହୀତ ହୋଇପାରିଛି। ତେବେ ଏହି ଅଧିବେଶନରେ ସବୁଠାରୁ ଚର୍ଚ୍ଚିତ ଘଟଣା ଥିଲା ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା। ୨୧ ତାରିଖରୋ ସଂସଦ ଅଧିବେଶନ ଆରମ୍ଭ ହେବାପରେ ସନ୍ଧ୍ୟା ବେଳେ ସେ ଅଚାନକ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିଲେ ମଧ୍ୟ ପ୍ରକୃତ କାରଣ ଏବେ ବି ରହସ୍ୟରେ ରହିଛି।

ସଂସଦ ଅଧିବେଶନର ପ୍ରଥମ ସପ୍ତାହ ବିହାର ଭୋଟର ତାଲିକା ସଂଶୋଧନ ▸ପୃଷ୍ଠା-୭



**ଲୋକସଭାରେ ୧୨, ରାଜ୍ୟସଭାରେ ୧୫ ବିଲ୍ ପାସ**

# ସେପ୍ଟେମ୍ବର ୧୮ରୁ ମୌସୁମୀ ଅଧିବେଶନ



### ୨୫ରେ ସରିବ ଅଧିବେଶନ, ରହିଛି ୭ଟି କାର୍ଯ୍ୟ ଦିବସ

■ **ଭୁବନେଶ୍ୱର, ୨୧।୮ (ସମିସ):** ସେପ୍ଟେମ୍ବର ୧୮ ତାରିଖରୁ ସପ୍ତଦଶ ବିଧାନସଭାର ଚତୁର୍ଥ ଅର୍ଥାତ ମୌସୁମୀ ଅଧିବେଶନ ଆରମ୍ଭ ହେବ। ବିଧାନସଭା ସଚିବାଳୟ ସୂତ୍ରରୁ ଜଣାପଡ଼ିଛି। ଅଧିବେଶନରେ ୧୮ ତାରିଖରୁ ଆରମ୍ଭ ହୋଇ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ ୭ଟି କାର୍ଯ୍ୟ ଦିବସ ରହିଥିବା ବେଳେ ଏକାଧିକ ପ୍ରସଙ୍ଗକୁ ନେଇ ଗୃହ ସରଗରମ ରହିବା ନେଇ ଅନୁମାନ କରାଯାଉଛି। ଆସନ୍ତା ଅଧିବେଶନ ରାଜ୍ୟ ସରକାରଙ୍କ ପାଇଁ ସହଜ ହୋଇନପାରେ। ନିକଟରେ ଏକାଧିକ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାର ବିରୋଧୀଙ୍କ ଶାଣିତ ସମାଲୋଚନା ଏବଂ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ମହିଳା ସୁରକ୍ଷାକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଛି। ଯାହାକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହରେ ସରକାରଙ୍କୁ ଷଣ୍ଢଆସୀ ଆକ୍ରମଣ କରିପାରନ୍ତି ବୋଲି ଆକଳନ କରୁଛନ୍ତି ରାଜନୈତିକ ସମୀକ୍ଷକ। ସେହିପରି ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି, ଚାଷୀ ସମସ୍ୟା, ପରୀକ୍ଷା କେଳେଙ୍କାରୀ, ପ୍ରଶାସନିକ ସ୍ଥାଣୁତା, ବିକାଶ କାର୍ଯ୍ୟ ଠପ୍ ହୋଇପଡ଼ିବା, ରଥଯାତ୍ରା ବିଭ୍ରାଟ, ରଙ୍ଗମରା ରାଜନୀତି ଆଦି ପ୍ରସଙ୍ଗକୁ ▸ପୃଷ୍ଠା-୭

**ସରକାରଙ୍କୁ ଷଣ୍ଢଆସୀ ଆକ୍ରମଣ ପାଇଁ ବିରୋଧୀଙ୍କ ସଜବାଜ**

**ଆଇନଶୃଙ୍ଖଳା, ମହିଳାଙ୍କ ସୁରକ୍ଷା ପାଲଟିବ ମୁଖ୍ୟ ପ୍ରସଙ୍ଗ**

**ସରକାରଙ୍କ ଦମ୍ଭୋକ୍ତି, ଗଠନମୂଳକ ଆଲୋଚନା ପାଇଁ ପ୍ରସ୍ତୁତ**

### ୧୭ ଆଇପିଏସ୍, ୧୩ ଓପିଏସ୍‌ଙ୍କ ବଦଳି

## ଗୁଣ୍ଡାଲା ରେଡ୍ଡୀ ଝାରସୁଗୁଡ଼ା ଏସ୍‌ପି

■ **ଭୁବନେଶ୍ୱର, ୨୧।୮ (ସମିସ):** ରାଜ୍ୟ ସରକାର ଆଇପିଏସ୍ ଓ ଓପିଏସ୍ ସ୍ତରରେ ଏକ ବଡ଼ ଅଦଳବଦଳ କରିଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ଦୁଇଟି ଭିନ୍ନ ଭିନ୍ନ ବିଜ୍ଞପ୍ତିରେ ୧୭ଜଣ ଆଇପିଏସ୍ ଏବଂ ୧୩ ଓପିଏସ୍‌ଙ୍କୁ ବଦଳି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଏସ୍‌ସିଆରବି ନିର୍ଦ୍ଦେଶକ ଥିବା ୧୯୯୫ ବ୍ୟାଚ୍‌ର ଆଇପିଏସ୍ ସନ୍ତୋଷ ବାଲାଙ୍କୁ ଏସ୍‌ଏଫଏସ୍‌ଏଲ୍ ନିର୍ଦ୍ଦେଶକ ଭାବେ ନିଯୁକ୍ତି କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ଥିବା ୨୦୦୨ ବ୍ୟାଚର ଆଇପିଏସ୍ ଏସ୍.ପ୍ରବୀନ କୁମାରଙ୍କୁ ଆଇଜି ପ୍ରୋଭିଜନିଂକୁ ବଦଳି କରାଯାଇଛି। ସେହିପରି ହେଡ୍‌କ୍ୱାର୍ଟରରେ ଥିବା ଗଜଭିଏ ଶତିଶ୍ କୁମାରଙ୍କୁ ଆଇଜି ସ୍ପେଶାଲ ଆର୍ମ ପୁଲିସକୁ ବଦଳି କରାଯାଇଛି। ଭିଜିଲାନ୍ସ ଆଇଜି ଥିବା ୨୦୦୩ ବ୍ୟାଚ୍‌ର ଆଇପିଏସ୍ ସଞ୍ଜୟ କୁମାର କୌଶଲଙ୍କୁ ଇଓଡବ୍ଲ୍ୟୁ(ଅର୍ଥନୈତିକ ଅପରାଧ ଶାଖା) ଆଇଜି ଭାବେ ବଦଳି କରାଯାଇଛି। ସ୍ପେଶାଲ ଆର୍ମ୍ ପୁଲିସ ଆଇଜି ଥିବା ୨୦୦୭ ବ୍ୟାଚ୍‌ର ଅଭିନାଶ କୁମାରଙ୍କୁ ରାଜ୍ୟ ଅପରାଧ ନଥି ଶାଖାର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ▸ପୃଷ୍ଠା-୭

# ନିୟମିତ ହେବେ ସ୍କିମାଟିକ୍ ପ୍ରାଥମିକ ଶିକ୍ଷକ

### ଆସନ୍ତା ୩ ବର୍ଷରେ ପ୍ରାଥମିକ ଶିକ୍ଷା ପାଇଁ ନିଯୁକ୍ତ ହେବେ ୪୫ ହଜାର ଶିକ୍ଷକ

■ **ଭୁବନେଶ୍ୱର,୨୧।୮ (ସମିସ):** ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଆରୋପ କରିଛନ୍ତି। ଏହିକ୍ରମରେ ସ୍କିମାଟିକ୍ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଏ ସଂକ୍ରାନ୍ତୀୟ ନିଷ୍ପତ୍ତି ନେଇଛନ୍ତି। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ଶିକ୍ଷାନୀତି ଅନୁଯାୟୀ ଅଧିକ ଶିକ୍ଷକଙ୍କର ଆବଶ୍ୟକତା ରହିଛି। ରାଜ୍ୟରେ ବର୍ତ୍ତମାନ ୪୫, ୨୯୨ ଟି ପ୍ରାଥମିକ ବିଦ୍ୟାଳୟରେ ୧, ୬୦, ୩୧୯ ଟି ଶିକ୍ଷକ ପଦବୀ ରହିଛି। ନୂତନ ଶିକ୍ଷାନୀତି ଅନୁଯାୟୀ ଆଉ ୩୯, ୩୬୬ ଟି ପଦବୀ ସୃଷ୍ଟି କରାଯିବ। ଏହା ସହିତ ଡିସେମ୍ବର ୨୦୨୫ ସୁଦ୍ଧା ୫,୦୬୭ଟି ଶିକ୍ଷକ ପଦବୀ ମଧ୍ୟ ଖାଲି ହେବ। ତେଣୁ ଏହି ସମସ୍ତ ପଦବୀକୁ ମିଶାଇ ଆସନ୍ତା ୩ ବର୍ଷ ମଧ୍ୟରେ ୪୪, ୪୩୩ଟି ପଦବୀ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଗୁରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ଏହି ପରାମର୍ଶ ଦେବା ସହିତ ଅନେକ ନୂତନ ନିଷ୍ପତ୍ତି ନେଇଛନ୍ତି। ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଅନୁଯାୟୀ ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ମିଶାଇ ଗୋଟିଏ ବୋର୍ଡ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉଥିବା ବେଳେ ନବମ ଓ ଦଶମ ଶ୍ରେଣୀରେ କେବଳ ▸ପୃଷ୍ଠା-୭



**ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ମିଳିବ ମାଗଣା ପାଠ୍ୟପୁସ୍ତକ: ମୁଖ୍ୟମନ୍ତ୍ରୀ**

**ରାଜ୍ୟ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ମିଶି ହେବ ଗୋଟିଏ ବୋର୍ଡ**

# କେନ୍ଦ୍ର ନିୟନ୍ତ୍ରଣରେ ନାହିଁ ଏଫ୍‌ସିଆଇ

### ମିଲ୍‌ରେ ଚାଉଳ ଭର୍ତ୍ତି; ଖରିଫ ଧାନ ଉଠିବ କେମିତି

■ **ଭୁବନେଶ୍ୱର, ୨୧।୮ (ସମିସ):** ଓଡ଼ିଶା ପ୍ରତି ପାତରଅନ୍ତର ମନୋଭାବ ପୋଷଣ କରୁଛି ଏଫ୍‌ସିଆଇ। ପୂର୍ବରୁ ରାଜ୍ୟରେ ବିଜେଡି ସରକାର ଥିବାବେଳେ ଏଫ୍‌ସିଆଇ ଯେଉଁପରି ମନୋଭାବ ଦେଖାଉଥିଲା, ଏବେ ଡ଼ବଲ ଇଞ୍ଜିନ୍ ସରକାର ସମୟରେ ମଧ୍ୟ ଅନୁରୂପ ମନୋଭାବ ଦେଖାଉଛି। ସେତେବେଳେ ତତ୍‌କାଳୀନ ରାଜ୍ୟ ସରକାର, ବିଜେଡ଼ିର ସାଂସଦମାନେ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏବେ ରାଜ୍ୟରୁ ନିର୍ବାଚିତ ଶାସକ ଦଳର ୨୦ ସାଂସଦ ଏ ପ୍ରସଙ୍ଗରେ ନିରବ ଥିବାବେଳେ କେବଳ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଏହାକୁ ନେଇ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଫ୍‌ସିଆଇ ଓଡ଼ିଶାରୁ ଅଧିକ ଚାଉଳ ଉଠାଇବାକୁ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଖରିଫ୍ ଋତୁରେ ରାଇସ ମିଲ୍ ଗୋଦାମ ଖାଲି ନ ହେଲେ ଅସୁବିଧା ହେବ। ଏଫସିଆଇ ଧାନ ଉଠାଣ ନେଇ ସମସ୍ୟା ଅଛି। କିଛି ନିୟମର ପରିବର୍ତ୍ତନ ଆବଶ୍ୟକ ରହିଛି। ଓଡ଼ିଶାରୁ କିପରି ଏଫସିଆଇ ଧାନ ଉଠାଇବ, ତାହା ଉପରେ ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ପଡ଼ୋଶୀ ରାଜ୍ୟମାନେ ଆସି ଓଡ଼ିଶାରେ ଧାନ ବିକ୍ରି କରୁଛନ୍ତି। କିଛି ତ୍ରୁଟିବିଚ୍ୟୁତି ରହିଛି। ତେଣୁ ଏହାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ବିଜେଡ଼ି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ। ସେ କହିଛନ୍ତି ଯେ ଯେଉଁମାନେ ବିରୋଧୀରେ ଥିଲେ, ସେମାନେ ସରକାର ଅଛନ୍ତି। କ୍ଷମତାକୁ ଆସିଲା ପରେ ▸ପୃଷ୍ଠା-୭

**ଏଫ୍‌ସିଆଇ ମନମାନୀକୁ ସ୍ୱୀକାର କଲେ ରାଜସ୍ୱ ମନ୍ତ୍ରୀ**

# ସାରା ରାଜ୍ୟରେ ସାର କଳାବଜାର

### ଚାରିଗୁଣା ଚଢ଼ା ଦରରେ ବିକ୍ରି ହେଉଛି ୟୁରିଆ

■ **ଭୁବନେଶ୍ୱର, ୨୧।୮ (ସମିସ):** ଚାଷୀ ପଞ୍ଜିକରଣଠାରୁ ଆରମ୍ଭ କରି ସାର ପର୍ଯ୍ୟନ୍ତ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ପଞ୍ଜିକରଣ ପାଇଁ ନାକେଦମ୍ ହେବାକୁ ପଡ଼ିଥିଲା। ଏବେ ଧାନ ରୋଇବା ପରେ ସାର ଅଭାବ ଚାଷୀଙ୍କୁ ନାକରେ କନ୍ଦାଇ ସାରିଲାଣି। ରାଜ୍ୟବ୍ୟାପୀ ଲାମ୍ପସ୍ ଓ ସମବାୟ ଆଗରେ ଚାଷୀମାନେ ଯାଇ ଧାରଣ ଆନ୍ଦୋଳନ କରୁଛନ୍ତି କେବେ ସାର ମିଳିବ, ତା'ର ଉତ୍ତର ମିଳୁନାହିଁ। ଯେଉଁ ୟୁରିଆ ସାର ସରକାରୀ ଭାବେ ୨୬୬ଟଙ୍କା ବାହାରେ ୭ଶହରୁ ୮ଶହ ଟଙ୍କାରେ ବିକ୍ରି ହେଉଛି। ଏତେ ଟଙ୍କା ଦେଇ ଚାଷୀମାନେ କିଣିବାକୁ ସକ୍ଷମ ହେଉନାହାନ୍ତି।

ସାରା ରାଜ୍ୟରେ ୟୁରିଆ ସାର ଅଭାବ। ସାଲେପୁରରୁ ସମ୍ବଲପୁର, ସୁନ୍ଦରଗଡ଼ରୁ କୋରାପୁଟ ସବୁଠି ସାର ଅଭାବକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟେ ସରକାର କହୁଛନ୍ତି, କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରନ୍ତୁ। ଚାଷୀଙ୍କ ପାଖକୁ ଯାଇ ସମସ୍ୟା ବୁଝି ସମାଧାନ କରନ୍ତୁ। ଅନ୍ୟପଟେ ଚାଷୀ ବାଧ୍ୟହୋଇ ଚାଷ ସମୟରେ ବିଲବାଡ଼ି ଛାଡ଼ି ପ୍ରତିବାଦ, ଆନ୍ଦୋଳନରେ ସାମିଲ ହେଉଛନ୍ତି। କ୍ଷେତରେ ଫସଲ ଉଜୁଡ଼ିଯିବାକୁ ବସିଲାଣି। ଅଧିକାଂଶ ପ୍ୟାକ୍ସରେ ସାର ଆଦୌ ନାହିଁ। ଯେଉଁଠି ଅଛି, ଆଧାର କାର୍ଡ ଦେଖାଇଲେ, ଗୋଟିଏ ବସ୍ତା ସାର ଦେଉଛନ୍ତି। ପ୍ରତ୍ୟେକ ଚାଷୀ ଏକର, ଦୁଇ ଏକର ଲେଖାଁଏ ଚାଷ କରିଛନ୍ତି, ସେଠି ଗୋଟିଏ ବସ୍ତା ସାର ନେଇ କିଭଳି ନିଜର ଆବଶ୍ୟକତା ପୂରଣ କରିବୁ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଜଣେ ପ୍ୟାକ୍ସ ସଭାପତି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସରକାର ପର୍ଯ୍ୟାପ୍ତ ସାର ଯୋଗାଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି। ସରକାର ଆମକୁ ନ ଦେଲେ, ଆମେ କୋଉଠୁ ଦେବୁ ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ପ୍ୟାକ୍ସରେ ସାର ମିଳୁନଥିବାବେଳେ ବାହାର ଖୋଲାବଜାରରେ ଚଢ଼ା ଦରରେ ବିକ୍ରି ହେଉଛି। ତେଣୁ ସାର ଅଭାବ ▸ପୃଷ୍ଠା-୭



**୧୦ ବସ୍ତା ସ୍ଥାନରେ ମିଳୁଛି ଗୋଟିଏ ବସ୍ତା**

**ରାଜ୍ୟସାରା ଅସୁବିଧା; ସରକାର ବେଫିକର୍**

# ମହାକାଶରେ ଡର ଲାଗୁଥିଲା



ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଆକ୍ସିଅମ-୪ ମିସନରେ ସାମିଲ ହୋଇ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ (ଆଇଏସଏସ୍)ରେ ଦୁଇ ସପ୍ତାହ ବିତାଇଥିଲେ। ସେ ମିସନ ପାଇଲଟ ଭାବେ ବିଭିନ୍ନ ଦାୟିତ୍ୱ ସମ୍ପାଦନ କରିଥିଲେ। ଆଇଏସ୍ଏସ୍‌ରେ ଦୁଇ ସପ୍ତାହ ରହିବା ମଧ୍ୟରେ ସେ ଏକାଧିକ ପରୀକ୍ଷାନିରୀକ୍ଷା କରିଥିଲେ। ଏଥିପାଇଁ ସେ ଉଚ୍ଚକୋଟୀର ପ୍ରଶିକ୍ଷଣ ନେଇଥିଲେ। ମହାକାଶରେ ସମୟ ବିତାଇବା ନିଶ୍ଚିତ ଭାବେ ଏକ ଭିନ୍ନ ପ୍ରକାର ଅନୁଭବ ଥିଲା ବୋଲି ସେ ଦିଲ୍ଲୀର ମିଡିଆ ସେଣ୍ଟରରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହି ଅବସରରେ ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ, ଭାରତ ସରକାରଙ୍କ ପ୍ରମୁଖ ମୁଖପାତ୍ର ଧିରେନ୍ଦ୍ର ଓଝା, ଇସ୍ରୋ ମୁଖ୍ୟ ଡ. ଭି ନାରାୟନନ, ଭାରତୀୟ ବାୟୁସେନା ଉଡାନ ପ୍ରଶିକ୍ଷକ ତଥା ଟେଷ୍ଟ ପାଇଲଟ ପ୍ରଶାନ୍ତ ଭି ନାଏର ଉପସ୍ଥିତ ଥିଲେ। ଆଇଏସ୍ଏସ୍‌ରେ ରହିବା ବେଳେ ଭୟ ଲାଗୁଥିଲା। ଯଦି ଆମେ କହିବା ଡର ଲାଗୁ ନଥିଲା, ତାହେଲେ ଏହା ଭୁଲ ହେବ। ସମସ୍ତଙ୍କୁ ଭୟ ଲାଗିଥାଏ। କିନ୍ତୁ ଆମ ପଛରେ ଏକ ଭରସାଯୋଗ୍ୟ ଟିମ୍ ରହିଥାଏ ଓ ଏହି ଟିମ୍‌କୁ ଆମେ ଆମର ଜୀବନ ବିଶ୍ୱାସର ସହିତ ଅର୍ପଣ କରିଥାଉ। ତେଣୁ ଭୟ ଓ ଚାପକୁ ନିୟନ୍ତ୍ରଣ କରିବାରେ ଆମେ ବହୁ ପରିମାଣରେ ସମର୍ଥ ହୋଇଥାଉ। ଆଇଏସଏସ୍‌ରେ ରହିବା ବେଳେ ଆମକୁ ଅତିରିକ୍ତ ଜ୍ଞାନ ମିଳିଥାଏ ଓ ଏହା ବହୁତ ମୂଲ୍ୟବାନ। ଆଗକୁ ଏହି ଜ୍ଞାନ ଭାରତର ଗଗନୟାନ ମିସନ ଓ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ପାଇଁ ବେଶ୍ ଉପାଦେୟ ହେବ ବୋଲି ସେ କହିଛନ୍ତି। ଖୁବ୍‌ଶୀଘ୍ର ଆମେ ଆମ ରକେଟ ଓ ନିଜ ମାଟିରୁ ଯେକୌଣସି ବ୍ୟକ୍ତିଙ୍କୁ ଅନ୍ତରୀକ୍ଷ ପଠାଇବୁ ବୋଲି ସେ କହିଛନ୍ତି। ଶୁଭାଂଶୁଙ୍କ ଆଗାମୀ ମିସନ ଗଗନୟାନ ହେବ ଓ ସେ ଏଥିପାଇଁ ପ୍ରସ୍ତୁତି କରିବେ ବୋଲି କହିଛନ୍ତି।

# କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

## ରାଜ୍ୟପାଳ ଦାୟିତ୍ୱରେ ଅବହେଳା କଲେ କୋର୍ଟ କ'ଣ ଚୁପ ବସିବେ?

ନୂଆଦିଲ୍ଲୀ, ୨୧।୮: ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ବିଲ ଉପରେ କୌଣସି ନିଷ୍ପତ୍ତି ନନେଇ ରାଜ୍ୟପାଳ ବସି ରହିଲେ, ଏହାର ସମାଧାନ ବାଟ କଣ? ସାମ୍ବିଧାନିକ ପଦବୀରେ ବସିଥିବା ଜଣେ ବ୍ୟକ୍ତି ତାର ଦାୟିତ୍ୱ ଠିକ୍ ଭାବେ ନିର୍ବାହ ନକଲେ ସାମ୍ବିଧାନିକ କୋର୍ଟ କ'ଣ ହାତ ବାନ୍ଧି ବସିବେ? ସୁପ୍ରିମକୋର୍ଟ ଆଜି କେନ୍ଦ୍ର ସରକାରଙ୍କୁ ଏଭଳି ପ୍ରଶ୍ନବାଣରେ ଘେରିଛନ୍ତି।

### ସବୁ ସମସ୍ୟାର ସମାଧାନ କୋର୍ଟ ନୁହେଁ: କେନ୍ଦ୍ର



ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ କୋର୍ଟ ସମୟସୀମା ଧାର୍ଯ୍ୟ କରିପାରିବେ କି? ଏହି ପ୍ରସଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରେସିଡେନସିଆଲ ରେଫେରେନ୍ସ ଜରିଆରେ ସୁପ୍ରିମକୋର୍ଟଙ୍କ ମତାମତ ଲୋଡ଼ିଥିଲେ। ପ୍ରଧାନ ବିଚାରପିତି ଜଷ୍ଟିସ ବିଆର ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚ ଏହି ମାମଲାର ଶୁଣାଣି କରୁଛନ୍ତି। ଆଜି ଶୁଣାଣି ଚାଲିଥିବା ବେଳେ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି କରିଥିଲେ ଯେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି କୋର୍ଟ ସମୟସୀମା ଧାର୍ଯ୍ୟ କରିପାରିବେ ନାହିଁ। ସମ୍ବିଧାନରେ କୋର୍ଟ, ସଂସଦ ଓ କାର୍ଯ୍ୟପାଳିକା ପାଇଁ ସୀମା ଧାର୍ଯ୍ୟ କରାଯାଇଛି ଏବଂ କେହି ଏହାର ଉଲ୍ଲଂଘନ କରିପାରିବେ ନାହିଁ। ଏହା ହେଲେ ବଡ଼ଧରଣର ବିଭ୍ରାଟ ସୃଷ୍ଟି ହେବ। ଏହାର ଜବାବ ଦେବାକୁ ଯାଇ ବେଞ୍ଚ ପ୍ରଶ୍ନ କରିଥିଲେ ଯେ ସାମ୍ବିଧାନିକ ପଦବୀରେ ବସିଥିବା ଜଣେ ବ୍ୟକ୍ତି ତାର ଦାୟିତ୍ୱ ଠିକ୍ ଭାବେ ନିର୍ବାହ ନକଲେ କୋର୍ଟ କଣ ଚୁପ୍ ହୋଇବସିବେ। ଏଭଳି ପରିସ୍ଥିତିରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ସମୟସୀମା ଧାର୍ଯ୍ୟ କରିବା କଣ ଭୁଲ? ଯଦି ଏହା ଭୁଲ, ତାହାହେଲେ ଏହାର ସମାଧାନ ବାଟ କଣ? ଏହି ସମୟରେ ତୁଷାର ମେହେଟ୍ଟା କହିଥିଲେ ଯେ ସମସ୍ତ ସମସ୍ୟାର ସମାଧାନ କୋର୍ଟରେ ହୋଇପାରିବ ନାହିଁ। ଗଣତନ୍ତ୍ରରେ ସମାଧାନ ପାଇଁ କଥାବାର୍ତ୍ତାକୁ ଗୁରୁତ୍ୱ ଦିଆଯିବା ଉଚିତ।

ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ରାଜ୍ୟପାଳ ସେମାନଙ୍କ ଦାୟିତ୍ୱ ନିର୍ବାହ କ୍ଷେତ୍ରରେ ଟାଳଟୁଳ କରୁଛନ୍ତି ଏବଂ ବିଭିନ୍ନ ରାଜ୍ୟରେ ଏହାକୁ ନେଇ ଭିନ୍ନ ପରିସ୍ଥିତି ଦେଖାଯାଉଛି। ଯଦି ଏକ କ୍ଷତିଗ୍ରସ୍ତ ରାଜ୍ୟ ନିରୁପାୟ ହୋଇ କୋର୍ଟର ଆଶ୍ରୟ ନିଏ., ତାହାହେଲେ କୋର୍ଟ କଣ ଏହାର ଶୁଣାଣି କରିବେ ନାହିଁ। ତାହାହେଲେ ଆଉ କଣ ରାସ୍ତା ରହିଛି, କୁହ। ସଲିସିଟର ଜେନେରାଲ କହିଲେ ଯେ, ରାଜ୍ୟପାଳ କୌଣସି ବିଲ ଉପରେ ନିଷ୍ପତ୍ତି ନନେଇ ବସି ରହିଲେ ଏହାର ରାଜନୈତିକ ସମାଧାନ ହୋଇପାରିବ। ଅତୀତରେ ଏଭଳି ଅନେକ ଘଟଣା ଘଟିଛି, ଯେଉଁଠାରେ କି ବିଲ୍ ଅନୁମୋଦନ ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଏବଂ ଏପରିକି ରାଷ୍ଟ୍ରପତିଙ୍କୁ ।।ଭେଟିଛନ୍ତି ଏବଂ ଏହାର ସମାଧାନ ବାଟ ବାହାରିଛି। ସବୁ କଥାରେ ରାଜ୍ୟ ସରକାର କୋର୍ଟଙ୍କ ଆସରା ନେବା ଠିକ୍ ନୁହେଁ ବୋଲି ମେହଟ୍ଟା କହିଥିଲେ।

ତେବେ ସବୁକଥା ସ୍ପଷ୍ଟ କରିବାକୁ ଯାଇ ପ୍ରଧାନ ବିଚାରପତି କହିଲେ ଯେ କୌଣସି ତ୍ରୁଟି ଥିଲେ, ତାହାର ସମାଧାନ ବାଟ ରହିଛି। ଅଦାଲତ ହେଉଛି ସମ୍ବିଧାନର ରକ୍ଷକ ଏବଂ ବିଭିନ୍ନ ପ୍ରସଙ୍ଗରେ ଏହା ସମ୍ବିଧାନର ବ୍ୟାଖ୍ୟା କରିପାରିବ। ତାଙ୍କ ସହ ଏକମତ ହୋଇ ଜଷ୍ଟିସ କାନ୍ତ କହିଲେ ଯେ ସମ୍ବିଧାନର ବ୍ୟାଖ୍ୟା କରିବା ଲାଗି ସୁପ୍ରିମକୋର୍ଟଙ୍କୁ କ୍ଷମତା ମିଳିଛି ଏବଂ କୋର୍ଟରେ ଆଇନର ବ୍ୟାଖ୍ୟା ହେଲେ କୌଣସି ଅସୁବିଧା ନାହିଁ। ଜଷ୍ଟିସ ନରସିଂହା କହିଲେ ଯେ ଯଦି କୋର୍ଟ କିଛି କରିପାରିବେ ନାହିଁ ବୋଲି ସରକାର ଯୁକ୍ତି କରିବେ, ତାହାହେଲେ ସମ୍ବିଧାନ ଚାଲିପାରିବ ନାହିଁ। ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚରେ ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ପିଏସ୍ ନରସିଂହା, ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଏ. ଚନ୍ଦୁରକର ମଧ୍ୟ ଅଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ ଘଟଣା: ହଟିଲେ ଦିଲ୍ଲୀ ପୁଲିସ କମିସନର

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଆକ୍ରମଣ କରାଯିବାର ଗୋଟିଏ ଦିନ ପରେ ଦିଲ୍ଲୀ ପୁଲିସ କମିସନର ଶଶି ଭୂଷଣ କୁମାର (ଏସ୍‌ବିକେ) ସିଂଙ୍କୁ ହଟାଯାଇଛି। ତାଙ୍କ ସ୍ଥାନରେ ୧୯୯୨ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ସତୀଶ ଗୋଲଚାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏସ୍‌ବିକେ ସିଂ ହୋମ ଗାର୍ଡର ଡିଜି ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କୁ ଦିଲ୍ଲୀ ପୁଲିସ କମିସନର ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେ ଅଗଷ୍ଟ ୧ରେ ହିଁ କମିସନର ଭାବେ ଦାୟିତ୍ୱ ନେଇଥିଲେ। ଏସ୍‌ବିକେ ହେଉଛନ୍ତି ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ। ଅନ୍ୟପଟେ ଗୋଲ୍‌ଚା ଦିଲ୍ଲୀ ପୁଲିସ ପାଇଁ ବିଭିନ୍ନ ପଦରେ ରହି ଦାୟିତ୍ୱ ସମ୍ପାଦନ କରିଛନ୍ତି। ସେ ଦିଲ୍ଲୀରେ ଡେପୁଟି କମିସନର, ଜଏଣ୍ଟ କମିସନର, ସ୍ପେଶାଲ କମିସନର ଭାବେ କାର୍ଯ୍ୟ କରିଛନ୍ତି। ୨୦୨୦ ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା ବେଳେ ସେ ସ୍ପେସିଆଲ କମିସନର ଥିଲେ। ଗତବର୍ଷ ଏପ୍ରିଲରେ ସେ କାରାଗାର ମହାନିର୍ଦ୍ଦେଶକ ଭାବେ ଯୋଗ ଦେଇଥିଲେ। ୨୦୨୨ ଫେବୃଆରୀରୁ ୨୦୨୩ ପର୍ଯ୍ୟନ୍ତ ସେ ଅରୁଣାଚଳ ପ୍ରଦେଶର ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଥିଲେ। ଏହାପରେ ତାଙ୍କୁ ଦିଲ୍ଲୀ ଡକାଯାଇଥିଲା।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ କେନ୍ଦ୍ର ସରକାର ଜେଡ୍ ବର୍ଗର ଭିଆଇପି ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରିଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ସୁରକ୍ଷାରେ ୨୨ରୁ ୨୫ ଜଣ ବନ୍ଧୁକଧାରୀ ଯବାନ ନିୟୋଜିତ ରହିବେ। ଅର୍ଦ୍ଧସୈନିକ ବଳ ତାଙ୍କ ବାସଭବନର ସୁରକ୍ଷା ଦାୟିତ୍ୱ ହାତକୁ ନେବ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ସୋନିଆ ଗାନ୍ଧୀ, ରାହୁଲ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ଏହି ବର୍ଗର ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରାଯାଇଛି। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ରାଜେଶ ସାକାରିଆ ନାମକ ଜଣେ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲା। ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲା। ଘଟଣା ପରେ ରାଜେଶକୁ ତୁରନ୍ତ ଗିରଫ କରାଯାଇଥିଲା।

# ୟୁକ୍ରେନ ଉପରେ ୫୭୪ ଡ୍ରୋନ୍, ୪୦ କ୍ଷେପଣାସ୍ତ୍ର ଆକ୍ରମଣ

କିଭ୍, ୨୧।୮ (ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ କୂଟନୈତିକ ପ୍ରୟାସ ଜାରି ରଖିଛନ୍ତି। ଆଲାସ୍କାରେ ଟ୍ରମ୍ପଙ୍କ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହିତ ଆଲୋଚନା ପରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହିତ ହ୍ୱାଇଟ୍ ହାଉସରେ ଆଲୋଚନା କରିଛନ୍ତି। ଏହାପରେ ଶାନ୍ତିର ରାସ୍ତା ଫିଟିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦୁଇ ଦେଶ ପଛକୁ ହଟିବାକୁ ପ୍ରସ୍ତୁତ ନାହାନ୍ତି। ରୁଷିଆ ଇତିମଧ୍ୟରେ ବର୍ଷର ତୃତୀୟ ବୃହତ୍ ଆକ୍ରମଣ କରିଛି ବୋଲି ୟୁକ୍ରେନ ଗୁରୁବାର ଦାବି କରିଛି। ଗତ ରାତିରେ ରୁଷିଆ ୫୭୪ଟି ଡ୍ରୋନ ଓ ୪୦ଟି ମିସାଇଲ ମାଡ଼ କରିଛି ବୋଲି ୟୁକ୍ରେନ୍ ବାୟୁସେନା ଦାବି କରିଛି। ଏହି ଆକ୍ରମଣରେ ଜଣେ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ୟୁକ୍ରେନର ପଶ୍ଚିମାଞ୍ଚଳକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି ବୋଲି ୟୁକ୍ରେନ ତରଫରୁ କୁହାଯାଇଛି। ଏହି ଆକ୍ରମଣ ଶାନ୍ତି ପ୍ରୟାସକୁ ବାଟବଣା କରିବ ବୋଲି ଆଶଙ୍କା କରାଯାଉଛି।

# ଇମ୍ରାନ ଖାନ୍‌ଙ୍କୁ ୮ଟି ମାମଲାରେ ଜାମିନ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ପାକିସ୍ତାନ ସୁପ୍ରିମକୋର୍ଟ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ୨୦୨୩ ମେ ୯ ତାରିଖରେ ହୋଇଥିବା ଦଙ୍ଗା ସହିତ ଜଡ଼ିତ ୮ଟି ମାମଲାରେ ଜାମିନ ପ୍ରଦାନ କରିଛନ୍ତି। ଏହି ଦିନ ଇମ୍ରାନଙ୍କ ସମର୍ଥକମାନେ ରାୱଲପିଣ୍ଡିର ସେନା ଜେନରାଲ ମୁଖ୍ୟାଳୟରେ ଓ ଲାହୋରସ୍ଥିତ ସେନା ଅଧିକାରୀଙ୍କ ବାସଭବନ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଇମ୍ରାନ ଷଡ଼ଯନ୍ତ୍ର ରଚିଥିଲେ ବୋଲି ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଓ ଅନ୍ୟ ୩ଜଣ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଇମ୍ରାନ ଏବେ ରାୱଲପିଣ୍ଡିର ଆଡିଆଲା ଜେଲ୍‌ରେ ରହିଛନ୍ତି। କୋର୍ଟଙ୍କ ଏହି ରାୟ ସତ୍ତ୍ୱେ ଇମ୍ରାନ ଜେଲ୍‌ରୁ ମୁକ୍ତ ହେବେ ନାହିଁ। କାରଣ ତାଙ୍କ ନାମରେ ଆହୁରି ଏକାଧିକ ମାମଲା ରୁଜୁ କରାଯାଇଛି। ସେ ମଧ୍ୟ ୫୦ ଶହ କୋଟି ଟଙ୍କାର ଦୁର୍ନୀତି ମାମଲାରେ ୧୪ ବର୍ଷର ଜେଲ ଦଣ୍ଡ କାଟୁଛନ୍ତି। ଦଙ୍ଗାବେଳେ ଇମ୍ରାନ ଜେଲରେ ଥିବାରୁ ତାଙ୍କୁ ଏଥିପାଇଁ ଦାୟୀ କରାଯାଇ ପାରିବ ନାହିଁ ବୋଲି ତାଙ୍କ ଓକିଲ ଦଲିଲ ଦେ ଇଥିଲେ। ଇମ୍ରାନ ଏହି ଦଙ୍ଗା ପାଇଁ ସମର୍ଥକଙ୍କୁ ଉସୁକାଇଥିଲେ ବୋଲି ଅଭିଯୋଗ ହୋଇଥିଲା।

# ମାଲାୟଲମ୍ ଅଭିନେତ୍ରୀଙ୍କ ଅଭିଯୋଗ ପରେ ଇସ୍ତଫା ଦେଲେ କଂଗ୍ରେସ ବିଧାୟକ

ତିରୁଅନନ୍ତପୁରମ, ୨୧।୮ (ଏଜେନ୍ସି): ମାଲାୟଲମ ଅଭିନେତ୍ରୀ ରିନି ଅନ୍ ଜର୍ଜ କେରଳ ଯୁବ କଂଗ୍ରେସ ସଭାପତି ତଥା ପଲକ୍କାଡ ବିଧାୟକ ରାହୁଲ ମାମାକୁଟ୍ଟାଥିଲଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ରାହୁଲ ତାଙ୍କୁ ଆପତ୍ତିଜନକ ମେସେଜ ଦେବା ସହ ହୋଟେଲକୁ ଡାକିଥିଲେ ବୋଲି ରିନି ଅଭିଯୋଗ କରିଛନ୍ତି। ଏ ନେଇ ରାହୁଲ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। କିନ୍ତୁ ବରୋଧୀ ଦଳ ତରଫରୁ ଚାପ ପ୍ରୟୋଗ ହେବା ପରେ ସେ ଗୁରୁବାର ଯୁବ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଏଥିସହ ରାହୁଲଙ୍କ ବିରୋଧରେ କଂଗ୍ରେସ ପାର୍ଟି ଆଭ୍ୟନ୍ତରିଣ ଯାଞ୍ଚ ଆରମ୍ଭ କରିଛି। ବିଜେପି, ସପିଆଇ(ଏମ୍), ଡିୱାଇଏଫ୍ଆଇର ଯୁବ ମୋର୍ଚ୍ଚା ଏହି ମାମଲାରେ ରାହୁଲଙ୍କ ଇସ୍ତଫା ଦାବି କରିଥିଲେ। ରାହୁଲ ଗତ ୩ ବର୍ଷ ହେବ ମୋ ସହିତ ଅଶାଳୀନ ବ୍ୟବହାର କରୁଥିଲେ ବୋଲି ରିନି କହିଛନ୍ତି। ରାହୁଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେରଳ କଂଗ୍ରେସ ବିଧାୟକ ଦଳର ନେତା ଭିଡି ସତୀଶାନ କହିଛନ୍ତି।

### ଆସାମରେ ଅନୁପ୍ରବେଶ ରୋକିବାକୁ ନୂଆ ପ୍ରୟାସ

# ୧୮ ବର୍ଷରୁ ଅଧିକ ବୟସ୍କଙ୍କୁ ଆଧାରକାର୍ଡ ମନା

ଦିସପୁର, ୨୧।୮ (ଏଜେନ୍ସି): ଆସାମରେ ବାଂଲାଦେଶୀଙ୍କ ଅନୁପ୍ରବେଶ ରୋକିବାକୁ ମୁଖ୍ୟମନ୍ତ୍ରୀ ହେମନ୍ତା ବିଶ୍ୱଶର୍ମା ନୂଆ ପ୍ରୟାସ ଆରମ୍ଭ କରିଛନ୍ତି। ଏବେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଆଧାରକାର୍ଡ ଦିଆଯିବ ନାହିଁ। ଏ ନେଇ ଆସାମ କ୍ୟାବିନେଟ ଗୁରୁବାର ନିଷ୍ପତ୍ତି ନେଇଛି। ବେଆଇନ ଭାବେ ଅନୁପ୍ରବେଶ କରୁଥିବା ଲୋକଙ୍କୁ ଭାରତୀୟ ନାଗରିକତା ଗ୍ରହଣ କରିବାରୁ ରୋକିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ତେବେ ୧୮ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ଆଧାର କାର୍ଡ ପାଇଁ ଆବେଦନ କରିବାକୁ ଗୋଟିଏ ମାସର ସମୟ ଦିଆଯିବ ବୋଲି ସେ କହିଛନ୍ତି। ସେହିପରି ଅନୁସୂଚିତ ଜାତି ଓ ଜନଜାତି ଏବଂ ଚା ଜନଜାତିର ୧୮ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଅଧାରକାର୍ଡ ଆବେଦନ କରିବାକୁ ଗୋଟିଏ ବର୍ଷର ସମୟ ଦିଆଯାଇଛି। ଏହାଦ୍ୱାରା ନାଗରିକମାନଙ୍କର ପ୍ରକୃତ ପରିଚୟ ମିଳିପାରିବ ଓ ଅନୁପ୍ରବେଶକାରୀଙ୍କୁ ମଧ୍ୟ ଚିହ୍ନଟ କରାଯାଇପାରିବ। ସେହିପରି ବିଶେଷ ପ୍ରକାର ସ୍ଥିତିରେ ଡେପୁଟି କମିସନର ହିଁ ନୂଆ ଆଧାରକାର୍ଡ ଜାରି କରିପାରିବେ। ଏହାଦ୍ୱାରା ଅବୈଧ ଅନୁପ୍ରବେଶକାରୀ ଆସାମରେ ଆଧାରକାର୍ଡ ପାଇବେ ନାହିଁ ବୋଲି ବୋଲି ସେ ସ୍ପଷ୍ଟ କରିଛନ୍ତି।

# ମେଘାଳୟର ଭାରତ-ବାଂଲା ସୀମାରେ କର୍ଫ୍ୟୁ

ଶିଲଂ, ୨୧।୮ (ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ମେଘାଳୟର ଇଷ୍ଟ ଖାସୀ ହିଲ୍ସ ଜିଲ୍ଲାରେ ଭାରତ- ବାଂଲାଦେଶ ସୀମା ନିକଟରେ ଏକ କିମି ଅଞ୍ଚଳ ମଧ୍ୟରେ କର୍ଫ୍ୟୁ ଜାରି କରାଯାଇଛି। ଅଗଷ୍ଟ ୮ରେ କେତେକ ସଶସ୍ତ୍ର ବ୍ୟକ୍ତି ଅନୁପ୍ରବେଶ କରିବା ପରେ ପ୍ରଶାସନ ଏହି ନିଷ୍ପତ୍ତି ନେଇଛି। ଜିଲ୍ଲା ମାଜିଷ୍ଟ୍ରେଟ୍ ଆରଏମ୍ କୁର୍ବାହ ଏ ନେଇ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ଆଦେଶ ଅନୁସାରେ ପ୍ରତିବନ୍ଧିତ ଅଞ୍ଚଳ ଅର୍ଥାତ ନୋଟିଫାଏ ଜୋନ୍‌ରେ ରାତି ୮ରୁ ସକାଳ ୬ଟା ପର୍ଯ୍ୟନ୍ତ ଲୋକଙ୍କ ଯିବା ଆସିବା ନିଷେଧ କରାଯାଇଛି। ଅନ୍ତରାଷ୍ଟ୍ରୀୟ ସୀମା ପାର କରିବା କିମ୍ବା ୫ରୁ ଅଧିକ ଲୋକ ଏକାଠି ହେବା ଓ ଅସ୍ତ୍ର କିମ୍ବା ଅସ୍ତ୍ର ଭଳି କୋଣସି ଜିନିଷ ନେବାକୁ ବାରଣ କରାଯାଇଛି।

# ଲେପୁଲେଖ ଗିରିପଥ ଦେଇ ଭାରତ-ଚୀନ୍ ବାଣିଜ୍ୟକୁ ନେପାଳର ବିରୋଧ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଉତ୍ତରାଖଣ୍ଡର ଲେପୁଲେଖ ଗିରିପଥ ଦେଇ ଭାରତ ଓ ଚୀନ୍ ପୁଣିଥରେ ବାଣିଜ୍ୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅଗଷ୍ଟ ୧୮ ଓ ୧୯ରେ ଚୀନର ବିଦେଶ ମନ୍ତ୍ରୀ ୱାଙ୍ଗ ୟିଙ୍କ ଭାରତ ଗସ୍ତ ଅବସରରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଥିଲା। ଲେପୁଲେଖ ସମେତ ଶିପକି ଲା ଓ ନାଥୁ ଲା ଗିରିପଥ ଦେଇ ମଧ୍ୟ ଦୁଇ ଦେଶ ବାଣିଜ୍ୟ ବେପାର କରିବାକୁ ସହମତି ପ୍ରକାଶ କରିଛନ୍ତି।



କିନ୍ତୁ ନେପାଳ ଏହାକୁ କଡ଼ା ବିରୋଧ କରିଛି। ଫଳରେ ଭାରତ ଓ ନେପାଳ ମଧ୍ୟରେ ପୁଣି ଲେପୁଲେଖକୁ ନେଇ ବିବାଦ ସୃଷ୍ଟି ହେବାର ଆଶଙ୍କା କରାଯାଉଛି। ଲେପୁଲେଖ, ଲିମ୍ପିଅଧୁରା ଓ କଳାପାଣି କ୍ଷେତ୍ର ଆମର ବୋଲି ନେପାଳ ଦାବି କରିଛି। ତେଣୁ ଏହି ଅଞ୍ଚଳରେ ଭାରତ ଓ ଚୀନ୍ କୌଣସି ଗତିବିଧି ନକରିବାକୁ ନେପାଳ ପରାମର୍ଶ ଦେଇଛି। ଭାରତ ମଧ୍ୟ ଏହାର କଡ଼ା ଜବାବ ରଖିଛି। ଲେପୁଲେଖ ଗିରିପଥ ଦେଇ ୧୯୫୪ରୁ ବେପାର ହେଉଛି। କିନ୍ତୁ ଗତକିଛି ବର୍ଷ ହେବ କରୋନା ଓ ଅନ୍ୟାନ୍ୟ କାରଣ ପାଇଁ ଏହା ବନ୍ଦ ଥିଲା। ଏବେ ପୁଣି ଥରେ ଏହି ପଥ ଦେଇ ବାଣିଜ୍ୟ କରାଯିବ। ନେପାଳର ଏହି ଦାବି ଐତିହାସିକ ତଥ୍ୟ ଉପରେ ପର୍ଯ୍ୟବସିତ ନୁହଁ। ଏକତରଫା ଭାବେ ଏହି ଦାବିକୁ ଗ୍ରହଣ କରିହେବ ନାହିଁ ବୋଲି ଭାରତ ସ୍ପଷ୍ଟ କରିଛି। ନେପାଳ ସହ ସୀମା ବିବାଦକୁ କୂଟନୀତି ଜରିଆରେ ସମାଧାନ କରିବାକୁ ଭାରତ ଆଗ୍ରହ ପ୍ରକାଶ କରିଛି। ୧୦ ବର୍ଷ ତଳେ ମଧ୍ୟ ନେପାଳ ଲେପୁଲେଖ ପଥ ଦେଇ କାରବାରକୁ ବିରୋଧ କରିଥିଲା। ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଆସନ୍ତାମାସ ଭାରତ ଆସିବେ। ସେ ଚୀନ୍‌ରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବା ପରେ ହିଁ ଭାରତ ଆସିବେ ଓ ଏସଂକ୍ରାନ୍ତରେ ଦୁଇ ଦେଶ ମଧ୍ୟରେ ଆଲୋଚନା ହେବ ବୋଲି ଆଶା କାରାଯାଉଛି। ଲେପୁଲେଖ ଗିରିପଥ ହିମାଳୟରେ ସମୁଦ୍ରପତନଠାରୁ ୧୭ ହଜାର ଫୁଟ ଉଚ୍ଚରେ ଉତ୍ତରାଖଣ୍ଡ ଓ ତିବ୍ବତ ସୀମାରେ ଅବସ୍ଥିତ। ପାରମ୍ପରିକ ଭାବେ ଏହି ପଥ ଦେଇ ବାଣିଜ୍ୟ ହୋଇଥାଏ ଓ ତୀର୍ଥଯାତ୍ରୀମାନେ ଯିବା ଆସିବା କରିଛନ୍ତି। ଭାରତର କୁମାଉଁ କ୍ଷେତ୍ର ସହ ତିବ୍ବତର ତକଲାକୋଟକୁ ଏହି ପଥ ସଂଯୋଗ କରିଥାଏ।



## ଉପରାଷ୍ଟ୍ରପତି ନିର୍ବାଚନ: ପ୍ରାର୍ଥିପତ୍ର ଦାଖଲ କଲେ ସୁଦର୍ଶନ ରେଡ୍ଡୀ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଉପରାଷ୍ଟ୍ରପତି ପଦ ପାଇଁ ଗୁରୁବାର ବିରୋଧୀ ମେଣ୍ଟ ଇଣ୍ଡିଆ ପ୍ରାର୍ଥୀ ତଥା ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ରେଡ୍ଡୀ ୪ଟି ସେଟ୍‌ରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ଅବସରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ସମେତ ୨୦ ଜଣ ବିରୋଧୀ ଦଳ ନେତା ପ୍ରସ୍ତାବକ ରହିଛନ୍ତି। ନିର୍ବାଚନ ଅଧିକାରୀଙ୍କ ନିକଟରେ ସେ ପ୍ରାର୍ଥିପତ୍ର ଦାଖଲ କରିବାବେଳେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଏନ୍‌ସିପି (ଏସ୍‌ପି) ମୁଖ୍ୟ ଶରଦ ପାୱାରଙ୍କ ସମେତ ଏକାଧିକ ଆଗଧାଡିର ନେତା ଉପସ୍ଥିତ ଥିଲେ। ପ୍ରାର୍ଥିପତ୍ର ଦାଖଲ କରିବା ପୂର୍ବରୁ ରେଡ୍ଡୀ ସଂସଦ ପରିସରରେ ଥିବା ପ୍ରେରଣା ସ୍ଥଳରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ହେବ। ପ୍ରାର୍ଥିପତ୍ର ଦାଖଲ କରିବା ପରେ ରେଡ୍ଡୀ କହିଛନ୍ତି ଯେ, ଏହା କେବଳ ଏକ ପଦ ବା ବ୍ୟକ୍ତିଙ୍କ ନିର୍ବାଚନ ନୁହଁ। ଏହା ଭାରତର ବିଚାର ସହିତ ଜଡିତ ସଂସଦୀୟ ଗଣତନ୍ତ୍ରର ପରମ୍ପରା ଓ ସ୍ୱତନ୍ତ୍ରତାର ସମ୍ମାନ ପାଇଁ ଏକ ପ୍ରକ୍ରିୟା। ଯଦି ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚିତ ହୁଏ, ତେବେ ଏହି ଗାରିମାମୟ ପଦର ନିରପେକ୍ଷତା, ମର୍ଯ୍ୟାଦା ଓ ଶିଷ୍ଟାଚାରକୁ ପୂରା ସଚ୍ଚୋଟତାର ସହ ସମ୍ପାଦନ କରିବି ବୋଲି ରେଡ୍ଡୀ କହିଛନ୍ତି। ଉପରାଷ୍ଟ୍ରପତି ପଦ ପାଇଁ ଏନ୍‌ଡିଏର ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଓ ରେଡ୍ଡୀଙ୍କ ମଧ୍ୟରେ ସିଧାସଳଖ ମୁକାବିଲା ହେବ।

# ଭାରତ ସହ ସମ୍ପର୍କ ଖରାପ କରାନଯାଉ: ଟ୍ରମ୍ପଙ୍କୁ ହିଲିଙ୍କ ସତର୍କବାଣୀ



### ବିଶ୍ୱାସ ଭାଙ୍ଗିଲେ ୨୫ ବର୍ଷର ପରିଶ୍ରମ ପାଣିରେ ପଡ଼ିବ

ୱାସିଂଟନ, ୨୧।୮ (ଏଜେନ୍ସି): ଜାତିସଂଘରେ ଆମେରିକାର ପୂର୍ବତନ ରାଷ୍ଟ୍ରଦୂତ ନିକ୍କି ହିଲି ଭାରତ ସହ ଆମେରିକାର ସମ୍ପର୍କ ଖରାପ ହେବା ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚେତାଇଛନ୍ତି। ଭାରତ ସହ ସମ୍ପର୍କ ଖରାପ ହେଲେ ଗତ ୨୫ ବର୍ଷର ପରିଶ୍ରମ ପାଣିରେ ପଡ଼ିବ। ଏପରି ହେଲେ ଏହା ଏକ ରଣନୈତିକ ତ୍ରୁଟି ହେବ। ବୁଧବାର ନ୍ୟୁଜ୍ ୱିକ୍‌ରେ ପ୍ରକାଶିତ ନିଜ ସ୍ତମ୍ଭରେ ନିକ୍କି ଏ ନେଇ ଉଲ୍ଲେଖ କରିଛନ୍ତି। ଭାରତ ଉପରେ ଟ୍ରମ୍ପ ୫୦ ପ୍ରତିଶତ ଟାରିଫ୍ ଲାଗୁ କରିବା ପରେ ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ରାଜନୈତିକ ଓ କୂଟନୈତିକ ସମ୍ପର୍କର ଅବନତୀକୁ ଦୃଷ୍ଟିରେ ରଖି ସେ ଏହି ସ୍ତମ୍ଭ ଲେଖିଛନ୍ତି। ଭାରତକୁ ଏକ ଗଣତାନ୍ତ୍ରିକ ଭାଗିଦାରୀ ଭାବେ ଆମେରିକା ଗ୍ରହଣ କରୁ ବୋଲି ସେ ଟ୍ରମ୍ପ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଭାରତ ସହିତ ସମ୍ପର୍କ ଦୃଢ଼ କରିବା ଆମେରିକା ପାଇଁ ନିହାତି ଜରୁରି। ଏହାଦ୍ୱାରା ଚୀନ୍‌ର ମୁକାବିଲା କରାଯାଇପାରିବ। ଭାରତ ଏକ ଗଣତାନ୍ତ୍ରିକ ଦେଶ ହୋଇଥିବାରୁ ଏହାର ଉନ୍ନତି ବିଶ୍ୱ ପାଇଁ ଆଦୌ ବିପଦ ସୃଷ୍ଟି କରିବ ନାହିଁ। ଭାରତ ଓ ଆମେରିକାର ରାସ୍ତା ଅଲଗା ହୋଇଥିଲେ ମଧ୍ୟ ଲକ୍ଷ୍ୟ ଗୋଟିଏ ବୋଲି ସେ କହିଛନ୍ତି। ଏହିକ୍ରମରେ ନିକ୍କି ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରେଗାନ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଉଦାହରଣ ଦେଇଛନ୍ତି। ୧୯୮୨ରେ ରେଗାନ ହ୍ୱାଇଟ ହାଉସ୍‌ରେ ଇନ୍ଦିରାଙ୍କୁ ନୈଶ୍ୟ ଭୋଜି ପାଇଁ ନିମନ୍ତ୍ରଣ କରିଥିଲେ। ସେତେବେଳେ ଭାରତ ଓ ଆମେରିକା ଦୁଇଟି ସ୍ୱାଧୀନ ଗଣତାନ୍ତ୍ରିକ ଦେଶ ବୋଲି ରେଗାନ କହିଥିଲେ। ବେଳେ ବେଳେ ଦୁଇ ଦେଶର ରାସ୍ତା ଭିନ୍ନ ହୋଇପାରେ କିନ୍ତୁ ଲକ୍ଷ୍ୟ ଗୋଟିଏ ବୋଲି ରେଗାନ କହିଥିଲେ। କିନ୍ତୁ ଏବେ ଦୀର୍ଘ ୪ ଦଶନ୍ଧି ପରେ ଭାରତ ଓ ଆମେରିକାର ମଧ୍ୟରେ ପ୍ରଥମଥର ପାଇଁ ସମ୍ପର୍କ ଖରାପ ହୋଇଛି। ରୁଷିଆଠାରୁ ଭାରତ ଓ ଚୀନ ଦୁଇ ଦେଶ ତୈଳ କ୍ରୟ କରୁଛନ୍ତି। କିନ୍ତୁ ଭାରତ ଉପରେ ଟାରିଫ୍ ଲାଗୁ କରାଯାଇଥିବା ବେଳେ ଚୀନ୍ ଉପରେ ଲାଗୁ କରାଯାଇ ନାହିଁ। ତେଣୁ ଭାରତ ସହ ସମ୍ପର୍କ ଉପରେ ଆମେରିକାର ଗମ୍ଭୀର ଭାବେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଚୀନ୍‌କୁ ସାମ୍ନା କରିବାକୁ ହେଲେ ଆମେରିକା ଭାରତକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଚୀନ୍ ଓ ଇସ୍ରାଏଲକୁ ଆମେରିକା ଯେପରି ଗୁରୁତ୍ୱ ଦେଉଛି, ସେହିପରି ଭାରତକୁ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ଘର ନିକଟରୁ ୪୩ ଭୋଟ ପରିଚୟ ପତ୍ର ମିଳିଛି

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଟିକମଗଡ଼ର ସିଭିଲ ଲାଇନ୍ ରୋଡସ୍ଥିତ କେନ୍ଦ୍ରମନ୍ତ୍ରୀ ବିରେନ୍ଦ୍ର କୁମାରଙ୍କ ବାସଭବନ ନିକଟରୁ ମଙ୍ଗଳବାର ରାତିରେ ୪୩ଟି ଭୋଟ ପରିଚୟ ପତ୍ର ମିଳିଛି। ଏହି ପରିଚୟ ପତ୍ରଗୁଡିକ ମଧ୍ୟ କେତେକ ଜଳି ଯାଇଛି। ଏଗୁଡିକୁ ନିଆଁ ଲଗାଇ ପୋଡ଼ିବାକୁ ଉଦ୍ୟମ କରାଯାଇଛି ବୋଲି ଆଶଙ୍କା କରାଯାଉଛି। ସୂଚନା ମିଳିବା ପରେ ସ୍ଥାନୀୟ ତହସିଲଦାର, ପ୍ରଶାସନିକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ପରିଚୟ ପତ୍ରଗୁଡିକୁ ଉଦ୍ଧାର କରାଯାଇଛି। ପୂରା ଘଟଣାର ତଦନ୍ତ କରାଯାଉଛି। ତହସିଲଦାର ସତ୍ୟେନ୍ଦ୍ର ସିଂ ଗୁର୍ଜର ଏହି ଭୋଟ ପରିଚୟ ପତ୍ରଗୁଡିକର ବେଆଇନ ବ୍ୟବହାର କରାଯାଇଥିବା ସନ୍ଦେହ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ରୁଦ୍ରପ୍ରୟାଗରେ ଭୂସ୍ଖଳନ, ବଦ୍ରିନାଥ-ଗଙ୍ଗୋତ୍ରୀ ରାଜପଥ ବନ୍ଦ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଦେଶ ସାରା ମୌସୁମୀ ବର୍ଷା ଜାରି ରହିଛି। ଦେଶର ପଶ୍ଚିମ ଭାଗରେ ଯଥା ମହାରାଷ୍ଟ୍ର ଓ ଗୁଜରାଟ୍‌ରେ ବର୍ଷା କାରଣରୁ ଜନଜୀବନ ପ୍ରଭାବିତ ହୋଇଛି। ଏହି ଦୁଇଟି ରାଜ୍ୟରେ ସତର୍କତା ଜାରି କରାଯାଇଛି। ସେହିପରି ଉତ୍ତରପ୍ରଦେଶରେ ଯମୁନା ନଦୀ କାରଣରୁ କେତୋଟି ଜିଲ୍ଲାରେ ବନ୍ୟା ଆସିଛି। ଯମୁନାର ପାଣି ତାଜମହଲ ପର୍ଯ୍ୟନ୍ତ ପହଞ୍ଚିଛି। ୪୦ଟି ଗାଁ ପାଇଁ ସତର୍କତା ଜାରି କରାଯାଇଛି। ମଥୁରାରେ କେତୋଟି ସ୍ଥାନରେ ଯମୁନା ନଦୀ ନିଜର ଗତିପଥରୁ ହଟିଯିବା ସହ ୨ କିମି ଦୂରରେ ବହିବାର ଦେଖାଯାଇଛି। ସେହିପରି ଉତ୍ତରାଖଣ୍ଡରେ ରୁଦ୍ରପ୍ରୟାଗରେ ଭୂସ୍ଖଳନ କାରଣରୁ ରାଜପଥ ବନ୍ଦ ହୋଇଛି। ବଦ୍ରିନାଥ- ଗଙ୍ଗୋତ୍ରୀ ରାଜପଥ ବନ୍ଦ ହୋଇଛି। ଏବେ ମଧ୍ୟ ଏହି ରାଜ୍ୟର ବିଭିନ୍ନ ସ୍ଥାନରୁ ଆବର୍ଜନା ହଟାଯାଉଛି। ସେପଟେ ଗୁଜରାଟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ କ୍ରମାଗତ ବର୍ଷା କାରଣରୁ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ଜୁନାଗଡ଼ ଜିଲ୍ଲାରେ ଗତ ୧୨ ଘଣ୍ଟା ମଧ୍ୟରେ ୩୩୧ ମିମି ବର୍ଷା ହୋଇଛି।

## କେନ୍ଦ୍ର ଜଙ୍ଗଲ ଓ ଆଦିବାସୀ ବିଭାଗର ମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

# ମାଲକାନଗିରି ଆଦିବାସୀଙ୍କ ଅଧିକାର ରକ୍ଷା କରୁ କେନ୍ଦ୍ର



- ସୁପ୍ରିମକୋର୍ଟଙ୍କ ରାୟକୁ ଅଣଦେଖା କରାଯାଉଥିବା ନେଇ କ୍ଷୋଭ
- ତ୍ୱରିତ୍ ସମାଧାନ ପାଇଁ ପ୍ରତିନିଧି ଦଳ ରଖିଲା ୪ଟି ପ୍ରମୁଖ ଦାବି
- ଓଡ଼ିଶାବାସୀଙ୍କ ଅଧିକାର ପାଇଁ ଲଢ଼ିବାକୁ ବିଜେଡି ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର,୨୧।୮ (ସମିସ): ପୋଲାଭରମ ପ୍ରକଳ୍ପକୁ ନେଇ ମାଲକାନଗିରି ଜିଲ୍ଲାର ବ୍ୟାପକ କ୍ଷତି ହେବାକୁ ଥିବା ବେଳେ ଏହାକୁ ନେଇ ନିଜର ଅଭିଯାନକୁ ଆହୁରି ଶାଣିତ କରିଛି ବିଜେଡି। ବୁଧବାର ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରୀୟ ଜଳ କମିଶନ ଏବଂ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିବାବେଳେ ଗୁରୁବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ମାଲକାନଗିରି ଜିଲ୍ଲାର ହଜାର ହଜାର ଆଦିବାସୀଙ୍କ ଅଧିକାରକୁ ସୁରକ୍ଷା ଦେବାକୁ ଦୃଢ଼ ଦାବି କରିଛି ବିଜେଡି। ପୋଲାଭରମ୍ ପ୍ରକଳ୍ପକୁ ନେଇ ସୁପ୍ରିମକୋର୍ଟଙ୍କ ରାୟକୁ ଅଣଦେଖା କରାଯିବା ସହ ପ୍ରକଳ୍ପର ପଚ୍ଛୁଆ ଜଳ ପ୍ରଭାବ ସମ୍ପର୍କରେ ଅଧ୍ୟୟନ କରାଯାଇ ନାହିଁ। ଯାହାଫଳରେ ମାଲକାନଗିରି ଜିଲ୍ଲାର ଏକ ବୃହତ୍ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଅତଏବ ଉଭୟ ମନ୍ତ୍ରୀଙ୍କ ନିକଟରେ ବିଜେଡି ୪ ସୂତ୍ରୀ ଦାବି ଉପସ୍ଥାପନ କରିଥିବା ବେଳେ ଏହାକୁ ତାତ୍କାଳିକ ଭାବେ କାର୍ଯ୍ୟକାରୀ କରିବାକୁ ଦାବି କରିଛି। ଯେପର୍ଯ୍ୟନ୍ତ ଏହି ଘଟଣାରେ ନ୍ୟାୟ ନମିଳିଛି, ସେଯାଏଁ ବିଜେଡି ବିଭିନ୍ନ ଫୋରମରେ ନିଜ ଲଢ଼େଇ ଜାରି ରଖିବ ବୋଲି ସ୍ପଷ୍ଟ ଭାବେ କହିଛି।

ଏହି ଅବସରରେ ମନ୍ତ୍ରୀଦ୍ୱୟଙ୍କ ନିକଟରେ ଏକାଧିକ ଦାବି ରଖିଛି ଓଡ଼ିଶା। ମାଲକାନଗିରି ଏବଂ ପଡ଼ୋଶୀ ଆଦିବାସୀ ଅଞ୍ଚଳ ଉପରେ ପ୍ରକଳ୍ପର ପ୍ରକୃତ ପ୍ରଭାବ ମୂଲ୍ୟାଙ୍କନ ପାଇଁ ଜଙ୍ଗଲ ଓ ପରିବଶ ମନ୍ତ୍ରାଳୟ ଦ୍ୱାରା ଏକ ନୂତନ ତଥା ସ୍ୱାଧୀନ ଭାବେ ପଛୁଆ ଜଳ ପ୍ରଭାର ସମ୍ପୂର୍ଣ୍ଣ ଅଧ୍ୟୟନ ତୁରନ୍ତ ଆରମ୍ଭ କରାଯାଉ। ସେହିପରି ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଏବଂ ତେଲେଙ୍ଗାନାର ଆଦିବାସୀ ଜନସଂଖ୍ୟା ପ୍ରତି ବିଶେଷ ଧ୍ୟାନ ଦେଇ ପରିବେଶଗତ ଏବଂ ସାମାଜିକ ପ୍ରଭାବ ସମ୍ପର୍କରେ ଏକ ସ୍ୱଚ୍ଛ ତଥା ନିରପେକ୍ଷ ସମୀକ୍ଷା କରାଯାଉ। କୋୟା, ସାନ୍ତାଳ, ବଞ୍ଜାରା, ଦୁରୁଆ, ଭୂମିଆ, ବୋଣ୍ଡା, ଗଡାବା, କୋଟିଆ, ଦିଦାୟୀ, କୋଣ୍ଡା ଡୋରା, ପରଜା, ହାଲୱା, କନ୍ଧ, ମାଟିଆ ଏବଂ କୋଣ୍ଡା ରେଡ୍ଡୀ ଭଳି ଆଦିବାସୀ ସମ୍ପ୍ରଦାୟର ଜୀବନ,ଜୀବିକା ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ପ୍ରକଳ୍ପର ପ୍ରଭାବ ମୂଲ୍ୟାଙ୍କନ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା କରାଯାଉ ବୋଲି ଦାବି କରିଛି ବିଜେଡି ପ୍ରତିନିଧି ମଣ୍ଡଳୀ। ପ୍ରତିନିଧି ମଣ୍ଡଳୀ ଆହୁରି ମଧ୍ୟ କହିଛି ଯେ ପ୍ରକଳ୍ପର ମୂଳ ଡିଜାଇନରେ ଅନେକ ପରିବର୍ତ୍ତନ ଅଣାଯାଇ ଏକତରଫା ଭାବେ ଏହାର କ୍ଷମତାକୁ ୩୬ ଲକ୍ଷ କ୍ୟୁସେକରୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରି ଦିଆଯାଇଛି। ଉପରମୁଣ୍ଡରେ ଥିବା ରାଜ୍ୟ ଯଥା ଓଡ଼ିଶା ଏବଂ ଛତିଶଗଡ଼ ଉପରେ ପଛୁଆ ଜଳର ପ୍ରଭାବ କଣ ରହିବ, ତାହା ବିଚାରକୁ ନିଆନଯାଇ ଡିଜାଇନରେ ଏପରି ପରିବର୍ତ୍ତନ ଅଣାଯାଇଛି। ନିକଟରେ କେନ୍ଦ୍ର ସରକାର ପୋଲାଭରମ ପ୍ରକଳ୍ପର ତ୍ୱରିତ୍ କାର୍ଯ୍ୟାନ୍ୱୟନ ପାଇଁ ୧୭ ୯୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଯାହା ସ୍ଥାନୀୟ ଅଞ୍ଚଳର ଆଦିବାସୀଙ୍କ ଚିନ୍ତାକୁ ବୃଦ୍ଧି କରିବା ସହ ସେମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ପ୍ରତିନିଧି ଦଳ ଆହୁରି ମଧ୍ୟ କହିଛି ଯେ ଗତ ଫେବ୍ରୁଆରୀ ୨୮ ତାରିଖରେ ମାଲକାନଗିରି ଜିଲ୍ଲାର ମୋଟୁ ଅଞ୍ଚଳରେ ପୋଲାଭରମ କାର୍ଯ୍ୟକାରୀ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ର ଅଂଶୀଦାର ସହ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ଆଦିବାସୀ ଲୋକେ ଉପସ୍ଥିତ ଥିଲେ। ସମ୍ମିଳନୀରେ ମାଲକାନଗିରି ଏବଂ ପ୍ରଭାବିତ ହେବାକୁ ଥିବା ଏହାର ସଂଲଗ୍ନ ଆନ୍ଧ୍ର ଓ ଛତିଶଗଡ଼ ଅଞ୍ଚଳରେ ଲୋକଙ୍କ ଜୀବନ, ଜୀବିକା, ପରିବେଶ ଓ ବିସ୍ଥାପନ ସମସ୍ୟାର କ୍ଷତି ସମ୍ପର୍କରେ ଗମ୍ଭୀର ଚିନ୍ତା ପ୍ରକାଶ ପାଇଥିଲା। ଆଦିବାସୀ ବ୍ୟାପାର ମନ୍ତ୍ରାଳୟ, ପୋଲାଭରମ ପ୍ରକଳ୍ପ ପ୍ରାଧିକରଣ ସମେତ ସମ୍ପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ଲୋକଙ୍କ ପ୍ରତି କରାଯାଉଥିବା ନିଷ୍ଠୁର ଆଚରଣ ଓ ଉଦାସୀନତାକୁ ନେଇ ମଧ୍ୟ ସମ୍ମିଳନୀରେ ଗଭୀର କ୍ଷୋଭ ପ୍ରକାଶ ପାଇଥିଲା ବୋଲି ପ୍ରତିନିଧି ମଣ୍ଡଳୀ କ୍ଷୋଭ ପ୍ରକାଶ କରିଥିବା ଜଣାପଡ଼ିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡ. ସସ୍ମିତ ପାତ୍ର, ସୁଲତା ଦେଓ, ମୁଜିବୁଲ୍ଲା ଖାନ, ସୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି, ଭୃଗୁ ବକ୍ସିପାତ୍ର, ରମେଶ ଚନ୍ଦ୍ର ମାଝୀ, ମାନସ ମାଡକାମୀ, ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆସୁଛି ଲଘୁଚାପ; ୨୪ରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୨୧।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୪ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବ। ଏଥିଯୋଗୁଁ ଆଗକୁ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅନ୍ୟପଟେ ଘୂର୍ଣ୍ଣିବଳୟ ଯୋଗୁଁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ଶୁକ୍ରବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବ। ଏଥିପାଇଁ ଏହି ଜିଲ୍ଲାକୁ କେନ୍ଦ୍ର ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେହିପରି ଯାଜପୁର, ଖୋର୍ଦ୍ଧା, ପୁରୀ, ବରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲ୍ଲାରେ ମଧ୍ୟ ବର୍ଷା ନେଇ ଆଲର୍ଟ ଜାରି କରାଯାଇଛି। ସମ୍ଭାବ୍ୟ ଲଘୁଚାପ ଓ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ଜୁନ୍ ପହିଲାରୁ ଏବେ ସୁଦ୍ଧା ରାଜ୍ୟରେ ହାରାହାରି ୭୬୪.୦ ମିମି ବର୍ଷା ହୋଇଛି। ସ୍ୱାଭାବିକ ବର୍ଷା ୮୧୧.୯ ମିମି ତୁଳନାରେ ୬ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି। ଜିଲ୍ଲାୱାରୀ ଦେଖିଲେ, ଏହି ସମୟ ମଧ୍ୟରେ ୭ଟି ଜିଲ୍ଲାରେ ନିଅଣ୍ଟିଆ ସ୍ଥିତି ରହିଥିବା ବେଳେ କଳାହାଣ୍ଡି ଓ ରାୟଗଡ଼ାରେ ସର୍ବାଧିକ ୩୦ ପ୍ରତିଶତ କମ୍ ବର୍ଷା ହୋଇଛି। ସେହିପରି ବଲାଙ୍ଗିରରେ ୨୮ ପ୍ରତିଶତ, ଗଜପତିରେ ୨୭ପ୍ରତିଶତ, ପୁରୀରେ ୨୮ ପ୍ରତିଶତ, ଖୋର୍ଦ୍ଧା ଓ ଯାଜପୁରରେ ୨୧ ପ୍ରତିଶତ ଲେଖାଏଁ କମ୍ ବର୍ଷା ରେକର୍ଡ ହୋଇଛି। ଏଥିସହ ୨ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଓ ୨୧ଜିଲ୍ଲାରେ ବର୍ଷା ସ୍ୱାଭାବିକ ରେକର୍ଡ ହୋଇଛି।

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା

## ସନାତନ ଓ ରାମ୍‌ଜୀଙ୍କୁ କ୍ରାଇମବ୍ରାଞ୍ଚର ଜେରା

କଟକ,୨୧।୮ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ପୁଣି ଗିରଫ ଦୁଇ ଅଭିଯୁକ୍ତ ସନାତନ ବିଷୋୟୀ ଓ ରାମଜୀ ପ୍ରସାଦ ଗୁପ୍ତାଙ୍କୁ ଦିନିକିଆ ରିମାଣ୍ଡରେ ଆଣି ପଚରାଉଚରା କରିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ କଟକ ଜେଏମଏଫସି-୩ ଅଦାଲତରେ ୨ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲା। କିନ୍ତୁ ଅଦାଲତ ଗୋଟିଏ ଦିନ ରିମାଣ୍ଡରେ ନେବା ପାଇଁ ଅନୁମତି ପ୍ରଦାନ କରିଥିଲେ।

ଆଜି ଉଭୟଙ୍କୁ ଚୌଦ୍ୱାର ଜେଲ୍‌ରୁ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟକୁ ଅଣାଯାଇ ସଂଧ୍ୟାରୁ ମାରାଥନ ଜେରା ଆରମ୍ଭ କରାଯାଇଛି। କ୍ରାଇମବ୍ରାଞ୍ଚ ୪ଜଣ ଅଧିକାରୀ ଉଭୟଙ୍କୁ ଦୀର୍ଘ ସମୟ ଧରି ମୁହାଁମୁହିଁ ଜେରା କରିଥିବା ଜଣାପଡ଼ିଛି। ରାଜ୍ୟ କ୍ୟାଡର୍ ଶିକ୍ଷକ ସଂଘର ପୂର୍ବତନ କ୍ୟାଡର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର ଓ କୋରାପୁଟ ଜିଲ୍ଲା ପୂର୍ବତନ କ୍ୟାଡର ଶିକ୍ଷକ ସଭାପତି ସନାତନ ବିଷୋୟୀଙ୍କ ନିବିଡ଼ ସମ୍ପର୍କ ଥିଲା। ପୂର୍ବରୁ ବୋର୍ଡର ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଶିକ୍ଷକ ନେତା ବିଜୟଙ୍କୁ ଜେରା ହୋଇଥିବା ବେଳେ ତାଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ସନାତନଙ୍କୁ ଅଧିକ ପଚରାଉଚରା କରାଯାଇଛି। ବିଶେଷକରି, କଟକ ବାଦାମବାଡ଼ି ଅଞ୍ଚଳର ଦଲାଲ ରାମଜୀଙ୍କ ସହ ଜିତନଙ୍କ ସମ୍ପର୍କ ରହିଥିଲା। ଜିତନଙ୍କ ଜରିଆରେ ସନାତନ ଓ ବିଜୟ ମଧ୍ୟ ଏହି ଦଲାଲଙ୍କୁ ଜାଣିଥିଲେ ବୋଲି ସୂଚନା ମିଳିଛି। ରାମଜୀଙ୍କ ଜରିଆରେ ଆଶାୟୀ ପରୀକ୍ଷାର୍ଥୀଙ୍କଠାରୁ ଟଙ୍କା ଆଦାୟ କରାଯାଇଥିବା ନେଇ କ୍ରାଇମବ୍ରାଞ୍ଚ ସୁରାକ ପାଇଛି। ସନାତନଙ୍କ ପାଖକୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର କପି ଯାଇଥିଲା। ଏହାପରେ ଆଶାୟୀଙ୍କ ସହ ମୂଲଚାଲ କରି ପ୍ରଶ୍ନପତ୍ର ଦେବା ବାବଦରେ ଟଙ୍କା ଆଦାୟ ପାଇଁ ଅନ୍ୟତମ ଅଭିଯୁକ୍ତ ଦଲାଲ ରାମଜୀ ପ୍ରସାଦ ଗୁପ୍ତାଙ୍କୁ ସନାତନଙ୍କ ତରଫରୁ କୁହଯାଇଥିଲା। ଉଭୟଙ୍କ ବ୍ୟାଙ୍କ ଆକାଉଣ୍ଟରେ ହୋଇଥିବା ଅର୍ଥ ଦେଣନେଣ ଓ ମୋବାଇଲ କଲ ଡିଟେଲକୁ କ୍ରାଇମବ୍ରାଞ୍ଚ ଟିମ ଯାଞ୍ଚ କରିଛି। ଏହି ଘଟଣାରେ ଯେହେତୁ ରାମଜୀ ଦଲାଲ ଭୂମିକା ଗ୍ରହଣ କରିଥିଲେ, ତେଣୁ ସେ କେତେ ଟଙ୍କା କାହାଠାରୁ ଆଦାୟ କରିଥିଲେ, ଜେରା ପରେ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ଯୋଜନା କରିଛି କ୍ରାଇମବ୍ରାଞ୍ଚ।

**ଆଶାୟୀଙ୍କ ସହ ମୂଲଚାଲ କରି ଟଙ୍କା ଆଦାୟ କରିଛନ୍ତି !**

ଏହି ଦୁଇଜଣଙ୍କୁ ଜେରା କରିସାରିବା ପରେ ଆଉ ଦୁଇଜଣ ଗିରଫ ଶିକ୍ଷକ ପ୍ରଶାନ୍ତ ଖମାରୀ ଓ ଅଜୟ ସାହୁଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ପାଇଁ ଆବେଦନ କରାଯିବ ବୋଲି କ୍ରାଇମବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି।

## ପୁଣି ଓଟିଇଟି ପରୀକ୍ଷା ସ୍ଥଗିତ

କଟକ,୨୧।୮ (ସମିସ): ଆସନ୍ତା ଅଗଷ୍ଟ ୩୧ ତାରିଖରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)କୁ ପୁଣି ସ୍ଥଗିତ ରଖାଯାଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଖୁବ୍‌ଶୀଘ୍ର ଏହି ପରୀକ୍ଷା କରାଯିବ ବୋଲି କୁହାଯାଇଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରାଯାଇନାହିଁ। ପ୍ରକାଶଥାଉକି, ପ୍ରଥମେ ଗତ ଜୁଲାଇ ୨୦ରେ ଏହି ପରୀକ୍ଷା କରାଯିବ ବୋଲି ସ୍ଥିର ହୋଇଥିଲା। ତେବେ ପ୍ରଶ୍ନପତ୍ର ଲିକ୍ ଘଟଣା ପାଇଁ ଜୁଲାଇ ୨୦ରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ପରେ ତରବରିଆ ଭାବେ ଅଗଷ୍ଟ ୩୧ରେ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ପ୍ରଶ୍ନପତ୍ର ଲିକ୍ ଘଟଣାରେ ବୋର୍ଡର ପ୍ରାକ୍ତନ ଉପସଭାପତି ନୀହାର ମହାନ୍ତି ଓ ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣାଙ୍କ ସମେତ ମୋଟ ୭ ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ଏଭଳି ସ୍ଥିତିରେ ପରୀକ୍ଷାକୁ ଆସନ୍ତା ୩୧ତାରିଖରେ କରିବା ପାଇଁ ବୋର୍ଡ ପକ୍ଷରୁ ଅକ୍ଷମତା ପ୍ରକାଶ ପାଇବା ସହ ସରକାରଙ୍କୁ ଅବଗତ କରାଯାଇଥିଲା। ରାଜ୍ୟର ୧୯୩ଟି କେନ୍ଦ୍ରରେ ୭୫ହଜାର ୪୦୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥା'ନ୍ତେ।

## ପୋଖରୀରେ ବୁଡ଼ି ମା'-ଝିଅ ମୃତ

### କୁଣିଆ ହୋଇ ଆସିଥିଲେ, ଶବ ହୋଇ ଫେରିଲେ



ନନ୍ଦପୁର, ୨୧।୮ (ସମିସ): କୁଣିଆ ହୋଇ ଆସିଥିଲେ, କିନ୍ତୁ ଶବ ହୋଇ ଫେରିଲେ। କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ କୁମାରଗନ୍ଧନା ପଞ୍ଚାୟତ ଅଧୀନ ବାଲିଆଗୁଡ଼ା ଗାଁରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି। ମା'-ଝିଅ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଡିଲାପୁଟ ଗ୍ରାମର ନମିତା ମାଝୀ ତାଙ୍କ ଝିଅ ସୁମିତ୍ରା ମାଝୀ। ସୂଚନାନୁସାରେ, ଝିଅ ସୁମିତ୍ରାକୁ ସାଥୀରେ ଧରି ନମିତା ତାଙ୍କ ବାପଘର କୁମ୍ଭାରଗନ୍ଧନା ପଞ୍ଚାୟତର ବାଲିଆଗୁଡ଼ାକୁ ଆସିଥିଲେ। ଆଜି ସକାଳେ ମା'-ଝିଅ ଗାଁ ପୋଖରୀରେ ଗାଧୋଉଥିବା ବେଳେ ସୁମିତ୍ରା ଅସାବଧାନତାବଶତଃ ଗଭୀର ପାଣି ଭିତରକୁ ଚାଲି ଯାଇଥିଲା। ସୁମିତ୍ରା ବୁଡ଼ି ଯାଉଥିବା ଦେଖି ନମିତା ତାକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେ ବି ବୁଡ଼ି ଯାଇଥିଲେ। ଅପରପକ୍ଷେ, ଦୀର୍ଘ ସମୟ ଧରି ନ ଫେରିବାରୁ ବାପଘରଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ଖୋଜାଖୋଜି କରିବାରୁ ଉଭୟଙ୍କର ଲୁଗାପଟା ବନ୍ଧ ହିଡ଼ରେ ପଡ଼ି ରହିଥିବା ବେଳେ ପୋଖରୀରେ ଦୁହିଁଙ୍କ ଶବ ଭାସୁଥିଲା। ଖବର ପାଇ ନନ୍ଦପୁର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ଶବକୁ ଉଦ୍ଧାର କରିଥିଲା। ନନ୍ଦପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

- ଦ୍ରୁତ ଗତି ହେଲା କାଳ

## ଦୁର୍ଘଟଣାରେ ଦୁଇ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୧।୮ (ସମିସ): ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଫାୟାରଷ୍ଟେସନ୍ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଇଂଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ପୁରୀ ଜିଲ୍ଲା ତାଳବଣିଆର ଦେବୀ ପ୍ରସାଦ ପରିଡ଼ା ଏବଂ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅଞ୍ଚଳର ଅନ୍ୱେଷ ସତ୍ୟଦର୍ଶନ ଦାସ। ଉଭୟ ଏକ ଘରୋଇଇଞ୍ଜିନିୟରିଂ କଲେଜର ଛାତ୍ର। ନୂଆପଲ୍ଲୀ ଥାନା ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଗାଡ଼ି ଜବତ କରି ତଦନ୍ତ କରୁଛି।

ପୁଲିସ୍ ସୂଚନାନୁଯାୟୀ, ଗତ ରାତିରେ ଦୁହେଁ ଭୋଜି କରିବାକୁ ଷ୍ଟୁଡିଓ ଛକ ନିକଟରେ ରହୁଥିବା ଏକ ସାଙ୍ଗ ରୁମ୍‌କୁ ଯାଇଥିଲେ। ସେଠାରେ ଭୋଜି ସାରି ଏକ ବୁଲେଟ୍‌ରେ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଷ୍ଟୁଡିଓ ଛକରୁ ଫାୟାର୍ ଷ୍ଟେସନ୍ ଆଡ଼କୁ ଯିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟ-୨ ଗେଟ୍ ନିକଟରେ ଥିବା ଏକ ହମ୍ପସ୍ ନିକଟରେ ବୁଲେଟ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା। ଦୁର୍ଭାଗ୍ୟକୁ, ଦୁହେଁ ହେଲମେଟ୍ ପିନ୍ଧିନଥିବାରୁ ସେମାନଙ୍କ ମୁଣ୍ଡ ମାଡ଼ ହୋଇଯାଇଥିଲା ଏବଂ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ଶବଦ୍ୱୟକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ସେମାନଙ୍କ ପରିବାରଲୋକଙ୍କୁ ଏ ସଂପର୍କରେ ଖବର ଦେଇଥିଲା। ସକାଳୁ ବ୍ୟବଚ୍ଛେଦ ପରେ ଶବକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ୧ କୋଟିର ଗଞ୍ଜେଇ ଜବତ; ଜଣେ ଗିରଫ

### ମୋହନାରୁ ପୁରୀ ଚାଲାଣ ହେଉଥିଲା ୩୫ ବସ୍ତା ଗଞ୍ଜେଇ



ଖୋର୍ଦ୍ଧା, ୨୧।୮ (ସମିସ): ୧୬ନଂ ଜାତୀୟ ରାଜପଥ ଚଣ୍ଡେଶ୍ୱର ଫ୍ଲାଏଓଭର୍ ନିକଟରୁ ବାଲୁଗାଁ ଅବକାରୀ ପୁଲିସ ଆଜି ୧୦ କ୍ୱିଣ୍ଟାଲ ୫୦ କେଜି ଗଞ୍ଜେଇ ବୋଝେଇ ଏକ ପିକ୍-ଅପ୍ ଭ୍ୟାନ୍‌କୁ ଜବତ କରିଛି। ଏହି ଘଟଣାରେ ଅବକାରୀ ଟିମ୍ ପୁରୀ ଜିଲ୍ଲା ପିପିଲି ନୂଆଶାସନ ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଗୁଡୁମ ଗୋକୁଳପୁରର ପ୍ରିୟରଞ୍ଜନ ପଣ୍ଡା (୪୮)ଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୧ କୋଟି ୫ ଲକ୍ଷ ଟଙ୍କା ହେବ। ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଗଜପତି ମୋହନାରୁ ପୁରୀ ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଟିମ୍ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଜଗି ରହିଥିଲା। ଭୋର୍ ପ୍ରାୟ ୫ଟାରେ ଚଣ୍ଡେଶ୍ୱର ଫ୍ଲାଏଓଭର୍ ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍ ଉପରେ ସନ୍ଦେହ ହେବାରୁ କର୍ମଚାରୀମାନେ ତାକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରେ ଗଞ୍ଜେଇ ବସ୍ତା ଭର୍ତ୍ତି ହୋଇଥିବା ଦେଖିବାକୁ ପାଇଥିଲେ। ଗାଡ଼ିରେ ଥିବା ପ୍ରିୟରଞ୍ଜନଙ୍କୁ ପଚରାଉଚରା କରିବାରୁ ସେ ଉକ୍ତ ଗଞ୍ଜେଇକୁ ପୁରୀକୁ ଚାଲାଣ କରୁଥିବା କହିଥିଲା। ଏନେଇ ବାଲୁଗାଁ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ୧୧୯/୨୫ରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଶ୍ରୀମତୀ ତ୍ରିପାଠୀ କହିଛନ୍ତି।

### ଆସିବ ସ୍ୱତନ୍ତ୍ର ନୀତି

# ହାତୀ ସଂରକ୍ଷଣରେ ମଡେଲ ହେବ ଓଡ଼ିଶା




ଭୁବନେଶ୍ୱର, ୨୧।୮ (ସମିସ): ରାଜ୍ୟରେ ହାତୀମାନଙ୍କୁ କେବଳ ପଶୁ ଭାବେ ବିବେଚନା କରାଯାଏ ନାହିଁ। ସେମାନେ ଆମର ପରିଚୟ, ଇତିହାସ ଏବଂ ଆଧ୍ୟାତ୍ମିକତାର ଅଂଶ। ଜାତୀୟ ଐତିହ୍ୟ ପ୍ରାଣୀ ଭାବରେ ହାତୀ ପ୍ରକୃତରେ ଆମ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ବିଭିନ୍ନ ପ୍ରକାର ଭିତ୍ତିଭୂମି ବିକାଶ ଯୋଗୁଁ ହାତୀଙ୍କ ବାସସ୍ଥାନ ହ୍ରାସ ହେଉଛି। ଏଥିପାଇଁ ମଣିଷ-ହାତୀ ସଂଘର୍ଷ ବଢ଼ୁଛି। ଏହି ସଂଘର୍ଷ ରୋକିବା ସହ ହାତୀଙ୍କ ସଂରକ୍ଷଣ ପାଇଁ ଏକ ସ୍ୱତନ୍ତ୍ର ନୀତି ଆସିବ। ଏହାସହିତ ଆଗାମୀ ଦିନରେ ଓଡ଼ିଶା ହାତୀ ସଂରକ୍ଷଣ କ୍ଷେତ୍ରରେ ଏକ ମଡେଲ୍ ରାଜ୍ୟ ହେବ ଓ ବିଶ୍ୱକୁ ପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଗୁରୁବାର ଭୁବନେଶ୍ୱରରେ ହାତୀ-ମଣିଷ ସହାବସ୍ଥାନରେ ସର୍ବୋତ୍ତମ ଅଭ୍ୟାସ ଉପରେ ଏକ ଆନ୍ତର୍ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମଣିଷ ଏବଂ ହାତୀ ମଧ୍ୟରେ ଶାନ୍ତିପୂର୍ଣ୍ଣ ଜୀବନଯାପନ ସୁନିଶ୍ଚିତ କରିବାକୁ ବିଶ୍ୱସ୍ତରୀୟ ସହଯୋଗ ପାଇଁ ଆହ୍ୱାନ ଦେଇଛନ୍ତି।

ଚନ୍ଦକାରେ ପ୍ରତିଷ୍ଠା ହେବାକୁ 'ଏସୀୟ ହାତୀ ପ୍ରଜାତି ବଞ୍ଚାଅ କେନ୍ଦ୍ର' ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଏହା କେବଳ ଓଡ଼ିଶା ନୁହେଁ; ସମଗ୍ର ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆ ପାଇଁ ଗବେଷଣା ଓ ନୀତି ନିର୍ଦ୍ଧାରଣକୁ ପ୍ରୋତ୍ସାହିତ କରିବା ସହ ଏସୀୟ ହାତୀ ସଂରକ୍ଷଣକୁ ଏକ ନୂତନ ଦିଗ୍‌ଦର୍ଶନ ଦେବ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହାତୀ କରିଡର୍‌ରେ ଓଡ଼ିଶା ଦେଶରେ ଏକ ନମ୍ବର ସ୍ଥାନ ହାସଲ କରିଛି। ଓଡ଼ିଶାରେ ଏବେ ୨୧ଶହ ହାତୀ ଥିବାରୁ ଏ କ୍ଷେତ୍ରକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ତେବେ ସହରୀକରଣ, ଭିତ୍ତିଭୂମି, କୃଷିର ସଂପ୍ରସାରଣ ଫଳରେ ହାତୀ ମଣିଷ ଲଢ଼େଇ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାକୁ ରୋକିବାକୁ ସରକାର ଅନେକ ପଦକ୍ଷେପ ହାତକୁ ନେଇଛନ୍ତି। ସର୍ଭିଲାନ୍ସ ପାଇଁ ଜିପିଏସ, ରେଡିଓ କଲାର, ଏଆଇ କ୍ୟାମେରା ବ୍ୟବହାର କରାଯାଉଛି। ଆମ ସମସ୍ତଙ୍କୁ ମିଶି ହାତୀ ଏବଂ ମଣିଷ ଯେଭଳି ନିରାପଦରେ ରହିବେ, ସେଭଳି ବାତାବରଣ ତିଆରି କରିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତ। ଏଥିପାଇଁ ହାତୀ କରିଡର ମ୍ୟାପିଂ, ଅବକ୍ଷୟ ଜଙ୍ଗଲ ପୁନରୁଦ୍ଧାର, ଗଜ ସାଥୀ ଏବଂ ବନ ସୁରକ୍ଷା ସମିତି ମାଧ୍ୟମରେ ଗୋଷ୍ଠୀ ସୁରକ୍ଷା ବ୍ୟବସ୍ଥାକୁ ସଶକ୍ତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଦୃଷ୍ଟିକୋଣ ହେଉଛି, ଓଡ଼ିଶା ପାଇଁ ଏକ ବିକାଶ ମଡେଲ ସୃଷ୍ଟି କରିବା। ଏଠାରେ ଯେମିତି ହାତୀମାନେ ମୁକ୍ତ ଭାବରେ ବିଚରଣ କରିପାରିବେ। ଏହାସହିତ ଲୋକମାନେ ମଧ୍ୟ ପ୍ରାଣୀମାନଙ୍କ ସହିତ ଶାନ୍ତିରେ ସହାବସ୍ଥାନ କରିବେ। ଏହି ମଡେଲ ବିଶ୍ୱର ଅନ୍ୟ ଦେଶକୁ ଅନୁପ୍ରାଣିତ କରିବ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଛନ୍ତି। ଏହି କର୍ମଶାଳାରେ ମାନବ-ହାତୀ ସଂଘର୍ଷ ହ୍ରାସ ଏବଂ ସ୍ଥାୟୀ ସହାବସ୍ଥାନ ସୁନିଶ୍ଚିତ କରିବା ପାଇଁ ରଣନୀତି ଉପରେ ଆଲୋଚନା କରିବା ପାଇଁ ସଂରକ୍ଷକ, ଗବେଷକ, ନୀତି ନିର୍ଦ୍ଧାରକ ଏବଂ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କୁ ଏକତ୍ରିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**କରିଡର୍ ମ୍ୟାପିଙ୍ଗ୍, ଜଙ୍ଗଲ ପୁନରୁଦ୍ଧାର ଉପରେ ଗୁରୁତ୍ୱ**

କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ, ହାତୀଙ୍କ ବାସସ୍ଥାନ କ୍ଷତିରୁ ସୃଷ୍ଟି ହେଉଥିବା ନକରାତ୍ମକ ପ୍ରଭାବ ଉପରେ କହିଥିଲେ। ଏଥିପାଇଁ ଓଡ଼ିଶା ରଣନୀତି ପ୍ରସ୍ତୁତ କରୁଛି। ପ୍ରମୁଖ ରଣନୀତି ମଧ୍ୟରେ ବାସସ୍ଥାନ ପୁନରୁଦ୍ଧାର, ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି। ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା ବିଶ୍ୱସ୍ତରୀୟ ପ୍ରୟାସ ପାଇଁ ସହଯୋଗପୂର୍ଣ୍ଣ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପିସିସିଏଫ୍ ସୁରେଶ ପନ୍ତ ହାତୀ ସଂରକ୍ଷଣରେ ରାଜ୍ୟସ୍ତରୀୟ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ।

- କୃଷି ସଚିବଙ୍କ କଡ଼ା ନିର୍ଦ୍ଦେଶନାମା

## ବଦଳି ସ୍ଥାନକୁ ନ ଗଲେ ଦରମା ବନ୍ଦ

ଭୁବନେଶ୍ୱର, ୨୧।୮ (ସମିସ): ପଦୋନ୍ନତିପ୍ରାପ୍ତ/ ବଦଳି ହୋଇଥିବା ଅଧିକାରୀମାନେ ବିଳମ୍ବ ନକରି ସେମାନଙ୍କର ନିଯୁକ୍ତ ସ୍ଥାନରେ ଯୋଗଦେବା ଉଚିତ। କୌଣସି ପରିସ୍ଥିତିରେ ସରକାରୀ ନିର୍ଦ୍ଦେଶର କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯିବ ନାହିଁ। ଆସନ୍ତା ୩୧ତାରିଖ ସୁଦ୍ଧା ତାଙ୍କ ନିଯୁକ୍ତ ସ୍ଥାନରେ ଯୋଗ ଦେବାରେ ବିଫଳ ହେଉଥିବା ଯେକୌଣସି ଅଧିକାରୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ। ଏପରିକି, ଅଧିକାରୀମାନଙ୍କ ଦରମା ଆସନ୍ତା ସେପ୍ଟେମ୍ବରରୁ ବନ୍ଦ କରାଯିବ। ପୋଷ୍ଟିଂ ଆଦେଶର ପରିବର୍ତ୍ତନ ପାଇଁ ଅନୈତିକ ବାହ୍ୟ ପ୍ରଭାବ ଆଣିବାର ପ୍ରୟାସ କଲେ, କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୃଷି ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏ ସଂପର୍କିତ ଏକ ଆଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶାଳୟ, କ୍ଷେତ୍ର ପ୍ରତିଷ୍ଠାନର ମୁଖ୍ୟ, ଅଧିକାରୀମାନଙ୍କୁ ଆଦେଶର ଅନୁପାଳନ ଉପରେ ନଜର ରଖିବାକୁ ଏବଂ କାର୍ଯ୍ୟସ୍ଥଳରେ ଯୋଗ ଦେଉନଥିବା ମାମଲାଗୁଡ଼ିକୁ ବିଭାଗରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ରେଳ ବିଭାଗରେ ଚାକିର କରାଇବା ନାମରେ ଠକେଇ ମାମଲା

# ଫେରାର ମୁଖ୍ୟ ଅଭିଯୁକ୍ତ ଉମରକୋଟରୁ ଗିରଫ

ଜୟପୁର,୨୧।୮(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନାରେ ରେଳ ବିଭାଗରେ ଚାକିରି କରାଇବା ନାମରେ ୩ ଲକ୍ଷ ୨୭ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗରେ ଫେରାର ମୁଖ୍ୟ ଅଭିଯୁକ୍ତ ସ୍ଥାନୀୟ ସଦରଥାନା କାଳିଆ ଗାଁର ବାସିନ୍ଦା ମନୋଜ କୁମାର ନାୟକ(୪୧) ଓରଫ ସୁନିଲଙ୍କୁ ସଦର ଥାନା ପୁଲିସ ନବରଙ୍ଗପୁର ଜିଲ୍ଲା ଉମରକୋଟରୁ ଗିରଫ ପରେ ଆଜି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ଉମରକୋଟରେ ରହୁଥିବା ଭଡା ଗୃହରୁ ଏକ କାର (ଓଡି୦୨ସିଡବ୍ଲୁ୧୫୫୦), ବାଇକ (ଓଡି ୧୦ଏବି୦୩୦୯), ଇନଭେଟର, ଅନ୍ୟାନ୍ୟ ନାମୀଦାମୀ ଲକ୍ଷାଧିକ ଟଙ୍କାର ଘର ଉପରକଣ ସାମଗ୍ରୀ ଜବତ କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ , ଜୟପୁର ସଦରଥାନା ହାଡିଆ ଗ୍ରାମପଞ୍ଚାୟତର ଖଇରିମୁଣ୍ଡି ଗ୍ରାମର ବାସିନ୍ଦା ତଥା ଅଭିଯୋଗକାରୀ ପ୍ରହ୍ଲାଦ ହରିଜନ ଗତ ୬ରୁ ୭ ମାସ ପୂର୍ବେ ସ୍ଥାନୀୟ କାଳିଆ ଗାଁର ବାସିନ୍ଦା ତଥା ଆମ୍ବାଗୁଡା ଠାରେ ରହୁଥିବା ଗିରଫ ଅଭିଯୁକ୍ତ ମନୋଜ ସହିତ ଅଭି ନାମକ ଜଣେ ସ୍ଥାନୀୟ ଖ୍ରୀଷ୍ଟଧର୍ମ ପାଷ୍ଟରଙ୍କ ଜରିଆରେ ପରିଚୟ ହୋଇଥିଲା। ଅଭିଯୁକ୍ତ ମନୋଜ ରେଳ ବିଭାଗରେ ଅଭିଯୋଗକାରୀ ପ୍ରହ୍ଲାଦଙ୍କ ଝିଅ ଓ ଶଳାଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ କରାଇଦେବା ନେଇ ଲାଳସା ଦେଖାଇଥିଲେ। ଉଭୟଙ୍କୁ ଚାକିର ବାବଦକୁ ୫ ଲକ୍ଷ ଟଙ୍କା ଲାଞ୍ଚ ଦେବାକୁ ପଡିବ ବୋଲି କହିଥିଲେ। ନିଯୁକ୍ତି ପଦବୀ ପ୍ରକାଶ ପାଇଥିବା ଯୋଗୁଁ ଅନଲାଇନ ମାଧ୍ୟମରେ ଆବେଦନ କରିବାକୁ ଅଭିଯୋଗକାରୀଙ୍କୁ କହିଥିଲେ। ଏହିପରି ଅଭିଯୋଗକାରୀଙ୍କ ଉଭୟ ଝିଅ ଓ ଶଳା ଅନଲାଇନ ମାଧ୍ୟମରେ ଆବେଦନ କରଥିଲେ ଏବଂ ଅଭିଯୋଗକାରୀଙ୍କ ଆଶା ଓ ଭରସା ବୃଦ୍ଧି ପାଇଥିଲା। ଏହାପରେ ଫୋନ-ପେ ମାଧ୍ୟମରେ ପୀଡିତ ଅଭିଯୁକ୍ତଙ୍କୁ ଗତ ଏପ୍ରେଲ ମାସ ଠାରୁ ମେ ମାସ ପର୍ଯ୍ୟନ୍ତ



୪ଟି ପର୍ଯ୍ୟାୟରେ ୨୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହିପରି ଗତ ଜୁନ ୨୬ ତାରିଖରେ ବିଶାଖପାଟଣା ରେଳ ବିଭାଗର ଡି.ଆର.ଏମଙ୍କ କାର୍ଯ୍ୟାଳୟ ନିକଟକୁ ନେଇ ସେଠାରେ କାର୍ଯ୍ୟାଳୟ ସମ୍ମୁଖରେ ୩ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅଭିଯୁକ୍ତ ମନୋଜ ପୀଡିତଙ୍କୁ ବାହାରେ ରହିବାକୁ କହିବା ସହ ଭିତରକୁ ଯାଇ ନିଯୁକ୍ତି ପତ୍ର ଆଣିବାକୁ କହି କାର୍ଯ୍ୟାଳୟ ଭିତରକୁ ଯାଇଥିଲେ। ବାହାରେ ଅପେକ୍ଷା କରିବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ପୀଡିତ ନ ଫେରିବାରୁ ଅଭିଯୁକ୍ତଙ୍କୁ ଫୋନ କରିଥିଲେ। କିନ୍ତୁ ତାଙ୍କର ଫୋନ ସୁଇଚ ଅଫ ରହିଥିଲା। ସଂଧ୍ୟା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସହିତ ଯୋଗାଯୋଗ ନ ହେବାରୁ ଶେଷରେ ପୀଡିତ ନିରାଶ ହୋଇ ନିଜଗ୍ରାମକୁ ଫେରି ଆସିଥିଲେ। ଅଭିଯୁକ୍ତ ରହୁଥିବା ଆମ୍ବାଗୁଡା ଗ୍ରାମ ଘରକୁ ଯାଇଥିଲେ। କିନ୍ତୁ ତାଙ୍କ ଘରରେ ତାଲା ପଡିଥିବା ଯୋଗୁଁ ସାହିପଡିଶାଙ୍କୁ ପଚାରିବାରୁ ସେ ଘର ଛାଡି ଚାଲିଯାଇଥିବା ନେଇ କହିଥିଲେ। ଏହିପରି ତାଙ୍କର ନିଜ ଗ୍ରାମ କାଳିଆଗାଁକୁ ଯାଇଥିଲେ, କିନ୍ତୁ ସେଠାରେ ମଧ୍ୟ ତାଙ୍କର କୌଣସି ଦେଖା ମିଳିନଥିଲା। ଏଥିନେଇ ଥାନାରେ ଏକ ଠକେଇ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଏହି ମାମଲାର ତଦନ୍ତ ଦାୟୀତ୍ୱ ଏସ.ଆଇ ଅମିୟ ରଞ୍ଜନ ଶଗରିଆ କରିଥିଲେ ଏବଂ ଅଭୁଯୁକ୍ତଙ୍କୁ ଗିରଫ କରିଥିଲେ।

## ରାଜସ୍ୱ ଅମଲା ସଂଘର ଦାବିକୁ ସମର୍ଥନ ଜଣାଇଲେ ପୂର୍ବତନ ସାଂସଦ,ବିଧାୟକ

କୋରାପୁଟ,୨୧।୮(ସମିସ): ଜିଲ୍ଲା ରାଜସ୍ୱ ଅମଲା ସଂଘର କର୍ମକର୍ତ୍ତା ମାନେ ବିଭିନ୍ନ ଦାବିକୁ ନେଇ ଗତ ୧୧ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସିଛନ୍ତି। ଗୁରୁବାର ବିଜେଡି ନେତା ତଥା ପୂର୍ବତନ ସାଂସଦ ଝିନ ହିକକା, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ପ୍ରମୁଖ ଧାରଣା ସ୍ଥଳକୁ ଯାଇ ସଂଘର ଦାବିକୁ ସମର୍ଥନ ଜଣାଇଛନ୍ତି। ରାଜ୍ୟ ସରକାର ତୁରନ୍ତ ସଂଘର ନ୍ୟାର୍ଯ୍ୟ ଦାବିକୁ ଗ୍ରହଣ କରନ୍ତୁ ବୋଲି ଦୁଇ ନେତା ଧାରଣା ସ୍ଥଳରେ ନିଜ ନିଜ ବ୍ୟକ୍ତବ୍ୟରେ କହିବା ସହ ରାଜ୍ୟ ସରକାର କାହିଁକି ଆଲୋଚନା କରି ସମାଧାନ କରୁ ନାହାନ୍ତି ବୋଲି ବିଜେଡି ନେତା ମାନେ ପ୍ରଶ୍ନ କରିଛନ୍ତି।



ବିଜେଡିର ବରିଷ୍ଠ ନେତା ତ୍ରିନାଥ ପାତ୍ର, ମଣ୍ଟୁ ବେନିଆଙ୍କ ସହ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ଜିଲ୍ଲାସ୍ତରରେ କାର୍ଯ୍ୟରତ ଅମଲା ମାନଙ୍କ ମୂଳ ଦରମା ଲେବୁଲ ୯ ଗ୍ରେଡ ପେ ୪୨୦୦ ଟଙ୍କା ମୁଖ୍ୟ ଦାବିକୁ ନେଇ ଅମଲା ମାନେ ଗତ ୧୧ ତାରିଖରୁ କାର୍ଯ୍ୟବନ୍ଦ କରି ଧାରଣା ଦେଉଛନ୍ତି। ରାଜସ୍ୱ ଅମଲା ମାନେ କାର୍ଯ୍ୟବନ୍ଦ କରିଥିବାରୁ ଦୂର ଦୁରାନ୍ତରୁ ବିଭିନ୍ନ କାର୍ଯ୍ୟ ନେଇ ଜିଲ୍ଲା ସଦର ମହକୁମାକୁ ଆସୁଥିବା ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ବିଶାଳ ରାଲି ଓ ଦାବିପତ୍ର ପ୍ରଦାନ



କୋରାପୁଟ,୨୧।୮(ସମିସ): ଅଖିଳ ଭାରତୀୟ ଅଙ୍ଗନବାଡି କର୍ମଚାରୀ ମହାସଂଘର ଡାକରାରେ କୋରାପୁଟ ଜିଲ୍ଲା ଅଙ୍ଗନବାଡି ଲେଡିଜ କର୍ମଚାରୀ ସଂଘ ପକ୍ଷରୁ କୋରାପୁଟ ସଦର ମହକୁମାରେ ଏକ ବିଶାଳ ରାଲି କରିବା ସହ ପ୍ରଧାନମନ୍ତ୍ରୀ,ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ଅଙ୍ଗନବାଡି କର୍ମୀ ଓ ସହାୟିକା ମାନଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା କରିବା, ଅବସର ପରେ ଅଙ୍ଗନବାଡି କର୍ମୀଙ୍କୁ ୧୦ ଲକ୍ଷ ଏବଂ ସହାୟିକାଙ୍କୁ ୫ ଲକ୍ଷ ଟଙ୍କା ଏକକାଳୀନ ସହାୟତା ପ୍ରଦାନ କରିବା, ପ୍ରତ୍ୟେକ କର୍ମୀଙ୍କୁ ଉଚ୍ଚ ମାନର ମୋବାଇଲ ପ୍ରଦାନ ଏବଂ ମୋବାଇଲ ରିଚାର୍ଜ ନିମନ୍ତେ ୩୯୯ ଟଙ୍କା ଅନୁମୋଦନ କରିବା ପ୍ରମୁଖ ଦାବି ଅନ୍ତର୍ଭୁକ୍ତ ଥିବା ଜଣାପଡ଼ିଛି। ଜିଲ୍ଲା ସଭାନେତ୍ରୀ ସଂଯୁକ୍ତା ସାହୁଙ୍କ ନେତୃତ୍ୱରେ ହଜାର ହଜାର ଅଙ୍ଗନବାଡି କର୍ମୀ ଓ ସହାୟିକା ମାନେ କୋରାପୁଟ ସହରରେ ରାଲି କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଦାବିପତ୍ର ଗ୍ରହଣ କରିଥିଲେ।

## ଦୁର୍ଘଟଣାରେ ଜଣେ ଆହତ

ବନ୍ଧୁଗାଁ,୨୧।୮(ସମିସ): ଆଜି ଅପରାହ୍ନରେ ବନ୍ଧୁଗାଁ ବ୍ଲକ ସାନସରପଲ୍ଲୀ ନିକଟ ପୋଲ ଉପରେ ଏକ ଟ୍ରକ୍ ସହ ମୋଟରସାଇକେଲ ମୁହାଁମୁହିଁ ଧକ୍କା ହୋଇଥିଲା। ମୋଟର ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ଉମାଶଙ୍କର ମହାନନ୍ଦିଆ (୩୨)। ଉମାଶଙ୍କର ମହାନନ୍ଦିଆ ନିଜ ମୋଟରସାଇକେଲ (ଏପି ୩୫ ଏଜେ ୬୬୧୧)ରେ ପାର୍ବତୀପୁର ରୁ ସପରିବାର ସହ ଘରକୁ ଫେରୁଥିବା ବେଳେ ଏକ କଠ ବୋଝେଇ ଟ୍ରକ (ଓଡି ୦୨ସିଏମ୍ ୭୫୭୭) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମୋଟର ସାଇକେଲରେ ଥିବା ଉମାଶଙ୍କର, ତାଙ୍କ ପତ୍ନୀ ଛୁଆ ଛିଟିକି ପଡ଼ିଥିଲେ। ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କ୍ଷତିପୂରଣ ପାଇଁ ଗ୍ରାମବାସୀ ଓ ସମ୍ପର୍କୀୟ ଆସି ହୋ ହାଲ୍ଲା କରିଥିବା ବେଳେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଆଲୋଚନା କରିଥିଲେ। ଉମାଶଙ୍କରର ଅବସ୍ଥା ସଂକଟାପନ୍ନ ହେବାରୁ ପରିବାର ଲୋକେ ଅଧିକ ଚିକିତ୍ସା ପାଇଁ ପଡୋଶୀ ପାର୍ବତୀପୁର ଦିଆଯାଇଥିବା ଜଣାପଡିଛି।

## ସାର ମିଳୁନି, ଲ୍ୟାମ୍ପସରେ ତାଲା



ବୈପାରୀଗୁଡ଼ା , ୨୧।୮(ସମିସ): ସାର ଅଭାବକୁ ନେଇ ବଢ଼ିଛି ଚାଷୀ ଅସନ୍ତୋଷ। ଆଜି ସାର ଅଭାବକୁ ନେଇ ବୈପାରୀଗୁଡା ସ୍ଥିତ ଲ୍ୟାମ୍ପ୍ସ କାର୍ଯ୍ୟାଳୟରେ ତାଲା ଠୁଙ୍କିଲେ ଶତାଧିକ ଚାଷୀ।ସେପଟେ ଅତିଶୀଘ୍ର ସାର ଯୋଗାଇବା ପାଇଁ ଲ୍ୟାମ୍ପ୍ସ ଏମଡିଙ୍କ ପ୍ରତିଶ୍ରୁତି ପରେ ଶାନ୍ତ ପଡିଥିଲେ ଚାଷୀ । ଗତ କିଛିଦିନ ହେବ ବୈପାରୀଗୁଡା ଲ୍ୟାମ୍ପ୍ସରେ ସାର ପାଇଁ ହନ୍ତସନ୍ତ ହେଉଛନ୍ତି ଚାଷୀ। କେବଳ ଗୋଟିଏ ଆଧାର କାର୍ଡରେ ଗୋଟିଏ ସାର ବସ୍ତା ଦିଆଯାଉଛି । ଯାହାକୁ ନେଇ ଚାଷୀ ତାତିଲେ ଏବଂ ଲ୍ୟାମ୍ପ୍ସ ଆଗରେ ବିକ୍ଷୋଭ କରିବା ସହ କାର୍ଯ୍ୟାଳୟରେ ତାଲା ଠୁଙ୍କିଲେ।ସାର ନ ମିଳିବା ପର୍ଯ୍ୟନ୍ତ ତାଲା ଖୋଲା ହେବ ନାହିଁ ବୋଲି ଚାଷୀ ଅଡ଼ି ବସିଥିଲେ। ୩ ଘଣ୍ଟା କାଳ ଲ୍ୟାମ୍ପସ ଆଗରେ ଚାଷୀଙ୍କ ବିକ୍ଷୋଭ ଦେଖିବାକୁ ମିଳିଥିଲା। ଖବର ପାଇ ଲ୍ୟାମ୍ପ୍ସ ଏମ୍‌ଡି ରବି ନାରାୟଣ ମିଶ୍ର ଏବଂ କୃଷି ଅଧିକାରୀ ନନ୍ଦୁ ଯାନୀ ଘଟଣା ସ୍ଥଳରେ ପହଁଚି ଚାଷୀଙ୍କ ସହ ଆଲୋଚନା କରିବା ସହ ଅତିଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଲେମ୍ପସ ଏମଡିଙ୍କ ପ୍ରତିଶ୍ରୁତି ପରେ ତାଲା ଖୋଲା ଯାଇଥିଲା। ସୂଚନା ଥାଉକି, ବୈପାରୀଗୁଡା ବ୍ଲକରେ ମୋଟ ୪୨୦୦ ଧାନ ଚାଷୀ ରହିଥିବା ବେଳେ ସେଥିମଧ୍ୟରୁ ୧୮୦୦ ଚାଷୀଙ୍କୁ ଏପର୍ଯ୍ୟନ୍ତ ସାର ମିଳିନାହିଁ। ୍ରତିଶ୍ରୁତି ପାଳନ ନ କଲେ ଆଗାମୀ ଦିନରେ ଚାଷୀ ରାଜ ରାସ୍ତାକୁ ଓଲ୍ଲେଇବ ବୋଲି ଚାଷୀ ମାନେ ଚେତାବନୀ ଦେଇଛନ୍ତି।

## ଦୁଇ ଚୋର; ସୁନା ବ୍ୟବସାୟୀ ଗିରଫ

ପୋଡ଼ାଗଡ଼, ୨୧।୮(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅଧିନସ୍ଥ ବଦଲି କୁଡୁମା ଗାଁ ନିକଟସ୍ଥ, ୩୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନ ପାଖେ ରହୁଥିବା ଦୁଇ ପରିବାରର ସୁନା ଅଳଙ୍କାର ଏବଂ ମୋବାଇଲ୍ ଫୋନ୍ ଗତ ୨୨ ଜୁଲାଇ ରାତିରେ ଚୋରି ହୋଇଥିଲା। ଏଥିରେ କ୍ଷତିଗ୍ରସ୍ତ ହୋଇ ଥିବା ବିଜେଡି ନେତା ଆଶିଷ କୁମାର ଚେଟୀ ଏବଂ ସାମ୍ବାଦିକ ହାବିଲ ଡଙ୍ଗ୍ରି, ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ତଦନ୍ତ ଆରମ୍ଭ କରି ଥିଲେ। ର୍ ୨୮ ଦିନ ପରେ ବିଶେଷ ସୂତ୍ରରୁ ଦୁଇ ଜଣ ଚୋର ଏବଂ ଚୋରି ହୋଇ ଥିବା ସୁନା ଅଳଙ୍କାର କିଣି ଥିବା ବ୍ୟବସାୟୀକୁ ଲିସ ଗିରଫ କରିବାରେ ସଫଳ ହୋଇଛି। ସେହି ଚୋର ଏବଂ ସୁନା ବ୍ୟବସାୟୀମାନେ ହେଲେ, ଜୟପୁର ଟାଉନ୍ ଥାନା ଅଧୀନରେ ଥିବା ଜୟପୁର ହାଟପଦାରେ ରହୁଥିବା, ସୁବାଷ ଖରାର ପୁଅ ବାବୁଲା ଖରା((୨୫), ସୁନାଧର ବେନ୍ୟାଙ୍କ ପୁଅ, ସଞ୍ଜୟ ବେନ୍ୟା (୨୧) ଏବଂ ସୁନା ବ୍ୟବସାୟୀ କେ କୃଷ୍ଣ ରାଓଙ୍କ ପୁଅ କେ ମୁର୍ଲି ରାଓ (୩୭)। ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୁକୁମା ହାଁସଦା ସୂଚନା ଦେଇଛନ୍ତି। ଚୋରି ସମୟରେ ବ୍ୟବହାର କରି ଥିବା , ଟାଟା ଟିଗର ଓଡି୧୦ ଡବ୍ଲୁ ୩୧୪୬ ନମ୍ବର ଲାଗିଥିବା କାର ଜବତ୍ କରାଯାଇଛି। ଚୋରି ସମୟରେ ସାମିଲ ଥିବା ଅନ୍ୟ ୪ ଜଣ ମୁଖ୍ୟ ଚୋର ଫେରାର ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ସୁବର୍ଣ୍ଣପୁର ଜିଲ୍ଲା ପଞ୍ଚାୟତ ପ୍ରତିନିଧିଙ୍କ କୋରାପୁଟ ଗସ୍ତ

କୋରାପୁଟ,୨୧।୮(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମାନଙ୍କ ଏକ ଦଳ ତିନିଦିନିଆ କୋରାପୁଟ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ବ୍ଲକ ପରିଦର୍ଶନ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଆନୁକୁଲ୍ୟରେ ଆସିଥିବା ଉକ୍ତ ଦଳରେ ବିଭାଗୀୟ ଅଧିକାରୀ ମାନଙ୍କ ବ୍ୟତୀତ ୪୫ ଜଣ ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷ, ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡ ସଭ୍ୟ ସଭ୍ୟା କୋରାପୁଟ ଜିଲ୍ଲା ଗସ୍ତରେ ଆସି କୋରାପୁଟ ଜିଲ୍ଲା ପରିଷଦ ଓ ବ୍ଲକ ମାନଙ୍କ ଦ୍?ାରା କାର୍ଯ୍ୟକାରି ହେଉଥିବା ଯୋଜନା ଗୁଡ଼ିକର ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ସମୟରେ ସେମାନେ ବୈପାରିଗୁଡ଼ା ବ୍ଲକର ଆଇଟି ପାର୍କ, ଗୁପ୍ତେଶ୍ୱର ଶୈବ ପୀଠ, ପଟାଙ୍ଗି ବ୍ଲକର



ବିଭିନ୍ନ ପ୍ରକଳ୍ପ ଓ ଦେଓମାଳି ଶୃଙ୍ଗ ଏବଂ କୋରାପୁଟ ବ୍ଲକର ଦୁମୁରିଗୁଡ଼ା କଫି ନର୍ସରୀ, ପଦ୍ମପୁର ସ୍ଥିତ ଆଇଟି ପାର୍କ ଓ ଡୁମୁରିପୁଟ ୨୬ ନଂ ଜାତୀୟ ରାଜପଥରେ ଥିବା ମିଶନ ଶକ୍ତି କାଫେ ପରିଦର୍ଶନ କରି ଥିଲେ। ସ୍ଥାନୀୟ ପ୍ରଶାନ୍ତି ସ୍?ୟଂ ସହାୟିକା ଗୋଷ୍ଠୀ ଦ୍?ାରା ପରିଚାଳିତ କାଫେରେ ମଧ୍ୟାହ୍ନ ଭୋଜନ ଗ୍ରହଣ କରି ମା ମାନଙ୍କ ହାତ ରନ୍ଧା ଖାଦ୍ୟର ପ୍ରଶଂସା କରିଥିଲେ। କୋରାପୁଟ ଜିଲ୍ଲା ପରିଷଦର ଏପିଡି ହିମାଂଶୁ କୁମାର ସାହୁ, ସନ୍ତୋଷ କୁମାର,ବିପିସି ମଞ୍ଜୁଲତା ପାତ୍ର ଏବଂ ଅନ୍ୟମାନେ ଅତିଥି ମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେଇଥିଲେ।

## ଲୋକଙ୍କ ସହ ମିଶି ଡ୍ରେନ୍ ସଫା କଲେ ରାଜନେତା

କୋଷାଗୁମୁଡା,୨୧।୮(ସମିସ): ନବରଙ୍ଗପୁର ଉପାନ୍ତ କୋଷାଗୁମୁଡା ବ୍ଲକ କୋଷାଗୁମୁଡା ସଦର ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରୀଗୁଡା ଗ୍ରାମ ଠାରେ ଗ୍ରାମବାସୀ ସରପଞ୍ଚଙ୍କ ବିରୁଦ୍ଧରେ



ବିଭିନ୍ନ ଅଭିଯୋଗ କରିଥିଲେ। ଖବର ପ୍ରକାଶିତ ହେବା ପରେ ଆଜି କୋଷାଗୁମୁଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସମାଜସେବି ବର୍ତ୍ତମାନ ସରପଞ୍ଚଙ୍କ ସ୍ୱାମୀ ହରିବନ୍ଧୁ ମାଝୀ ଆଜି ଭୋର ସକାଳେ ନିଜ ସମର୍ଥକଙ୍କୁ ଧରି ଡଙ୍ଗରୀଗୁଡା ଗ୍ରାମରେ ପହଞ୍ଚିଥିଲେ ଏବଂ ଗ୍ରାମବାସୀ ଙ୍କ ସହ ବସି ତାଙ୍କ ସୁଖ ଦୁଃଖ ବୁଝିଥିବା ଦେଖିବାକୁ ମିଳିଛି। ଡଙ୍ଗରୀଗୁଡା ଗ୍ରାମ ଠାରେ ନୂତନ ରାସ୍ତା ନିର୍ମାଣ, ଡ୍ରେନ ସଫା କରିବ. ପିଇବା ପାଣି ବନ୍ଦୋବସ୍ତ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପ୍ରଭୃତି ବିଭିନ୍ନ ପ୍ରସଙ୍ଗ ଉପରେ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ସହ ଆଲୋଚନା ପରେ ହରିବନ୍ଧୁ ମାଝୀ ନିଜେ କୋଡି ଧରି ଗ୍ରାମବାସୀଙ୍କ ସହ ଡ୍ରେନ ସଫା କରିଥିବା ଦେଖା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ହରିବନ୍ଧୁ ମାଝୀଙ୍କୁ ବହୁ ପ୍ରଶଂସା କରିଛନ୍ତି। ଗ୍ରାମବାସୀଙ୍କ ସବୁ ପ୍ରକାର ସହାୟତା କରିବେ ବୋଲି ହରିବନ୍ଧୁ କହିଛନ୍ତି।

## ରାଜ୍ୟସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର ହେବ ଇନ୍ଦ୍ରାବତୀ

ତେନ୍ତୁଲିଖୁଣ୍ଟି,୨୧।୮ (ସମିସ): ନବରଙ୍ଗପୁର ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଭାବେ ପରିଚିତ ଉପାନ୍ତ ଅଞ୍ଚଳ ଇନ୍ଦ୍ରାବତୀ ନିକଟ ଭବିଷ୍ୟତରେ ରାଜ୍ୟସ୍ତରୀୟ ବିଶିଷ୍ଟ ପର୍ଯ୍ୟଟନ କ୍ଷେତ୍ର ଭାବରେ ପରିଚିତ ହେବ। ଉଭୟ ସରକାର ଏବଂ ପ୍ରଶାସନର ମିଳିତ ଉଦ୍ୟମର ଇନ୍ଦ୍ରାବତୀକୁ ରାଜ୍ୟସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର ନିର୍ମାଣ ପାଇଁ ନିଷ୍ପତି ହୋଇଛି। ଏନେଇ ଇନ୍ଦ୍ରାବତୀ ସ୍ଥିତ ଦେଓପାଲି ଡ୍ୟାମ ନିକଟରେ ସ୍ଥାନ ଚୟନ କରାଯାଇଥିବା ସୂଚନା ମିଳିଛି । ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ସମେତ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ୧୭ ଜଣିଆ କମିଟି ଗୁରୁବାର ଉକ୍ତ ସ୍ଥାନ ପରିଦର୍ଶନ କରିଛନ୍ତି । ଉକ୍ତ ସ୍ଥାନରେ ପର୍ଯ୍ୟଟକଙ୍କ ପାଇଁ ବୋଟିଙ୍ଗ ବ୍ୟବସ୍ଥା ସାଙ୍ଗକୁ ଆଲୋକୀକରଣ, ସେଲ୍ଫି ପଏଣ୍ଟ, ଅନୁସଙ୍ଗିକ ମନୋରଞ୍ଜନ ବ୍ୟବସ୍ଥା, ପର୍ଯ୍ୟଟକଙ୍କ ଯାନବାହାନ ପାଇଁ ପାର୍କିଙ୍ଗ ବ୍ୟବସ୍ଥା, ରାସ୍ତାଘାଟ ନିର୍ମାଣ ଜଳଭଣ୍ଡାର ପାଖରେ ପାର୍କ, ଜଳ ଭଣ୍ଡାର ମଧ୍ୟରେ ଥିବା ଆଇଲାଣ୍ଡରେ ମନ୍ଦିର ଓ ମିନି ପାର୍କ ନିର୍ମାଣ କରିବା ନେଇ ଆଲୋଚନା ହୋଇଛି। ସେହିପରି ପର୍ଯ୍ୟଟକ ଓ ଛୋଟ ପିଲାଙ୍କ ଙ୍କ ଆମୋଦ ପ୍ରମୋଦ ପାଇଁ ବିଭିନ୍ନ ଅନୁସଙ୍ଗିକ ବ୍ୟବସ୍ଥା ହେବ। ସେହିପରି ଜିମ. ପୁଷ୍ପକ ଉଦ୍ୟାନ ଭଳି ଅନେକ ଯୋଜନାର ପରିକଳ୍ପନା ଆଦି ବ୍ୟବସ୍ଥା କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟବସ୍ଥା କରାଯିବା ନେଇ ଆଲୋଚନା ହୋଇଛି। ଇନ୍ଦ୍ରାବତୀ ପ୍ରଜେକ୍ଟ କଲେଜ ନିକଟସ୍ଥ ପ୍ରକଳ୍ପ ଗେରେଜ ଠାରେ ଏକ ବସଷ୍ଟାଣ୍ଡ ନିର୍ମାଣ ମଧ୍ୟ ଆଲୋଚନା ହେଇଛି । ଆସନ୍ତା ସାତଦିନ ମଧ୍ୟରେ ଡିପିଆର ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟଟନର ବିକାଶ ହେଲେ ଦୈନିକ ଶହ ଶହ ପର୍ଯ୍ୟଟକ ବୁଲିବାକୁ ଆସିବେ। ଫଳରେ ଅଞ୍ଚଳର ଅର୍ଥନୈତିକ ବ୍ୟବସ୍ଥା ସୁଦୃଢ ହୋଇ ୯୦ ଦଶକରେ ଝଲସି ଉଠୁଥିବା ଇନ୍ଦ୍ରାବତୀ ପ୍ରକଳ୍ପ ସହରର ପୂର୍ବ ସ୍ଥିତି ଫେରି ଆସିବ। ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ଡିଏଫଓ ଶୁଭେନ୍ଦୁ ବେହେରା, ରେଞ୍ଜର ଗୋପୀନାଥ ସାହୁ, ଇନ୍ଦ୍ରାବତୀ ଡ୍ୟାମ୍ ସର୍କଲ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନରେଶ ପାତ୍ର, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ବିଭାଗ କ୍ଷୀରୋଦ କନ୍ଧ ପାନ, ସହକାରୀ ଯନ୍ତ୍ରୀ ଧବ୍ଳେଶ୍ୱର ମାଝୀ, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ସାହୁ, ପିଏ ଆଇଟିଡିଏ ରାଜୀବ ଲୋଚନ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ନବରଙ୍ଗପୁର, ତେନ୍ତୁଲିଖୁଣ୍ଟି ବିଡ଼ିଓ ପାଣିଗ୍ରାହୀ ନିର୍ବାହୀ ଯନ୍ତ୍ରୀ,ଏସଡିଓ ଟାଟା ପାୱାର ଲିମିଟେଡ ସୁଶାନ୍ତ କୁମାର ଖଟେଇ, ନିର୍ବାହୀ ଯନ୍ତ୍ରୀ ମେକାନିକାଲ ନିରୋଜ କୁମାର ଲାହୁଡ଼ି, ନିର୍ବାହୀ ଯନ୍ତ୍ରୀ ନବରଙ୍ଗପୁର ପଦ୍ମ ଚରଣ ବେହେରା, ନିର୍ବାହୀ ଯନ୍ତ୍ରୀ,ଗ୍ରାମ୍ୟ ଉନ୍ନୟନ ଓ ପରିମଳ ବିଭାଗ ପ୍ରତୀକ କୁମାର ରାଉତ, ବରିଷ୍ଠ ଯନ୍ତ୍ରୀ ସରୋଜ କାନ୍ତ ଦାସ ଡେପୁଟି ଡାଇରେକ୍ଟର ଡିପିଏମୟୁ ଐଶ୍ୱର୍ଯ୍ୟ ଭଞ୍ଜ,ଜିଲା ପର୍ଯ୍ୟଟନ ଅଧିକାରୀ ଘାସିଆ ହରିଜନଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଶ୍ରେଣୀ କକ୍ଷରେ ଶୋଇଲେ ଶିକ୍ଷକ!

ମାଲକାନଗିରି, ୨୧।୮(ସମିସ): ଶ୍ରେଣୀ ଗୃହରେ ପିଲାଙ୍କୁ ପାଠ ପଢାଇବା ବଦଳରେ ଶିକ୍ଷକ ଜଣଙ୍କ ନିଘୋଡ ନିଦ୍ରାରେ ସୋଇ ରହିଥିବାର ଫୋଟୋ ସାମାଜିକ ଗଣ ମାଧ୍ୟମରେ ଭାଇରାଲ ହୋଇଛି। କିଛି ଏପରି ଚିତ୍ର ଆସିଛି ମାଲକାନଗିରି ଜିଲ୍ଲା ମାଥିଲି ଶିକ୍ଷା ଅଧିକାରୀଙ୍କ ଅଧିନ ଡୁର୍କାଗୁଡା ପ୍ରାଥମିକ ବିଦ୍ୟାଳୟରୁ । ଯେଉଁଠାରେ



ଜଣେ ଶିକ୍ଷକ ପାଠ ପଢାଇବା ଏବଂ ପିଲାଙ୍କୁ ଜଗିବା ପରିବର୍ତ୍ତେ ଦିନ ଦିପ୍ରହରରେ ଶୋଇ ରହିଥିବା ଦେଖିବାକୁ ମିଳିଛି। ପିଲାଙ୍କ ଭବିଷ୍ୟତ ଗଢିବା ଗୁରୁ ଚୌକିରେ ଗୋଡ଼ ଉପରେ ଗୋଡ଼ ଲଦି ନିଘୋଡ ନିଦରେ ଶୋଇଛନ୍ତି। ଶିକ୍ଷକ ଶୋଇ ରହିଥିବା ବେଳେ ପିଲାଏ ତଳେ ବସି ଶିକ୍ଷକଙ୍କୁ ଦେଖୁଥିବା ବେଳେ ଏଠାରେ କିପରି ଶିକ୍ଷାଦାନ ହେଉଥିବା ତାହା ସହଜେ ଅନୁମେୟ। ତେବେ ଏନେଇ ଆମେ ମାଥିଲି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ହେଁ ତାହା ସମ୍ଭବ ହୋଇ ନଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହି।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଶୋକସଭା

ସେମିଳିଗୁଡ଼ା,୨୧।୮ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସଂଘର ସଭାପତି ବିନୟ ଚନ୍ଦ୍ର ପଟ୍ଟନାୟକ ଏବଂ ବରିଷ୍ଠ ସଦସ୍ୟ ତଥା କୋରାପୁଟ ଜିଲ୍ଲା ବଧିର ସଂଘର ସାଧାରଣ ସମ୍ପାଦକ ଚିନ୍ତାମଣି ପୃଷ୍ଟି ଇହଧାମ ତ୍ୟାଗ କରିଥିବା ପରିପ୍ରେକ୍ଷୀରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ପ୍ରତାପ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତା ରଘୁନାଥ ପାଣିଗ୍ରାହୀ, ଈଶ୍ୱର ଚନ୍ଦ୍ର ଗୁରୁ, ନୀଳମଣି ନାୟକ, ନୀଳକଣ୍ଠ ଧୀବର, ପ୍ରଶାନ୍ତ ଚନ୍ଦ୍ର ବେହେରା, ସି. ଏଚ୍ ପ୍ରଦୀପ କୁମାର ପାତ୍ର, ନୀଳମଣି ନାୟକ, ପାଣ୍ଡୁଚରଣ ସାହୁ, ନୀଳକଣ୍ଠ ଡୋଲିଆ, ସୁଶାନ୍ତ କୁମାର ସାହୁ, ଭୁବନେଶ୍ୱର ପଟ୍ଟନାୟକଙ୍କ ସମେତ ଶତାଧିକ ସଦସ୍ୟ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକ ଏବଂ ସ୍ୱର୍ଗତ ପୃଷ୍ଟିଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ। ଡଃ ଚିତ୍ତ ରଞ୍ଜନ ମିଶ୍ର, ଡଃ ଉମା ଶଙ୍କର ପ୍ରସାଦ ପାତ୍ର, ଅମିତ ଅଗ୍ରୱାଲ, ବିଜୟ କୁମାର ସାହୁ, ଶାହେଦା ପରୱିନ, ଶେଖ ଇବ୍ରାହିମ ଏବଂ ଅନ୍ୟ ସଦସ୍ୟ ମାନେ ସେମାନଙ୍କ ବହୁବିଧ ପ୍ରତିଭା ସମ୍ପର୍କରେ ଆଲୋକପାତ କରି ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ବିନୟ ପଟ୍ଟନାୟକ ଏବଂ ଚିନ୍ତାମଣି ପୃଷ୍ଟିଙ୍କ ଆମର ଆମାର ସଦଗତି ନିମନ୍ତେ ଦୁଇ ମିନଟର ନୀରବ ପ୍ରାର୍ଥନା କରାଯାଇଥିଲା।

## ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିଲ୍ଲୀ ଏମ୍‌ସ ଟିମ୍

ଲମତାପୁଟ,୨୧।୮(ସମିସ ): ଆଜି ନ୍ୟୁ ଦିଲ୍ଲୀ ଏମ୍‌ସ ମେଡିକାଲରୁ ଆସିଥିବା କେନ୍ଦ୍ରୀୟ ଡାକ୍ତରୀ ଦଳ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ପରେ ନିର୍ବାଚିତ ପ୍ରତିନିଧି ଏବଂ ଓଏଲମ କର୍ମୀ ମାନଙ୍କୁ ନେଇ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ମାନଙ୍କରେ ହେଉଥିବା ମୁଖ୍ୟ ରୋଗ ତଥା କର୍କଟ ରୋଗ, ରକ୍ତହୀନତା, ଡାଇବେଟିସ, ଗ୍ୟାଷ୍ଟ୍ରିକ, ପୁଷ୍ଟିହୀନତା, ହୃଦଘାତ, ଚକ୍ଷୁ, ପକ୍ଷାଘାତ ଭଳି ମାରାତ୍ମକ ରୋଗର କାରଣ ଏବଂ ଏହାର ନିରାକରଣ କିପରି ହୋଇପାରିବ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଡ. ସୁମିତ ମାଲହୋତ୍ରା ପିସିଏମ ଏମସ ନିୟୁ ଦିଲ୍ଲୀ, ଦିଲ୍ଲୀ ଏମସ ମେଡିକାଲର ତିନି ଜଣ ଘରୋଇ ଡାକ୍ତର ରୋହିତ ବାଗରିଆ, ପ୍ରକଳ୍ପ ଗୁପ୍ତା, ଡ. ଗାୟତ୍ରୀ। ନୌରୀନ ଆହାଇଦ ଏମଟିଏ ପରାମର୍ଶଦାତା ବ୍ଲକ ଅଧକ୍ଷ ତାପସ ଚାଲାଣ, ବିଡ଼ିଓ ଜୟନ୍ତ କୁମାର ମେହେର ଓ ଡ.ସ୍ୱନ୍ଦନଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଗଣେଶ ପୂଜା ପ୍ରସ୍ତୁତି ବୈଠକ

# ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

ଜୟପୁର,୨୧।୮(ସମିସ): ଆସନ୍ତା ଗଣେଶ ପୂଜା ପାଳନ ନିମନ୍ତେ ଆଜି ପ୍ରଶାନସର ଆହ୍ୱାନକ୍ରମେ ଏକ ବୈଠକ ସ୍ଥାନୀୟ ପୌର ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ହୋଇଥିଲା। ଏଥିରେ ଶବ୍ଦ ପ୍ରଦୁଷଣ ନିୟନ୍ତ୍ରଣକୁ ଗୁରୁତ୍ୱାରୋପ କରାଯାଇଥିଲା। ତେଣୁ ମାଇକ ଏବଂ ଡିଜେ ବଜାଇବା ଉପରେ କଟକଣା ଜାରି କରାଯାଇଛି। ସେହିପରି ପୂଜାମଣ୍ଡପ ନିକଟରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଜନଗହଳିର ସୁଯୋଗ ନେଇ ଲୁଟେରା, ପକେଟମାରୁ ପ୍ରତି ସତର୍କତା ନେଇ ସହରର ସମସ୍ତ ବଡ଼ବଡ଼ ପୂଜା ମଣ୍ଡପ ନିକଟରେ ସିସି ଟିଭି କ୍ୟାମେରା ସଂଯୋଗ କରିବା ପାଇଁ ପୂଜା କମିଟି ସଦସ୍ୟ ମାନଙ୍କୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ.ଶଶ୍ୟା ରେ‡ଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ସହରର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ମାନେ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଆସନ୍ତା ୨୭ ତାରିଖରେ ଗଣେଶ ପୂଜା ଉତ୍ସବକୁ ଶାନ୍ତି ଓ ଶୃଙ୍ଖଳାରେ ପାଳନ କରିବା ନେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବା ନେଇ ମତ



ପ୍ରକାଶ ପାଇଛି। ଏହିପରି ପୁଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବ ବୋଲି ଉପଜିଲ୍ଲାପାଳ କୁମାରୀ ରେ‡ ନିର୍ଦ୍ଦେଶ ଦେଇଥିଲେ। ସହରରେ ପୂଜା ହୋଇଥିବା ବିଭିନ୍ନ ପୂଜା କମିଟି ତଥା ମଣ୍ଡପର ଗଣେଶ ମୂର୍ତ୍ତି ଭସାଣି ନିମନ୍ତେ ପୂଜା କମିଟି ଟାଉନଥାନାରେ ଅନୁମତି ଆବେଦନ କରିବେ। ପୁଲିସ ଏନେଇ କମିଟିକୁ ସମୟ ନିର୍ଦ୍ଧାରଣ ଏବଂ ଶୋଭାଯାତ୍ରା ନିମନ୍ତେ ରାସ୍ତା ରୁଟ୍ ଅନୁମତି ପ୍ରଦାନ କରିବେ। ସେହିପରି ପୂଜା ମଣ୍ଡପ ଗୁଡିକରେ ଯେଉଁ ପ୍ରସାଦ ସେବନ କରାଯାଉଛି ସେଠାରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ବଜାୟ ରଖିବାକୁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହିପରି ପ୍ରତି ପୂଜା ମଣ୍ଡପ ସମ୍ମୁଖରେ ଡଷ୍ଟବିନ ବ୍ୟବହାର କରିବାକୁ ବାଧ୍ୟତାମୂଳକ କରାଯାଇଛି। କୋଲାବର ମୁଖ୍ୟ କେନାଲ ବିସର୍ଜନ ସମୟରେ ଲାଇଟର ବ୍ୟବସ୍ଥା କରିବା ସହ ଅସ୍ଥାୟୀ ପାହାଚ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହିପରି ପରିବେଶ ଓ ଜଳପ୍ରଦୁଷଣ ଉପରେ ଗୁରୁତ୍ୱ ଦିଆଯାଇ ସାଜସଜା ଏବଂ ଗଣେଷ ମୂର୍ତ୍ତି ଗୁଡିକ ବ୍ୟବହୃତ ପ୍ଲାଷ୍ଟର ଅଫ ପ୍ୟାରିସ ବ୍ୟବହାରକୁ ବାରଣ କରାଯାଇଛି। ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କ ସମେତ ୨୦ଟି ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। କିନ୍ତୁ ରାସ୍ତା ଓ ଗୃହ ନିର୍ମାଣ, ଜନସ୍ୱାସ୍ଥ୍ୟ, ବିଦ୍ୟୁତ ବିଭାଗ କୌଣସି ଅଧିକାରୀ କିମ୍ବା କର୍ମଚାରୀ ମାନେ ଅନୁପସ୍ଥିତ ରହିଥିବା ଯୋଗୁଁ ଆଲୋଚନା ହୋଇପାରିନଥିଲା। ସହରରେ ବିଦ୍ୟୁତ ଯୋଗାଣ ଅନିୟମିତତା, ଟ୍ରାଫିକ ସମସ୍ୟା, ରାସ୍ତା ଘାଟ, ଡ୍ରେନର ଦୂରାବସ୍ଥା ନେଇ ପୂଜାକମିଟିର ସଦସ୍ୟ ଏବଂ ସାଧାରଣ ଲୋକ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଆଦିବାସୀଙ୍କୁ ଜୀବନ ଜୀବିକା ଯୋଗାଉଛି ବାଉଁଶ କରଡ଼ି

ପୋଡ଼ାଗଡ.୨୧।୮ (ସମିସ): ପୋଡ଼ାଗଡ ବୁଧବାର ହାଟ ଓ ଦଶମନ୍ତପୁରଦୈନିକ ବଯାର ଓ ଭିନ୍ନ ଅଞ୍ଚଳରେ ବିକ୍ରୀ ହୋଉଛି ବାଉଁଶ କରଡି । ପାଖପାଖ ଗାଁର ଆଦିବାସୀ ମହିଳା ମାନେ ଘଞ୍ଚ ଜଙ୍ଗଲରୁ ବାଉଁଶ କରଡି ତୋଳି ବିକ୍ରୀ କରନ୍ତି । ଆଦିବାସୀଙ୍କ ରୋଜଗାର ମାଧ୍ୟମ ସାଜିଛି ବାଉଁଶ କରଡ଼ି । ଅବିଭକ୍ତ କୋରାପୁଟ ଜିଲ୍ଲାର ଅଧୁଷିତ ଅଞ୍ଚଳ ଆଦିବାସୀ ମାନେ ମୁଖ୍ୟତଃ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ନିଜର ଜୀବିକା ଅର୍ଜନ କରିଥାନ୍ତି । ସେଥିମଧ୍ୟରୁ ବାଉଁଶ ଗଜା ବା କରଡ଼ି ଅନ୍ୟତମ। କୋରାପୁଟ ଜିଲ୍ଲାର ଏକ ସୁସ୍ୱାଦ୍ୟ ଖାଦ୍ୟ କରଡ଼ି ହୋଇଥିବା ବେଳେ ବର୍ଷା ଋତୁର ଆଗମନ ପରେ ଏହା ବଜାରକୁ ଆସିଥାଏ । ସାଧାରଣ ଲୋକଙ୍କ ପାଇଁ ଏହା ଏକ ସୁସ୍ୱାଦ ଖାଦ୍ୟ ହୋଇଥିଲେ ବି ଆଦିବାସିଙ୍କ ପାଇଁ ଏହା ଜୀବନ ଜୀବିକା ଓ ପରିବାର ପୋଷଣର ଏକ ମାଧ୍ୟମ । ଘଞ୍ଚ ଜଙ୍ଗଲ ଭରା ପାହାଡ଼ରୁ ବାଉଁଶ ବୁଦାରୁ ବାହାରି ରୋଷେଇ ଶାଳରେ ପହଞ୍ଚିଥାଏ ଏହି କରଡ଼ି । ଦଶମନ୍ତପୁର ଓ ପୋଡ଼ାଗଡ ଅଞ୍ଚଳର ଆଦିବାସୀ ମାନେ ଜଙ୍ଗଲକୁ ଯାଇ ସେଠାରେ ରହିଥିବା ବାଉଁଶ ବୁଦାରୁ ଏହାକୁ ସଂଗ୍ରହ କରିଥାନ୍ତି । ଏହାକୁ ଆଣି କୋରାପୁଟ ବଜାରରେ ବିକ୍ରି କରିଥାନ୍ତି । ପୂର୍ବରୁ କେବଳ ମହିଳା ମାନେ ଏହି ବ୍ୟବସାୟ କରୁଥିଲେ। କିନ୍ତୁ ଏବେ ଏହା ବଜାରରେ ଧୀରେ ଧୀରେ ଚାହିଦା ବଢ଼ିବା ପରେ ବର୍ତ୍ତମାନ ପୁରୁଷ ମାନେ ମଧ୍ୟ ଜଙ୍ଗଲ ଯାଇ ଏହା ସଂଗ୍ରହ କରୁଛନ୍ତି । ଏହି ବ୍ୟବସାୟ କରିବା ଫଳରେ ଦିନକୁ ପ୍ରାୟ ୫୦୦ ରୁ ୬୦୦ ଟଙ୍କା ଯାଏ ରୋଜଗାର ହେଉଥିବା କହିଛନ୍ତି ବିକ୍ରି କରୁଥିବା ଆଦିବାସି ମହିଳା । କରଡ଼ିର ଚାହିଦା ବି ବହୁ ପରିମାଣରେ ରହିଛି । ଏହା କେବେ ବଜାରକୁ ଆସିବ ଲୋକେ ଅପେକ୍ଷା କରି ରହିଥାନ୍ତି । ବର୍ଷା ଋତୁର ଆଗମନ ପରେ ଏହା ମିଳିଥାଏ । ଅନ୍ୟ ପରିବା ଠାରୁ ଏହାର ସ୍ୱାଦ କିଛି ଅଲଗା । ଏଥିରେ ତାରକାରୀ, ଭଜା ପରି ଅନେକ ଖାଦ୍ୟ ପ୍ରସ୍ତୁତ କରାଯାଏ । ଏହି କାରଣରୁ ଲୋକେ ଏହାକୁ ଅତି ଆଦରର ସହ କିଣି ନେଇଥାନ୍ତି । ବାଉଁଶ କରଡ଼ି ଏକ ସୁସ୍ୱାଦ୍ୟ ଖାଦ୍ୟ ସହ ରୋଗ ପ୍ରତିରୋଧକ ଶକ୍ତି ରହିଛି । କରଡ଼ି ଖାଇବା ଦ୍ୱାରା ଡାଇବେଟିସ, ରକ୍ତଚାପ, କୋଲେଷ୍ଟ୍ରଲ ଭଳି ଅନେକ ପ୍ରକାର ରୋଗ ନିୟନ୍ତ୍ରଣରେ ରହିଥାଏ । ଆଦିବାସୀଙ୍କ ଜୀବିକା ଉପାର୍ଜନ ଓ ପରିବାର ପୋଷଣରେ ଏହି କରଡି ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସହିତ ଏବେ ସହରୀ ଲୋକେ ଏହାକୁ ଖୁବ୍ ପସନ୍ଦ କରୁଛନ୍ତି ।

### ଜୟନଗର ରାସ୍ତା ନିର୍ମାଣରେ ବିଳମ୍ବ

## ଲୋକେ ହନ୍ତସନ୍ତ; ୨୩ରେ ବିଜେଡିର ଆନ୍ଦୋଳନ



ଜୟପୁର,୨୧।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଜୟନଗର ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଶୋଚନୀୟ। ଏହାର ନିର୍ମାଣ କାର୍ଯ୍ୟରେ ବିଳମ୍ବ ନେଇ ବିଜେଡି ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଜୟନଗର ସ୍ଥିତ ଏକ କଲ୍ୟାଣ ମଣ୍ଡପ ଠାରେ କରାଯାଇଛି । ଜୟନଗର ଅଞ୍ଚଳକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ନିର୍ମାଣରେ ବିଳମ୍ବ ଏବଂ ଦୂରାବସ୍ଥା ନେଇ ଏହି ଅଞ୍ଚଳର ଲୋକମାନେ ଏକ ବନ୍ଦୀ ଭାବେ ରହିଛନ୍ତି । ତେଣୁ ସ୍ଥାନୀୟ ବାସିନ୍ଦା ମାନେ ଅସନ୍ତୋଷ ପ୍ରକଟ କରିଛନ୍ତି। ତେଣୁ ଆସନ୍ତା ଶନିବାର ବିଜେଡି ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ବିଜେଡି ଦଳ ଏବଂ ସ୍ଥାନୀୟ ବାସିନ୍ଦା ମାନେ ମିଳିତ ଭାବେ ସ୍ଥାନୀୟ ଜୟନଗର ଛକ ଠାରେ ରାସ୍ତା ଅବରୋଧ ଏବଂ ଧାରଣା ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି । ଜୟନଗରକୁ ସଂଯୋଗ କରୁଥିବା ଲକ୍ଷ୍ମୀପଣ୍ଡା ଛକ ଠାରୁ ପଞ୍ଚାନନ ମନ୍ଦିର ଛକ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟ ୪ ଥାକିଆ ରାସ୍ତା ନେଇ ୧୪ କୋଟି ଟଙ୍କାର ନିର୍ମାଣ ଆରମ୍ଭ ଗତ ଏକ ବର୍ଷ ପୂର୍ବରୁ ଟେଣ୍ଡର ମାଧ୍ୟମରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ୧୧ ମାସର ଟେଣ୍ଡର ଅବଧି ଶେଷ ହୋଇଥିଲେ ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ମାତ୍ର ୨୦ ପ୍ରତିଶତ ଶେଷ ହୋଇଛି । ଏହିପରି ମନ୍ଥର ଗତିରେ କାର୍ଯ୍ୟ ଚାଲିଲେ ଏହା ଶେଷ ହେବାକୁ ଆଉ ୨ ବର୍ଷ ଲାଗିଯିବ ବୋଲି ଅଭିଯୋଗ କରିଛନ୍ତି . । ତେଣୁ ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ ତିବ୍ରତା ଆଣିବା ସହ ଶେଷ କରାଯାଇ କେବଳ ଜୟନଗର ବାସିନ୍ଦା ସମେତ ଏହିରାସ୍ତା ଦେଇ ଯାତାୟାତ ଉପରେ ନିର୍ଭର କରୁଥିବା ପ୍ରାୟ ୪ରୁ ୫ ଗ୍ରାମପଞ୍ଚାୟତ ଏବଂ ପଡୋଶୀ ବୈରାରୀଗୁଡା ଏବଂ କୁନ୍ଦୁରା ବ୍ଲକର ବାସିନ୍ଦା ମାନେ ଆଶ୍ୱସ୍ତ ହୋଇପାରିବେ। ଏହିପରି ପଞ୍ଚାନନ ମନ୍ଦିର ଛକ ନିକଟରୁ ଲକ୍ଷ୍ମୀପଣ୍ଡା ଛକ ଏବଂ ଜୟନଗର ଛକ ଠାରୁ ଭୂତନାଥ ମନ୍ଦିର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ କରୁଥିବା ଦୁଇଟି ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଦାୟୀତ୍ୱରେ ରହିଥିବା ଯନ୍ତ୍ରୀ ମାନଙ୍କ ବିରୋଧରେ ମଧ୍ୟ ସରକାରୀ ନିୟମ ଅନୁଯାୟୀ ପଦକ୍ଷପ ଗ୍ରହଣ କରିବାକୁ ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦ ଦାବି କରିଛନ୍ତି । ଏହିପରି ରାସ୍ତାର ଉଚ୍ଚକା ବୃଦ୍ଧି କରାଯାଇଛି । ତେଣୁ ତୁରନ୍ତ ରାସ୍ତା ପାଶ୍ୱର୍ରେ ଡ୍ରେନ ନିର୍ମାଣ କରାଯାଉ ଅନ୍ୟଥା ବର୍ଷା ଓ ଡ୍ରେନ ଜଳ ଘର ଏବଂ ଅପରପକ୍ଷରେ ଜଗନ୍ନାଥ ସାଗରରେ ପ୍ରବେଶ କରିବାର ଆଶଙ୍କା ଦେଖାଦେଇଛି । ଏହି ଅବସରରେ ଜୟପୁର ପୌର ଉପାଧ୍ୟକ୍ଷା ତଥା ବିଜେଡି ନେତ୍ରୀ ବି.ସୁନିତା କହିଛନ୍ତି ଯେ, ଜୟପୁର କାଉନସିଲ ବୈଠକରେ ମଧ୍ୟ ଏହି ରାସ୍ତା ବିଳମ୍ବ ନେଇ ଉଦବେଗ ପ୍ରକାଶ କରାଯାଇ ଏକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ଏବଂ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କିନ୍ତୁ ପ୍ରଶାସନ ପକ୍ଷରୁ ବିଭାଗିୟ ଯନ୍ତ୍ରୀ ଏବଂ ଠିକାଦାରଙ୍କୁ ତୁରନ୍ତ ଶେଷ ନେଇ ଚାପ କରାଯାଇଥିଲା। କିନ୍ତୁ ଜୟପୁରରେ ବର୍ଷା ଜାରୀ ରହିଥିବା ଯୋଗୁଁ କାର୍ଯ୍ୟରେ ବିଳମ୍ବ ନେଇ ମଧ୍ୟ ପ୍ରଶାସନିକ ଅଧିକାରୀ ମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କାଉନସିଲର ଅଜିତ ବେହେରା, ବରିଷ୍ଠ ବିଜେଡି ନେତା ବାଲା ରାୟ, ହର ପ୍ରସାଦ ମିଶ୍ର, ମହେନ୍ଦ୍ର ଅଧିକାରୀ ଏବଂ ବିଜେଡି ବନ୍ଦ ଡାକରାକୁ ସମର୍ଥନ ଜଣାଇଥିବା ସ୍ଥାନୀୟ ବାସିନ୍ଦା ଟିକୁ ପାଣିଗ୍ରାହୀ ଏବଂ ନାଗେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ନିଖୋଜ ନାବାଳକର ମୃତଦେହ ଉଦ୍ଧାର

ଗୁଣୁପୁର, ୨୧।୮ (ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ ଅନ୍ତର୍ଗତ ପୁଟାସିଂ ଥାନା ଅଧୀନସ୍ଥ ଟିଟିମିରି ଗ୍ରାମ ପଞ୍ଚାୟତ ଜଙ୍ଗଜଙ୍ଗପୁର ମୁଣ୍ଡା ଗ୍ରାମ ନିକଟରେ ଥିବା ମହେନ୍ଦ୍ରତନୟା ନଦୀରେ ଗତକାଲି ଠାରୁ ନିଖୋଜ ଥିବା ନାବାଳକ ଜଷ୍ଟିନ ଶବରର ମୃତଦେହ ଉଦ୍ଧାର ହୋଇଛି । ଆଜି ଗ୍ରାମବାସୀ ଓ ଗୁଣୁପୁର ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି କରିବା ପରେ ନାବାଳକର ଶବ ନଦୀରୁ ଉଦ୍ଧାର ହୋଇଛି । ବାପା ପିତ ଶବର ଓ ମା ଲଇନି ଶବର ଚାଷ କାମ ପାଇଁ ଯାଇଥିବା ବେଳେ ନାବାଳକ ତାଙ୍କ ପାଖକୁ ଯିବା ପାଇଁ ନଦୀ ଭିତରକୁ ଓହ୍ଲାଇଥିବା ପରିବାର ପକ୍ଷରୁ କୁହାଯାଇଛି । ନାବାଳାକର ଶବକୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ପୁଟାସିଂ ପୁଲିସ ।

## ଜିଲ୍ଲା ସାମ୍ବାଦିକ ସଂଘର ଜରୁରୀ ବୈଠକ



ସେମିଳିଗୁଡା, ୨୧।୮ (ସମିସ): ସାମ୍ବାଦିକଙ୍କୁ ପୋଲିସର ଦୁର୍ବ୍ୟବହାର ଘଟଣାକୁ ନେଇ ଜିଲ୍ଲା ସାମ୍ବାଦିକ ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା ।କୋରାପୁଟ ଜିଲ୍ଲାର ସେମିଳିଗୁଡା ତହସିଲ କର୍ତ୍ତୃପକ୍ଷଙ୍କ ଅଦାଲତ ଅବମାନନା ଘଟଣାର ଖବର ପ୍ରସାରଣ ପରେ ଦୁଇ ସାମ୍ବାଦିକ ପୋଲିସର ଆକ୍ରୋଶର ଶିକାର ହେବା, ସାମ୍ବାଦିକ ମାନେ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ, ଡିଆଇଜି କୋରାପୁଟଙ୍କୁ ଭେଟି ଅଭିଯୋଗ ଘଟଣାକୁ ଅଭିଯୋଗ କରିଥିଲେ ।ଏହି ଘଟଣା କୁ ନେଇ ବୁଧବାର ସନ୍ଧ୍ୟା ରେ ଓୟୁଜେ ଅନୁବନ୍ଧିତ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘର ଏକ ଜରୁରୀ ବୈଠକ ସେମିଳିଗୁଡା ସ୍ଥିତ ଏକ ହୋଟେଲ ବୈଠକ ଗୃହରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ଶଶଧର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ଉପଦେଷ୍ଟା ଅଜୟ ସାହୁ, ଜାତୀୟ ପ୍ରେସ କାଉନସିଲ୍ ସଦସ୍ୟ ଦିଲ୍ଲୀପ କୁମାର ମହାନ୍ତି,ସହ ସମ୍ପାଦକ ଶରତ କୁମାର ଧଳ ,ତୁଷାର କାନ୍ତ ମହାନ୍ତି, ଅମିତାଭ ବେହେରା, କୁରୁମା ରାଓ, ଙ୍କ ସମେତ ଜିଲାର , ଲକ୍ଷ୍ମୀପୁର, ପଟାଙ୍ଗି, ନନ୍ଦପୁର, ସେମିଳିଗୁଡା, ସୁନାବେଡା, କୋରାପୁଟ, ଦାମନଯୋଡି ଅଞ୍ଚଳର ବହୁ ସଂଖ୍ୟକ ସାମ୍ବାଦିକ ଉପସ୍ଥିତ ଥିଲେ। ବୈଠକରେ ଉପସ୍ଥିତ ଦୁଇ ସାମ୍ବାଦିକ କୃତିବାସ ପ୍ରଧାନ ଓ ବାସୁଦେବ ବରାଡଙ୍କୁ ସୁନାବେଡା ଏସଡିପିଓ ସେମିଳିଗୁଡା ଥାନାକୁ ଡାକି କିଭଳି ଅପଦସ୍ତ କରିଥିଲେ ସେ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଅନ୍ୟ ପକ୍ଷରେ ସେମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବିଭିନ୍ନ ପ୍ରକାର ହଇରାଣ ହରକତ କରାଯାଉଥିବା ଅଭିଯୋଗ କରିଥିଲେ। ଯାହାକୁ ଶୁଣି ଉପସ୍ଥିତ ସାମ୍ବାଦିକମାନେ ନିନ୍ଦା କରିବା ସହ ସାମ୍ବାଦିକଙ୍କ ପ୍ରତି ଯଦି ପୋଲିସର ଏଭଳି ବ୍ୟବହାର, ତାହେଲେ ସାଧାରଣ ଜନତାଙ୍କ ପ୍ରତି କିଭଳି ବ୍ୟବହାର ଥିବ ବୋଲି ପ୍ରଶ୍ନ କରିଥିଲେ। ପୋଲିସ ଓ ସାମ୍ବାଦିକଙ୍କ ମଧ୍ୟରେ ଏଭଳି କଟୁ ସମ୍ପର୍କ ସମାଜ ପାଇଁ ହିତକର ନୁହେଁ ବୋଲି ମତ ବ୍ୟକ୍ତ କରିଥିଲେ। ସଭାପତି ଶ୍ରୀ ରାଉତ ଓ ଉପଦେଷ୍ଟା ଶ୍ରୀ ସାହୁ ସାମ୍ବାଦିକଙ୍କ ପ୍ରତି ପୋଲିସର ଏତାଦୃଶ ଆଚରଣର ଘୋର ନିନ୍ଦା କରିଥିଲେ। ଆଗାମୀ ଦିନରେ ସାମ୍ବାଦିକଙ୍କ ପ୍ରତି ଏସଡିପିଓଙ୍କ ଆଚରଣରେ ଯଦି ସୁଧାର ନ ଆସେ ତେବେ ଜିଲ୍ଲା ସାମ୍ବାଦିକ ସଂଘ ଏହାର ଦୃଢ ପ୍ରତିବାଦ ସହ ରାଜ୍ୟସ୍ତରୀୟ ଆନ୍ଦୋଳନ କରିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଆଗାମୀ ଦିନର କାର୍ଯ୍ୟ ପନ୍ଥା ପାଇଁ ଜିଲ୍ଲାସ୍ତରରେ ଜିଲ୍ଲା ସଭାପତି ଶଶଧର ରାଉତଙ୍କ ନେତୃତ୍ୱରେ ଅଜୟ ସାହୁ, ଦିଲିପ୍ ମହାନ୍ତି, ଅମିତାଭ ବେହେରା ଓ ତୁଷାର କାନ୍ତ ମହାନ୍ତି ଙ୍କୁ ନେଇ ଏକ ୫ ଜଣିଆ ଉପ କମିଟି ଗଠନ କରାଯାଇଛି ।

## ସବୁ ୱାର୍ଡ ରାସ୍ତାର ଉନ୍ନତି ପାଇଁ ଦୃଷ୍ଟି ଆକର୍ଷଣ



ସେମିଳିଗଡ଼ା, ୨୧।୮ (ସମିସ): କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌର ପରିଷଦର ୨୫ଟି ୱାର୍ଡ ରାସ୍ତାର ଉନ୍ନତି ଦିଗରେ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର କାର୍ଯ୍ୟ କରୁଥିବା କହିଛନ୍ତି । ସେମିଳିଗୁଡା ସହରରେ ଥିବା ୧୮ ନମ୍ବର ୱାର୍ଡରେ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଏହି ଅବସରରେ ସେମିଳିଗୁଡା ସହରର ଉନ୍ନତି ତାଙ୍କ ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ରାଜେନ୍ଦ୍ର ମତ ପ୍ରକାଶ କରିଥିଲେ। ୧୮ ୱାର୍ଡ କାଉନସିଲର ମମତା ରାୟଙ୍କ ଅଧ୍ୟକ୍ଷତାରେ ପୌର ପରିଷଦ ଏମଇ ମନୋଜ ପାତ୍ର, ଜେଇ ଅରୁଣ ନାୟକ ପ୍ରମୁଖ ଉପସ୍ଥିତି ଥିଲେ । ମଙ୍ଗଳା ମା' ମନ୍ଦିର ସାହି ରାସ୍ତା ଏବଂ ବିଜୟ ମହାରଣାଙ୍କ ଅଞ୍ଚଳ ରାସ୍ତାର ଉନ୍ନତି କରିବା ପାଇଁ ଭୂମି ପୂଜନ କରିଥିଲେ । ବହୁତ୍ ଦିନର ସମସ୍ୟା ସମାଧାନ କରିଥିବାରୁ ଉକ୍ତ ଅଞ୍ଚଳର ଲୋକେ ପୌର ପରିଷଦ ଅଧ୍ୟକ୍ଷ ଓ କାଉନସିଲରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଙ୍ଗନବାଡି କର୍ମୀଙ୍କ କାର୍ଯ୍ୟକୁ ପ୍ରଶଂସା



ନନ୍ଦପୁର,୨୧।୮ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ହିଁକିମପୁଟ ଗ୍ରାମପଞ୍ଚାୟତ ଅଧୀନ ଲୁଜିଙ୍ଗ ଅଙ୍ଗନବାଡି କେନ୍ଦ୍ରର ଦିଦି ସ୍ନେହମୟୀ ଦାସ ତାଙ୍କ କାର୍ଯ୍ୟ ପାଇଁ ବ୍ଲକଠାରୁ ଜିଲ୍ଲା ଓ ରାଜ୍ୟସ୍ତରରେ ସମ୍ମାନିତ ହୋଇ ସାରିଛନ୍ତି । ନିକଟରେ ଲୁଜିଙ୍ଗ ଗ୍ରାମର ୨୦ରୁ ଅଧିକ ବରିଷ୍ଠ ନାଗରିକ ତଥା ବୁଢ଼ାବୁଢ଼ୀଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରି ଆର୍ଶୀବାଦ ଭିକ୍ଷା କରିଛନ୍ତ । ଏହି ଅବସରରେ ଗ୍ରାମର ସମସ୍ତ ବରିଷ୍ଠ ନାଗରିକଙ୍କ ଆଖିରେ ଆନନ୍ଦର ଲୁହ ଝରି ଆସିଥିଲା । ବରିଷ୍ଠ ନାଗରିକ ମାନେ କହିଛନ୍ତି, ବହୁତ୍ ବର୍ଷ ପୂର୍ବେ ଆମ ଗାଁକୁ ସେ ଦିଦି ହୋଇ ଆସିଲେ । ଆଉ ଏବେ ସେ ସମସ୍ତଙ୍କର ଝିଅ ହୋଇଗଲେଣି । ସମାଜସେବା ପାଇଁ ତାଙ୍କୁ ଏବେ ସମସ୍ତେ ପ୍ରଶଂସା କରୁଛନ୍ତି ।

## ଶିଶୁ ସୁରକ୍ଷା ଆଇନ ସମ୍ପର୍କୀତ ସମନ୍ୱୟ ସଭା

ନବରଙ୍ଗପୁର,୨୧।୮ (ସମିସ): ନବରଙ୍ଗପୁର ଜିଲ୍ଲା ପ୍ରଶାସନଙ୍କ ଅଧୀନରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମନ୍ୱୟ ସଭା ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଏହି ସଭାକୁ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ସଭାର ମୂଳ କେନ୍ଦ୍ରବିନ୍ଦୁ ଥିଲା ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ । ଶିଶୁମାନଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଆଇନ ୨୦୧୨ ପୋକ୍ସ, କିଶୋର ନ୍ୟାୟ (ଯତ୍ନ ଏବଂ ସୁରକ୍ଷା) ଆଇନ, ୨୦୧୫ ଏବଂ ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ ଅଧିନସ୍ଥ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ଏବଂ ବାଲ୍ୟ ବିବାହ ସୂଚନା ଅଧିକାରୀଙ୍କ ଦାୟିତ୍ୱର ସଫଳ ପ୍ରୟୋଗ । ଏହି ଚାରୋଟି ଆଇନ ଭାରତର ଶିଶୁ ସୁରକ୍ଷା ବ୍ୟବସ୍ଥାର ମୂଳ ଭିତ୍ତି, ଯାହାକୁ ଜିଲ୍ଲା ସ୍ତରରେ ଆହୁରି ଶକ୍ତିଶାଳୀ କରିବା ନେଇ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା, ଶିକ୍ଷା ଓ ସମ୍ମାନ ଦିଆଯିବା ଆବଶ୍ୟକ, ସମସ୍ତଙ୍କ ମିଳିତ ଉଦ୍ୟମରେ ଆମେ ଭୟ ଓ ଶୋଷଣମୁକ୍ତ ପରିବେଶ ଶିଶୁଙ୍କ ପାଇଁ ଗଢ଼ି ପାରିବା ବୋଲି ଜିଲ୍ଲାପାଳ ଡ. ସ୍ୱାଇଁ କହିଥିଲେ । ଏହି ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହ୍ନର, ମଳୟ ମିଶ୍ର, ଏଡିଏମଓ, ସମସ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇସର, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ, ଶିକ୍ଷା ବିଭାଗ, ଚାଇଲ୍ଡ ହେଲ୍ପ ଲାଇନ, ବିଭିନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସଖି ସେଣ୍ଟରର କର୍ମକର୍ତା, ଡିସିପିୟୁ ପ୍ରୋବେସନ ଅଫିସର କିଶୋର ମାର୍ଥା, ସମରେନ୍ଦ୍ର ପରିଡା, କିଷାନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ ।

## ରକ୍ତଦାତ୍ରୀ ସମ୍ମାନିତ

ସେମିଳିଗୁଡା, ୨୧।୮ (ସମିସ): ରକ୍ତଦାନ କ୍ଷେତ୍ରରେ ଚର୍ଚ୍ଚାରେ ରହି ଆସୁଥିବା ସେମିଳିଗୁଡାର ବରିଷ୍ଠ ରକ୍ତଦାତ୍ରୀ, ପ୍ରବର୍ତ୍ତିକା, ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ରଙ୍କୁ ସ୍ୱାଧୀନତା ଦିବସ ଅବସରରେ ମଧ୍ୟ ପ୍ରଦେଶର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଡିଗ୍ନିଟି ଜଷ୍ଟିସ ଫର ହ୍ୟୁମାନ ରାଇଟ୍ସ ଫାଉଣ୍ଡେସନ ଓ ଜୟ ମହାରାଣା ରକ୍ତଦାନ ସମୂହ ଭାରତ ମଧ୍ୟ ପ୍ରଦେଶ ତରଫରୁ ଶ୍ରୀମତୀ ମିଶ୍ରଙ୍କୁ ରକ୍ତବୀର ସମ୍ମାନରେ ସମ୍ମାନିତ କରାଯାଇଛି । ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲ୍ଲାରେ ମଧ୍ୟ ତାଙ୍କୁ ସମ୍ମାନିତ କରାଯାଇଥିଲା । ଜାତୀୟସ୍ତରରେ ସ୍ନିଗ୍ଧାରାଣୀ ମିଶ୍ର ବହୁଥର ପୁରସ୍କୃତ ହୋଇଛନ୍ତି ।

## ଯୁକ୍ତ ଦୁଇ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ସୁନାବେଡ଼ା,୨୧।୮ (ସମିସ): ସୁନାବେଡ଼ା ପୌରାଞ୍ଚଳ ସ୍ଥିତ ସୁନାବେଡ଼ା -୧ ଠାରେ ଥିବା ଅନୁସୂଚିତ ଜାତି, ଜନଜାତି , ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ରଶ୍ମି କିରଣ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେମିଳିଗୁଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହର ପ୍ରସାଦ ଦାସ ଯୋଗ ଦେଇଥିଲେ । ପ୍ରଥମ ବର୍ଷ ବିଜ୍ଞାନ ଛାତ୍ର ଛାତ୍ରୀଙ୍କୁ ଫୁଲ , ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା ।ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ମମତା ପାତ୍ର , ଅଧ୍ୟାପିକା ଶାଳିନୀ ଡୁଙ୍ଗଡୁଙ୍ଗ, ଇସାନୀ ବେହେରା, ଅଧ୍ୟାପକ ଅଚ୍ୟୁତାନନ୍ଦ ସ୍ୱାଇଁ ଓ ତୁଷାର କାନ୍ତ ଭୂଜବଳ ଉପସ୍ଥିତ ଥିଲେ ।ଏହି ଅବସରରେ ଛାତ୍ର ଛାତ୍ରୀ ନୃତ୍ୟ, ସଙ୍ଗୀତ ଆଦି ପରିବେଷଣ କରିଥିଲେ ।ବରିଷ୍ଠ ଅଧ୍ୟାପିକା ଶାଳିନୀ ଡୁଙ୍ଗଡୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଡିଓଙ୍କ ବାଲିଆଗାଁ ପରିଦର୍ଶନ; ବୁଲି ଦେଖିଲେ ଉନ୍ନୟନ କାର୍ଯ୍ୟ



ନନ୍ଦପୁର, ୨୧।୮ (ସମିସ): କୋରାପୁଟ ସିଡିଓ ବେଣୁଧର ଶବର ଗୁରୁବାର ନନ୍ଦପୁର ବ୍ଲକ ଗସ୍ତ କରି ବ୍ଲକ ଅନ୍ତର୍ଗତ ବିଳାପୁଟ, ବାଡେଲ ଗ୍ରାମ ପଞ୍ଚାୟତର ମନରେଗା ଅନ୍ତର୍ଗତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିବା ସହ ଦୁଇ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସିଡିଓ ଶ୍ରୀ ଶବର ତୁରନ୍ତ କାର୍ଯ୍ୟ ଗୁଡ଼ିକ ଶେଷ କରିବା ସହ ଆବାସ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସିଡିଓଙ୍କ ଏହି ଗସ୍ତ ସମୟରେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ସମେତ, ଏଇଇ ଯଶକେତନ ବେହେରା, ପୋଗ୍ରାମ ମ୍ୟାନେଜର ଗୌରୀ ଶଙ୍କର ସାହୁ, ପ୍ରକଳ୍ପ ପବିତ୍ର କୁମାର୍ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ ।

## ଲକ୍ଷ୍ମୀପୁର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ଲକ୍ଷ୍ମୀପୁର, ୨୧।୮** (ସମିସ): ଲକ୍ଷ୍ମୀପୁର ମହାବିଦ୍ୟାଳୟର ୩୬ତମ ପ୍ରତିଷ୍ଠା ଦିବସକୁ ଏହି ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ପ୍ରମୋଦ କୁମାର ପଟ୍ଟନାୟକଙ୍କ ସ୍ମୃତିଚାରଣ ନିମନ୍ତେ ଶ୍ରଦ୍ଧାଞ୍ଜଳି ଦିବସ ରୂପେ ଯୁକ୍ତ ଦୁଇ ଅଧ୍ୟକ୍ଷ ପ୍ରଧ୍ୟାପକ ଗିରିଜା କୁମାର ଚୌଧୁରୀ ଏବଂ ଯୁକ୍ତ ତିନି ଅଧ୍ୟକ୍ଷ ବିଜୁ ମୁଦୁଲିଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଇଥିଲା । ୧୯୯୦ ମସିହା ଅଗଷ୍ଟ ମାସ ୨୦ ତାରିଖରେ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଏହା ଆରମ୍ଭ ହୋଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୂର୍ବତନ ସାଂସଦ ଝିନ ହିକକା ସ୍ୱର୍ଗତ ପଟ୍ଟନାୟକଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ତଥା ଲକ୍ଷ୍ମୀପୁରର ବର୍ତ୍ତମାନ ବିଧାୟକ ପବିତ୍ର ସାଉନ୍ତା ମଧ୍ୟ ପ୍ରତିଷ୍ଠାତା ସଭାପତିଙ୍କ ଲକ୍ଷ୍ମୀପୁର ଅଞ୍ଚଳ ପାଇଁ ଆନ୍ତରିକତା ଓ ଆଦରକୁ ଭୂୟଶୀ ପ୍ରଶଂସା କରିବା ସହ ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପ୍ରତି ତାଙ୍କ ଅବଦାନର ସୀମା ନାହିଁ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଅବସରପ୍ରାପ୍ତ ଆଦିବାସୀ ଉନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ପ୍ରତିଷ୍ଠାତା ସଦସ୍ୟ ମୋହନ ଗରଡା , ଯୁକ୍ତ ତିନି ଅଧ୍ୟକ୍ଷ ଶ୍ରୀ ବିଜୁ ମୁଦୁଲି ଏବଂ ଅବସରପ୍ରାପ୍ତ ଶିକ୍ଷକ ମାଧବ କର୍କରା ମଧ୍ୟ ସ୍ୱର୍ଗତ ପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ କହିଥିଲେ । ହରେକୃଷ୍ଣ ସାହୁ, ସାଂସଦ ପ୍ରତିନିଧି କୈଳାସ ଖୋସଲା, ଡଃ ଦେବେଶ ଚନ୍ଦ୍ର ବେହେରା, ଓ ଅନ୍ୟ ଅତିଥି ମାନେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅନ୍ୟାନ୍ୟ କର୍ମଚାରୀ, ସାମ୍ବାଦିକ ବନ୍ଧୁଗଣ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଅଧ୍ୟାପକ ଡ. ଜଗନ୍ନାଥ ରଥ ପରିଚାଳନା କରିଥିଲେ । ଶେଷରେ ଅଧ୍ୟାପିକା ସୁଶ୍ରୀ ତିଳୋତ୍ତମା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ପଦ୍ମପୁରକୁ ଏନ୍ଏସି ମାନ୍ୟତା ଦାବି

## ବିଧାୟକଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ



ଗୁଣୁପୁର, ୨୧।୮ (ସମିସ): ରାଜ୍ୟ ସରକାର ପଦ୍ମପୁରକୁ (ଏନ୍ଏସି) ମାନ୍ୟତା ଘୋଷଣା କରିବା ପାଇଁ ବିଧାୟକଙ୍କ ନେତୃତ୍ୱରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ଏନ୍ଏସି ମାନ୍ୟତା ନେଇ ସଂକ୍ଷିପ୍ତ ତାଲିକା ଘୋଷଣା କରିବା ପରେ ପଦ୍ମପୁରେ ଅଞ୍ଚଳରେ ଅସନ୍ତୋଷ ବଢିବାରେ ଲାଗିଛି। ଏହି ତାଲିକାରେ ରାୟଗଡ଼ା ଜିଲ୍ଲା ପଦ୍ମପୁରକୁ ବାଦ ଦିଆଯାଇଛି । ୨୦୧୧ ସେନ୍‌ସେକ୍ସରେ ଲୋକସଂଖ୍ୟା ଅନୁଯାୟୀ ପଦ୍ମପୁରକୁ ଏନଏସି ମାନ୍ୟତା ପାଇଁ ପୂର୍ବ ସରକାରଙ୍କ ଅମଳରେ ସର୍ଭେ ହୋଇଥିଲା। ସେହି ସମୟରେ ଜନସଂଖ୍ୟ ଅଧିକା ରହିଥିବା ଏବଂ ପଦ୍ମପୁର ଏନ୍ଏସି ମାନ୍ୟତା ପାଇବା ଯୋଗ୍ୟ ବୋଲି କୁହାଯାଇଥିଲା। କିନ୍ତୁ ବର୍ତ୍ତମାନ ସରକାର ଯେଉଁ ତାଲିକା ଘୋଷଣା କଲେ, ସେଥିରୁ ପଦ୍ମପୁରକୁ ବାଦ୍ ଦିଆଯାଇଛି। ଏଣୁ ଆଜି ଗୁଣୁପୁର ନିର୍ବାଚନ ମଣ୍ଡଳିର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ଧୁଦାଲ ଅଭିଶେକ ଦିଲିପ୍‌ଙ୍କୁ ଭେଟି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ରମେଶ ଚନ୍ଦ୍ର ପଣ୍ଡା, ଜଗନ୍ନାଥ ପାଣିଗ୍ରାହୀ, ଉଦୟ ଚନ୍ଦ୍ର ସାହୁ, ରାଜୀବ ଲୋଚନ ସାହୁ, ଅନିଲ ଚୌଧୁରୀ ଉପସ୍ଥିତ ଥିଲେ। ବିଧାୟକ ସତ୍ୟଜିତ୍ ଗମାଙ୍ଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନଗର ଉନ୍ନୟନ ମନ୍ତ୍ରୀ ଓ ସଚିବଙ୍କୁ ସାକ୍ଷାତ କରି ଦାବି ଜଣାଇବେ ବୋଲି ବିଧାୟକ କହିଛନ୍ତି। ଦାବିମୁତାବକ ସରକାର କୌଣସି ପଦକ୍ଷେପ ଗ୍ରହଣ ନକଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି ପଦ୍ମପୁର ଗ୍ରାମବାସୀ। ସୂଚନାଯୋଗ୍ୟ, ରାୟଗଡ଼ା ଜିଲ୍ଲାରେ ପଦ୍ମପୁର ଏକ ବାଣିଜ୍ୟ ଓ ବ୍ୟବସାୟର ପେଣ୍ଟସ୍ଥଳୀ ଅଟେ। ଏବଂ ଗମନାଗମନ ପାଇଁ ମଧ୍ୟ ସମସ୍ତ ପ୍ରକାର ସୁବିଧା ରହିଛି । ଭୁବନେଶ୍ୱର ଠାରୁ ଜୟପୁର ଓ ମାଲାକାନଗିରି ଯାଉଥିବା ସମସ୍ତ ଯାନବାହାନ ପଦ୍ମପୁର ଦେଇ ଯାତାୟତ କରିଥାଏ ଏବଂ ସମସ୍ତ ପ୍ରକାର ଆନୁସାଙ୍ଗୀକ ସୁବିଧା ସୁଯୋଗ ଥାଇ ମଧ୍ୟ ଏନ୍ଏସି ମାନ୍ୟତା ନ ପାଇବା ଦୁର୍ଭାଗ୍ୟର ବିଷୟ ବୋଲି ପଦ୍ମପୁରବାସୀ କହିଛନ୍ତି ।


## ଅମଲାଙ୍କ ଆନ୍ଦୋଳନ ୧୧ ଦିନରେ



ଉମରକୋଟ,୨୧।୮ (ସମିସ): ଆଜିକୁ ଦୀର୍ଘ ୧୧ ଦିନ ହେଲା ଅମଲା ମାନେ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନରେ ବସିଛନ୍ତି। ଫଳରେ ବିଭିନ୍ନ କାମ ପାଇଁ ଆସୁଥିବା ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଉମରକୋଟ ତହସିଲ କାର୍ଯ୍ୟାଳୟ ଠାରେ କାମ ଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉମରକୋଟ ତହସିଲ କାର୍ଯ୍ୟାଳୟରେ ଅମଲାଙ୍କ ଆନ୍ଦୋଳନ ଯୋଗୁଁ କିଛି ବିଭାଗର ଅଫିସରେ ତାଲା ଝୁଲୁଥିବା ବେଳେ ଆଉକିଛି ବିଭାଗର ଅଫିସ ରୁମ ଖୋଲା ଅଛି । କିନ୍ତୁ ଚେୟାର ଖାଲି ପଡିଛି। ଉମରକୋଟ ବ୍ଲକ ସେମଲା ପଞ୍ଚାୟତ ବଡ଼ବାସନି ଗ୍ରାମର ଶୁକଚାନ୍ଦ ଶବର ନିଜ ଜମିର ପଟା ପାଇଁ ଦରଖାସ୍ତ ଆବେଦନ କରିବାକୁ ଉମରକୋଟ ତହସିଲ କାର୍ଯ୍ୟାଳୟକୁ ୪ ଦିନ ହେଲା ବାରମ୍ବାର ଆସି ହଇରାଣ ହେବା ସହ ଖର୍ଚ୍ଚାନ୍ତ ହେଉଥିବା ପ୍ରକାଶ କରିଛନ୍ତି। ସେହି ପରି ବେହେଡା ନିକଟସ୍ଥ ଶିରାଗୁଡା ଗ୍ରାମର କୋମଳ ଲୋଚନ ମାଝି ନିଜ ପୁଅ ଜନ୍ମ ସାର୍ଟିଫିକେଟ ପାଇଁ ଚାରିରୁ ପାଞ୍ଚ ଥର ହେଲା ଆସିଲିଣି ଉମରକୋଟ ତହସିଲ ଅଫିସକୁ ଆସୁଛନ୍ତି । କିନ୍ତୁ ଅମଲାମାନଙ୍କ ଆନ୍ଦୋଳନ ଯୋଗୁଁ ନିରାଶ ହୋଇ ଘରକୁ ଫେରୁଥିବା ପ୍ରକାଶ କରିଛନ୍ତି। ସେହିଭଳି ଉମରକୋଟ, ରାଇଘର, ଡାବୁଗାଁ, ଝରୀଗାଁ ବ୍ଲକର ପ୍ରାୟ ୭୦ରୁ ୮୦ ଅମଲା କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ କରି ସମୂହ ଛୁଟିରେ ରହିବା ସହ ଉମରକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଲୋକେ ହଇରାଣ ଘଟଣାକୁ ନେଇ ଅମଲା ସଂଘ ଦୁଃଖ ପ୍ରକାଶ କରିବା ସହ ଆମେ ପ୍ରତ୍ୟେକ କ୍ଷେତ୍ରରେ ସରକାରଙ୍କୁ ସହଯୋଗ କରୁଛୁ, ହେଲେ ସରକାର ଆମର ଦାବିକୁ ନ୍ୟାର୍ଯ୍ୟ ଦାବି କହୁଛନ୍ତି କିନ୍ତୁ ଆମ ଦାବି ମାନୁ ନାହାଁନ୍ତି । ଦଶ ଦଫା ଦାବି ମଧ୍ୟରୁ ସରକାର ଆମର ଦରମା ବୃଦ୍ଧି ପାଇଁ ଯେଉଁ ଦାବି ରହିଛି, ସେହି ଗୋଟିଏ ଦାବି ମାନି ନେଲେ ଆନ୍ଦୋଳନରୁ ଓହରି ଯିବୁ ବୋଲି କହିଛି ସଂଘ । ସରକାର ଯଦି ଆମ ଦାବି ନ ମାନନ୍ତି ତେବେ ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ ଆମେ କାର୍ଯ୍ୟ କରିବୁ ବୋଲି କୁହାଯାଇଛି ।

ସକାଳ
THE SAKALA

# ସମ୍ପାଦକୀୟ




ଶିଶୁମାନଙ୍କ ଅଧିକାରର ସୁରକ୍ଷାଠାରୁ ବଳି ଆଉ ମହତ୍ତ୍ୱପୂର୍ଣ୍ଣ କର୍ତ୍ତବ୍ୟ କିଛି ନାହିଁ।
-କୋଫି ଆନନ୍

## ଅନ୍‌ଲାଇନ୍ ଜୁଆକୁ ନା

ଭାରତରେ ଅନ୍‌ଲାଇନ୍ ମନି ଗେମ୍(କମ୍ପ୍ୟୁଟର, ସ୍ମାର୍ଟଫୋନ୍ ମାଧ୍ୟମରେ ଜୁଆ) ଖେଳକୁ ନିରୁତ୍ସାହିତ କରିବା ଲକ୍ଷ୍ୟରେ ଲୋକସଭାରେ ଗତ ବୁଧବାର ଆଗତ ପ୍ରୋମୋସନ୍ ଆଣ୍ଡ ରେଗୁଲେସନ୍ ଅଫ୍ ଅନ୍‌ଲାଇନ୍ ଗେମିଙ୍ଗ ବିଲ୍-୨୦୨୫ ବହୁମତରେ ପାରିତ ହୋଇଯାଇଛି। ବିଧେୟକରେ ଥିବା ପ୍ରାବଧାନ ଅନୁଯାୟୀ, ଆଇନ୍ ଉଲ୍ଲଙ୍ଘନକାରୀଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ କିମ୍ବା ୧ କୋଟି ଟଙ୍କା ଜୋରିମାନା କିମ୍ବା ଉଭୟ ଭୋଗିବାକୁ ପଡ଼ିପାରେ। ଏହି ବିଧେୟକ ସହିତ ଆମ ସାମାଜିକ ବ୍ୟବସ୍ଥାକୁ ବିପୁଳ କ୍ଷତିଗ୍ରସ୍ତ କରୁଥିବା ଏକ ଅଦୃଶ୍ୟ ବିପର୍ଯ୍ୟୟର ମୁକାବିଲା ଲାଗି ଆଶା ସଞ୍ଚାର ହୋଇଛି। କ୍ଷଣିକେ ଅଜସ୍ର ଅର୍ଥର ଅଧିକାରୀ ହେବାର ଲୋଭ 'ଜୁଆ' ଭଳି ଏକ ସାମାଜିକ ବ୍ୟାଧିକୁ ଜନ୍ମ ଦେଇଥିବା ବେଳେ ଏବେ ଅତ୍ୟାଧୁନିକ ସୂଚନା ପ୍ରଯୁକ୍ତି ଯୁଗରେ ଏହାର ସ୍ୱରୂପ ଆହୁରି ଉନ୍ନତ, ପ୍ରଶସ୍ତ ଓ ଭୟଙ୍କର ହୋଇଛି। ଏବେ ଘରେ ବସି ବିଶ୍ୱର ଯେକୌଣସି ସ୍ଥାନରେ ଜୁଆ ଖେଳାଯାଇପାରୁଛି। ଏହାର ବଜାର ଏତେ ବ୍ୟାପକ ଯେ କୌଣସି ଗୋଟିଏ ସରକାରୀ ସଂସ୍ଥା ଏହାକୁ ନିୟନ୍ତ୍ରଣ କରିପାରିବା ସମ୍ଭବ ନୁହେଁ। ଅପରପକ୍ଷରେ ଏହି କ୍ଷଣିକ ଲୋଭର ଶିକାର ହୋଇ ସର୍ବସ୍ୱାନ୍ତ ହେଉଛନ୍ତି ଦେଶର ଯୁବପିଢ଼ି। ତେଣୁ ଅନ୍‌ଲାଇନ୍ ଜୁଆକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ପାଇଁ ଏକ କଠୋର ଆଇନ ପ୍ରଣୟନ ସପକ୍ଷରେ ବହୁବର୍ଷ ତଳୁ ମତ ପ୍ରକାଶ ପାଇ ଆସୁଥିଲା।

ଅନ୍‌ଲାଇନ୍ ଗେମ୍‌ର ଆବୃତ୍ତି ସହିତ ଏହାର ପରିସର ବୃଦ୍ଧି କେବଳ ବ୍ୟକ୍ତିଗତ ଆର୍ଥିକ କ୍ଷତି ନୁହେଁ, ବରଂ ଜାତୀୟ ବିପତ୍ତି ମଧ୍ୟ ସୃଷ୍ଟି କରୁଛି। ବିଶେଷକରି ଭାରତର ଭଳି ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ବିଶାଳ ଭୂଖଣ୍ଡରେ ଅନ୍‌ଲାଇନ୍ ଗେମ୍ ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏଭଳି ଜୁଆ ସଂସ୍ଥାର ପ୍ରତିଷ୍ଠା ଓ ପରିଚାଳନା ଉପରେ ଆଇନତଃ ଅଙ୍କୁଶ ନଥିବାରୁ ଦିନକୁ ଦିନ ଏମାନଙ୍କ ସଂଖ୍ୟା ବଢ଼ିଚାଲିଛି। ଲୋଭନୀୟ ବିଜ୍ଞାପନରେ ଆକୃଷ୍ଟ ହୋଇ ଏହାର ମାୟାଜାଲ୍‌ରେ ଯୁବପିଢ଼ି ଫସି ଯାଉଛନ୍ତି। ପ୍ରଥମେ କେବଳ ମାମୁଲି ଆର୍ଥିକ ଖେଳ ବା ଜୁଆରୁ ଆରମ୍ଭ ହୋଇଥିବା ଏହି ଅନ୍‌ଲାଇନ୍ ଗେମ୍ ସଂସ୍ଥାଗୁଡ଼ିକ ପରବର୍ତ୍ତୀ ସମୟରେ କ୍ରିପ୍ଟୋକରେନ୍ସି କାରବାର, ହାୱାଲା ବା କଳାଧନ କାରବାର, ଆତଙ୍କବାଦୀ ସଂଗଠନକୁ ଅର୍ଥଚାଳାଣର ମାଧ୍ୟମ ହୋଇ ବିପୁଳ ଲାଭ କରୁଛନ୍ତି।



ଅନ୍‌ଲାଇନ୍ ଗେମ୍‌ର ବିଡ଼ମ୍ବନା ହେଉଛି ଏଥିରେ କେବଳ ସମ୍ପୃକ୍ତ ସଂସ୍ଥା ଲାଭବାନ ହେଉନାହାନ୍ତି, ବରଂ ଜିଏସ୍‌ଟି ବାବଦରେ ରାଜକୋଷ ମଧ୍ୟ ସମୃଦ୍ଧ ହେଉଛି। ଭାରତୀୟ ରାଜକୋଷକୁ ଅନ୍‌ଲାଇନ୍ ଗେମ୍‌ର ଅବଦାନ ବାର୍ଷିକ ପ୍ରାୟ ୨୦ ହଜାର କୋଟି ଟଙ୍କା, ଯାହା ବାର୍ଷିକ ୪୦୦ ପ୍ରତିଶତରୁ ଅଧିକ ହାରରେ ବଢ଼ୁଛି। ପ୍ରାୟ ୨ ଲକ୍ଷ କୋଟି ଟଙ୍କାର କାରବାର କରୁଥିବା ଏହି କ୍ଷେତ୍ରକୁ ଏବେ ଉଦୀୟମାନ ଶିଳ୍ପର ମାନ୍ୟତା ଦିଆଯାଇଛି ଏବଂ ଏକାଧିକ ଶିଳ୍ପ ସଂଘ ମଧ୍ୟ ଜନ୍ମ ନେଇଛନ୍ତି। ଏହି ଶିଳ୍ପର ଉତ୍ପାଦ ବା ଜୁଆ କାରବାର ଉପରେ ୨୮% ଜିଏସ୍‌ଟି ଧାର୍ଯ୍ୟ ହୋଇଛି। ତେଣୁ ଆଖି ସାମ୍ନାରେ ଏଭଳି ଅବୈଧ ଜୁଆ ଚାଲିଥିଲେ ମଧ୍ୟ ସରକାର ଏକପ୍ରକାର ନିରବଦ୍ରଷ୍ଟା ଥିଲେ।

ରାଜକୋଷକୁ ପ୍ରତ୍ୟକ୍ଷ ପ୍ରବାହଠାରୁ ଅର୍ଥନୀତି ପ୍ରତି ଏହାର ପରୋକ୍ଷ କ୍ଷତିର ପରିମାଣ କାହିଁ କେତେ ଅଧିକ ହେଉଥିବା ଗଣନାରୁ ଜଣାପଡ଼ିବା ପରେ ସରକାର ଏବେ ତତ୍ପର ହୋଇଛନ୍ତି ଏବଂ ଅନ୍‌ଲାଇନ୍ ଗେମ୍‌କୁ ଦେଶରେ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଭାରତରେ ଅନ୍‌ଲାଇନ୍ ଗେମ୍ ସମ୍ପୂର୍ଣ୍ଣ ନିଷେଧ ହେଲେ ରାଜକୋଷ ଉପରେ ତତ୍କାଳ କିଛିଟା ପ୍ରଭାବ ପଡ଼ିପାରେ; କିନ୍ତୁ ଦୀର୍ଘମିଆଦୀ ଦୃଷ୍ଟିରୁ ଅର୍ଥନୀତି ପ୍ରତି ହିତକର ହେବ। ସେହିପରି ଅନ୍‌ଲାଇନ୍ ଗେମ୍ ବନ୍ଦ ହେଲେ ଏ କ୍ଷେତ୍ରରେ ନିୟୋଜିତ ପ୍ରାୟ ୨ ଲକ୍ଷ ଲୋକ ଜୀବିକା ହରାଇବେ ବୋଲି ଅଭିଯୋଗ ହେଉଛି। କିନ୍ତୁ ଏହାଦ୍ୱାରା ଯେ ୪୫ କୋଟି ଲୋକ ବର୍ଷକୁ ପ୍ରାୟ ୨୦ ହଜାର କୋଟି ଟଙ୍କା ହରାଉଛନ୍ତି ତାହାକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ।

ସମାଜ ଓ ପରିବାର ଉପରେ ଅନ୍‌ଲାଇନ୍ ଗେମ୍‌ର ପ୍ରଭାବ ବହୁମୁଖୀ। ବିଶେଷକରି ଦେଶର ଭବିଷ୍ୟତ କୁହାଯାଉଥିବା ଯୁବପିଢ଼ି ଉପରେ ଏହାର ନକାରାତ୍ମକ ପ୍ରଭାବ ବଢ଼ିବାରେ ଲାଗିଛି। ଅନ୍‌ଲାଇନ୍ ଗେମ୍‌ରେ ସଫଳତା ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ, ଗବେଷଣା ପ୍ରତି ଅମନଯୋଗୀ କରୁଛି। ଯଦି ମାତ୍ର ୪୯ ଟଙ୍କା ଜମା କରି କ୍ରିକେଟ୍ ଟିମ୍‌ରେ ଖେଳାଳି ବାଛି ରାତାରାତି ଜଣେ କୋଟିପତି ହୋଇଯାଉଛି ସେ ପାଠ ପଢ଼ି ରୋଜଗାର ପନ୍ଥା ଖୋଜିବ କାହିଁକି? ଅନ୍‌ଲାଇନ୍ ଗେମ୍ ଏକ ଶ୍ରମକାତର ଶ୍ରେଣୀ ଓ ସମାଜ ସୃଷ୍ଟି କରୁଛି, ଯାହା ଦେଶର ଅର୍ଥନୀତିକୁ ସ୍ଥାଣୁ କରିଦେଉଛି। ଅରପପକ୍ଷରେ ଅନ୍‌ଲାଇନ୍ ଗେମ୍‌ରେ ବାରମ୍ବାର ବିଫଳତା ନିରାଶା, ହାତାଶା, ଅବସାଦ ଏପରିକି ଆତ୍ମହତ୍ୟାପ୍ରବଣତା ମଧ୍ୟ ସୃଷ୍ଟି କରୁଛି। ତେଣୁ ଏହାର ନିଷେଧ ସର୍ବାଦୌ ଆବଶ୍ୟକ ଏବଂ ତତ୍‌ସଂକ୍ରାନ୍ତୀୟ ଆଇନ ଏକ ଅପରିହାର୍ଯ୍ୟ ଆବଶ୍ୟକତା।

## ପଶୁ-ମାନବାଧିକାରର ଦ୍ୱନ୍ଦ୍ୱ

ପ୍ରମୋଦ ଧଳ

ବଲାଙ୍ଗୀରର ଚିଞ୍ଚେଡ଼ ଗ୍ରାମରେ କୁକୁର କାମୁଡ଼ାରେ ପାଞ୍ଚଟି ଛେଳି ଓ ଦୁଇଜଣ ମଣିଷଙ୍କ ମୃତ୍ୟୁ ଖବର ଖବରକାଗଜରେ ପଢ଼ି ନିକଟରେ ବୁଲାକୁକୁରଙ୍କୁ ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ପରେ ତଥାକଥିତ ପଶୁପ୍ରେମୀଙ୍କ ସେ ରାୟ ବିରୁଦ୍ଧରେ ପ୍ଲାକାର୍ଡ ଧରି ପ୍ରତିବାଦ କରୁଥିବା ଦୃଶ୍ୟ ଦେଖି ପିଲାବେଳ କିଛିକଥା ମନେପଡ଼ିଲା। ସ୍କୁଲ ମାଷ୍ଟ୍ରେ କହୁଥିଲେ, 'ଜୀବନରେ ଯାହା କରିବ ୧୦୦ ପ୍ରତିଶତ କରିବ। ତେବେ ଯାଇ ବଡ଼ ମଣିଷ ହେବ।' ବୋଧେ ଆମ ପଶୁପ୍ରେମୀମାନେ ମାଷ୍ଟରଙ୍କ କଥା ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି ଆଜି। ୧୦୦ ପ୍ରତିଶତ ପଶୁ ପ୍ରେମୀ ଭାବେ ସେମାନଙ୍କ ଦାବି ଯେ ବୁଲାକୁକୁରମାନେ ଲୋକମାନଙ୍କୁ ଆକ୍ରମଣ କରି ମାରିଦିଅନ୍ତୁ ପଛେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ। କିନ୍ତୁ ସବୁକଥାକୁ କ'ଣ ଏକପାଖିଆ ଦେଖି ବିଚାର କରାଯାଏ? ସେଥିରେ ପୁଣି ଗୋଟିଏ ମଝିମଝିଆ ନିର୍ଯାସ ବାହାରେ ନା ନାହିଁ?

ପ୍ରକୃତିର ନିୟମ ହେଲା ପୃଥିବୀପୃଷ୍ଠରୁ ଯଦି ଗୋଟିଏ ମାତ୍ର ପ୍ରାଣୀ ବିଲୁପ୍ତ ହୋଇଯାଏ ତେବେ ସନ୍ତୁଳନ ବିଗିଡ଼ି ଯାଏ। ଯେମିତି ଯଦି ସବୁ ସାପଙ୍କୁ ମାରିଦିଆଯାଏ ତେବେ ଚିନ୍ତାକରନ୍ତୁ ମୂଷା ବେଙ୍ଗ ଇତ୍ୟାଦିଙ୍କ ସଂଖ୍ୟା ଏତେମାତ୍ରାରେ ବଢ଼ିଯିବ ଯେ ମଣିଷ ବଞ୍ଚିବା କଷ୍ଟକର ହୋଇଯିବ। ଅତୀତରେ ବିହାରରେ ବାଘ ସଂଖ୍ୟା ଲୋପ ପାଇବା ଯୋଗୁଁ ଗୋଟିଏ ଅଞ୍ଚଳରେ ନୀଳ ଗାଇ ସଂଖ୍ୟା ଏତେ ମାତ୍ରାରେ ବଢ଼ିଗଲା ଯେ ଚାଷବାସ ସମ୍ଭବ ହେଲାନାହିଁ। ତେଣୁ ସରକାର ନୀଳଗାଈମାନଙ୍କୁ କିଛିସଂଖ୍ୟାରେ ନିପାତ କରିବାକୁ ଆଦେଶ ଦେଇଥିଲେ। ପରିବେଶଗତ ସନ୍ତୁଳନ ଏକ ଗୁରୁତ୍ୱପୂର୍ଣ୍ଣ ଧାରଣା, ଯାହା ମଣିଷ ସମେତ ଜୀବଜନ୍ତୁ ଏବଂ ସେମାନେ ରହୁଥିବା ପରିବେଶ ମଧ୍ୟରେ ଆନ୍ତଃସମ୍ପର୍କକୁ ଗ୍ରହଣ କରେ। ପରିବେଶଗତ ସନ୍ତୁଳନ କହିଲେ ଗୋଟିଏ ପରିବେଶ ମଧ୍ୟରେ ସନ୍ତୁଳନର ଅବସ୍ଥାକୁ ବୁଝାଏ, ଯେଉଁଠାରେ ବିଭିନ୍ନ ଜୀବଜନ୍ତୁ ସମନ୍ୱୟରେ ସହାବସ୍ଥାନ କରନ୍ତି ଏବଂ ସମୟ ସହିତ ସେମାନଙ୍କର ଜନସଂଖ୍ୟା ସ୍ଥିର ରହିବାକୁ ନିଶ୍ଚିତ କରନ୍ତି।

ମଣିଷମାନଙ୍କ ଜନବସତି ଚାରିପାଖରେ ଏହି ବୁଲା କୁକୁରମାନଙ୍କ ଆବଶ୍ୟକତା ବହୁତ ଅଛି। କାରଣ ସେମାନେ ଭଲ ପ୍ରାକୃତିକ ସ୍କାଭେଞ୍ଜର (ଆବର୍ଜନା ସଫାକାରୀ ପଶୁ), ଯାହାଙ୍କ ବିନା ପରିବେଶ ସନ୍ତୁଳନ ମଧ୍ୟ ବିଗିଡ଼ି ଯାଇପାରେ। ତେଣୁ ସବୁବେଳେ ସରକାରଙ୍କ ତରଫରୁ ନିୟନ୍ତ୍ରିତ ବନ୍ଧ୍ୟାକରଣ ପଦ୍ଧତି ଗ୍ରହଣ କରିବାକୁ ପଡ଼ିବ ଏବଂ ଜଳାତଙ୍କ ରୋଗରେ ପୀଡ଼ିତ ବୁଲାକୁକୁରମାନଙ୍କୁ ମାରିଦେବାର ପ୍ରାବଧାନକୁ ମଧ୍ୟ ଗ୍ରହଣ କରିବାକୁ ପଡ଼ିବ। ଯେତେବେଳେ ମଣିଷ ଜୀବନକୁ ବିପଦ ଆସେ କିଛି ସନ୍ତୁଳିତ ନିୟମକୁ ମଧ୍ୟ ଆମ ପଶୁପ୍ରେମୀମାନଙ୍କୁ ଗ୍ରହଣ କରିବାକୁ ପଡ଼ିବ। କେବଳ ଏକପାଖିଆ ବିଚାର କରି ୧୦୦ ପଶୁପ୍ରେମୀ ହୋଇ ପ୍ଲାକାର୍ଡ ଧରି ପଦଯାତ୍ରା କଲେ ଖବରକାଗଜରେ କେବଳ ଫଟୋ ବାହାରି ପାରେ; କିନ୍ତୁ ସମାଜର ଲାଭ କେବେ ହୋଇପାରିବ ନାହିଁ।

୨୦୧୯ ପ୍ରାଣୀଧନ ଗଣନାରୁ ଜଣାପଡ଼ିଛି ଯେ ଓଡ଼ିଶାରେ ୧୭.୩୪ ଲକ୍ଷ ବୁଲା କୁକୁର ଅଛନ୍ତି, ଯାହା ଭାରତରେ ରାଜ୍ୟୱାରୀ ଦ୍ୱିତୀୟ ସର୍ବାଧିକ। ଓଡ଼ିଶାରେ ପ୍ରତି ୧୦୦୦ ଲୋକଙ୍କ ଭିତରେ ପ୍ରାୟ ୩୯-୪୦ କୁକୁର ଅଛନ୍ତି। ଏହାର ଅର୍ଥ ହେଉଛି ଆପଣ ପ୍ରତି ୨୫ ଜଣଙ୍କ ଭିତରେ ଗୋଟିଏ ବୁଲା କୁକୁର ଦେଖିପାରନ୍ତି। ସାରା ରାଜ୍ୟରେ କୁକୁର କାମୁଡ଼ା ଘଟଣା ବୃଦ୍ଧି ପାଇବା ସହିତ ଓଡ଼ିଶା ଏକ ବଢ଼ୁଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେଉଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ କହିବା ଅନୁଯାୟୀ, ଗତ ଛଅ ମାସରେ ପ୍ରାୟ ୧.୫ ଲକ୍ଷ କୁକୁର କାମୁଡ଼ା ମାମଲା ରିପୋର୍ଟ ହୋଇଛି, ଯାହା ପ୍ରତି ମାସରେ ହାରାହାରି ୨୦, ୦୦୦ ରୁ ୩୦, ୦୦୦। ଏହି ଚିନ୍ତାଜନକ ଧାରା ଜନବସତି ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି।

ନିକଟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏକ ଆଦେଶରୁ ଏହି ବିବାଦ ଉପୁଜିଥିଲା। ଗତ ଜୁଲାଇ ୨୮ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ 'ଟାଇମ୍ସ ଅଫ୍ ଇଣ୍ଡିଆ'ର ଦିଲ୍ଲୀ ସଂସ୍କରଣରେ ପ୍ରକାଶିତ 'ସିଟି ହାଉଣ୍ଡେଡ୍ ବାଇ ଷ୍ଟ୍ରେସ୍, କିଡ୍‌ସ ପେ ପ୍ରାଇସ' ଶୀର୍ଷକ ଏକ ଖବରକୁ ଗୁରୁତ୍ୱର ସହ ଗ୍ରହଣ କରି ନିଜ ଆଡୁ ଏ ସଂକ୍ରାନ୍ତୀୟ ବିଚାର କରିଥିଲେ। ଖଣ୍ଡପୀଠ ଉଲ୍ଲେଖ କରିଥିଲେ ଯେ ଏହି ଖବରରେ 'ଅତ୍ୟନ୍ତ ବିଚଳିତକାରୀ ଓ ଚିନ୍ତାଜନକ' ସଂଖ୍ୟା ଓ ତଥ୍ୟ ରହିଛି। ସାମ୍ବାଦିକ କୌଶିକି ସାହାଙ୍କ ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟରେ ଦିଲ୍ଲୀର ପୂଠ୍ କଲାନରେ ଜଣେ ଛଅବର୍ଷୀୟ ବାଳିକା ଚାଭି ଶର୍ମାଙ୍କ କୁକୁର କାମୁଡ଼ାରେ ପ୍ରାଣ ହରାଇଥିବା ବିଷୟ ଉଲ୍ଲେଖ ଥିଲା। ଉକ୍ତ ଘଟଣା ନାଗରିକମାନଙ୍କ ମନରେ କ୍ରୋଧ ସୃଷ୍ଟି କରିଥିଲା। କାମୁଡ଼ା କୁକୁରମାନଙ୍କ ବିଷୟରେ ଅଭିଯୋଗ ସତ୍ତ୍ୱେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଜନଜୀବନ ବିପନ୍ନ ହୋଇପଡ଼ୁଛି ବୋଲି ଜନତା କ୍ଷୋଭ ପ୍ରକାଶ କରିଥିଲେ। ଖଣ୍ଡପୀଠ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ ଯେ ଦେଶରେ ବର୍ଷକୁ ହାରାହାରି ୨୦, ୦୦୦ କୁକୁର କାମୁଡ଼ା ମାମଲା ରେକର୍ଡ ହୋଇଛି, ଯାହା ମଧ୍ୟରୁ ପ୍ରତିଦିନ ହାରାହାରି ୨୦୦୦ ଘଟଣା ଦିଲ୍ଲୀରେ ଘଟୁଛି। ସମାନ ଏକ ଘଟଣାରେ ଗତ ଜୁଲାଇ ୨୩ ତାରିଖରେ ଦିଲ୍ଲୀର ଆଲିପୁର ଅଞ୍ଚଳରେ ଏକ ଚାରିବର୍ଷର ବାଳକ ଅଭିଷେକ ରାୟ ଅଙ୍ଗନବାଡ଼ିରୁ ଫେରୁଥିବା ସମୟରେ ବୁଲା କୁକୁରଙ୍କ ଏକ ଦଳ ଆକ୍ରମଣ କରିଥିଲା। କୁକୁରମାନେ ତାଙ୍କ ମୁହଁକୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଅଧିବାସୀ ଓ ପଥଚାରୀ ତାଙ୍କୁ ଉଦ୍ଧାର କରିଥିଲେ। ଦିଲ୍ଲୀରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଏପରି ବଢ଼ିଯାଇଛି ଯେ ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ଖେଳିବାକୁ ଛାଡ଼ିବା ପାଇଁ ଆଶଙ୍କା ପ୍ରକାଶ କରୁଥିବା ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି। ଏହି ସବୁ ଖବର ଆଧାରରେ ସର୍ବୋଚ୍ଚ ନ୍ୟାୟାଳୟ ଦିଲ୍ଲୀର ଜାତୀୟ ରାଜଧାନୀ ଅଞ୍ଚଳରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେମାନେ ତୁରନ୍ତ ସ୍ଥାନୀୟ ଅଞ୍ଚଳରୁ ବୁଲା କୁକୁରମାନଙ୍କୁ ହଟାଇ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ଆରମ୍ଭ କରନ୍ତୁ।

ଏହାପରେ ସାରା ଦେଶରେ ତଥାକଥିତ ପଶୁପ୍ରେମୀମାନେ ତୁମ୍ବିତୋଫାନ ଆରମ୍ଭ କରିଦେଲେ। ପଶୁପ୍ରେମୀମାନେ ସବୁକଥାକୁ ଏକପାଖିଆ ଭାବେ ବିଚାର କରୁଥିବା ଅଭିଯୋଗ ହୁଏ। ଯଦିଓ ପଶୁମାନଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ-୧୯୬୦ର ଧାରା ୩୮ ଅନୁଯାୟୀ ବୁଲା କୁକୁରମାନଙ୍କୁ ସୁରକ୍ଷା ଦିଆଯାଇଛି, ତଥାପି ବନ୍ୟପ୍ରାଣୀ ସୁରକ୍ଷା ଆଇନର ଧାରା ୧୧ (୧)କ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନଙ୍କୁ ଯେକୌଣସି ସମସ୍ୟାପୂର୍ଣ୍ଣ ବନ୍ୟପ୍ରାଣୀଙ୍କୁ କେବଳ ଯଦି ଧରାଯାଇପାରିବ, ଟ୍ରାଙ୍କୁଲାଇଜ୍ କରାଯାଇପାରିବ ନାହିଁ କିମ୍ବା ସ୍ଥାନାନ୍ତର କରାଯାଇପାରିବ ନାହିଁ ତେବେ ଶିକାର କରିବାକୁ ଅନୁମତି ଦେବାକୁ ଅଧିକାର ଦେଇଥାଏ। ସେହିପରି ଆଇନର ଧାରା ୬୨ କେନ୍ଦ୍ର ସରକାରଙ୍କୁ ସୂଚୀ୧, ସୂଚୀ ୨ ବ୍ୟତୀତ ଅନ୍ୟ ବନ୍ୟପ୍ରାଣୀମାନଙ୍କୁ ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ସମୟ ପାଇଁ ଭରମିନ ବା କୀଟ ଘୋଷଣା କରି ଯେକୌଣସି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁମତି ଦେଇଥାଏ। ସାମ୍ପ୍ରତିକ ଉଦାହରଣ ହେଉଛି ବିହାର ଓ ମହାରାଷ୍ଟ୍ରର ନୀଳଗାଈ, ହିମାଚଳ ପ୍ରଦେଶର ରେସସ୍ ମାକାକ୍। ବନ୍ୟ ଘୁଷୁରୀମାନଙ୍କ ଉପଦ୍ରବରୁ ରକ୍ଷା ପାଇଁ ସେମାନଙ୍କୁ ହତ୍ୟାକରିବାକୁ ପରିବେଶ ମନ୍ତ୍ରଣାଳୟ ସମ୍ପ୍ରତି ରାଜ୍ୟଗୁଡ଼ିକୁ ୧୯୭୨ର ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ 'କୀଟ' ଭାବରେ ଘୋଷଣା କରିବାକୁ ଅନୁମତି ଦେଇଥିଲା। ଏହାଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ବିନା ଶିକାରୀମାନଙ୍କୁ ଶିକାର କରିବାକୁ ଅନୁମତି ଦିଆଯାଇଥିଲା। ଏହା କିଛି ନୂଆ ନୁହେଁ, ଆମେରିକାରେ ମଧ୍ୟ କିଛି ଅଞ୍ଚଳରେ ଖାଦ୍ୟଶୃଙ୍ଖଳ ବଜାୟ ରଖିବା ପାଇଁ ଋତୁକାଳୀନ ବୈଧ ଶିକାର ଆବଶ୍ୟକ ହୋଇଥାଏ। ଅଷ୍ଟ୍ରେଲିଆ ଓ ଆଫ୍ରିକାର କିଛି ଅଂଶରେ ଏଭଳି ବୈଧଶିକାର ବାଣିଜ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି।

ନିୟନ୍ତ୍ରିତ ବନ୍ଧ୍ୟାକରଣ ପଦ୍ଧତିରେ ବୁଲାକୁକୁର ସଂଖ୍ୟାକୁ ସୀମିତ ରଖି ସାଧାରଣ ଜନଜୀବନକୁ ସୁରକ୍ଷା ଦେବା ସରକାରଙ୍କ ଦାୟିତ୍ୱ। ସରକାରଙ୍କ ଏହି ଦାୟିତ୍ୱ ତୁଲାଇବାରେ ପଶୁପ୍ରେମୀମାନଙ୍କ ସହିତ ଆମ ସମସ୍ତଙ୍କୁ ଏ ଦିଗରେ ସରକାରଙ୍କୁ ସହଯୋଗ କରିବାକୁ ହେବ।

ଭୁବନେଶ୍ୱର, ମୋ: ୭୦୦୮୮୧୦୧୧୨

## ଅବକ୍ଷୟମୁଖୀ ଚିଲିକା

ଦୀନବନ୍ଧୁ ଅଧିକାରୀ

ଚିଲିକା ଏସିଆ ମହାଦେଶର ସର୍ବବୃହତ କ୍ଷାରୀୟ ହ୍ରଦ। ଏହା ଅବିଭକ୍ତ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଦ୍ୱାରା ପରିବେଷ୍ଟିତ। ୫୨ ଗୋଟି ଛୋଟବଡ଼ ନଦୀନାଳ ଚିଲିକାରେ ମିଶିଛନ୍ତି। ୧୪୨ ଖଣ୍ଡ ମତ୍ସ୍ୟଜୀବୀ ଗ୍ରାମବାସୀ ଚିଲିକା ଉପରେ ନିର୍ଭର କରନ୍ତି। ଏହି ମତ୍ସ୍ୟଜୀବୀମାନେ ହେଲେ ଦଳିତ ଓ ଚାଷ ଜମି ବିହୀନ ମଣିଷ। ଚିଲିକା ହେଲା ମତ୍ସ୍ୟଜୀବୀଙ୍କର ଭାତହାଣ୍ଡି। ଅର୍ଥ ବ୍ୟବସ୍ଥାରେ ପ୍ରାୟ ସମସ୍ତେ ଦାରିଦ୍ର ସୀମା ରେଖା ତଳେ ତାଲିକାଭୁକ୍ତ। ସରକାରୀ ଚାଉଳ ସହାୟତାରେ ନିର୍ଭରଶୀଳ।

ଚିଲିକା ଆୟତନ ବର୍ଷାଦିନେ ୧୧୬୫ ବର୍ଗଫୁଟ ଏବଂ ଖରାଦିନରେ ୯୦୫ ବର୍ଗଫୁଟ। ଏହାର ଦୈର୍ଘ୍ୟ ୬୪.୩ କି.ମି ଏବଂ ସର୍ବାଧିକ ପ୍ରସ୍ଥ ୧୮ କି.ମି। ଏହାର ଲବଣାକ୍ତ ୦.୩୭% ରୁ ୧୦.୮୭%। ପାଣିର ଫୋଟସିନ୍ଥେସିସ୍ ମାତ୍ର ୫-୬ ଅମ୍ଳଯୁକ୍ତ। ଦ୍ରବୀଭୂତ ଅମ୍ଳଜାନର ମାତ୍ରା କମିଯାଇ ଲିଟର ପିଛା ୩-୪ ମି.ଗ୍ରା। ଏହା ଦୁଇଟି ନାଳ ଦ୍ୱାରା ସମୁଦ୍ର ସହ ସଂଯୋଗ ଅଛି। ଗୋଟିଏ ପାଲୁର କେନାଲ ଓ ଅନ୍ୟଟି ମଗରମୁଖ। ଚିଲିକାରେ ଶୀତଦିନରେ ପ୍ରାୟ ୧୦ ଲକ୍ଷ ପକ୍ଷୀ ସମାଗମ ହୁଅନ୍ତି ଏବଂ ୨୨୫ ପ୍ରକାରର ପକ୍ଷୀ ଦେଖାଯା'ନ୍ତି। ପ୍ରାୟ ୨୬୦ ପ୍ରକାରର ମାଛ, ୩୭ ପ୍ରକାରର ସରୀସୃପ ଏବଂ ୧୮ ପ୍ରକାରର ଜଳଜୀବ ଚିଲିକାରେ ପରିଦୃଷ୍ଟ ହୁଏ। ତେଣୁ ଚିଲିକାକୁ ଜୈବ ବିବିଧତାର କେନ୍ଦ୍ରସ୍ଥଳ କୁହାଯାଏ।



ଚିଲିକା ପଟୁମାଟିରେ ପୋତି ହୋଇଗଲାଣି। ପ୍ଲାଷ୍ଟିକ, ଜାଲ, ଜରି ଓ ଯନ୍ତ୍ରଚାଳିତ ଡଙ୍ଗା ଏହାର ଜଳକୁ ପ୍ରଦୂଷିତ କରୁଛି। ବେଆଇନ ଚିଙ୍ଗୁଡ଼ି ଚାଷ ଦ୍ୱାରା ଚିଲିକାର ପାଣି ବିଷାକ୍ତ ହେଉଛି। ବିଶ୍ୱ ତାପମାତ୍ରାର ବୃଦ୍ଧି, ଜଳବାୟୁର ପରିବର୍ତ୍ତନ ଓ ପ୍ରଦୂଷଣ ଜୀବଜଗତ ଉପରେ କୁପ୍ରଭାବ ପକାଉଛି। ଚିଲିକାର ମତ୍ସ୍ୟବଂଶ ବିଲୋପ ଘଟିବାକୁ ଲାଗିଲାଣି। ସଘନ ଓ ଅର୍ଦ୍ଧସଘନ ମତ୍ସ୍ୟଚାଷ ଦ୍ୱାରା ପରିବେଶ ଉପରେ କଳାଛାଇ ଘୋଟିଲାଣି।

୧୯୮୧ ମସିହାରେ ରାମ୍‌ସାର ସାଇଟ୍‌ରେ ଚିଲିକା ସ୍ଥାନ ପାଇଛି। ଏଥିପାଇଁ ଏହାର ରକ୍ଷଣାବେକ୍ଷଣ ପାଇଁ ଓଡ଼ିଶା ସରକାର ୧୯୮୨ରେ ସିଡିଏ ବା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଗଠନ କରିଥିଲେ। କିନ୍ତୁ ସିଡିଏ ଲକ୍ଷ୍ୟଚ୍ୟୁତ ହୋଇଥିବା ଅଭିଯୋଗ ହେଉଛି।

ସଂପ୍ରତି ସରକାର ସାତପଡ଼ାରୁ ଜହ୍ନିକୁଦା ପର୍ଯ୍ୟନ୍ତ ୭ କି.ମି ସେତୁ ନିର୍ମାଣ ପାଇଁ ଚିନ୍ତା କରୁଛନ୍ତି। ଯାହାଫଳରେ କି ସମୁଦ୍ରରୁ ଚିଲିକା ଯାଆଁଳ ପ୍ରବେଶର ବାଧାସୃଷ୍ଟି ହେବ। ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇବ। ଉପକୂଳ ପରିଚାଳନା ଅଞ୍ଚଳ ଆଇନର ଏହା ବିରୋଧ କରୁଛି। ପରିବେଶ(ସୁରକ୍ଷା) ଆଇନ ୧୯୮୬, ବାୟୁ(ପ୍ରଦୂଷଣ ନିୟନ୍ତ୍ରଣ ଓ ନିବାରଣ ଆଇନ୧୯୮୧ର ମଧ୍ୟ ଏହା ବିରୁଦ୍ଧାଚରଣ କରୁଛି। ସର୍ବୋପରି ସମ୍ବିଧାନ ଧାରା ୫୧ (ଏ) ଜି) ଉଲଙ୍ଘନ କରୁଛି।

ଜଙ୍ଗଲ, ହ୍ରଦ, ନଦୀ ଏବଂ ଜୀବଜନ୍ତୁଙ୍କ ସହିତ ପାକୃତିକ ପରିବେଶ ସୁରକ୍ଷା ଓ ଉନ୍ନତି, ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ରକ୍ଷା କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ। ଏହିସବୁ ଆଇନକୁ ଅସ୍ତ୍ର କରି ଚିଲିକାର ସୁରକ୍ଷା ହୋଇପାରିବ। ଚିଲିକା ମତ୍ସ୍ୟଜୀବୀଙ୍କ ଯାଗାକୁ ଦଳିତ ନିର୍ଯାତନା ଆଇନ ଦ୍ୱାରା ସୁରକ୍ଷା ଦିଆଯାଇପାରିବ। ଓଡ଼ିଶା ସରକାର ୨୦୧୭ରେ ଏକ ବିଲ ଆଣିଥିଲେ। ତାହା 'ଓଡ଼ିଶା ରେଗୁଲେସନ୍ ଅଫ୍ ଫିସିଙ୍ଗ ଆଣ୍ଡ ଫିସରମ୍ୟାନ୍ ଇନ୍ ଚିଲିକା ଲେକ୍ ବିଲ୍ ୨୦୧୭' ନାମରେ ନାମିତ। ଚିଲିକାର ସୁରକ୍ଷା ପାଇଁ ତାହା ଆଇନରେ ପରିଣତ ହେବା ଆବଶ୍ୟକ। ଏଥିସହିତ ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କ ସଂଜ୍ଞା ଏବଂ ଅଧିକାର ସୁସ୍ପଷ୍ଟ ହେବା ଆବଶ୍ୟକ। ଚିଲିକା ଚତୁଃପାର୍ଶ୍ୱରେ ବନ୍ଧ ନିର୍ମାଣ କରି ବନ୍ୟା ଦାଉରୁ ରକ୍ଷା କରିବାକୁ ପଡ଼ିବ। ମଜବୁତ ବନ୍ଧ, ସାଗରମାଳା ପ୍ରକଳ୍ପ ଦ୍ୱାରା ଚିଲିକା, ସମୁଦ୍ର ନଷ୍ଟ ହେବ। ବେଳା ଭୂମିଦ୍ୱାରା ଅନେକ କ୍ଷତି ହେବ। ନୀଳ ଅର୍ଥନୀତି ପୁଞ୍ଜିପତିଙ୍କୁ ଅଧିକ ଧନୀ କରିବ ଏବଂ ଶ୍ରମିକଙ୍କ ଶ୍ରମକୁ ଶୋଷଣ କରିବ। ଅବକ୍ଷୟମୁଖୀ ଚିଲିକାର ପୁନଃଉଦ୍ଧାର ହେଉ। ସମସ୍ତ ଅଣମତ୍ସ୍ୟଜୀବୀଙ୍କ ବେଆଇନ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲାଗୁ।

(ପ୍ରାକ୍ତନ ଉପଶ୍ରମ କମିଶନର)
ଭୁବନେଶ୍ୱର, ମୋ: ମୋ ୮୦୯୩୧୮୪୨୮୮

## କାଶୀରେ ପୂଜା ପାଆନ୍ତି ତ୍ରିଜଟା

ଓଜସ୍ୱିନୀ

ରାମାୟଣର ଅରଣ୍ୟକାଣ୍ଡରେ ତ୍ରିଜଟାଙ୍କ ଚରିତ୍ର ବିଷୟରେ ଉଲ୍ଲେଖ ଅଛି। ଅସୁରରାଜ ରାବଣ ମାତା ସୀତାଙ୍କୁ ଅପହରଣ କରିନେବା ପରେ ଅଶୋକବାଟିକାରେ ରଖିଥିଲେ। ମାତା ସୀତାଙ୍କୁ ନଜର ବନ୍ଦୀ କରି ରଖିବା ପାଇଁ ଯେଉଁ କେତେକ ଅସୁରୁଣୀଙ୍କୁ ରାବଣ ନିୟୋଜିତ କରିଥିଲେ ସେମାନଙ୍କ ମଧ୍ୟରେ 'ତ୍ରିଜଟା' ଥିଲେ ଅନନ୍ୟ। ତାଙ୍କର ଜନ୍ମ ଅସୁର କୁଳରେ ହୋଇଥିଲେ ମଧ୍ୟ ସେ ଦେବୋପମ ଗୁଣର ଅଧିକାରୀ ଥିଲେ। ତାଙ୍କର ବିଶେଷଗୁଣ ହେଉଛି ସେ ଥିଲେ ରାମଭକ୍ତ। ତେଣୁ ମାତା ସୀତାଙ୍କୁ ସେ ସଦାସର୍ବଦା ସେବାଶୁଶ୍ରୂଷା କରୁଥିଲେ ଏବଂ ରକ୍ଷାକର୍ତ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଅସାଧାରଣ ପାଣ୍ଡିତ୍ୟର ଅଧିକାରିଣୀ ତ୍ରିଜଟା ଥିଲେ ସର୍ବୋତ୍ତମ ଭବିଷ୍ୟବକ୍ତା। ମାତା ସୀତାଙ୍କର ଘୋର ଅବସାଦ ଓ ଦୁର୍ଦ୍ଦିନ ସମୟରେ ତ୍ରିଜଟା ତାଙ୍କୁ ସାନ୍ତ୍ୱନା ଦେବା ସହିତ ତାଙ୍କର ସ୍ୱପ୍ନ ସମ୍ପର୍କରେ ଅବଗତ କରାଇଥିଲେ। ତ୍ରିଜଟା କହିଥିଲେ ଯେ, 'ମୁଁ ସ୍ୱପ୍ନ ଦେଖିଛି ଯେ, କେହି ଜଣେ ବାନର ସୁବର୍ଣ୍ଣ ଲଙ୍କାକୁ ଜାଳି ଦେବ, ରାବଣଙ୍କ ବିନାଶ ହେବ ଏବଂ ଶ୍ରୀରାମ ଖୁବ୍ ଶୀଘ୍ର ତୁମକୁ ଏଠାରୁ ମୁକ୍ତ କରି ନେଇଯିବେ।' ତ୍ରିଜଟାଙ୍କ ଏଭଳି ସ୍ନେହପୂର୍ଣ୍ଣ ବ୍ୟବହାର ପାଇଁ ମାତା ସୀତା ତ୍ରିଜଟାଙ୍କୁ 'ମାତା' ବୋଲି ସମ୍ବୋଧନ କରୁଥିଲେ। ଅନ୍ୟ କେତେକ ପୌରାଣିକ ମତ ଅନୁସାରେ ତ୍ରିଜଟାଙ୍କୁ ବିଭୀଷଣଙ୍କ ପୁତ୍ରୀ ବୋଲି ମଧ୍ୟ ଉଲ୍ଲେଖ କରାଯାଇଛି। ଅନ୍ୟ କିଛି ପୌରାଣିକ ମତ ଅନୁସାରେ ତ୍ରିଜଟାଙ୍କ ମୁଣ୍ଡରେ ଜ୍ଞାନ, ଭକ୍ତି ଓ ବୈରାଗ୍ୟର ପ୍ରତୀକ ଭାବେ ତିନୋଟି ଜଟା ଥିବାରୁ ତାଙ୍କର ନାମ ତ୍ରିଜଟା ହୋଇଥିଲା।

### ବିଚିତ୍ର ବିଶ୍ୱାସ

ପୌରାଣିକ କଥାବସ୍ତୁକୁ ଆଧାର କରି ଭୋଳାନାଥଙ୍କ ପ୍ରିୟ ନଗରୀ କାଶୀରେ ଅସୁରୁଣୀ ତ୍ରିଜଟାଙ୍କୁ ଦେବୀ ରୂପରେ ପୂଜା କରାଯାଉଛି। କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ତ୍ରିଜଟାଙ୍କ ମନ୍ଦିର ଅଛି। ଏହି ମନ୍ଦିରକୁ ପ୍ରତିଦିନ ଶ୍ରଦ୍ଧାଳୁମାନେ ଦର୍ଶନ କରିବାକୁ ଆସିଥା'ନ୍ତି। କିନ୍ତୁ ବର୍ଷକୁ କେବଳ ଗୋଟିଏ ଦିନ, ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମା ପରଦିନ ତ୍ରିଜଟାଙ୍କୁ ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଏ। ମାତା ସୀତାଙ୍କ ବରଦାନ ଯୋଗୁଁ ଏହି ଗୋଟିଏ ଦିନ ତ୍ରିଜଟାଙ୍କୁ ଦେବୀ ଭାବେ ପୂଜା କରାଯିବାର ବିଧି ରହିଛି। ମାତାଙ୍କୁ ମୂଳା ଓ ବାଇଗଣ ଭୋଗ ଭାବେ ଅର୍ପଣ କରାଯାଇଥାଏ।

ତ୍ରିଜଟାଙ୍କ ମନ୍ଦିର କାଶୀରେ ସ୍ଥାପନା ହେବା ଏବଂ ପୂଜାର୍ଚ୍ଚନା ସମ୍ପର୍କରେ ଏକ ପୌରାଣିକ ଆଖ୍ୟାନ ଅଛି। ଶ୍ରୀରାମ ରାବଣଙ୍କୁ ବଧ କରିବା ପରେ ମାତା ସୀତାଙ୍କୁ ଅଶୋକବାଟିକାରୁ ଆଣିବା ସମୟରେ ତ୍ରିଜଟା କିଛି ଦୂର ତାଙ୍କ ସହ ଆସିଥିଲେ। ତ୍ରିଜଟାଙ୍କୁ ନିଜ ସହିତ ଅଯୋଧ୍ୟା ନେବା ମାତା ସୀତାଙ୍କ ପକ୍ଷେ ସମ୍ଭବ ନଥିଲା। ତେଣୁ ମାତା ସୀତା ତ୍ରିଜଟାଙ୍କୁ ଶୁଭ ବିଦାୟ ସହିତ ବରଦାନ ଦେଇ କହିଥିଲେ ଯେ, 'ମହାଦେବଙ୍କ ନଗରୀ କାଶୀରେ ତୁମର ମୋକ୍ଷ ପ୍ରାପ୍ତ ହେବ। ତୁମେ ଅନନ୍ତ କାଳ ପାଇଁ କାଶୀରେ ଦେବୀ ଭାବେ ସ୍ଥାପିତ ହେବ। କାର୍ତ୍ତିକ ପୂର୍ଣ୍ଣିମା ବ୍ରତ କରିଥିବା ସମସ୍ତ ଶ୍ରଦ୍ଧାଳୁ ପୂର୍ଣ୍ଣିମା ପରଦିନ ତ୍ରିଜଟା ନାମକ ସ୍ନାନ କରିବେ ଏବଂ ବିଧି ଅନୁସାରେ ତୁମର ପୂଜାର୍ଚ୍ଚନା କରିବେ। ତ୍ରିଜଟା ସ୍ନାନ ବିନା ତାଙ୍କର ବ୍ରତ ସଂକଳ୍ପ ସମ୍ପୂର୍ଣ୍ଣ ହେବ ନାହିଁ।' ମାତା ସୀତାଙ୍କ ଠାରୁ ଏହି ବରଦାନ ପ୍ରାପ୍ତି ପରେ ତ୍ରିଜଟା କାଶୀ ଯାଇ ତପସ୍ୟାରେ ମଗ୍ନ ହେଲେ।

ଶ୍ରଦ୍ଧାଳୁମାନେ କାର୍ତ୍ତିକ ପୂର୍ଣ୍ଣିମା ପରଦିନ ଭୋରୁ ସ୍ନାନ ସାରି ମାଟିରେ ମାତା ତ୍ରିଜଟାଙ୍କ ଏକ ମୂର୍ତ୍ତି ତିଆରି କରନ୍ତି କିମ୍ବା ତ୍ରିଜଟାଙ୍କ ଫଟୋଚିତ୍ର ପ୍ରସ୍ତୁତ କରି ତାହାକୁ ବିଧିପୂର୍ବକ ପୂଜାର୍ଚ୍ଚନା କରନ୍ତି। ଏହାପରେ ସେହି ମୂର୍ତ୍ତି ବା ଫଟୋକୁ ଜଳରେ ବିସର୍ଜନ କରାଯାଏ। ତା'ପରେ ଭକ୍ତମାନେ ତ୍ରିଜଟାଙ୍କ ଉଦ୍ଦେଶ୍ୟରେ ପବିତ୍ର ନଦୀ କିମ୍ବା ଜଳାଶୟରେ ବୁଡ଼ ପକାଇଥା'ନ୍ତି। ଏହାପରେ ତ୍ରିଜଟାଙ୍କ ମନ୍ଦିରକୁ ଯାଇ ଦର୍ଶନ କରି ଅନ୍ନଜଳ ଗ୍ରହଣ କରନ୍ତି। କାର୍ତ୍ତିକ ପୂର୍ଣ୍ଣିମା ପରଦିନ ତ୍ରିଜଟାଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ହୁଏ। ବିଶ୍ୱାସ ରହିଛି ଯେ, ଏହିଦିନ ଶ୍ରଦ୍ଧାଳୁମାନେ ମାତାଙ୍କ ଦର୍ଶନ କରିବା ଦ୍ୱାରା ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ। ବିଶେଷକରି ବିବାହିତାମାନେ ସ୍ୱାମୀଙ୍କର ଦୀର୍ଘାୟୁ କାମନା କରି ମାତା ତ୍ରିଜଟାଙ୍କ ପୂଜାର୍ଚ୍ଚନା କରିଥା'ନ୍ତି। କେତେଜଣ ଭକ୍ତ ତିନିଦିନରେ ତିନିଥର ଏବଂ ଆଉ କେତେଜଣ ଗୋଟିଏ ଦିନରେ ତିନିଥର ବୁଡ଼ ପକାଇ ତ୍ରିଜଟା ସ୍ନାନ ବିଧି ପୂରଣ କରିଥା'ନ୍ତି। ତ୍ରିଜଟାଙ୍କ ନାମ ସ୍ମରଣ କରି ତିନିଥର ବୁଡ଼ ପକାଇବା ଦ୍ୱାରା ପୌଷ, ମାଘ ଓ ଫାଲଗୁନ ପୂର୍ଣ୍ଣିମାର ପୁଣ୍ୟଫଳ ମଧ୍ୟ ପ୍ରାପ୍ତି ହୋଇଥାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ କେନ୍ଦୁଝର ଜିଲ୍ଲା ଖଣିଜ ପାଣ୍ଠି ବିନିଯୋଗରେ ଅନିୟମିତତା ପ୍ରସଂଗ

## ଏସଏଲସି ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୧।୮ (ସମିସ): କେନ୍ଦୁଝର ଜିଲ୍ଲା ଖଣିଜ ପାଣ୍ଠି ବିନିଯୋଗରେ ଅନିୟମିତତା ଅଭିଯୋଗ ନେଇ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାର ଅଧିକ ସମୟ ଲୋଡିଥିବା ବେଳେ ପରବର୍ତ୍ତୀ ଶୁଣାଣି ପୂର୍ବରୁ ରାଜ୍ୟ ସ୍ତରୀୟ କମିଟି(ଏସଏଲସି) ରିପୋର୍ଟ ଦାଖଲ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ରାଜ୍ୟସ୍ତରୀୟ କମିଟି (ଏସଏଲସି) ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି। ବିଭିନ୍ନ ବିଭାଗ ଜିଲ୍ଲା ଖଣିଜ ପାଣ୍ଠି ସଂପର୍କିତ ତଦନ୍ତ ରିପୋର୍ଟ ଦାଖଲ କରିବା ପରେ ଏସଏଲସି ହାଇକୋର୍ଟରେ ଏ ସଂପର୍କିତ ବିସ୍ତୃତ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବ ବୋଲି ସରକାର ଅବଗତ କରିଛନ୍ତି। ଅକ୍ଟୋବର ୨୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ମାମଲାରୁ ପ୍ରକାଶ ଯେ କେନ୍ଦୁଝର ଜିଲ୍ଲାରେ ଖଣିଜ ପାଣ୍ଠି ଖର୍ଚ୍ଚରେ ମାଇନ୍ସ ଆଣ୍ଡ ମିନେରାଲ୍ସ ଡେଭେଲପମେଣ୍ଟ ଆଣ୍ଡ ରେଗୁଲେସନ୍ ଆଇନ, ୧୯୫୭ ଓ ୨୦୧୫ର ନିୟମାବଳୀର ବ୍ୟାପକ ଉଲ୍ଲଙ୍ଘନ ହୋଇଥିବା ଆବେଦନକାରୀ ଦର୍ଶାଇଥିଲେ। ହାଇକୋର୍ଟ ଆବେଦନକାରୀଙ୍କ ଅଭିଯୋଗର ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବାକୁ ଏସଏଲସିକୁ ଗତ ଜାନୁଆରି ୨ରେ ନିର୍ଦ୍ଦେଶ ଦେଇଥିଲେ।

କେନ୍ଦୁପତ୍ର ଶ୍ରମିକଙ୍କ ସାମାଜିକ ନିରାପତ୍ତାକୁ ଉପେକ୍ଷା

## ଅର୍ଥ ବିଭାଗରେ ପଡ଼ିରହିଛି ୧୨୦ କୋଟି ବଜେଟ ଅର୍ଥ

ଭୁବନେଶ୍ୱର,୨୧।୮ (ସମିସ): ରାଜ୍ୟର କେନ୍ଦୁପତ୍ର ତୋଳାଳୀ, ବନ୍ଧେଇ ଶ୍ରମିକ ଏବଂ ସିଜିନାଲ କର୍ମଚାରୀ ମାନଙ୍କ ସାମାଜିକ ନିରାପତ୍ତା ତଥା କଲ୍ୟାଣ ପାଇଁ ଚଳିତ ବର୍ଷର ବଜେଟରେ ୧୨୦ କୋଟି ଟଙ୍କା ପ୍ରାବଧାନ କରିଛନ୍ତି। ଏହା ବିଧାନ ସଭାରେ ମଞ୍ଜୁରୀ ଲାଭ କରିଛି। ଏହି ମଞ୍ଜୁରୀପ୍ରାପ୍ତ ୧୨୦ କୋଟି ଟଙ୍କା ଅର୍ଥ ରାଶି ଅର୍ଥ ବିଭାଗ ହାତରେ ଅଛି। ହେଲେ ବର୍ତ୍ତମାନ ଏହି ପରିମାଣ ଅର୍ଥ ଜଙ୍ଗଲ ବିଭାଗ ଜରିଆରେ ଅର୍ଥ ବିଭାଗ 'କେନ୍ଦୁପତ୍ର ସଂସ୍ଥାର କେନ୍ଦୁପତ୍ର ଉନ୍ନୟନ ପାଣ୍ଠି'କୁ ହସ୍ତାନ୍ତର କରାଯିବାର ସମୟ ଆସିଥିଲେ ମଧ୍ୟ ଏହା କରାଯାଇ ନାହିଁ। ଯାହାଫଳରେ କେନ୍ଦୁପତ୍ର କର୍ମଚାରୀଙ୍କ ସାମାଜିକ ନିରାପତ୍ତା ପ୍ରଭାବିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ

### କେନ୍ଦୁପତ୍ର ସଂସ୍ଥାକୁ ଶୀଘ୍ର ହସ୍ତାନ୍ତର କରିବାକୁ ସଂଘର ଦାବି

କୁମାର ମହାନ୍ତି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କୁ ଚିଠି କେନ୍ଦୁପତ୍ର ସଂସ୍ଥାକୁ ବଜେଟ ମଞ୍ଜୁରୀପ୍ରାପ୍ତ ଅର୍ଥ ଯଥାଶୀଘ୍ର ହସ୍ତାନ୍ତର କରିବାକୁ ଜଣାଇଛନ୍ତି। ଏହି ବିଷୟରେ ଏକ ପୂର୍ବ ଚିଠିରେ ଶ୍ରୀ ମହାନ୍ତି ଅର୍ଥ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ଏହି ପ୍ରସଙ୍ଗ ସହିତ ଅନ୍ୟାନ୍ୟ ପ୍ରସଙ୍ଗ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ବ୍ୟତୀତ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଏହି ପ୍ରସଙ୍ଗକୁ ତ୍ୱରାନ୍ୱିତ କରିବାକୁ ଏହାର ପ୍ରତିଲିପିରେ ଜଣାଇଛନ୍ତି। ଉକ୍ତ ୧୨୦ କୋଟି ଟଙ୍କା କେନ୍ଦୁପତ୍ର ସଂସ୍ଥାକୁ ହସ୍ତାନ୍ତର ହେଲେ ଉକ୍ତ ସଂସ୍ଥା ଏହି ସଂସ୍ଥାରେ କାର୍ଯ୍ୟରତ ଲକ୍ଷ ଲକ୍ଷ ତୋଳାଳୀ, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କ ସାମାଜିକ ନିରାପତ୍ତା ତଥା କଲ୍ୟାଣ ନିମନ୍ତେ ସବିଶେଷ ପ୍ରସ୍ତାବ କରି ସେମାନଙ୍କ ମଧ୍ୟରେ ବଣ୍ଟନର ବ୍ୟବସ୍ଥା କରିବେ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ରାଜ୍ୟର କେନ୍ଦୁପତ୍ର ତୋଳାଳୀ, ବନ୍ଧେଇ ଶ୍ରମିକ ଏବଂ ସିଜିନାଲ କର୍ମଚାରୀମାନଙ୍କ ସାମାଜିକ ନିରାପତ୍ତା ତଥା କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କୁ ଚଳିତ ବଜେଟରେ ୨୦୦ କୋଟି ଟଙ୍କା ପ୍ରାବଧାନ କରିବାକୁ ଦାବି କରିଥିଲେ। ଏହି ଦାବି ଅନୁଯାୟୀ ଉପରୋକ୍ତ ଶ୍ରେଣୀର ସମସ୍ତ ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ପାଇଁ ଚଳିତ ବର୍ଷ ବଜେଟରେ ୧୨୦ କୋଟି ଟଙ୍କା ପ୍ରାବଧାନ କରିଛନ୍ତି।


**ପୂର୍ବ ତଟ ରେଳପଥ**

(1) ବିଜ୍ଞପ୍ତି ସଂ. e-Tender-Elect-G-31-25
କାର୍ଯ୍ୟର ବିବରଣୀ : ନୟାଗଡ଼ ଷ୍ଟେସନ ଠାରେ ହାଇମାଷ୍ଟ ବ୍ୟବସ୍ଥା ସହିତ ଆଲୋକ ସୁବିଧାର ବୃଦ୍ଧିକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 1,43,45,370.56, EMD (₹) : 2,21,700.00 ।

(2) ବିଜ୍ଞପ୍ତି ସଂ. e-Tender-Elect-G-32-25
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ କେନ୍ଦ୍ରୀକୃତ ଏବଂ ଡିଷ୍ଟ୍ରିବ୍ୟୁଟେଡ୍ ରିଲେ ରୁମ୍‌ଗୁଡ଼ିକରେ ସଠିକତା(Precision) ଟାଇପ୍ ଏୟାର କଣ୍ଡିସନର ଗୁଡ଼ିକର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 5,38,43,954.20, EMD (₹) : 4,19,200.00 ।

(3) ବିଜ୍ଞପ୍ତି ସଂ. e-Tender-Elect-G-33-25
କାର୍ଯ୍ୟର ବିବରଣୀ : କ୍ୟାରେଜ୍ ଏବଂ ୱାଗନ ଡିପୋ/ ଅନୁଗୁଳ(ANGL), କଟକ(CTC), ଖୋର୍ଦ୍ଧା ରୋଡ଼ (KUR) ଏବଂ ପାରାଦ୍ୱୀପ(PRDP) ଠାରେ ୱେଲ୍ଡିଙ୍ଗ୍ ସମୟରେ CTRB ର ସୁରକ୍ଷା ନିମନ୍ତେ ୱାଗନଗୁଡ଼ିକର ଉପଯୁକ୍ତ ଆର୍ଥିଙ୍ଗ୍ ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 1,65,75,236.60, EMD (₹) : 2,32,900.00 ।

(4) ବିଜ୍ଞପ୍ତି ସଂ. e-Tender-Elect-G-34-25
କାର୍ଯ୍ୟର ବିବରଣୀ : 3 ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳରେ ସମ୍ପୂର୍ଣ୍ଣ ସିଷ୍ଟମ୍‌ର ୱେବ୍ ଆଧାରିତ ପମ୍ପ ଅଟୋମେସନ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 23,46,761.16, EMD (₹) : 46,900.00 ।

ଶେଷ ହେବା ଅବଧି : 04 ମାସ (କ୍ରମ ସଂ. 1 ଏବଂ 3 ପାଇଁ), 06 ମାସ (କ୍ରମ ସଂ. 2 ପାଇଁ) ଏବଂ 36 ମାସ (କ୍ରମ ସଂ. 4 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.09.2025ରିଖ 1500 ଘଟିକାରେ (ସମସ୍ତ କ୍ରମ ସଂ. ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ଼

PR-479/Q/25-26


■ ଫରେଷ୍ଟର ବିଭୂତି ପ୍ରଧାନଙ୍କୁ ହତ୍ୟା ଘଟଣା

## ଏସ୍‌ସିବିରେ କଏଦୀଙ୍କ ମୃତ୍ୟୁ

ହିନ୍ଦୋଳ,୨୨।୮ (ସମିସ): ହିନ୍ଦୋଳ ଫରେଷ୍ଟ ରେଞ୍ଜ ତଣ୍ଟିଚିରା ନିକଟରେ ଶିକାରୀଙ୍କ ଗୁଳିରେ ଫରେଷ୍ଟର୍ ବିଭୂତି ପ୍ରଧାନଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ଆଜି କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ତେବେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁକୁ ତାଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି। ଜେଲ୍‌ରେ ତାଙ୍କୁ ନିର୍ଯାତନା ଦିଆଯାଉଥିଲା ଏବଂ ଏଥିଯୋଗୁଁ

**ହତ୍ୟା ଅଭିଯୋଗ ଆଣିଲେ ପରିବାର**



ତାଙ୍କର ମୃତ୍ୟୁ ହୋଇଥିବା ପରିବାରଲୋକ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ପରିବାରଲୋକ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ସୂଚନାନୁଯାୟୀ, ୨ମାସ ତଳେ ଫରେଷ୍ଟର୍ ବିଭୂତିଙ୍କ ହତ୍ୟା ଘଟଣାରେ ପୁଲିସ୍ ପୂର୍ଣ୍ଣଚନ୍ଦ୍ରଙ୍କ ସମେତ ଲକ୍ଷ୍ମୀଧର ଆଲୋକ, ଶିବରାମ ପ୍ରଧାନ ଓ ସୁନୀଲ କୁମାର ଜେନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଢେଙ୍କାନାଳ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। କିଛି ଦିନ ତଳେ ତାଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହଟିବ ୧୨%...

ରଖାଯିବ। ମନ୍ତ୍ରୀ ଗୋଷ୍ଠୀରେ ଥିବା ଉତ୍ତର ପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ କେରଳର ଅର୍ଥମନ୍ତ୍ରୀମାନେ ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ଏହି ପଦକ୍ଷେପ ପରେ ଶୁଖିଲା ଫଳ, ବ୍ରାଣ୍ଡେଡ୍ ନମକିନ୍, ଟୁଥ୍ ପାଉଡର, ଟୁଥ୍‌ପେଷ୍ଟ, ସାବୁନ, କେଶ ତେଲ, ସାଧାରଣ ଆଣ୍ଟିବାୟୋଟିକ୍, ଯନ୍ତ୍ରଣା ନିବାରକ ଔଷଧ, ପ୍ରକ୍ରିୟାକୃତ ଖାଦ୍ୟ, ଖାଦ୍ୟ, ଖାଦ୍ୟ, ଫ୍ରୋଜେନ୍ ପନିପରିବା, କଣ୍ଡେନ୍ସଡ୍ କ୍ଷୀର, କିଛି ମୋବାଇଲ୍, କିଛି କମ୍ପ୍ୟୁଟର, ସିଲାଇ ମେସିନ୍, ପ୍ରେସର କୁକର, ଗିଜର ଭଳି ଜିନିଷ ଶସ୍ତା ହେବ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଉଛନ୍ତି।

### ଅଚଳାବସ୍ଥା ମଧ୍ୟରେ...

ପ୍ରସଙ୍ଗରେ ଅଚଳ ରହିଥିବା ବେଳେ ଦ୍ୱିତୀୟ ସପ୍ତାହରେ ଅପରେସନ ସିନ୍ଦୂର ଉପରେ ସରଗରମ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ସରକାର ଓ ବିରୋଧୀ ମୁହାଁମୁହିଁ ହୋଇଥିଲେ। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ଅପରେସନ ସିନ୍ଦୂର ବେଳେ ଭାରତୀୟ ସେନାକୁ ସୀମିତ କ୍ଷମତା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଜବାବ ଦେବାକୁ ଯାଇ କହିଥିଲେ ଯେ ବିରୋଧୀ ଦଳ ଭାରତ ଅପେକ୍ଷା ପାକିସ୍ତାନ ଉପରେ ଅଧିକ ବିଶ୍ୱାସ କରୁଛନ୍ତି।

ଅପରେସନ ସିନ୍ଦୂର ପରେ ପୁଣି ଆରମ୍ଭ ହୋଇଯାଇଥିଲା ଅଚଳାବସ୍ଥା। ବିହାର ପ୍ରସଙ୍ଗରେ ଆଲୋଚନା ପାଇଁ ବିରୋଧୀ ଦଳ ଦାବି କରିଥିବା ବେଳେ ସରକାର ଏଥିପାଇଁ ରାଜି ହୋଇନଥିଲେ। ବିରୋଧୀ ଦଳ ଅଭିଯୋଗ କରିଥିଲେ ଯେ ଲକ୍ଷ ଲକ୍ଷ ଲୋକଙ୍କୁ ସେମାନଙ୍କ ଭୋଟ୍ ଅଧିକାରରୁ ବଞ୍ଚିତ କରିବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ଚାଲିଛି। ଏହାକୁ ନେଇ ସେମାନେ ସଂସଦ ଭିତରେ ହଟ୍ଟଗୋଳ କରିଥିବା ବେଳେ ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ସେମାନେ କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ଭୋଟ ଚୋରି ଅଭିଯୋଗ ଆଣିଥିଲେ। ଏଭଳି ଅଚଳାବସ୍ଥା ମଧ୍ୟରେ ଗୋଟିଏ ପ୍ରସଙ୍ଗ ନେଇ ସରକାର ଓ ବିରୋଧୀ ଦଳ ମଧ୍ୟରେ ଏକତାର ବିରଳ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା। ତାହା ଥିଲା ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ ବର୍ମାଙ୍କୁ ହଟାଇବା ଲାଗି ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ସେମାନେ ସହମତ ହୋଇଥିଲେ। ଲୋକସଭାରେ ଏସଂପର୍କରେ ଉଭୟ ସରକାର ଓ ବିରୋଧୀ ଦ୍ୱାରା ସ୍ୱାକ୍ଷରିତ ମିଳିତ ମହାଭିଯୋଗ ପ୍ରସ୍ତାବ ଆଗତ ହୋଇଥିଲା। ବାଚସ୍ପତି ଏହାକୁ ଗ୍ରହଣ କରିବା ସହିତ ଅଭିଯୋଗର ଯାଞ୍ଚ ଏକ ତିନି ଜଣିଆ କମିଟି ଗଠନ କରିଛନ୍ତି।

ଏହି ଅଧିବେଶନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ ହୋଇଛି। ତାହା ହେଲା ଜାତୀୟ କ୍ରୀଡ଼ା ପରିଚାଳନା ବିଲ୍ ଏବଂ ଅନଲାଇନ୍ ଗେମ୍ ବିଲ୍। କ୍ରୀଡ଼ା ବିଲରେ ବିସିସିଆଇ ଭଳି କ୍ରୀଡ଼ା ସଂସ୍ଥାଙ୍କୁ ନିୟନ୍ତ୍ରଣ କରିବାର ବ୍ୟବସ୍ଥା ଥିବା ଅନଲାଇନ ଗେମ୍‌କୁ ନିଷିଦ୍ଧ କରିବା ଲାଗି ଅନଲାଇନ ଗେମିଂ ବିଲ୍ ରେ ବ୍ୟବସ୍ଥା ରହିଛି। ତେବେ ଯେଉଁ ବିଲଟି ଆଗତ ବେଳେ ଲୋକସଭାରେ ସବୁଠାରୁ ବେଶି ଉତ୍ତେଜନା ସୃଷ୍ଟି କରିଥିଲା, ତାହା ଥିଲା ଜେଲରେ ଥିବା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ହଟାଇବା ସଂକ୍ରାନ୍ତ ବିଲ୍। ବିଲ୍ ବ୍ୟବସ୍ଥା ଅନୁଯାୟୀ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ କ୍ରମାଗତ ୩୦ ଦିନ ଧରି ଜେଲରେ ରହିଲେ ସେମାନେ ମନ୍ତ୍ରୀ ପଦ ହରାଇବେ। ଅଣବିଜେପି ସରକାରକୁ ଅସ୍ଥିର କରିବା ଉଦ୍ଦେଶ୍ୟରେ ଏଭଳି ବିଲ୍ ଆଗତ କରାଯାଇଥିବା ବିରୋଧୀ ଦଳ କହିଥିଲେ। ଏହାକୁ ଗଣତନ୍ତ୍ରର ହତ୍ୟା ବୋଲି ଅଭିଯୋଗ କରି ସେମାନେ ଏହାର ବିରୋଧ କରିଥିଲେ। ସରକାର ଏହି ବିଲକୁ ଅନୁଧ୍ୟାନ ପାଇଁ ଯୁଗ୍ମ ସଂସଦୀୟ କମିଟି ପାଖକୁ ପଠାଇ ଦେଇଛନ୍ତି। ଏହି ସମ୍ବିଧାନ ସଂଶୋଧନ ବିଲ ଅନୁମୋଦନ ପାଇଁ ସଂସଦରେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ସରକାର ପାଖରେ ଏଥିପାଇଁ ଆବଶ୍ୟକ ସଂଖ୍ୟା ନାହିଁ। ବର୍ତ୍ତମାନ ପରିସ୍ଥିତିରେ ବିରୋଧୀ ଦଳ ସମର୍ଥନ ନକଲେ ଏହା ଅନୁମୋଦିତ ହେବା ସମ୍ଭବ ନୁହେଁ ବୋଲି କୁହାଯାଉଛି।

### ସେପ୍ଟେମ୍ବର ୧୮ରୁ...

ନେଇ ବିରୋଧୀ ଶାସକ ଦଳକୁ ଘେରିବାକୁ ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ଏନେଇ ପ୍ରତିକ୍ରିୟା ରଖି ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ କହିଛନ୍ତି ଯେ ମୌସୁମୀ ଅଧିବେଶନରେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ପାଇଁ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ବିଜେଡି ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ନାରୀ ନିର୍ଯାତନା, ଛାତ୍ରୀ ଆତ୍ମାହୁତି, ଚାଷୀ ହନ୍ତସନ୍ତ ପ୍ରସଙ୍ଗରେ ବିଜେଡି ଗୃହରେ ଦୃଢ଼ ଭାବେ ସ୍ୱର ଉତ୍ତୋଳନ କରିବ। ମୌସୁମୀ ଅଧିବେଶନରେ ଦେଢ଼ ବର୍ଷ ସରକାରରେ ଯେଉଁ ସବୁ କୃତିତ୍ୱ ଅର୍ଜନ କରିଛନ୍ତି, ସେ ପ୍ରସଙ୍ଗରେ ସରକାରଙ୍କୁ ପ୍ରଶ୍ନ କରିବୁ ବୋଲି ପ୍ରମିଳା କହିଛନ୍ତି। ଅନ୍ୟପଟେ ବରିଷ୍ଠ କଂଗ୍ରେସ ବିଧାୟକ ତାରା ବାହିନୀପତି କହିଛନ୍ତି ଯେ ସରକାର ଭୟରେ ବିଧାନସଭା ଡାକୁ ନ ଥିଲେ। ନାରୀ ନିର୍ଯାତନା, ଛାତ୍ରୀ ଆତ୍ମହତ୍ୟା ଘଟଣା ବଢ଼ୁଥିବାରୁ ସେ ଭୟରେ ବିଧାନସଭା ଡାକୁନଥିଲେ। ଏବେ ସ୍ଥିତି ଟିକେ ସ୍ୱାଭାବିକ ହୋଇଛି। ତେଣୁ ସରକାର ବାଧ୍ୟ ବାଧକତାରେ ବିଧାନସଭା ଡାକୁଛନ୍ତି। ଆସନ୍ତା ଅଧିବେଶନରେ ଆମେ ନାରୀ ନିର୍ଯାତନା, ଭୋଟ ଚୋରି ଓ ଅନାସ୍ଥା ପ୍ରସଙ୍ଗ ଉଠାଇ ସରକାରକୁ ଘେରିବୁ ବୋଲି ଶ୍ରୀ ବାହିନୀପତି ସୂଚନା ଦେଇଛନ୍ତି।

ସେହିପରି ଅଧିବେଶନ ସଂପର୍କରେ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ କାର୍ଯ୍ୟ ପରାମର୍ଶଦାତା କମିଟିର ନିଷ୍ପତ୍ତି ଅନୁସାରେ ମୌସୁମୀ ଅଧିବେଶନରେ କିଛି ବିଲ୍ ଆସିପାରେ। ରାଜ୍ୟ ସ୍ୱାର୍ଥ ସମ୍ବଳିତ ଯେଉଁ ପ୍ରସଙ୍ଗ ରହିଛି, ସେ ବାବଦରେ ଗୃହରେ ସବିଶେଷ ଆଲୋଚନା ହେବ। ବିରୋଧୀ ଯେଉଁ ପ୍ରସଙ୍ଗ ଆଣିବେ ତାକୁ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ବିରୋଧୀଙ୍କ ସମସ୍ତ ଗଠନମୂଳକ ପ୍ରସ୍ତାବ ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି। ପୂର୍ବ ଅଧିବେଶନରେ ନାରୀ ସୁରକ୍ଷା ପ୍ରସଙ୍ଗକୁ ନେଇ ବିରୋଧୀ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଏପରିକି ଏଥିପାଇଁ କଂଗ୍ରେସର ସମସ୍ତ ସଦସ୍ୟଙ୍କୁ ନିଲମ୍ବିତ ହେବାକୁ ପଡ଼ିଥିଲା। ବିଜେଡି ମଧ୍ୟ ପ୍ରସଙ୍ଗକୁ ନେଇ ଗୃହ ଭିତରେ ଏବଂ ବାହାରେ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲା। ଆସନ୍ତା ଅଧିବେଶନ ସମାନ ପ୍ରସଙ୍ଗରୁ ଆରମ୍ଭ ହୋଇପାରେ ବୋଲି ରାଜନୈତିକ ମହଲରେ ଆକଳନ କରାଯାଉଛି।

### ନିୟମିତ ହେବେ...

ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ପାଠ୍ୟପୁସ୍ତକ ଦିଆଯାଉଛି। ନବମ ଓ ଦଶମ ଶ୍ରେଣୀର ସବୁ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦେବାପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦିଆଯାଇ ହଷ୍ଟେଲରେ ରହୁଥିବା ପିଲାମାନଙ୍କ ପାଇଁ ଏଏନ୍‌ଏମ୍ ନିଯୁକ୍ତ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତ୍ୟେକ ୩୦୦ ପିଲାଙ୍କ ପାଇଁ ଜଣେ ଏଏନ୍‌ଏମ୍ ବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ସେହିପରି ନୂତନ ବେସରକାରୀ ବିଦ୍ୟାଳୟ ଅନୁମୋଦନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଅନ୍‌ଲାଇନ ପ୍ରକ୍ରିୟାରେ କରିବା ପାଇଁ ବୈଠକରେ ନିଷ୍ପତ୍ତି କରାଯାଇଛି। ସେହିପରି ଆଦିବାସୀ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ପିଲାମାନଙ୍କ ସହିତ ଭାଷାଗତ ଯୋଗାଯୋଗରେ ସୁବିଧା ହେବ ଏବଂ ଶିକ୍ଷାର ମାନ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ସହିତ ଏସ୍‌ସିଏସ୍‌ଟିଆର୍‌ଟିଆଇ ସହଯୋଗରେ କୋରାପୁଟରେ ଏକ ବହୁଭାଷୀ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯିବ। ସେହିପର ଭିନ୍ନକ୍ଷମ ପିଲାଙ୍କ ଶିକ୍ଷା ପାଇଁ ନିୟମିତ ଶିକ୍ଷକମାନଙ୍କୁ ଯେଉଁମାନେ ବିଇଡି କରିଥିବେ, ସେମାନଙ୍କୁ ବିଭିନ୍ନ କ୍ଲଷ୍ଟରରେ ରିସୋର୍ସ ପର୍ସନ ଭାବରେ ନିଯୁକ୍ତି ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏନ୍‌ସିଆର୍‌ଟି ଢାଞ୍ଚାରେ ଏସସିଆରଟିକୁ ବିକଶିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଡାଇରେକ୍ଟର ଅଫ୍ ଟେକ୍ସଟବୁକ ପବ୍ଲିକେଶନ ଆଣ୍ଡ ମାର୍କେଟିଂ ସଂସ୍ଥାର ସୁଦୃଢ଼ୀକରଣ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ରାଜ୍ୟରେ ସାର...

କୃତ୍ରିମ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନ ତଳି ରୋଇବାର ୨୧ ଦିନ ପରେ ଜମିରେ ସାର ପକେଇବା କଥା; କିନ୍ତୁ ଧାନ ରୋଇବାକୁ ମାସେ ବିତି ଯାଇଥିଲେ ବି ଆଜି ପର୍ଯ୍ୟନ୍ତ ଚାଷୀଙ୍କୁ ସାର ମିଳିନାହିଁ। ଗୋଟିଏ ଆଧାରକାର୍ଡରେ ଯଦି ଗୋଟିଏ ବସ୍ତା ସାର ଦିଆଯିବ ତେବେ ୧୦ ଏକର ଜମି ଚାଷ କରୁଥିବା ଚାଷୀ ଗୋଟିଏ ବସ୍ତା ନେଇ କ'ଣ କରିବେ ? ଯଥାଶୀଘ୍ର ଯଦି ପର୍ଯ୍ୟାପ୍ତ ପରିମାଣର ସାର ବଣ୍ଟନ କରାନଯାଏ ତେବେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଚାଷୀ ସଙ୍ଗଠନ ଚେତାବନୀ ଦେଇଛନ୍ତି।

### କେନ୍ଦ୍ର ନିୟନ୍ତ୍ରଣରେ...

ମାନିଲେ ଏଫସିଆଇରେ ସମସ୍ୟା ଅଛି। ୧ କୋଟି ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ ପାଇଁ ଚୁକ୍ତି କରିଥିଲେ। ୬୪ ଲକ୍ଷ ଧାନର ଚାଉଳ ବାହାରିଲେ ୨୮ ଲକ୍ଷ ମେଟ୍ରିକ ଟନ ଆବଶ୍ୟକ ପଡେ। ୧୫ ଲକ୍ଷ ମେଟ୍ରିକ ଟନ ଏଫସିଆଇ ଓଡିଶାରୁ ଉଠାଇଛି। ମନ୍ତ୍ରୀ ସ୍ୱୀକାର କରୁଛନ୍ତି ଏଫ୍‌ସିଆରେ ସମସ୍ୟା ଅଛି। ଗୋଦାମ ଯେତିକି ଅଛି ସବୁଥିରେ ଚାଉଳ ପୂର୍ଣ୍ଣମାତ୍ରାରେ ଅଛି। ଅତୀତରେ ଯେତିକି ହଉଥିଲା ଅଧିକାଂଶ ମିଲରଙ୍କ ପାଖରେ ଚାଉଳ ରହୁଥିଲା। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇଲେ ଅନ୍ୟ ଫସଲ ପାଇଁ ପଇସା କେଉଁଠୁ ଆସିବ? ସରକାର ନିଜ ଗୋଡ଼କୁ ନିଜେ ବାନ୍ଧିଲେ ବୋଲି ଶ୍ରୀ ଦେବ କହିଛନ୍ତି। ସେ ଆହୁରି କହିଛନ୍ତି, ଉପକୂଳ ଓଡ଼ିଶା ବନ୍ୟା, ବାତ୍ୟା ଦ୍ୱାରା ବାରମ୍ବାର କ୍ଷତିଗ୍ରସ୍ତ ହେଉଥିବାରୁ ମୁଁ ମନ୍ତ୍ରୀ ଥିବାବେଳେ ଭୂତଳ କେବୁଲ୍ ଲାଇନ୍ ବିଛାଇବା ପାଇଁ ବାରମ୍ବାର ପ୍ରସ୍ତାବ ଦେଇଥିଲେ। ବିଗତ ୭ରୁ ୮ ବର୍ଷ ହେଲା, କେନ୍ଦ୍ର ସରକାର ବିଦ୍ୟୁତି ବିଭାଗକୁ କିଛି ଅନୁଦାନ ଦେଇନାହାନ୍ତି। ଯାହା ବି ଭିତ୍ତିଭୂମିର ଉନ୍ନତିକରଣ ହୋଇଛି, ରାଜ୍ୟ ସରକାର ନିଜ ସମ୍ବଳ ଅନୁସାରେ କରିଛନ୍ତି। ଏବେ ଡବଲ ଇଞ୍ଜିନ୍ ସରକାର ଚାଲିଛି। ବିଦ୍ୟୁତ୍ ଭିତ୍ତିଭୂମି ଉନ୍ନତ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି।

### ଗୁଣ୍ଡାଲା ରେଡ୍ଡୀ...

ସେହିପରି ପୂର୍ବାଞ୍ଚଳ ଡିଆଇଜି ଥିବା ୨୦୦୮ ବ୍ୟାଚ୍‌ର ଆଇପିଏସ୍ ସତ୍ୟଜିତ୍ ନାୟକଙ୍କୁ କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ପୁରୀ ଏସ୍‌ପି ଥିବା ୨୦୧୧ ବ୍ୟାଚ୍‌ର ଆଇପିଏସ୍ ପିନାକ ମିଶ୍ରଙ୍କୁ ପୂର୍ବାଞ୍ଚଳର ଡିଆଇଜି ଭାବେ ବଦଳି କରାଯାଇଛି। ଝାରସୁଗୁଡ଼ା ଏସ୍‌ପି ଥିବା ୨୦୧୩ ବ୍ୟାଚର ଆଇପିଏସ୍ ପରମାର ସ୍ମିତ୍ ପରଶୋତ୍ତମ ଦାସଙ୍କୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି ଭାବେ ନିଯୁକ୍ତି ମିଳିଥିବା ବେଳେ ରେଲୱେ ଏସ୍‌ପି ଥିବା ଆଇପିଏସ୍ ବିବେକାନନ୍ଦ ଶର୍ମାଙ୍କୁ ଖୋର୍ଦ୍ଧା ଏସ୍‌ପି ଭାବେ ବଦଳି କରାଯାଇଛି। କଟକ(ଗ୍ରାମାଞ୍ଚଳ) ଏସ୍‌ପି ଥିବା ୨୦୧୪ ବ୍ୟାଚ୍‌ର ଆଇପିଏସ୍ ପ୍ରତୀକ ସିଂଙ୍କୁ ପୁରୀ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସୁନ୍ଦରଗଡ଼ ଏସ୍‌ପି ଥିବା ପ୍ରତ୍ୟୁଷ ଦିବାକରଙ୍କୁ ବାଲେଶ୍ୱର ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ମୁଖ୍ୟାଳୟ ଓଏସ୍‌ଡିରେ ଥିବା ଭିନିତ୍ ଅଗ୍ରୱାଲଙ୍କୁ କଟକ(ଗ୍ରାମାଞ୍ଚଳ) ଏସ୍‌ପି ଭାବେ ନିଯୁକ୍ତ ମିଳିଛି। ବାଲେଶ୍ୱର ଏସ୍‌ପି ଥିବା ରାଜ ପ୍ରସାଦଙ୍କୁ ସ୍ପେଶାଲବ୍ରାଞ୍ଚ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ନୂଆପଡ଼ା ଏସ୍‌ପି ଥିବା ଗୁଣ୍ଡାଲା ରେଡ୍ଡୀଙ୍କୁ ଝାରସୁଗୁଡ଼ା ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସେହିପରି ଭୁବନେଶ୍ୱର ଅତିରିକ୍ତ ଡିସିପି ଥିବା ଅଙ୍କିତ ବର୍ମାଙ୍କୁ ଜଗତସିଂହପୁର ଏସ୍‌ପି ଭାବେ ନିଯୁକ୍ତି ମିଳିଥିବା ବେଳେ ଖୋର୍ଦ୍ଧା ଅତିରିକ୍ତ ଏସ୍‌ପି ଥିବା ଅମ୍ରିତ୍‌ପାଲ ସିଂଙ୍କୁ ନୂଆପଡ଼ା ଏସ୍‌ପି, ଭୁବନେଶ୍ୱରରେ ଅତିରିକ୍ତ ଡିସିପି ଥିବା ଅମ୍ରିତ୍‌ପାଲ କୌରଙ୍କୁ ସୁନ୍ଦରଗଡ଼ ଏସ୍‌ପି ଭାବେ ବଦଳି କରାଯାଇଛି।

ସେହିପରି ଜଗତସିଂପୁର ଏସ୍‌ପି ଥିବା ଭବାନୀ ଶଙ୍କର ଉଦ୍‌ଗାତା(ଓପିଏସ୍)ଙ୍କୁ ରେଲୱେ ଏସ୍‌ପି ଭାବେ ବଦଳି କରାଯାଇଛି। କମିଶନ୍‌ରେଟ ପୁଲିସରେ ଥିବା ଡିସିପି ବିମଳେନ୍ଦୁ ଶତପଥିଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ଏସପି ଭାବେ ବଦଳି କରାଯାଇଥିବା ବେଳେ କମିଶନରେଟ୍ ପୁଲିସରେ ଥିବା ଅତିରିକ୍ତ ଡିସିପି କିଶୋରଚନ୍ଦ୍ର ମୁଣ୍ଡ, ଅନୁପ କୁନୁଗୋଙ୍କୁ ଡିସିପି ଭାବେ ବଦଳି କରାଯାଇଛି। ପୁଲିସ ମୁଖ୍ୟାଳୟରେ ଥିବା ଅତିରିକ୍ତ ଏସ୍‌ପି ଥିବା ଶ୍ରୀକାନ୍ତ କୁମାର ବେହେରାଙ୍କୁ ଇଓଡବ୍ଲ୍ୟୁ ଏସ୍‌ପି ଭାବେ ବଦଳି କରାଯାଇଛି। ତାଳଚେରରେ ଅତିରିକ୍ତ ଏସ୍‌ପି ଥିବା ସୁରେନ୍ଦ୍ରନାଥ ରାୟଗୁରୁଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ବଦଳିକରାଯାଇଛି। କଳାହାଣ୍ଡି ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟରତ ଆନନ୍ଦବର୍ଦ୍ଧନ ଗୁରୁଙ୍କୁ ରାଜ୍ୟ ପୁଲସ ମୁଖ୍ୟାଳୟକୁ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ତପନ ନାରାୟଣ ରଥଙ୍କୁ କଟକ ସ୍ଥିତି ଏସ୍‌ପି ମୁଖ୍ୟାଳୟକୁ ଏଆଇଜି ଭାବେ ବଦଳି କରାଯାଇଛି। ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଥିବା ସତ୍ୟବାନ ମହାନନ୍ଦଙ୍କୁ ଭିଜିଲାନ୍ସ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ କେନ୍ଦ୍ରାପଡ଼ା ସ୍ଥିତି ଆଇୟୁସିଏଡବ୍ଲ୍ୟୁ'ରେ ଅତିରିକ୍ତ ଏସ୍‌ପି ଦେବାଶିଷ ଧଳଙ୍କୁ ସ୍ପେଶାଲବ୍ରାଞ୍ଚ ଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି ରାଜ୍ୟ ପୁଲିସ ମୁଖ୍ୟାଳୟରେ ଥିବା ଅତିରିକ୍ତ ଏସ୍‌ପି ଶଙ୍କର ନାୟକଙ୍କୁ କଟକ ଏସ୍‌ପି ମୁଖ୍ୟାଳୟକୁ ଏଆଇଜି ଭାବେ ବଦଳି କରାଯାଇଥିବା ବେଳେ କମିଶନରେଟ ପୁଲିସରେ ଅତିରିକ୍ତ ଡିସିପି ଦେବଦତ୍ତ କରଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି ରେଲୱେ ଅତିରିକ୍ତ ଏସ୍‌ପି ହତ୍ୟଜିତ ମିଶ୍ରଙ୍କୁ ଉପକୂଳ ସୁରକ୍ଷା ଏଆଇଜି ଭାବେ ବଦଳି କରାଯାଇଛି।


Office of the Principal
**MAHAPAT HIGHER SECONDARY SCHOOL**
**JANGHIRA, KEONJHAR [488 (Category)]**
Mob- 7735148237,
Email Id- scmohapatra11@gmail.com / mpbissajanghira@gmail.com

**Walk in Interview**

Walking interview for the guest faculty will be held in 29.08.2025 for the post of Political Science, PET & Junior Clerk in Temporary basis (Contractual). Interested Candidates on any apply with Educational Qualification to the undersigned.

Sd/-Principal in-charge
Mahapat Higher Secondary School
Janghira, Keonjhar

**DISTRICT PROJECT OFFICE, SAMAGRA SIKSHA, SAMBALPUR** n-128
(2nd FLOOR, COLLECTORATE, SAMBALPUR-768001)
e-mail: dpcsambalpur.opepa@nic.in
Letter No. 1534/PLGDate: 17.08.2025

**SHORT TENDER CALL NOTICE**

Sealed tenders are invited from the reputed & credible printers / firms / agencies for printing & supply of Identity Cards & PM SHRI Logo Badge for Teachers and Students of PM – SHRI Schools – 2024-25 of Sambalpur District in two bid systems (Technical & Commercial Bid).
For details please visit **www.sambalpur.odisha.gov.in & www.osepa.odisha.gov.in**

Sd/- District Project Coordinator
SS, Sambalpur

OIPR-15013/11/0072/2526

**BHUBANESWAR MUNICIPAL CORPORATION** C-934
**SOUTH-WEST ZONE**
No. 5158 / Date 14.08.2025

ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମର ଦକ୍ଷିଣ ପଶ୍ଚିମ ମଣ୍ଡଳ ଅନ୍ତର୍ଗତ ନିମ୍ନଲିଖିତ ପାର୍କର ରକ୍ଷଣା ବେକ୍ଷଣା ନିମନ୍ତେ SHG ଯେଉଁମାନେ ଇଚ୍ଛୁକ ଅଛନ୍ତି ସାଧା କାଗଜରେ ନିମ୍ନ ପ୍ରମାଣ ପତ୍ର ସହ ନିମ୍ନ ସାକ୍ଷରକାରୀଙ୍କ ନିକଟରେ ତା.୨୦.୦୮.୨୦୨୫ରିଖ ଠାରୁ ତା.୨୫.୦୮.୨୦୨୫ରିଖ ସନ୍ଧ୍ୟା ୫.୦୦ ଘଟିକା ମଧ୍ୟରେ ଦାଖଲ କରିପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

| କ୍ର.ନଂ. | ୱାର୍ଡ ନଂ. | ପାର୍କର ନାମ | ପାର୍କ କ୍ଷେତ୍ରଫଳ | ପାର୍କ ଠିକଣା |
|---|---|---|---|---|
| 1 | 65 | Labour Stand, Dumuduma | Ac.0.45 dec. | Labour Stand, Dumuduma |

ଭାରପ୍ରାପ୍ତ ମଣ୍ଡଳ ଆୟୁକ୍ତ, ଦକ୍ଷିଣ ପଶ୍ଚିମ ମଣ୍ଡଳ
ଭୁବନେଶ୍ୱର ମହାନଗର ନିଗମ

OIPR-13002/11/0238/2526

**AFFIDAVIT**
By virtue of an affidavit sworn before executive magistrate Oupada, Baleswar ,Odisha vide SI no- 404 on dtd 05/08/2025 I Amita Patra, w/o. Akshaya Patra, At-Gadasahi, Po-Darakholi, Ps-Oupada, Dist-Baleswar, Odisha Pin code-756049 declare that I have changed the name of my son from Dhanjay Patra to Dhananjay Patra. Henceforth he will be known as **Dhananjay Patra** for all purposes.

**AFFIDAVIT**
By virtue of an Affidavit before Notary Public, Malkangiri, I, **Mantosh Madhi,** aged about 22 years, S/o.: Ganga Madhi, Village: Palkonda, PO.: Sikhapalli, PS/Dist.: Malkangiri, declare by this Affidavit No.: 1140/ 2025, Dated:21/08/2025 that I have changed my name from Manatosh Madhi to **Mantosh Madhi**. Henceforth I shall be known as "**Mantosh Madhi**" for all future purposes.

**AFFIDAVIT**
By Virtue of an affidavit sworn before Notary public Salipur, Cuttack dated 18.08.2025. I Jhillimayee Bal, Address At-Kalianti, P.o.-Chayanpal, P.s.-Mahanga, Dist-Cuttack, Odisha-754204 declare that, I have changed my name from Pritimayee Bal to Jhillimayee Bal. Henceforth I shall be known as Jhillimayee Bal for all purposes.
**Jhillimayee Bal**

**AFFIDAVIT**
I, Purusotham Misra, aged about 68 years, S/O- Late Artabandhu Misra, resident At-Dolamundai, PO-Telenga Bazar, PS-Madhupatna, Dist-Cuttack, PIN-753009, Odisha, declare by this Affidavit No.-1862, Dtd.-18.08.2025, that now onwards I shall be Known as **Purusottam Misra** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Kanas, dtd-24/07/2025, No-2686. I, **Lili Rout,** Address: At-Nuagaon, Po- Adal, PS-Gadisagoda, Dist- Puri, Odisha, Pin-752019 declare that I have changed the name my son from **Sai Rout to Asish Rout.** Henceforth, he shall be known as **Asish Rout** for all purposes.
**Sd/- Lili Rout**

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 14/08/2025. I, **Pankaj Bhue,** Son/Daughter/Wife of Raghu Bhue, Permanent resident of At- Bhue Pada, Village- Ghodar, P.O.- Sihini, Dist-Balangir, Odisha, PIN- 767066 now residing at the same place affirm that I have changed my minor Son / Daughter / Ward name from **Kiranti Bnoi** (old name) to **Tiranti Bhue** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he/she will be known as **Tiranti Bhue** (new name).
**Pankaj Bhue**

**AFFIDAVIT**
I, Sanjaya Ketan Sethy, aged about 54 years, S/o- Late Chintamani Sethy, resident of Plot No. 4735/5161/5812 P, Near Govt. High School, VSS Nagar, PO-Saheednagar, Bhubaneswar, Dist-Khordha, PIN- 751007, Odisha declared by this affidavit No. 1680, dtd-20/08/2025 that now onwards I shall be known as **SANJAY KETAN SETHY** for all future purposes.

**AFFIDAVIT**
By virtue of an affidavit no-1995 dtd 22-07-2025 sworn before The Executive Magistrate, Bolgarh, I, Kailash Chandra Maharana, S/o-Trinath Maharana, R/O At- Dalai Sahi, Post- Manikagoda, P.S.-Bolgarh, Dist- Khordha, PIN-752066, Odisha, declare that I have changed my name from Kailas Moharana to Kailash Chandra Maharana. Henceforth, I shall be known as **Kailash Chandra Maharana** for all purposes.

**AFFIDAVIT**
Affidavit I, Seema Agrawal W/o Kamal Kishore Agrawal, resident of ward No - 04, Mahanta Basti Po / Ps - Barbil Dist - Keonjhar, PIN - 758035, Odisha. declare by this Affidavit No - 0705 dated-18.08.2025 that now onwards I shall be known as **Seema Agarwal** for all future purposes.

**AFFIDAVIT**
By virtue of an affidavit before the Notary Public, Paralakhemundi, Gajapati, I, Suranjani Swalsingh, W/o-Late Rajendra Kar, resident of Vill/Po/Ps- Rayagada, Dist-Gajapati, Odisha, pin-761213, declared by this affidavit No-A26. dtd- 18/8/2025 that now onwards I shall be known as SURANJANI KAR for all future purposes.

**SALE**
1 Number of Tractor–NEW HOLAND 4710 E5 / 2023, Registration No.- OD-01- AS-5109,Model-2023, ENGINE NO –351312DX, CHASSIS NO - NHN47100ZNA589969, For Details, contact – 9437055763,7656852396, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO-06782-266658

**SALE**
1 Number of Tractor–TAFE MF 7250 DI E7 2WD / 2023, Registration No.- OD-01- AU - 9266,Model-2023, ENGINE NO –S3255N49513, CHASSIS NO - MEAA3119GP2494049, For Details, contact – 9437055763,7656852396, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO-06782-266658

**AFFIDAVIT**
I Banshidhar Das, S/o- Late-Rameswar Das, resident of village- Sribatsapur, Po-Dehurda, Ps-Bhograi, Dist-Balasore, Odisha, declared by affidavit before Executive Magistrate , Bhograi No.871/ dtd-17/03/2025 that my actual name is Banshidhar Das in Adhar, Pan and Voter ID. But the RoR no 39,40 sthitiban of Mouza Sribatsapur and RoR no 337 sthitiban of Mouza Dehurda prepared after my name BANSHIDHAR BEHERA in place of Banshidhar Das. That after conversion my self accepting Baishnab culture I have converted my surname including the surname of my family members as Das. Banshidhar Behera and Banshidhar Das is one & same person. Hence I shall be known as Banshidhar Das for all future purpose.

## ଆମ୍ବ, କାଜୁ ଚାରାରୋପଣରେ ଦୁର୍ନୀତି

# ଗଛ ନାହିଁ; ରକ୍ଷଣାବେକ୍ଷଣ ପାଇଁ ଅର୍ଥ ଶ୍ରାଦ୍ଧ







ବିଷମ କଟକ,୨୧।୮ (ସମିସ): ମନରେଗା ଯୋଜନା ଅର୍ଥ ଆତ୍ମସାତରେ ସୀମା ପାର କରିଛି ଗୁଣପୁର ଆଇଟିଡିଏ ବିଭାଗ। କାଜୁ ଏବଂ ଆମ୍ବ ଗଛ ଚାରା ରୋପଣରେ ନାଁରେ ଲମ୍ବିଛି ଦୁର୍ନୀତିର ଚେର। ଚାଷୀଙ୍କ ନାଁରେ ଲୁଟୁଛନ୍ତି ଲକ୍ଷାଧିକ ଟଙ୍କା। ମନରେଗା ଯୋଜନାରେ ଚାରାରୋପଣ କାର୍ଯ୍ୟରେ ନିରୀହ ଆଦିବାସୀଙ୍କୁ ମୋହରା କରୁଛି ବିଭାଗ। ନକଲି ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତି କରି ବିଭାଗୀୟ ବାବୁ ମାନେ ଟଙ୍କା ଲୁଟିବାରେ ବ୍ୟସ୍ତ ରହୁଛନ୍ତି। ପ୍ରକୃତ ହିତାଧିକାରୀ ଟଙ୍କାଟିଏ ପାଉନି କି ଏଭଳି ଟଙ୍କା କାରବାରର ଟେର ମଧ୍ୟ ପାଉନି। ଏପରି ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ କାଙ୍କୁବାଡି ଗ୍ରାମପଞ୍ଚାୟତର ବଡ଼ଗୋଟିଗୁଡା ଗ୍ରାମରେ। ଗୁରପୁର ଆଇଟିଡିଏ ତରଫରୁ ୨୦୨୨-୨୩ ଆର୍ଥିକ ବର୍ଷରେ ଗୋଟିଗୁଡା ଗ୍ରାମର ୯ ଜଣ ଚାଷୀଙ୍କୁ ନେଇ ୱାଡି ପ୍ଲାଣ୍ଟେସନରେ ଆମ୍ବ ଓ କାଜୁ ଚାଷ କରିଥିବା ଦର୍ଶାଇଥିବା ବେଳେ ଏହି ପ୍ଲାଣ୍ଟେସନ ନିମନ୍ତେ ମନରେଗା ଯୋଜନାରେ ୯ ଲକ୍ଷ ୨୭ ହଜାର ଟଙ୍କା ବ୍ୟୟଅଟକଳର ଫାଇଲ ନଂ(୨୪୨୯୦୦୧/ ଡି.ପି./୧୦୫୭୨୦୩୬) ଫାଇଲ ଖୋଲି ଗୋଟିଗୁଡା ଗ୍ରାମର ସରୋଜିନି ମିଣିଆକା, ବିଭିଷଣ ମାଣ୍ଡିକା, ରତନାଲୁ ମାଣ୍ଡିକା, ସନ୍ୟାସି କୁଲସିକା, ବିପିନ ମାଣ୍ଡିକା, ଗୋବିନ୍ଦ ମିଣିଆକା, ଘାସି ମିଣିଆକା, ହରିଦାଶ ମାଣ୍ଡିକା ଏବଂ ଲାଛା ମେଲକା ହିତାଧିକାରୀ ଦର୍ଶାଇ ଜଣକ ପିଛା ୪୦ଟି ଆମ୍ବ ଏବଂ ୮୦ଟି କାଜୁ ଗଛ ଚାରା ରୋପଣ କରାଯାଇଥିବା ବିଭାଗ ତଥ୍ୟ ପ୍ରସ୍ତୁତି କରାଯାଇଥିଲା। ହେଲେ ପ୍ରକୃତ ପକ୍ଷେ ଏହି ହିତାଧିକାରୀ ମାନଙ୍କ ମଧ୍ୟରୁ ସନ୍ୟାସି କୁଲସିକାଙ୍କୁ ୨୫ଟି ଆମ୍ବ ଏବଂ ୪୦କାଜୁ ଚାରା ସହ ଦୁଇ ବସ୍ତା ଖତ ପ୍ରଦାନ କରାଯାଇଛି। ସେହିପରି ବିଭିଷଣ ମାଣ୍ଡିକା ଏବଂ ରତ୍ନାଲୁ ମାଣ୍ଡିକାଙ୍କୁ ସମୁଦାୟ ୧୨୦ଟି କାଜୁ ଚାରା ସହିତ ୬ବସ୍ତା ଖତ ଏବଂ ୫ବଣ୍ଡଲ ଜାଲି ପ୍ରଦାନ କରାଯାଇଛି। ଅନ୍ୟ ଜଣେ ହିତାଧିକାରୀ ସରୋଜି ମାଣ୍ଡିକାଙ୍କୁ ୫୦ଟି କାଜୁ ଚାରା ସହିତ ୩ ବସ୍ତା ଖତ, ୫୦ଟି ଜାଲି ପ୍ରଦାନ କରାଯାଇଥିବା ହିତାଧିକାରୀ ମାନେ ସର୍ବ ସମ୍ମୁଖରେ ପ୍ରକାଶ କରିଥିଲେ। ଏହା ବ୍ୟତିତ ତାଲିକାର ବିପିନ ମାଣ୍ଡିକା, ଗୋବିନ୍ଦ ମିଣିଆକା, ଘାସି ମିଣିଆକା, ହରିଦାଶ ମାଣ୍ଡିକା, ଲାଛା ମେଲକା, ୫ଜଣ ୱାଡି ପ୍ଲାଣ୍ଟେସନ୍‌ର କୌଣସି ଚାରା ପାଇନାହାନ୍ତି କି ଚାରାରୋପଣ ସଂକ୍ରାନ୍ତରେ କୌଣସି ଟେର ମଧ୍ୟ ପାଇନାହାନ୍ତି। ଆମ୍ବ କାଜୁ ଚାରାରୋପଣ କାର୍ଯ୍ୟ ନିମନ୍ତେ ଆଇଟିଡିଏ ବିଭାଗ ତରଫରୁ ୧୮ଟି ମାଷ୍ଟର ରୋଲରେ ୧୧୯୨ ଶ୍ରମ ଦିବସ ନିମନ୍ତେ ୨୬୪୬୨୪ଟଙ୍କା ପଇଠ କରାଯାଇଛି। ଏହା ବ୍ୟତୀତ ଓଡ଼ିଶା କଞ୍ଜୁମର କୋପରେଟିଭ୍ ଫେଡେରେସନ୍ ନିକଟରୁ ୨୦.୧୦.୨୨ ରେ ୧୦୬୯୫୫ ଟଙ୍କାର ଖତ ସାର ଏବଂ ୪୩୨୦୦ଟଙ୍କାର ଚାରା ବିଭାଗ କ୍ରୟ କରିଥିବା ଅନ୍‌ଲାଇନ୍‌ରେ ଦର୍ଶାଯାଇଛି। ଆଇଟିଡିଏ ବିଭାଗ ଚାରି ଜଣ ହିତାଧିକାରୀ ଙ୍କୁ ମାତ୍ର ୧୯୫ଟି ଆମ୍ବ ଓ କାଜୁ ଚାରା ପ୍ରଦାନ କରିଥିବା ବେଳେ ୧୧୮୦ଟି ଚାରା ପ୍ରଦାନ କରିଥିବା ନଥିରେ ଦର୍ଶଇଛି। ୧୧୮୦ ଚାରା ଲଗାଇ ବଗିଚା ପ୍ରସ୍ତୁତି କରିବା ନିମନ୍ତେ ୧୧୯୨ ଶ୍ରମଦିବସ ବାଦରେ ୨୬୪୬୨୪ଟଙ୍କା ମଜୁରୀ ମଧ୍ୟ ପ୍ରଦାନ କରିଛି। ଶ୍ରମିକ ମଜୁରି ସଂକ୍ରାନ୍ତରେ ଚାଷି କୌଣସି ଟେର ମଧ୍ୟ ପାଇନାହିଁ। ଏତିକିରେ ବିଭାଗୀୟ ବାବୁ ମାନେ ଚୁପ୍ ବସିଲେ ନାହିଁ ପୁଣି ୨୦୨୩ ମସିହାରେ ଏହି ମିଛ ମିଛିକା କାଜୁ ଆମ୍ବ ବଗିଚାର ରକ୍ଷଣା ବେକ୍ଷଣ ନିମନ୍ତେ ଏକ ଫାଇଲ (୨୪୨୯୦୦୧/ଡି.ପି./୧୦୮୬୪୭୮୩) ୫ଲକ୍ଷ ୮୪ ହଜାରର ବ୍ୟୟ ଅଟକଳରେ ପ୍ରସ୍ତୁତ କରିଥିଲେ। ୨୦୨୩ରୁ ୨୦୨୫ ଜାନୁଆରୀ ମାସ ସୁଦ୍ଧା ଏହି ବଗିଚା ଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ୧୧୫ ଜଣ ଶ୍ରମିକଙ୍କୁ ୧୫୨୪ ଦିନର ଶ୍ରମ ଦିବସ ବାବଦକୁ ୩୮୩୫୪୦ ଟଙ୍କାର ମଜୁରୀ ମଧ୍ୟ ପ୍ରଦାନ କରିଛି ବିଭାଗ।

### ବେନାମୀ ଚାଷି ତାଲିକା ପ୍ରସ୍ତୁତି

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ୧୧୫ଜଣ ଶ୍ରମିକ ମଧ୍ୟରେ ଚାରିଜଣ ପ୍ରକୃତ ଚାଷୀଙ୍କ ମଧ୍ୟରୁ ଜଣକ ବି ନାଁ ନାହିଁ କି ଏହି ଚାଷୀମାନଙ୍କ ବଗିଚାରେ କୌଣସି ପ୍ରକାରର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇନାହିଁ। ବିଭାଗୀୟ ବାବୁ ମାନେ ଏତେ ଚଞ୍ଚକତାର ସହ ଏହି ଶ୍ରମ ଦିବସ ଟଙ୍କାଙ୍କୁ ଉଠାଇନେଲେ ଯେ ଏହାର ଟେର କେହି ବି ପାଇଲେ ନାହିଁ। ନିଜେ ଚାଷୀ ଶ୍ରମିକ ଶ୍ରେଣୀର ଜବ୍ କାର୍ଡଧାରୀ ହୋଇଥିବା ବେଳେ ଏହି ବ୍ୟକ୍ତି କିମ୍ବା ବଡ଼ଗୋଟିଗୁଡା ଗ୍ରାମ କୌଣସି ଶ୍ରମିକଙ୍କୁ ନିଯୁକ୍ତି ନ ଦେଇ ଅନ୍ୟ ଗ୍ରାମପଞ୍ଚାୟତ ତଥା ପାଇକଡାକୁଲୁଗୁଡା ଏବଂ ଥୁଆପାଡି ଗ୍ରାମପଞ୍ଚାୟତର ଜବ୍‌କାର୍ଡ ମାନଙ୍କରେ ଲକ୍ଷାଧିକ ଟଙ୍କା ଉଠାଣ ହୋଇଥିବା ନଥିପତ୍ର ଦର୍ଶାଉଛି। ମନରେଗା ଯୋଜାନରେ ଯେଉଁ ସ୍ଥାନରେ କାର୍ଯ୍ୟ ହେବ, ସେହି ସ୍ଥାନ ଅଥବା ନିକଟସ୍ଥ ଗ୍ରାମ ପଞ୍ଚାୟତର ଶ୍ରମିକଙ୍କୁ ନିଯୁକ୍ତ ନିମନ୍ତେ ନିୟମ ରହିଥିବା ବେଳେ ଆଇଟିଡିଏ ବିଭାଗୀୟ ବାବୁ ମାନେ ପାଇକଡାକୁଲୁଗୁଡା ଗ୍ରାମପଞ୍ଚାୟତର ୪୦ଜଣ ଶ୍ରମିକଙ୍କୁ ୫୬୦ ଦିନର ଶ୍ରମ ଦିବସ ଏବଂ ଥୁଆପାଡି ଗ୍ରାମପଞ୍ଚାୟତର ୫୦ଜଣ ଶ୍ରମିକଙ୍କୁ ୭୦୦ ଦିନର ଶ୍ରମ ଦିବସ ବାବଦରେ ଟଙ୍କା ପଇଠ ହୋଇଥିବା ମାଷ୍ଟର ରୋଲ୍ ଦର୍ଶାଉଛି। ଏହି ଜବ୍‌କାର୍ଡ ଧାରୀ ଶ୍ରମିକ ମାନଙ୍କ ମଧ୍ୟରେ ଜମିଦାର , ବ୍ୟବସାୟୀ ମାନଙ୍କ ନାମ ମଧ୍ୟ ରହିଛି। ଏ ନେଇ କାଙ୍କୁବାଡି ସରପଞ୍ଚ ଦୟା କୁଲସିକା ତୀବ୍ର ପ୍ରତିକ୍ରାୟ ପ୍ରକାଶ କରି କହିଛନ୍ତି, ଯେ ସରକାରୀ ବାବୁ ମାନେ ନିରୀହ ଆଦିବାସି ମାନଙ୍କ ସରଳତାର ସୁଯୋଗ ନେଇ ସେମାନଙ୍କୁ ଶେଷଣ କରୁଛନ୍ତି। ଏ ନେଇ ବିଭିନ୍ନ ସ୍ତରରେ ଅଭିଯୋଗ କରୁଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଏ ନେଇ ଆଇଟିଡିଏ ପ୍ରୋଜେକ୍ଟ ମ୍ୟାନେଜର ରାଜେନ୍ଦ୍ର କୁମାର ନାଗଙ୍କ ସହ ଯୋଗାଯୋଗ କରାଯିବାରେ ଆବଶ୍ୟକ ସ୍ଥଳେ ଅନ୍ୟ ଗ୍ରାମ ପଞ୍ଚାୟତର ଶ୍ରମିକଙ୍କୁ କାର୍ଯ୍ୟରେ ନିଯୁକ୍ତ ଦିଆଯାଇପାରିବ ବୋଲି କହିବା ସହ ଯଦି ନକଲି ହିତାଧିକାରୀ ନାମରେ କୌଣସି ଅନିୟମିତତା ହୋଇଛି, ତେବେ ଏହାର ତଦନ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଉପ ସ୍ୱାସ୍ଥ୍ୟକେନ୍ଦ୍ର ସୁନାରୀଘାଇ ଛକରେ ହେଉ



### ● ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ପଦ୍ମପୁର,୨୧।୮ (ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ଉନ୍ନୟନ ପରିଷଦ ତରଫରୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମଂଜୁରୀପ୍ରାପ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ର ସୁନାରୀଘାଇ ଛକ ନିକଟରେ ସ୍ଥାପିତ କରିବାକୁ ଲୋକଙ୍କ ଲିଖିତ ଅଭିଯୋଗପତ୍ରକୁ ପଦ୍ମପୁର ଉନ୍ନୟନ ପରିଷଦ ତରଫରୁ ଗୁଣପୁର ଉପ ଜିଲ୍ଲାପାଳ ବୁଧାଲ୍ ଅଭିଷେକ ଦିଲିପ୍‌ଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ୪ଗୋଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକବର୍ଷ ହେଲା ମଂଜୁର ପ୍ରାପ୍ତ ହୋଇ ଥିବା ବେଳେ ଏଥିରେ ଗୃହ ନିର୍ମାଣ ସକାଶେ ୪୭ ଲକ୍ଷ ଟଙ୍କା ମଞ୍ଜୁର ହେବାସହ ଜଣେ ସେବିକାଙ୍କୁ ନିଯୁକ୍ତି ପାଇଁ ଆଦେଶନାମା ହୋଇଛି। ହେଲେ ଏହା ମଧ୍ୟରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଗୁଡିଆବନ୍ଧ, ଇନ୍ଦୁପୁର ଓ୍ ଖିଲାପଦର ଠାରେ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ସକାଶେ କାର୍ଯ୍ୟ ଆଗେଇ ଚାଲିଛି। ପଦ୍ମପୁର ନିମନ୍ତେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ସକାଶେ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଲୋକଙ୍କ ସମସ୍ୟାକୁ ନେଇ ଆଜି ପଦ୍ମପୁର ଉନ୍ନୟନ ପରିଷଦ ତରଫରୁ ସଂପାଦକ ରମେଶ ଚନ୍ଦ୍ର ପଣ୍ଡା, ସଭାପତି ଉଦୟ ଚନ୍ଦ୍ର ସାହୁ,ରାଜୀବ ଲୋଚନ ସାହୁ, ଜଗନ୍ନାଥ ପାଣିଗ୍ରାହୀ,ସୁନୀଲ୍ ଚୌଧୁରୀ ପ୍ରମୁଖ ଅଞ୍ଚଳବାସୀଙ୍କ ଦାବିପତ୍ର ଗୁଣପୁର ଉପଜିଲ୍ଲାପାଳ ବୁଧାଲ୍ ଅଭିଷେକ ଦିଲିପ୍‌ଙ୍କୁ ପ୍ରଦାନ କରିଥିଲେ ଏହି ସମୟରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମଧ୍ୟ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରଟି ରାଜସ୍ୱ ବିଭାଗର ଖିଲାପଦର ମୌଜା ଅଞ୍ଚଳରେ ହେଲେ ତାହା ଲୋକଙ୍କ ସମସ୍ୟା ହେବା ଆଶଙ୍କା କରି ଗ୍ରାମବାସୀ, ଉନ୍ନୟନ ପରିଷଦ ଓ ଗୁଣପୁର ବିଧାୟକଙ୍କ ମିଳିତ ସହଯୋଗରେ ପଦ୍ମପୁର ସୁନାରି ଘାଇ ଛକ ନିକଟରେ ସ୍ଥାପିତ କରିବାକୁ ଦାବି କରାଯାଇଛି। ଉପଜିଲ୍ଲାପାଳ ବୁଧାଲ୍ ଅଭିଷେକ ଦିଲୀପ ସଙ୍ଗେ ସଙ୍ଗେ ପଦ୍ମପୁର ତହସିଲଦାରଙ୍କୁ ଫୋନ କରି ଜାଗା ଚିହ୍ନଟ କରିବାକୁ କହିଥିଲେ। ସୁନାରି ଘାଇ ଛକ ସ୍ଥାନ ପରିଦର୍ଶନ କରିବାକୁ ସେ ନିଜ ଯାଇ ଦେଖିବେ ବୋଲି ମତବ୍ୟକ୍ତ କରିଥିବା ଉନ୍ନୟନ ପରିଷଦ ତରଫରୁ ରମେଶ ଚନ୍ଦ୍ର ପଣ୍ଡା କହିଛନ୍ତି।

# ଜୟନଗର ଅଞ୍ଚଳରେ ବେଆଇନ ଦେଶୀ ମଦଭାଟି

ଜୟପୁର,୨୧।୮ (ସମିସ):

କୋରାପୁଟ ଜିଲ୍ଲା ଜୟପୁର ସହରର ୧ ନମ୍ବର ୱାର୍ଡ ଜୟନଗର ଅଞ୍ଚଳରେ ବ୍ୟାପକ ବେଆଇନ ଦେଶୀ ମଦଭାଟି ରହିଛି। ଏହି ଅଞ୍ଚଳର ଟାଉନ ଥାନା ଏବଂ ଅବକାରୀ କାର୍ଯ୍ୟାଳୟ ଠାରୁ ଅଧିକ ଦୂରତାରେ ରହୁଥିବା ବେଳେ ବିନା ଭୟରେ ବେଆଇନ ଦେଶୀମଦ ଭାଟି ମାଲିକ ମାନେ ଏହି ମଦଭାଟି ପରିଚାଳନା କରୁଛନ୍ତି। ସହର ଏବଂ ସ୍ଥାନୀୟ ଜୟନଗର ଅଞ୍ଚଳର ଅଧିକାଂଶ ଯୁବପୀଢି ଏହି ଦେଶୀମଦ ଭାଟିରେ ବିକ୍ରି ହେଉଥିବା ଅପମିଶ୍ରିତ ମଦ ପିଇ ଜୀବନ ହରାଉଛନ୍ତି। ଏହିପରି ସ୍ଥାନୀୟ ବାସିନ୍ଦା କହିବା ଅନୁଯାୟୀ ଜୟନଗର ପରଜା ସାହିରେ ବେଆଇନ ଭାବେ ପଣ୍ଡା ଦେଶୀମଦଭାଟି ରହିଥିବା ବେଳେ ଉକ୍ତ ଭାଟିରେ ଅପମିଶ୍ରିତ ଦେଶୀ ମଦ ସ୍ଥାନୀୟ ସହରର ନିକଟସ୍ଥ କଳାଗୁଡା ଏବଂ ନୀଳାଗୁଡା ଅଞ୍ଚଳରୁ ପ୍ରସ୍ତୁତ କରାଯାଇ ଅଣାଯାଇ ଏଠାରେ ବିକ୍ରି କରାଯାଉଛି। ଏହିପରି ଏହି ଦେଶୀମଦ ଅପମିଶ୍ରିତ ଏବଂ ବିଷାକ୍ତ ରହିଥିବା ଯୋଗୁଁ ଅଧିକାଂଶ ଯୁବପୀଢି ଏହି ମଦ ପିଇବାର ଅଭ୍ୟସ୍ତ ହୋଇ ଯୁବ ବୟସରେ ମୃତ୍ୟୁ ହେଉଛି। ଏହିପରି ଜୟନଗର ଅଞ୍ଚଳରେ ବ୍ୟାପକମାତ୍ରାରେ ବେଆଇନ ମଦଭାଟି

### ମଦପିଇ ଅନେକଙ୍କ ଜୀବନ ଗଲାଣି

ଗୁଡିକ ରହିଥିବା ପୁଲିସ ଏବଂ ଅବକାରୀ ଜାଣିଥିଲେ ସୁଦ୍ଧା କୌଣସି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଯୋଗୁଁ ଏହି ମଦଭାଟି ଗୁଡିକ ବନ୍ଦ ହେଉନାହିଁ। ଏହିପରି ବର୍ଷର ଥରେ କିମ୍ବା ଦୁଇଥର ଅଭିଯୋଗ କ୍ରମେ ଚଢଉ କରାଯାଇ କିଛି ଅଳ୍ପ ମାତ୍ରାରେ ମଦ ଜବତ ନେଇ ମାମଲା ରୁଜୁ କରାଯାଇ ମଦ ବିକ୍ରିକାରୀ କିମ୍ବା ଚାଲାଣକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଉଛି।ଏହିପରି ଗୋଟିଏ କିମ୍ବା ଦୁଇ ଦିନରେ ଅଭିଯୁକ୍ତ ମାନେ ଜେଲରୁ ଜାମିନରେ ଫେରି ପୁଣି ସେମାନଙ୍କ ବେଆଇନ ଭାଟି ପୂର୍ବଭଳି ପରିଚାଳନା କରୁଛନ୍ତି ଏବଂ ବେଆଇନ ଅପମିଶ୍ରିତ ବିଷାକ୍ତ ଦେଶୀ ମଦ ବିକ୍ରି କରୁଛନ୍ତି। ତେଣୁ ଏହିପରି ପୁଲିସ ଏବଂ ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ ସନ୍ଦେହ ସହ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହିପରି ଜୟପୁର ଅବକାରୀ ଥାନା ଅଧିକାରୀ ସୁବ୍ରତ କୁମାର ହିରନ କହିଛନ୍ତି । ବିକ୍ରିକାରୀ ମାନଙ୍କୁ ବିଭିନ୍ନ ସମୟରେ ଚଢଉ କରାଯାଇ ଗିରଫ କରିବା ସହ କୋର୍ଟ ଚାଲଣ ଏବଂ ବେଆଇନ ମଦ ମଧ୍ୟ ଜବତ କରାଯାଉଛି। କିନ୍ତୁ ଆଇନ ଅନୁଯାୟୀ ଫେରି ପୁଣି ସେମାନଙ୍କ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏହିପରି ସେମାନ ନିଜ ନିଜ ଗୃହରେ ଲୁଚାଛପାପେ ବିକ୍ରି କରୁଥିବା ଯୋଗୁଁ ଚଢଉ ବେଳେ ଏହି ସାମଗ୍ରୀ ଲୁଚାଇ ଦିଅନ୍ତି।

## ଜେକେପୁର ଦୁର୍ଗାପୂଜା ପାଇଁ ଭୂମି ପୂଜନ



ରାୟଗଡ଼ା,୨୧।୮ (ସମିସ): ବହୁ ପ୍ରସିଦ୍ଧ ରାୟଗଡା ଜିଲ୍ଲା ଜେକେପୁର ଦୁର୍ଗା ପୂଜା ଉତ୍ସବ ନିମନ୍ତେ ଆଜି ଅପରାହ୍ଣରେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ବିନୟ ଦ୍ୱିବେଦୀଙ୍କ ପୌରହିତ୍ୟରେ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ବିଶ୍ୱଜିତ୍ ଦ୍ୱିବେଦୀ , ଉପସଭାପତି ବାଣିଜ୍ୟ ରାଘବେନ୍ଦ୍ର ହାର୍ବର ଉପ ସଭାପତି ଉତ୍ପାଦ ଓ ଅନ୍ୟାନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅବ୍ୟବସ୍ଥା ମଧ୍ୟରେ ଡଙ୍ଗାସିଲ ବାଳିକା ଉଚ୍ଚ ବିଦ୍ୟାଳୟ

ଟିକିରି,୨୧।୮ (ସମିସ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ରାୟଗଡ଼ା କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଡ଼ଙ୍ଗାସିଲ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ ଘୋର ଅବ୍ୟବସ୍ଥାରେ ଚାଲୁଥିବା ଏବଂ ପରିଚାଳନାଗତ ତ୍ରୁଟି ପରିଲକ୍ଷିତ ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬୩୮ ଜଣ ଛାତ୍ରୀ ହଷ୍ଟେଲରେ ରହି ପଢୁଛନ୍ତି। ଏହି ବିଦ୍ୟାଳୟରେ ଯୁକ୍ତ ଦୁଇରେ ଛାତ୍ରୀ ମାନେ ରହି ପଢୁଛନ୍ତି। ଗତ ବର୍ଷ ଜଣେ ନାବାଳିକାକୁ ଜନୈକା ଚତୁର୍ଥ ଶ୍ରେଣୀ କର୍ମଚାରୀ ଅସଦାଚାରଣ କରିଥିବା ଅଭିଯୋଗରେ ଜେଲ ଯାଇଥିଲେ। ବିଦ୍ୟାଳୟ ପରିସରରେ ଦୋକାନ ଖୋଲା ଯାଇଥିବା ଅଭିଯୋଗ ହୋଇଛି। ସରକାରଙ୍କ ତରଫରୁ ସମସ୍ତ ଅନ୍ତେବାସୀଙ୍କ ନିମନ୍ତେ ତେଲ, ସାବୁନ, ପ୍ରଶାଧନ ସାମଗ୍ରୀ, ସହ ଖାଦ୍ୟ, ଜଳଖିଆ ଦେବାର ପ୍ରବଧାନ ରହିଛି। ତଥାପି କାହାର ଅନୁମତିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୋକାନ ଖୋଲିବାର ଅନୁମତି ଦେଲେ ତାହା ତଦନ୍ତ ସାପେକ୍ଷ। ଏହି ବିଦ୍ୟାଳୟରେ ଅନ୍ତେବାସୀଙ୍କ ଏକାଠି ବସି ଖାଇବା ନିମନ୍ତେ ଡାଇନିଂ ରୁମ ଥିଲେ ମଧ୍ୟ ତାହା ବ୍ୟବହାର ହେଉନାହିଁ।ପ୍ରଧାନଶିକ୍ଷକ ଜାଳେଣିକାଠ ଡାଇନିଂ ରୁମରେ ରଖି ଥିବା ଦେଖି ପରିଦର୍ଶନରେ ଆସି ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ରାୟଗଡା ବିରକ୍ତି ପ୍ରକାଶ କରିଥିଲେ। ସେହିପରି ଏଠାରେ ଜଣେ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ରଶ୍ମିତା ମାଝୀ ଥିଲେ । ତାଙ୍କୁ ସହକାରୀ ପରିଚାଳିକା ଭାବେ ବାଳିକା ମାନଙ୍କ ହଷ୍ଟେଲ ଦାୟିତ୍ୱ ଦିଆନଯାଇ ଜଣେ ପୁରୁଷ ବିଜ୍ଞାନ ଶିକ୍ଷକ(ଟିଜିଟି) ନୀଳମାଧବ



ମଲ୍ଲିକଙ୍କୁ ଦାୟିତ୍ୱ ଦିଆଯାଇଛି। ବାଳିକା ମାନଙ୍କ ରୋଷେଇ ପାଇଁ ଦୁଇଜଣ ପୁରୁଷ ରୋଷେୟା ପୂରନ୍ଦର ମାଝୀଙ୍କୁ ଓ କଲେଜ ପାଇଁ କପିଳ ମାଝିଙ୍କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜ୍ଞାନ ରଞ୍ଜନ ସାହୁ ଆଦେଶ ଦେଇଛନ୍ତି। ବାଳିକା ବିଦ୍ୟାଳୟରେ ମହିଳା ଶିକ୍ଷୟିତ୍ରୀ ଥାଉ ଥାଉ ଜଣେ ପୁରୁଷ ଶିକ୍ଷକଙ୍କୁ ସହକାରୀ ସୁପରିନ୍‌ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ କିପରି ଦିଆଗଲା ତାହା ବାଳିକା ମାନଙ୍କ ନିରାପତ୍ତା ଓ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମହିଳା ରୋଷେୟା ମାନଙ୍କୁ କେବଳ ଫାଟକ ଦାୟିତ୍ୱ, କାର୍ଯ୍ୟାଳୟ ଦାୟିତ୍ୱ ଦେଇଥିବା ଅଭିଯୋଗ ହେଉଛି। ।

## ସାଇବର ଠକେଇର ଶିକାର ହେଲେ ଅବସରପ୍ରାପ୍ତ କର୍ମଚାରୀ

ରାୟଗଡ଼ା,୨୧।୮ (ସମିସ): ରାୟଗଡ଼ା ଜିଲ୍ଲାରେ ସାଇବର ଠକେଇଙ୍କ ଜାଲରେ ପଡ଼ି ଅନେକ ଲୋକ ଏହାର ଶିକାର ହୋଇ ଲକ୍ଷ ଲକ୍ଷ ଟଙ୍କା ହରାଇଛନ୍ତି। ଗତକାଲି ରାୟଗଡ଼ା ସହରର ଇନ୍ଦିରା ନଗର ତୃତୀୟ ଗଳିରେ ରହୁଥିବା ଜନସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଏହି ସାଇବର ଠକେଇର ଶିକାର ହୋଇ ୧ ଲକ୍ଷ



୨୪ ହଜାର ଟଙ୍କା ତାଙ୍କ ଆକାଉଣ୍ଟରୁ କଟି ଯାଇଥିବା ସୂଚନା ମିଳିଛି। ଗତକାଲି ପୂର୍ବାହ୍ନ ସମୟରେ ଏକ ମେସେଜ ତାଙ୍କ ମୋବାଇଲକୁ ଆସିବା ପରେ ସେ ଏହାକୁ ଖୋଲିଥିଲେ। ହଠାତ ତାଙ୍କ ଆକାଉଣ୍ଟରୁ ୧.୨୪ଲକ୍ଷ ଟଙ୍କା ଉଠାଣ ହୋଇଥିବା ସେ ମେସେଜ ପାଇଥିଲେ । ତୁରନ୍ତ ଏ ନେଇ ସେ ବ୍ୟାଙ୍କକୁ ଯାଇ ପଚାରିଥିବା ବେଳେ ଉକ୍ତ ମୋବାଇଲ ସହ ସଂଶ୍ଳିଷ୍ଟ ଥିବା ଏସବିଆଇ ଏଡିବି ବ୍ୟାଙ୍କ ଆକାଉଣ୍ଟରୁ ଏହି ଟଙ୍କା ସାଇବର ଠକେଇ ଉଠାଣ କରିଥିବ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଜଣାଇଥିଲେ। ଫଳରେ ଉକ୍ତ ଘଟଣା ପରେ ବ୍ୟାଙ୍କ ଆକାଉଣ୍ଟକୁ ଅସ୍ଥାୟୀ ଭାବେ ବନ୍ଦ କରଯାଇଥିଲା। ଏହାକୁ ନେଇ ପୋଲିସ ସାଇବର ସେଲରେ ଏତଲା ଦେବାକୁ କହିଥିଲେ। ସାଇବର ଠକେଇ ଭଳି ଅପରାଧକୁ ରୋକିବାକୁ ରାୟଗଡା ପୋଲିସ ଓ ସାଇବର ସେଲ ପକ୍ଷରୁ ପର୍ଯ୍ୟାୟକ୍ରମେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସାଧାରଣରେ ଦାବି ହେଉଛି

### ● ୯ ମାସ ହେଲା ଡାକ୍ତର ନାହାନ୍ତି

## ଝାଡୁଦାର ଓ ସ୍ୱାସ୍ଥ୍ୟକର୍ମୀ ଚଳାଉଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ର




କଲ୍ୟାଣସିଂହପୁର,୨୧।୮ (ସମିସ):

ବଡ଼ତୋଡ୍ରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୯ ମାସ ହେଲା ଡାକ୍ତର ନାହାନ୍ତି। ଝାଡୁଦାର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଚାଲିଛି ଚିକିତ୍ସା। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଉନ୍ନତ କରୁଛନ୍ତି ବୋଲି ଡିଣ୍ଡିମ ପିଟୁଥିବା ବେଳେ ଡାକ୍ତର ନଥାଇ ଜଣେ ଅସ୍ଥାୟୀ ଝାଡୁଦାରଙ୍କ ଦ୍ୱାରା ରୋଗୀ ସେବା କରାଯାଉଥିବା ଦେଖିବାକୁ ମିଳିଛି। ୯ ମାସ ପୂର୍ବେ ଜଣେ ଡାକ୍ତର ନିଯୁକ୍ତି ପାଇଥିଲେ। ପରେ ବଦଳି ହୋଇ ଯାଇଥିବାରୁ ଏଭଳି ସମସ୍ୟା ହେବାରୁ ବିନା ଡାକ୍ତରରେ ଝାଡୁଦାର ଓ ସ୍ୱାସ୍ୟକର୍ମୀଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଉଛି ରୋଗୀଙ୍କୁ। ଦିନକୁ ୫୦ରୁ ଅଧିକ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଛନ୍ତି। ଡାକ୍ତର ନଥିବାରୁ ସ୍ୱାସ୍ଥ୍ୟକର୍ମୀ ଓ ଝାଡୁଦାର ଯାହା ଜାଣିଛନ୍ତି, ତାହା ବଟିକା ସରାପ ଦେଇ ଚିକିତ୍ସା କରି ରୋଗୀଙ୍କୁ ପଠେଇ ଦେଉଥାନ୍ତି। ଫଳରେ ରୋଗୀ ସୁସ୍ଥ ହେବାର ନାମ ନେଉନି। ଏମିତି ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତର ବଡ଼ତୋଡ୍ରାର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନାରାୟଣପୁର, କୋରପା ଓ ଧାମୁଣିପଙ୍ଗା ପଞ୍ଚାୟ ଏବଂ କାଶୀପୁର ବ୍ଲକର ପାହାଡ଼ ଉପର ମାଳି ଅଞ୍ଚଳର ଲୋକମାନେ ଭରସା କରନ୍ତି। ଆଜକୁ ୯ ମାସ ହେବ ଡାକ୍ତର ନ ଥିବାରୁ ଗରିବ ଶ୍ରେଣୀର ଲୋକ ହୋଇ ଥିବାରୁ ହାତରେ ଟଙ୍କା ନ ଥିବାରୁ ବଡ଼ ଡାକ୍ତରଖାନା ନଯାଇ ନକଲି ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ଦେଖାଇ ସର୍ବସ୍ୱ ହରାଇ ମୃତ୍ୟୁ ମୁଖରେ ପଡିଥାନ୍ତି। ଅଧିକ ଟଙ୍କା ଖର୍ଚ୍ଚ କରିବା ପାଇଁ ସକ୍ଷମ ନ ଥିବାରୁ ବାଧ୍ୟ ହୋଇ ସରକାର ଯୋଗାଉଥିବା ମାଗଣା ଚାଉଳ, ମାଣ୍ଡିଆ ଇତ୍ୟାଦି ସାମଗ୍ରୀକୁ ଜୀବନ ବଞ୍ଚାଇବା ପାଇଁ ବିକ୍ରି କରି କ୍ୱାକ୍‌ଙ୍କୁ ଟଙ୍କା ଦେଉଥିବା ଅଭିଯୋଗ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଶାସନ ତୁରନ୍ତ ଜଣେ ଡାକ୍ତର ଓ ଫର୍ମାସିଷ୍ଟ ନିଯୁକ୍ତି ଦେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବେଆଇନ କ୍ଲିନିକ୍ ସିଲ୍ ମାମଲା

# ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି





ଗୁଣୁପୁର,୨୧।୮ (ସମିସ): ଗୁଣୁପୁର ପୌରପରିଷଦର କପିଳପରୁ ଠାରେ ଥିବା ଲକ୍ଷ୍ମଣ ଲାବନ୍ୟ (ମାତୃ) ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର ନାମରେ ୬ ମହଲା ବିଶିଷ୍ଟ କ୍ଲିନିକ୍ ଗଢିଉଠିଥିଲା। ଏହି କ୍ଲିନିକ୍‌ରେ ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱରେ ଥିବା ସୁପରିନ୍‌ଟେଣ୍ଡେଣ୍ଟ ପ୍ରଦୀପ କୁମାର ପଣ୍ଡା ଏହି କ୍ଲିନିକ୍‌ରେ ବିଭିନ୍ନ ବେଆଇନ କାର୍ଯ୍ୟ କରି ଚିକିତ୍ସା କରିବା, ପ୍ରସୂତିଙ୍କୁ ଅପରେସନ କରି ପ୍ରସବ କରାଇବା, ଶିଶୁ ବିକ୍ରି କରିବା, ପ୍ରସୂତିଙ୍କ ଅଲଟ୍ରାସାଉଣ୍ଡ ମାଧ୍ୟମରେ ଫୋଟ ଉତ୍ତୋଳନ କରିବା, ଗର୍ଭପାତ କରାଇବା ଭଳି ସାଂଘାତିକ ଘଟଣା ଲୋକଲୋଚନକୁ ଆସିଥିଲା। ଏପରିକି ଅସ୍ତ୍ରୋପଚାର ପରେ ପ୍ରସୂତି ମାନେ ସେଠାରେ ମୃତ୍ୟୁବରଣ ମଧ୍ୟ କରିଛନ୍ତି। ଅଗଷ୍ଟ ୧ ତାରିଖ ଢେପଭଣ୍ଡାରି ସାହିର ଗୌତମୀ ବାଉରି ଏହି କ୍ଲିନିକ୍‌ରେ ପ୍ରସବ ପାଇଁ ଯାଇଥିଲେ। ସେଠାରେ ଡାକ୍ତର ପଣ୍ଡା ତାଙ୍କୁ ଅସ୍ତ୍ରୋପଚାର କରି ପ୍ରସବ କରାଇଥିଲେ। ଅଗଷ୍ଟ ୬ ତାରିଖେ ଗୌତମୀଙ୍କ ମୃତ୍ୟୁ ଘଟିଥିଲା। ୪ ଦିନର ଛୁଆ ଧରି ପରିବାର ଲୋକେ ଡହଳବିକଳ ହେଉଛନ୍ତି। ଅଞ୍ଚଳବାସିନ୍ଦା ଏହାକୁ ନେଇ କ୍ଲିନିକ୍ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହାପରେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ କ୍ଲିନିକ୍ କର୍ତ୍ତୃପକ୍ଷ। ସଙ୍କେତ ଡାଙ୍ଗୁଡୁ ନାମକ ଯୁବକ ଏନେଇ ଅନଲାଇନ୍ ମାଧ୍ୟମରେ ଥାନାରେ କ୍ଲିନିକ୍ ବିରୋଧରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଡାକ୍ତର ପଣ୍ଡାଙ୍କୁ ନୋଟିସ୍ କରିବା ପରେ କାଗଜପତ୍ର ଯାଞ୍ଚ କରିବା ପାଇଁ ଅବଗତ କରିଥିଲେ। ଡାକ୍ତର କୌଣସି କାଗଜପତ୍ର ଦେଖାଇ ନପାରିବାରୁ ବେଆଇନ କ୍ଲିନିକ୍‌କୁ ଅଗଷ୍ଟ ୧୬ ତାରିଖରେ ସିଲ୍ କରାଯାଇଥିଲା। ଜଣେ ସରକାରୀ ଡାକ୍ତର ଏହି ବେଆଇନ କ୍ଲିନିକ୍ ଚଳାଇଥିବା ଜଣାପଡିବା ପରେ କ୍ଲିନିକ୍‌ରେ ତାଲା ପକାଇ ଚୁପ୍ ବସିଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ଏପରିକି ସିଲ୍ କରିବା ପୂର୍ବରୁ ଡାକ୍ତର କ୍ଲିନିକ୍ ଭିତରେ ଥିବା ସମସ୍ତ

### ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ତୃତୀୟ ଲିଙ୍ଗ ମହାସଂଘ

ଗୁରୁତ୍ୱପୂର୍ଣ୍ଣ ମେସିନ ସ୍ଥାନାନ୍ତରିତ ପାଇଁ ସୁଯୋଗ ପାଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଭୂମିକାକୁ ତଦନ୍ତ ପରିସରଭୁକ୍ତ କରିବା ସହ ଡାକ୍ତରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯାଉଛି। ପ୍ରଶାସନ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ଗୁଣୁପୁର ଉପଖଣ୍ଡସ୍ତରୀୟ ମେଡିକାଲ ସୁପରିନ୍‌ଟେଣ୍ଡେଣ୍ଟ ଦାୟିତ୍ୱରୁ ହଟାଇବା ପାଇଁ ଦାବି ହେଉଛି। ଆଜି ମା' ମାଝୀ ଗୋରି ସି ବି ଓ ତୃତୀୟ ଲିଙ୍ଗ ମହାସଂଘ ପକ୍ଷରୁ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହାସହ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କୁ ମଧ୍ୟ ଦାବି ଜଣାଇବା ସହ ତୁରନ୍ତ ପଦକ୍ଷେପ ନେବାପାଇଁ ତୃତୀୟଲିଙ୍ଗୀ ମାନେ ଅଭିଯୋଗ କରିଥିଲେ। ବିଧାୟକ ଓ ଉପଜିଲ୍ଲାପାଳଙ୍କୁ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସ୍ୱାର୍ଥକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି। ଏଭଳି ଡାକ୍ତରଙ୍କୁ ମୁଖ୍ୟ ପରିଚାଳନା ଦାୟିତ୍ୱ ଦେବା ସ୍ୱାସ୍ଥ୍ୟ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି ତୃତୀୟଲିଙ୍ଗ ମହାସଂଘର ଜିଲ୍ଲା ସମ୍ପାଦକ ପିଙ୍କି ମହାପାତ୍ର। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେଣୁ ଜିଲ୍ଲା ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ସାର କଳାବଜାରୀ କରୁଛନ୍ତି ସିଆରସିସି !

# ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ କହିଲେ ଜିଲ୍ଲା କୃଷି ଅଧିକାରୀ

ମାଲକାନଗିରି, ୨୧।୮ (ସମିସ):



ମାଲକାନଗିରି ଜିଲ୍ଲାରେ ଦିନକୁ ଦିନ ବଢ଼ିବାରେ ଲାଗିଛି ୟୁରିଆ ସାରର କଳା ବଜାରୀ। ସ୍ପଷ୍ଟ ଦିବାଲୋକରେ ଜାତୀୟ ରାଜପଥ ଓ ଗ୍ରାମାଞ୍ଚଳ ରାସ୍ତାରେ ଟ୍ରକ୍ ଟ୍ରକ୍ ୟୁରିଆ ଚଢ଼ାଦରରେ କଳାବଜାରୀ ଭାବେ ବିକ୍ରି ହେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ନିଆଯାଉ ନାହିଁ ଠୋସ ପଦକ୍ଷେପ। ଏପରି ଅଭିଯୋଗ ପାଇ ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ମଧ୍ୟ ନୀରବ ଦ୍ରଷ୍ଟା ଭାବେ ରହିଥିବା ବେଳେ କେବଳ କାରଣ ଦର୍ଶାଅ ନୋଟିସ ଜାରି କରି ଚୁପ ବସିଥିବା ଅଭିଯୋଗ ଆସିଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲାରେ ବର୍ତ୍ତମାନ ଚାଷୀଙ୍କୁ ସଠିକ ଭାବେ ୟୁରିଆ ମିଳୁ ନଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁଯାୟୀ ଚାଷୀଙ୍କୁ ସ୍ୱଳ୍ପ ଦରରେ ୟୁରିଆ ଯୋଗାଇବାକୁ ବ୍ୟବସ୍ଥା ରହିଥିଲେ ମଧ୍ୟ ସରକାର ଉଚିତ ପରିମାଣର ୟୁରିଆ ଯୋଗାଇ ପାରୁନଥିବାରୁ ଏହାର କଳା ବଜାରୀ ବଢ଼ିବାରେ ଲାଗିଛି। ଜିଲ୍ଲା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ପାଣ୍ଡରିପାଣି ନିକଟରେ ଥିବା ଏକ ସାର ଦୋକାନ ସମ୍ମୁଖରେ ଖୋଲାଖୋଲି ଭାବେ କାଳବଜାରୀ ହୋଇଥିବା ୟୁରିଆ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ତେବେ ଅଧିକ ଚାଷୀ ୟୁରିଆ କ୍ରୟ କରିବାକୁ ଆସିବାରୁ ଜାତୀୟ ରାଜପଥ ଠାରୁ କିଛି ଦୂରକୁ ୟୁରିଆ ବୋଝେଇ ଟ୍ରକକୁ ନେଇ ଦୋକାନୀ ଚଢ଼ା ଦରରେ ଚାଷୀଙ୍କୁ ୟୁରିଆ ବିକ୍ରି କରୁଥିବା ଜଣାପଡ଼ିଛି। ୟୁରିଆ ବିକ୍ରି ପାଇଁ ସରକାର ଅନେକ ନିୟମ କରିଥିବା ବେଳେ ଏହି ନିୟମକୁ ଫୁ କରି ଦୋକାନୀ ଜଣଙ୍କ ବେଧଡକ ଭାବେ ୟୁରିଆ ବିକ୍ରି କରୁଛନ୍ତି। ସବୁଠାରୁ ବଡ଼କଥା ହେଉଛି ରାସ୍ତା ଉପରେ ପ୍ରତି ୟୁରିଆ ବସ୍ତା ପିଛା ପ୍ରାୟ ୭୦୦ ଟଙ୍କା ଆଦାୟ କରି ୟୁରିଆ ବିକ୍ରି କରୁଥିବା ବ୍ୟକ୍ତି ଜଣଙ୍କ ନିଜେ ଜଣେ ସରକାରୀ ଅଧିକାରୀ। ନିଜ ସ୍ତ୍ରୀଙ୍କ ନାମରେ ସାର ଦୋକାନ ପାଇଁ ଲାଇସେନ୍ସ କରି ଏହି ବ୍ୟକ୍ତି ଜଣଙ୍କ ଏପରି କଳା ବଜାରୀ କରୁଥିବା ବେଳେ ସେ ମାଥିଲି ବ୍ଲକ ଶିକ୍ଷା ବିଭାଗରେ ଜଣେ ସିଆରସିସି ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏହି ୟୁରିଆର କଳା ବଜାରୀ ହେଉଥିବାନେଇ କୃଷିବିଭାଗରଭୋଲାନାଥ ପୂଜାରୀ ଓ ଅନ୍ୟ ଜଣେ ଅଧିକାରୀ ଘଟଣା ସ୍ଥଳକୁ ଯାଇଥିଲେ ମଧ୍ୟ ତାଙ୍କ ସାମ୍ନାରେ ୟୁରିଆର ଚଢ଼ା ଦରରେ ବିକ୍ରିହୋଇଥିଲା ଏବଂ ସେ ସେଠାରେ କୌଣସି ପଦକ୍ଷେପ ନେଇ ନଥିଲେ। ଏପରିକି ସେ କୌଣସି ସାର ବସ୍ତା କିମ୍ବା କୌଣସି ଗାଡି ଜବତ କରିବା ତ ଦୂରର କଥା ସେ ଉକ୍ତ ୟୁରିଆ ବିକ୍ରୟ କରୁଥିବା ବ୍ୟକ୍ତିଙ୍କ ସହ କଥା ବାର୍ତ୍ତା ହୋଇ ତାଙ୍କୁ ଯିବାକୁ ଦେଇଥିଲେ। ଯାହାକି କଳା ବେପାରୀ ଓ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ସନ୍ଦେହ ସୃଷ୍ଟି କରୁଥିବା ବେଳେ ଏନେଇ ଆମେ ଶ୍ରୀ ପୂଜାରୀଙ୍କୁ ଯୋଗାଯୋଗ କରିବାରୁ ସେ ଉକ୍ତ ଦୋକାନୀଙ୍କ ନାମରେ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ପ୍ରକାଶ କରିଥିଲେ। ତେବେ ଏନେଇ ଆମେ ଜିଲ୍ଲା କୃଷି ଅଧିକାରୀ ମହେଶ କୁମାର ପାଢ଼ୀଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ ଉକ୍ତ ସାର ବ୍ୟବସାୟୀ ବେଆଇନ ଭାବେ ସାର ବିକ୍ରୟ କରୁଥିବା ହେତୁ ତାଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ବେଳେ ୭ ଦିନ ମଧ୍ୟରେ ଏହାର ସନ୍ତୋଷ ଜନକ ଉତ୍ତର ନଦେଲେ ସେ ଉକ୍ତ ବ୍ୟବସାୟୀଙ୍କ ଲାଇସେନ୍ସ ରଦ୍ଦ କରିବେ। ଯଦି ଏଥିରେ ତାଙ୍କ ବିଭାଗ କୌଣସି ଅଧିକାରୀଙ୍କ ସମ୍ପୃକ୍ତ ରହିଥିବ କିମ୍ବା କେହି ଯଦି ନିଜ ଦାୟିତ୍ୱରେ ଅବହେଳା କରିଛନ୍ତି, ତାହାର ତଦନ୍ତ କରି ଉଚିତ ପଦକ୍ଷେପ ନେବେ ବୋଲି ଶ୍ରୀ ପାଢ଼ୀ ପ୍ରକାଶ କରିଛନ୍ତି। ତେବେ ଜଣେ ସିଆରସିସି ସାରର କଳା ବଜାରୀ କରୁଥିବା ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରାଯିବାରେ ସେ ପ୍ରକାଶ କରିଛନ୍ତି ଯେ ଏହା ଗ୍ରହଣୀୟ ନୁହେଁ। ଘଟଣା ବିଷୟରେ ତଦନ୍ତ କରି ପଦକ୍ଷେପ ନେବେ ବୋଲି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

# ଅଙ୍ଗନବାଡି କର୍ମଚାରୀଙ୍କ ବିଶାଳ ଧାରଣା , ଦାବିପତ୍ର ପ୍ରଦାନ



ରାୟଗଡ଼ା,୨୧।୮ (ସମିସ): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନବାଡିଲେଡିଜ ୱାର୍କର୍ସ ଆସୋସିଏସନର ରାଜ୍ୟ ନିଷ୍ପତ୍ତି କ୍ରମେ ରାୟଗଡ଼ା ଜିଲ୍ଲା ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍‌ର ଜିଲ୍ଲା ସଭାନେତ୍ରୀ ଜୟନ୍ତୀ ପଟ୍ଟନାୟକ ସାହୁ ଏବଂ ସମ୍ପାଦିକା ଉଷାରାଣୀ ବାଗଙ୍କ ନେତୃତ୍ୱରେ ରାୟଗଡ଼ା କାଳୀ ପୂଜା ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ପଦଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲାପାଳଙ୍କ ପକ୍ଷରୁ ଡେପୁଟି କଲେକ୍ଟର ନାରାୟଣ ମିଶ୍ର ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମାନିନି ଦେଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ, ସଭାପତି ମୋହନ ରାଓ ମାଝି , 'ସକ୍ଷମ'ର ପ୍ରାନ୍ତ ସଚିବ ଶ୍ୟାମ ଦାଶ , ଧର୍ମ ଫିଂ ନାଗ, ଦୁର୍ଗା ମାଧବ ଘୋଷ ଯୋଗ ଦେଇଥିଲେ। ଆଗାମୀ ଦିନରେ ସରକାର ଏବଂ ପ୍ରଶାସନ ଦାବି ଗୁଡ଼ିକ ପ୍ରତି ଦୃଷ୍ଟି ନଦେଲେ ଭାରତୀୟ ମଜଦୁର ସଂଘ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି ଶ୍ରମିକ ନେତା ଶ୍ରୀ ଦାସ ଚେତାବନୀ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ମମତା କୁମାରୀ ବିରିବଲାଇ, ମୋହିନୀ ପାଲାକା, ବିଷ୍ଣୁ ପ୍ରିୟା ଦଳେଇ, ସଂଯୁକ୍ତା ରଥ, ମୁଞ୍ଜୁଳା ମଣ୍ଡଳ, ଯୋସ୍ନା ସାହୁ, ଶାନ୍ତି କାଡରକା, ହେମଲତା ଚୌଧୁରୀ, ବାସନ୍ତୀ ଜିଲାକାରା, ସଞ୍ଜୁକ୍ତା ହରପାଲ, ରୀତା ରାଣୀ ପଣ୍ଡା ପରିଚାଳନା କରିଥିଲେ। ପୋଷଣ ଟ୍ରାକରରେ ଏଫଆରଏସ ସମୟରେ ହେଉଥିବା ନେଟୱର୍କ ସମସ୍ୟା, ହାଉସହୋଲ୍ଡ ସର୍ଭେ କାର୍ଯ୍ୟ କରିବା ଦାବି ସହ ଅନଲାଇନରେ ହେଉଥିବା କାର୍ଯ୍ୟକୁ ପୁନର୍ବାର ଅଫ ଲାଇନରେ କରିବା ବନ୍ଦ କରିବା, ଉନ୍ନତ ମାନର କେନ୍ଦ୍ର ତିଆରି କରିବା ସହିତ ପ୍ରତି କେନ୍ଦ୍ରକୁ ଜଳ ଯୋଗାଣ ନିମନ୍ତେ ପଦକ୍ଷେପ ନେବା, ମୁଖ୍ୟ ଶିକ୍ଷା ନୀତିରେ ଯୋଗ୍ୟତା ଭିତ୍ତିରେ ଅଙ୍ଗନବାଡି କର୍ମୀଙ୍କୁ ସୁଯୋଗ ଦେବାକୁ ଅନୁରୋଧ କରାଯାଇଛି।

# ରାୟଗଡ଼ା ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ଓ କର୍ମଚାରୀଙ୍କ ଧାରଣା



ରାୟଗଡ଼ା,୨୧।୮ (ସମିସ): ଓଡ଼ିଶା ବେସରକାରୀ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଡାକରା ଆନ୍ଦୋଳନକୁ ସମର୍ଥନ ଜଣାଇ ଆଜି ରାୟଗଡା ମହିଳା ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପିକା ଓ କର୍ମଚାରୀ ତରଫରୁ ଧାରଣା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଯୋଗଦେଇ ଧାରଣାରେ ବସିଥିଲେ। ୨୦୦୮ ମସିହାରୁ ୨୦୧୮ ମସିହା ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ ଓ କର୍ମଚାରିଙ୍କୁ ସରକାରୀ ଭୁକ୍ତ କରିବା ପାଇଁ ବାରମ୍ବାର ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ । ଫଳରେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏଥିସହ ପୂର୍ବ ସରକାର କମିଟି ମାଧ୍ୟମରେ ଦାବି ପୂରଣ ନେଇ ଆଲୋଚନା କରିଥିଲେ। ସଙ୍ଘ ପକ୍ଷରୁ ଏହି ଧାରଣା ପର୍ଯ୍ୟାୟ କ୍ରମେ ସାରା ଓଡ଼ିଶାର ସମସ୍ତ କଲେଜରେ ଦିଆଯାଉଥିବା ନେଇ ସୂଚନା ମିଳିଛି । ଶୀଘ୍ର ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଜିର ଧାରଣାବେଳେ ଅଧ୍ୟାପିକା ରୋଜାଲିନି ରାଉତ, ସୋନାଲି ବିଶ୍ୱାସ, ସାଗରୀକା ଦାଶ, ରୀତା ପ୍ରଧାନ, ସୁନନ୍ଦା ମହାପାତ୍ର, ଧରିତ୍ରୀ ଲିମାଇ, ଶ୍ରଦ୍ଧାଞ୍ଜଳି ପଣ୍ଡା, କର୍ମଚାରୀ ସୂଦୀପ୍ତା ଦାଶ, ଏସ. ମୁରଲୀଧରନ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ରାଉରକେଲା ଗସ୍ତରେ ରାୟଗଡ଼ା ବରିଷ୍ଠ ମହିଳା ହକି ଦଳ



ରାୟଗଡ଼ା,୨୧।୮ (ସମିସ): ହକି ଆସୋସିଏସନ ଓଡିଶା ପକ୍ଷରୁ ଓଡିଶାର ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେଉଥିବା ୪ର୍ଥ ରାଜ୍ୟସ୍ତରୀୟ ଚାମ୍ପିଆନସିପ -୨୦୨୫ ପ୍ରତିଯୋଗିତାରେ ରାୟଗଡ଼ା ବରିଷ୍ଠ ମହିଳା ହକି ଦଳ ଗୁରୁବାର ରାତ୍ର ୯ଟା ସମୟରେ ରାଉରକେଲା ଟ୍ରେନ ଯୋଗେ ଯାତ୍ରା କରିଛନ୍ତି। ଏ ନେଇ ଜିଲ୍ଲା କ୍ରୀଡା ଅଧିକାରୀ ଶେଖ୍ ଅଲ୍ଲିନର ସୂଚନା ପ୍ରଦାନ କରିଛନ୍ତି। ରାୟଗଡ଼ାର ବରିଷ୍ଠ ମହିଳା ହକି ଦଳ ହକି ଆସୋସିଏସନ୍ ସହ ପ୍ରଥମ ମ୍ୟାଚ୍ ଖେଳିବ , ଏହି ଦଳରେ ମମତା ପଲକିଆ ଟିମ୍ କ୍ୟାପଟେନ, ଭାଇସ କ୍ୟାପଟେନ ରିନା ହରିଜନ, ଗୋଲକିପର ଗୀତାଞ୍ଜଳି ପୋଡ଼୍,ସହ ୧୬ଜଣ ଖେଳାଳି ଭାଗନେବେ ।ଛ ଏହି ଟିମ୍ କୁ ହକି କୋଚ୍ ଜନସନ ଏକ୍କା ଓ କ୍ୟାପଟେନ ରୀତା ରାଣୀ ମିଶ୍ର ପ୍ରସ୍ତୁତ କରିଥିବା ବେଳେ ଟିମ୍ ର କୋଚ ଭାବରେ ନଥାନ ବେଶ୍ରା,ଓ ମ୍ୟାନେଜର ପ୍ରୀତିଶୁଧ ପଣ୍ଡା ଦାୟିତ୍? ନେଇଛନ୍ତି ।ଛ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅର୍ଚ୍ଚନା ପଟ୍ଟନାୟକ ଓ ଭାରତୀ ଚୌଧୁରୀ ଏବଂ ଶାନ୍ତିଲତା ମିଶ୍ର ଖେଳାଳି ଙ୍କୁ ଶୁଭେଚ୍ଛା ଜଣାଇବା ସହ ଜିଲ୍ଲାର କ୍ରୀଡା ଅଧିକାରୀ ସମସ୍ତ ଖର୍ଚ୍ଚ ବହନ କରିବା ସହ ସମ୍ପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତ। ଏହି ଚାମ୍ପିଆନସିପରେ ଗତ ୨୦ ତାରିଖରୁ ୨୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଓଡିଶା ସବ୍ ଜୁନିଅର ମହିଳା ରାଜ୍ୟ ହକି ଚାମ୍ପିଆନସିପ ମ୍ୟାଚରେ ରାୟଗଡ଼ା ସବ ଜୁନିଅର ଟିମ୍ ପ୍ରଥମ ମ୍ୟାଚରେ ମାଲକାନଗିରି ଟିମକୁ ୫-୦ଗୋଲରେ ପରାସ୍ତ କରି ବିଜୟ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ସୁନ୍ଦରଗଡ ଟିମ୍ ଠାରୁ ୫-୧ଗୋଲରେ ପରାସ୍ତ ହୋଇଥିବା ନେଇ ଜିଲ୍ଲା କ୍ରୀଡା ଅଧିକାରୀ ଶେଖ୍ଅଲ୍ଲିନର ସୂଚନା ଦେଇଛନ୍ତି। ରାୟଗଡ଼ା ବରିଷ୍ଠ ମହିଳା ହକି ଟିମକୁ ବିଭିନ୍ନ ମହଲରୁ ଶୁଭକାମନା ଜଣାଯାଇଛି।

# ନାବାଳିକା ଗର୍ଭବତୀ, ଘଟଣାକୁ ଚାପି ଦେବାକୁ ଉଦ୍ୟମ

କାଳିମେଳା/ପଡିଆ,୨୧।୮ (ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ଏମଭି ୫୯ ଗ୍ରାମରେ ଜଣେ ନାବାଳିକା ଗର୍ଭବତୀ ହେବା ପରେ ଏହାକୁ ଚପାଇ ଦେବାକୁ ଉଦ୍ୟମ ହେଉଛି। ଅଭିଯୁକ୍ତମାନଙ୍କ ଚାପରେ ନାବାଳିକାକୁ ରାଜ୍ୟ ବାହାରକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏହି ଘଟଣା ବାବଦରେ ପଡିଆ ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀଙ୍କୁ ପଚାରିବାରୁ ସେ ଏହି ଘଟଣା ବାବଦରେ ବୁଧବାର ଦିନ ସେହି ଗ୍ରାମର ଅଙ୍ଗନବାଡି କର୍ମୀଙ୍କ ଠାରୁ ସୂଚନା ପାଇଥିଲେ। ତେବେ ପୀଡିତା ଆନ୍ଧ୍ରକୁ ଚାଲି ଯାଇଥିବାରୁ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇ ପାରି ନଥିବା କହିଛନ୍ତି।ଅନ୍ୟପଟେ ପୀଡିତାଙ୍କୁ ଆନ୍ଧ୍ର ନିଆଯିବା ପରେ ସ୍ଥାନୀୟ ଅଞ୍ଚଳରେ ନାନା ପ୍ରକାରର ଚର୍ଚ୍ଚା ହେଉଥିବା ଜଣାପଡ଼ିଛି। ଏ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

# ମାଥିଲି ଗୁଳିକାଣ୍ଡ ଦିବସ ପାଳିତ

ମାଥିଲି, ୨୧।୮ (ସମିସ):



ମାଲକାନଗିରି ଜିଲ୍ଲାର ମାଥିଲିରେ ଗୁଳିକାଣ୍ଡ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୧୯୪୨ ମସିହାର ଅଗଷ୍ଟ ୨୧ ତାରିଖରେ ଦେଶ ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ମାଥିଲି ବ୍ଲକ ସଦରରେ ଥିବା ଲକ୍ଷ୍ମଣ ନାୟକ ଶହୀଦ ଭବନରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଗଲା। ପରେ ବିରାଟ ଶୋଭାଯାତ୍ରା ବାହାରି ମାଥିଲି ଥାନାରେ ସହିଦ ସ୍ତମ୍ଭ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରାଗଲା। ଏହି ଅବସରରେ ଚିତ୍ରକୋଣ୍ଡା ବିଧାୟକ ମଂଗୁ ଖିଲ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ସିପିଆଇ ନେତା ହଳଧର ପୂଜାରୀ, ବ୍ଲକ୍ ଅଧ୍ୟକ୍ଷ ମହେଶ କୁମାର ବାକା, ପୂର୍ବତନ ବିଧାୟକ ଡମ୍ବୁରୁ ସୀସା, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ବିଡିଓ ପ୍ରମୋଦ କୁମାର ବେହେରା, ଏବିଡିଓ ସୁରଜ କୁମାର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ମୁଖ୍ୟ ଉପଦେଷ୍ଟା ସ୍ମୃତି ରଞ୍ଜନ, ସରପଞ୍ଚ କାନମ ରାଜୁ ନାୟକ, ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ,ସମିତି ସଭ୍ୟ ତଥା ସହିଦ୍ ସ୍ମୃତି କମିଟିର ସଭାପତି ବାଲରାଜୁ କୋପେ, ସାଧାରଣ ସମ୍ପାଦକ କୁନାଲ ମିଶ୍ର, କୋଷାଧ୍ୟକ୍ଷ ବିକ୍ରମ କେଶରୀ ପାତ୍ର, ସଦସ୍ୟ ଅବଦୁଲ ଆଜିଜ୍ ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଜିଲ୍ଲା ପରିଷଦ ମାଥିଲି ଜୋନ ୩ ସସ୍ମିତା ମାଝୀ ସହିତ ସହିଦ ପରିବାରମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ସଂଗ୍ରାମୀଙ୍କ ବଳିଦାନ ଉପରେ ଆଲୋଚନା କରି କହିଥିଲେ ଯେ, ସେମାନଙ୍କର ସାହସ ଓ ତ୍ୟାଗ ଚିରସ୍ମରଣୀୟ ରହିବ। ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଓ ବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଇତିହାସ ଅନୁଯାୟୀ, ୧୯୪୨ ଅଗଷ୍ଟ ୨୧ ତାରିଖରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଡାକରେ ସଂଗ୍ରାମୀମାନେ ମାଥିଲି ଥାନାରେ ପତାକା ଉତ୍ତୋଳନ କରୁଥିବାବେଳେ ଇଂରାଜମାନେ ଗୁଳି ଚାଳନା କରିଥିଲେ। ଏହି ଗୁଳିକାଣ୍ଡରେ ବହୁ ସଂଗ୍ରାମୀ ସ୍ଥଳୀରେ ଟଳି ପଡ଼ିଥିଲେ ଓ ଦେଶ ସ୍ୱାଧୀନତା ପାଇଁ ନିଜ ଜୀବନ ବଳିଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସୁଦୂର ଭଦ୍ରକ ଜିଲ୍ଲାରୁ ଆସିଥିବା ଅଗଷ୍ଟ କ୍ରାନ୍ତି ସ୍ମାରକୀ ରଥର ସଭାପତି ବୈଲୋଚନ ଜେନା , ଜାତୀୟ ମହିଳା ଫେଡ୍ରେସନ୍‌ର ଜାତୀୟ ପରିଷଦ ସଭ୍ୟା ବନଲତା ଜେନା, ସହିଦ ତୀର୍ଥ ଯାତ୍ରୀ ସଞ୍ଜୀବ ବାରିକ, ଉତ୍କଳ ମହିଳା ସମିତି ସଭାନେତ୍ରୀ କୌଶଲ୍ୟା କୁଅଁର ଯୋଗ ଦେଇଥିଲେ। ସହିଦ ସ୍ମୃତି କମିଟି ମାଥିଲି ସମ୍ମାନିତ କରି ସ୍ୱାଗତ କରିଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ

ମାଲକାନଗିରି, ୨୧।୮ (ସମିସ): ମାଲାନଗିରି ଜିଲ୍ଲା ପୋଲିସ କର୍ମଚାରୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ ପ୍ରଦାନ କରାଯାଇଛି। ଜିଲ୍ଲା ସଦରରେ ଏମଭି ୩ ଠାରେ ଥିବା ନୂତନ ରିଜର୍ଭ କାର୍ଯ୍ୟାଳୟ ପରିସରରେ ଏନେଇ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଓଡ୍ରାଫ ଓ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ଏହି ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ପୋଲିସ କର୍ମଚାରୀ ମାନଙ୍କୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ପରିସ୍ଥିତିର ମୁକାବିଲା କରାଯିବ, ବିଭିନ୍ନ ବିପଦପୂର୍ଣ୍ଣ ସ୍ଥାନରେ ଫସି ରହିଥିବା ଲୋକଙ୍କୁ କିପରି ଉଦ୍ଧାର କରାଯିବ ସେନେଇ ତାଲିମ ଦିଆଯାଇଥିଲା।

## ■ ଶୌଚାଳୟ ଓ ଯାତ୍ରୀ ପ୍ରତୀକ୍ଷାଳୟ ନାହିଁ

# ଅମ୍ବାଦଳା ରେଳଷ୍ଟେସନରେ ଯାତ୍ରୀ ହନ୍ତସନ୍ତ

ମୁନିଗୁଡା,୨୧।୮ (ସମିସ): ଅମ୍ବାଦଳା ରେଳ ଷ୍ଟେସନର ରହିଥିବା ସମସ୍ୟାକୁ ନେଇ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଯାତ୍ରୀ। ବିଶେଷ କରି ଷ୍ଟେସନମାନଙ୍କରେ ଯାତ୍ରୀମାନଙ୍କ ପାଇଁ ପ୍ରତୀକ୍ଷାଳୟ ଓ ଶୌଚାଳୟ ନିହାତି ଆବଶ୍ୟକ। କିନ୍ତୁ ଉଭୟ ସୁବିଧା ଏହି ଷ୍ଟେସନରେ ନଥିବାରୁ ପ୍ରତିଦିନ ହଜାର ହଜାର ଯାତ୍ରୀ ବିଶେଷ କରି ମହିଳା ତଥା ଦିବ୍ୟାଙ୍ଗ ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମ୍ବଲପୁରରୁ ରାୟଗଡ଼ା ,ରାୟଗଡ଼ାରୁ ସମ୍ବଲପୁର, ଜୁନାଗଡରୁ ଭୁବନେଶ୍ୱର, ଭୁବନେଶ୍ୱରରୁ ଜୁନାଗଡ଼, ତିରୁପତି ବିଳାସପୁର, ବିଳାସପୁରରୁ ତିରୁପତି , ଟାଟାନଗର, ଏଲପି ଧନବାଦ, ଧାନବାଦ ଏଲ୍‌ଏପି ଭଳି ସୁପରଫାଷ୍ଟ ଓ ବିଭିନ୍ନ



ପାସେଞ୍ଜର ଟ୍ରେନ ଗୁଡ଼ିକ ନିତିଦିନିଆ ଭାବେ ଏହି ଷ୍ଟେସନରେ ରହିଥାଏ। ଏହି ଟ୍ରେନ ମାନଙ୍କରେ ପ୍ରତିଦିନ ଯିବା ଆସିବା କରୁଥିବା ଯାତ୍ରୀ ପ୍ରାୟ ହଜାରେ ଅଧିକ ହୋଇଥାନ୍ତି। ପ୍ରତୀକ୍ଷାଳୟ ନଥିବାରୁ ଯାତ୍ରୀ ମାନଙ୍କୁ ଘଣ୍ଟା ଘଣ୍ଟା ଧରି ବାହାରେ ରହି ଟ୍ରେନକୁ ଅପେକ୍ଷା କରିବାକୁ ପଡ଼ିଥାଏ। କୌଣସି କାରଣରୁ ଟ୍ରେନ ଆସିବାରେ ବିଳମ୍ବ ହେଲେ, ଯାତ୍ରୀମାନେ ନାହିଁ ନଥିବା ଅସୁବିଧା ଭୋଗିଥାନ୍ତି। ଷ୍ଟେସନ ଭିତରେ କିଛି ନୂତନ ଶୌଚାଳୟ ନିର୍ମାଣ କରାଯାଇଥିଲା, ତାହା କାମରେ ଆସୁନଥିବା ବେଳେ ଷ୍ଟେସନ ବାହାରେ ସର୍ବ ସାଧାରଣ ସ୍ଥାନରେ ମଧ୍ୟ ଶୌଚାଳୟ ନାହିଁ। ଫଳରେ ମହିଳା ତଥା ଯୁବତୀ ମାନେ ନାହିଁ ନଥିବା ସମସ୍ୟା ଭୋଗିବା ସହ ସୁରକ୍ଷା ପ୍ରତି ବିପଦ ମଣୁଛନ୍ତି । ଏଥିପ୍ରତି ରେଳ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସ୍କାଉଟ୍ ଗାଇଡ୍, ଜୁନିଅର ରେଡ୍‌କ୍ରସର କାର୍ଯ୍ୟକାରିଣୀ




ନବରଙ୍ଗପୁର,୨୧।୮ (ସମିସ): ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥିତ ସଦାଶିବ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଜିଲ୍ଲା ଖେଳକୁଦ, ସ୍କାଉଟଗାଇଡ ଏବଂ ଜୁନିଅର ରେଡକ୍ରସର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର , ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ରେଡକ୍ରସ ସମ୍ପାଦକ, ଅଗ୍ନିଶମ ବିଭାଗ ଅଧିକାରୀ, ଜିଲ୍ଲା ୟୁଥ୍ ରେଡକ୍ରସ ସମ୍ପାଦକ,ସ୍କାଉଟଗାଇଡ କମିଶନର୍ ,ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ , ନୋଡାଲ ସ୍କୁଲ୍ ପ୍ରଧାନ ଶିକ୍ଷକ ଓ ଜୁନିଅର ରେଡକ୍ରସ କାଉନସିଲର ମାନେ ଉପସ୍ଥିତ ଥିଲେ। ଜିଲ୍ଲା ଜୁନିଅର ରେଡକ୍ରସ ସହ ସମ୍ପାଦକ ନଳିନୀକାନ୍ତ ପାତ୍ର ସମସ୍ତଙ୍କୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ପଟ୍ଟନାୟକ ବୈଠକର ଆଭିମୁଖ୍ୟ ବ୍ୟକ୍ତ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ପଟ୍ଟନାୟକ ଗତ ଶିକ୍ଷା ବର୍ଷର ବିବରଣୀ ପାଠ ,ଚଳିତ ଶିକ୍ଷା ବର୍ଷ ପାଇଁ ଯୋଜନା ଗୁଡିକ ଉପସ୍ଥାପିତ କରିଥିଲେ। ଶେଷରେ ନଳିନୀକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଖର୍ଚ୍ଚ ହୋଇପାରିନି ଆସିଥିବା ଅନୁଦାନ

# ବିଭିନ୍ନ ସୁବିଧାରୁ ବଞ୍ଚିତ ହଷ୍ଟେଲ ଅନ୍ତେବାସୀ

ରାୟଗଡ଼ା,୨୧।୮ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣ ବିଭାଗ ଦ୍ୱାରା ଖର୍ଚ୍ଚ ନ ହୋଇପାରି ପଡି ରହିଛି ଆମେନିଟି ପାଇଁ ଆସିଥିବା ଅନୁଦାନ ରାଶି। ଫଳରେ ଅନ୍ତେବାସୀ ଛାତ୍ରଛାତ୍ରୀମାନେ ବିଭିନ୍ନ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ପିଲାଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ନିମନ୍ତେ ସରକାର ବିଭିନ୍ନ ସରକାରୀ ଯୋଜନା ପ୍ରଣୟନ କରିଛନ୍ତି ।ଛ ରାୟଗଡା ଜିଲ୍ଲାରେ ଏସଏସଡି ବିଭାଗର ୧୪୯ ଟି ବିଦ୍ୟାଳୟ ରହିଛି ଯେଉଁଥିରେ ୪୪ ଟି ଉଚ୍ଚ ବିଦ୍ୟାଳୟ, ୩୪ ଟି ଆଶ୍ରମ, ୫୮ ଟି ସେବାଶ୍ରମ, ୨ ଟି ଆବାସିକ ବିଦ୍ୟାଳୟ, ୩ ଟି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ, ୭ ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟ ଗୁଡିକର ହଷ୍ଟେଲରେ ରହୁଥିବା ଅନ୍ତେବାସୀ ତଥା ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରକାର ସାମଗ୍ରୀ ସହିତ ଖାତା, ପେନ୍ ମଧ୍ୟ ମାଗଣା ପ୍ରଦାନ ବ୍ୟବସ୍ଥା ରହିଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଗତ ଦୁଇ ବର୍ଷ ହେବ ଆମେନିଟି ଯୋଗାଣ ପାଇଁ ୮କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଥିଲେ ମଧ୍ୟ ସେଗୁଡ଼ିକର ବିନିଯୋଗ କରାଯାଇନାହିଁ। ଫଳରେ ବିଭାଗରେ ପଡିରହିଛି ଉକ୍ତ ଅନୁଦାନ ରାଶି। ପିଲାଙ୍କ ପାଠ ପଢ଼ା, ହଷ୍ଟେଲରେ ରହିବା ଓ ଖାଇବା ଆଦି ସୁବିଧା ପାଇଁ ବିଭିନ୍ନ ସାମଗ୍ରୀ କ୍ରୟ କରିବା ନେଇ ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ତରଫରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୩ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ ହୋଇଛି। ବିଭାଗ ପକ୍ଷରୁ ଚିଠି ନମ୍ବର ୧୬୦୮୮ ରେ ୨୦୨୩ ଅଗଷ୍ଟ ୪ତାରିଖରେ ଏ ନେଇ ଏଜିଙ୍କୁ ଅବଗତ କରାଯାଇଛି। ସେହିଭଳି ୨୦୨୪-୨୫ ଆର୍ଥିକ ବର୍ଷରେ ୫ କୋଟି ୪୫ ଲକ୍ଷ ୪୬ ହଜାର ୩୦୦ ଟଙ୍କା ପ୍ରଦାନ ହୋଇଛି। ବିଭାଗ ପକ୍ଷରୁ



ଚିଠି ନମ୍ବର ୧୧୯୮୨ ରେ ୨୦୨୪ ଜୁନ୍ ୧୩ ତାରିଖରେ ଏଜିଙ୍କୁ ଜଣାଯାଇଛି। ତେବେ ଏହି ଅନୁଦାନରୁ ଅନ୍ତେବାସୀଙ୍କ ପାଇଁ ଆବଶ୍ୟକ ସାମଗ୍ରୀ ନ କିଣି ଜିଲ୍ଲା ମଙ୍ଗଳ ବିଭାଗ ଚୁପ୍ ବସିଥିବା ଅଭିଯୋଗ ହେଉଛି । ବିଭାଗୀୟ ଅଧିକାରୀମାନେ ହଷ୍ଟେଲ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ହକ୍ ସାମଗ୍ରୀ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଏଭଳିକି ଅନେକ ବିଦ୍ୟାଳୟ ପରିଚାଳନା କମିଟି ମଧ୍ୟ ମଙ୍ଗଳ ବିଭାଗ ନାମରେ ଗୁରୁତର ଅଭିଯୋଗ ଆଣି କାହିଁକି କିଣାଯାଇନି ବୋଲି ପ୍ରଶ୍ନ କରିଛନ୍ତି। ଏଣେ ସରକାରଙ୍କ ତରଫରୁ ପ୍ରଦାନ ହେଉଥିବା ସାମଗ୍ରୀ ନପାଇ ଛାତ୍ରଛାତ୍ରୀ ନାନା ସମସ୍ୟା ଭୋଗୁଛନ୍ତି। ଏହି ଅନୁଦାନ ଟଙ୍କାରେ ଖଟ, ବେଡସିଟ୍, ଖାତା, ପେନ୍, ପେନସିଲ୍, ଇରେଜର, କମ୍ପାସ, ମଶାମରା ମେସିନ୍, ଘାସ କଟା ମେସିନ୍, ଇନଭର୍ଟର, ଥାଳି, ଗ୍ଲାସ୍ ଭଳି ସାମଗ୍ରୀ କିଣାଯିବା କଥା। ଏଥିପାଇଁ ଏକ ପରଚେଜ୍ କମିଟି ଜିଲ୍ଲାସ୍ତରରେ ଗଠନ କରି ଟେଣ୍ଡର ଆହ୍ୱାନ କରିବାର ନିୟମ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ପରଚେଜ କମିଟି ଗଠନ ହୋଇନାହିଁ ଓ ଟେଣ୍ଡର ମଧ୍ୟ ଆହ୍ୱାନ ହୋଇନାହିଁ। ଫଳରେ ସାମଗ୍ରୀ କିଣାଯାଇନଥିବା ସୂଚନା ମିଳିଛି। ଜିଲ୍ଲାର ୧୪୯ ଟି ହଷ୍ଟେଲରେ ରହୁଥିବା ୫୦ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ମଙ୍ଗଳ ବିଭାଗ କିଭଳି ଆନ୍ତରିକତା ରଖିଛି ତାହା ସ୍ପଷ୍ଟ ବାରି ହେଉଥିବା ବେଳେ ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ପଚାରିବାରୁ ସେ ଗତ ବର୍ଷ ଦାୟିତ୍ୱ ଗ୍ରହଣ କରିବା ପରେ ଆମେନିଟି କ୍ରୟ ପାଇଁ ଚେଷ୍ଟା କରିଥିଲେ ହେଁ ତତ୍କାଳୀନ ଜିଲ୍ଲାପାଳ ସହଯୋଗ କରିନଥିଲେ ବୋଲି କହିଛନ୍ତି। କିନ୍ତୁ ବର୍ତ୍ତମାନ ନୂତନ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଦାୟିତ୍ୱ ନେବା ପରେ ଉକ୍ତ ଆମେନିଟି କ୍ରୟ ପାଇଁ ପ୍ରକ୍ରିୟା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଖୁବ ଶୀଘ୍ର ତାହା କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଜୁନାଗଡ଼, ୨୧।୮ (ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରର ତାଳବନ୍ଦପଡ଼ା ଗାଁ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗାଁର କୋଟିଚନ୍ଦ୍ର ମହାଲିକ(୪୨)। ସେ ଜୁନାଗଡ଼ର ପୂର୍ବତନ ନଗରପାଳ ପାର୍ଥ ମହାଲିକଙ୍କ ପୁଅ। ଆଜି କୋଟିଚନ୍ଦ୍ର ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଆସାଧନତାବଶତଃ ଗଭୀର ପାଣିକୁ ଚାଲି ଯାଇଥିଲେ। ପାଖରେ କେହି ନଥିବାରୁ ଏ ବାବଦରେ ଟେର୍ ପାଇପାରିନଥିଲେ। ତେବେ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକଙ୍କ ତନାଘନା ପରେ ସେ ପୋଖରୀରେ ବୁଡ଼ି ଯାଇଥିବା ଜଣାପଡ଼ିଥିଲା। ଜୁନାଗଡ଼ ଅଗ୍ନିଶମବାହିନୀ ତାଙ୍କୁ ପୋଖରୀରୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## କେନାଲରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର

ଅନୁଗୋଳ,୨୨।୮ (ସମିସ): ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ଶିକ୍ଷକପଡ଼ା ଛାଲ ଗୋଦାମ ପାଖ କେନାଲରୁ ଏକ ନବଜାତ ଶିଶୁର ମୃତଦେହ ଉଦ୍ଧାର କରାଯାଇଛି। ଗୁରୁବାର ସକାଳେ କେନାଲରେ ଶିଶୁଟିର ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି। ଜନ୍ମ ଦେବା ପରେ ଶିଶୁଟିକୁ କେହି କେନାଲରେ ଫିଙ୍ଗିଦେଇଥିବା ସନ୍ଦେହ କରାଯାଉଛି। ଅନୁଗୋଳ ସହରରେ ପୂର୍ବରୁ ମଧ ଏଭଳି ଘଟଣା ଅନେକବାର ଦେଖିବାକୁ ମିଳିଛି। ଏହି ଘଟଣାର ପୁନରାବୃତ୍ତି ଘଟିଥିବା ବେଳେ ସ୍ଥାନୀୟ କୌଣସି ନର୍ସିଂହୋମରୁ ହିଁ ଏପରି କରାଯାଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି।

## ମହଙ୍ଗା ପଡ଼ିଲା ବିଦେଶ ବୁଲା: ୩ ପାକ୍ସ ସମ୍ପାଦକ ନିଲମ୍ବିତ

ବୌଦ୍ଧ,୨୧।୮ (ସମିସ): କାର୍ଯ୍ୟରେ ଅବହେଳା ଯୋଗୁଁ ବୌଦ୍ଧ ଜିଲ୍ଲାର ୩ ପାକ୍ସ ସମ୍ପାଦକଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ସେମାନେ ହେଲେ, ଖୁଣ୍ଟବନ୍ଧ ପାକ୍ସ ସମ୍ପାଦକ ଦେବାଶିଷ ମିଶ୍ର, ବୌଦ୍ଧ ପାକ୍ସ ସମ୍ପାଦକ ସତ୍ୟଜିତ କର ଓ ଲୁଣିବାହଲ ପାକ୍ସ ସମ୍ପାଦକ ସଞ୍ଜୀବ କୁମାର ପ୍ରଧାନ। ଜିଲ୍ଲାରେ ଚାଷୀ ପଞ୍ଜୀକରଣ ଓ ସାର ବିକ୍ରୟ ଚାଲିଥିବା ବେଳେ ସେମାନେ ବିଦେଶ ବୁଲିଯାଇଥିଲେ। ଏ ସମ୍ପର୍କରେ ଜଣାପଡ଼ିବା ପରେ ସେମାନଙ୍କୁ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର ପାଇଁ ଆଦେଶ ଦିଆଯାଇଛି।

## ଅନ୍‌ଲାଇନ୍ ଗେମ୍ ନେଲା ଜୀବନ

ବରୀ,୨୧।୮ (ସମିସ): ଅନଲାଇନ୍ ଗେମ୍ ଆଜି ପୁଣି ଜଣେ ଯୁବକଙ୍କ ଜୀବନ ନେଇଛି। ଯାଜପୁର ଜିଲ୍ଲା ବରୀ ଥାନା ଅଧୀନ ବାଇଁଶିରିଆ ପଞ୍ଚାୟତରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ୧୦ ନମ୍ବର ୱାର୍ଡର କାଳନ୍ଦୀ ସାହୁଙ୍କ ଏକମାତ୍ର ପୁଅ ସୋମନାଥ ସାହୁ (୩୫)। ସେ ଅନଲାଇନ୍ ଗେମ୍ ଖେଳି

### ହାରିବାରୁ ଯୁବକଙ୍କ ଆତ୍ମହତ୍ୟା

ଲକ୍ଷାଧିକ ଟଙ୍କା ହାରିଯିବା ପରେ ମାନସିକସ୍ତରରେ ଭାଙ୍ଗି ପଡ଼ିଥିଲେ। ଗତ ରାତିରେ ଘର ପାଖ ଏକ ଗଛରେ ରଶି ଲଗାଇ ସେ ଆତ୍ମହତ୍ୟା କରିଥିଲେ। ପରିବାରଲୋକ ଆଜି ସକାଳେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସୋମନାଥ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ପୂରା ପରିବାର ଭାଙ୍ଗିପଡ଼ିଛି। ସୋମନାଥଙ୍କର ୬ ବର୍ଷର ଗୋଟିଏ ପୁଅ ଥିବା ଜଣାପଡ଼ିଛି।

### ଏମ୍‌କେସିଜି 'ନ୍ୟୁରୋ ସର୍ଜରୀ' ବିଭାଗର ସଫଳତା

# କୋମାରୁ ଫେରାଇ ଆଣିଲେ ଡାକ୍ତର

ବ୍ରହ୍ମପୁର,୨୧।୮ (ସମିସ): ଏମ୍‌କେସିଜି ମେଡିକାଲର ନ୍ୟୁରୋସର୍ଜରୀ (ସ୍ନାୟୁ ଶଲ୍ୟ) ବିଭାଗର ଡାକ୍ତରମାନେ ଜଣେ ଛାତ୍ରଙ୍କୁ ନୂଆ ଜୀବନ ଦେଇଛନ୍ତି। ରାୟଗଡ଼ା ଜିଲ୍ଲା ପୋଡ଼ସିଂ ଗ୍ରାମର ଜଣେ ୧୬ବର୍ଷୀୟ ଯୁବକ ଦୁର୍ଘଟଣା ପରେ କୋମାକୁ ଚାଲିଯାଇଥିଲେ। ତାଙ୍କ ମୁଣ୍ଡ (ପାରିଏଟାଲ୍ ବୋନ୍)ରେ ଗଭୀର ଆଘାତ ଲାଗିବା ସହ ତାଙ୍କ ହାତଗୋଡ଼ ଅଚଳ ହୋଇପଡ଼ିଥିଲା। ତେବେ ଏମ୍‌କେସିଜି ମେଡ଼ିକାଲର ନ୍ୟୁରୋସର୍ଜରୀ ବିଭାଗରେ ଜଟିଳ ଅସ୍ତ୍ରୋପଚାର ପରେ ବର୍ତ୍ତମାନ ଚଳପ୍ରଚଳ କରୁଛନ୍ତି।

ସୂଚନାଯୋଗ୍ୟ, ପୋଡ଼ସିଂ ଗ୍ରାମର ଡିଗ୍‌ଡେଟପିନ ଶବର(୧୬) +୨ ପ୍ରଥମ ବର୍ଷର ଛାତ୍ର। ଗତ ୮ ତାରିଖ ସନ୍ଧ୍ୟାରେ ସେ ଓ ତାଙ୍କ ବନ୍ଧୁ ଏକ ବାଇକ୍‌ରେ ଟ୍ୟୁସନ୍‌ରୁ ଫେରୁଥିବା ବେଳେ ପଦ୍ମପୁର ନିକଟସ୍ଥ ଜୁକବନ୍ଧଠାରେ ଆଉ ଏକ ବାଇକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ପରିବାରଲୋକେ ତାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ସେ କୋମାକୁ ଚାଲିଯିବାରୁ ତାଙ୍କୁ ଏମ୍‌କେସିଜି ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଏମ୍‌କେସିଜିରେ ବିଭିନ୍ନ ପରୀକ୍ଷାନିରୀକ୍ଷା ପରେ ତାଙ୍କ ମୁଣ୍ଡର ପାରିଏଟାଲ୍ ବୋନ୍ ଦବିଯାଇଥିବା ଡାକ୍ତର ଜାଣିବାକୁ ପାଇଥିଲେ। ମୁଣ୍ଡରେ ଲାଗିଥିବା



ଗଭୀର ଆଘାତରୁ ତାଙ୍କ ମୁହଁ ବଙ୍କା ହେବା ସହ ହାତଗୋଡ଼ ଅଚଳ ହୋଇଯାଇଥିଲା। ଫଳରେ ଅସ୍ତ୍ରୋପଚାର ନିମନ୍ତେ ତାଙ୍କୁ ନ୍ୟୁରୋସର୍ଜରୀ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରାୟ ୭ଦିନ ଧରି ସେ କୋମାରେ ଥିଲେ। ବିଭାଗୀୟ ମୁଖ୍ୟ ଡା. ରବି ନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗତ ୧୪ ତାରିଖରେ ଡିଗଡେଟପିନଙ୍କ ଅସ୍ତ୍ରୋପଚାର କରିଥିଲେ। ପ୍ରାୟ ୩ ଘଣ୍ଟାର ଅସ୍ତ୍ରୋପଚାର ସଫଳ ହୋଇଥିଲା। ଅସ୍ତ୍ରୋପଚାରର କିଛି ଦିନ ପରେ ସେ କୋମାରୁ ଫେରିବା ସହ ଚଳପ୍ରଚଳ କରିବା ଆରମ୍ଭ କରିଛନ୍ତି। ମାତ୍ର ଦୁଇ ସପ୍ତାହରୁ କମ୍ ସମୟ ମଧ୍ୟରେ କୋମାରେ ଥିବା ପୁଅ ଚଲାବୁଲା କରୁଥିବା ଦେଖି ବାପା ବଂଶୀ ଶବରଙ୍କ ସମେତ ପରିବାର ଲୋକେ ବେଶ୍ ଖୁସି ହୋଇଛନ୍ତି। ପୁଅର ଚିକିତ୍ସା କରିଥିବା ଡାକ୍ତର ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେବା ସହ ସେମାନଙ୍କ ପ୍ରଚେଷ୍ଟାରୁ ପୁଅକୁ ନୂଆ ଜୀବନ ମିଳିଥିବା ସେ କହିଛନ୍ତି। ଅସ୍ତ୍ରୋପଚାର କରିଥିବା ଡାକ୍ତରୀଦଳରେ ବିଭାଗୀୟ ଡାକ୍ତର ଡା. ଦେବଦତ୍ତ ସେନାପତି, ଡା. ଦେବଶ୍ରୀ ମହାରଣା, ଡା. ତୁଷାରକାନ୍ତ ରଥ, ଡା. ପି. ହରିପ୍ରସାଦ, ଡା. ଉମାଶଙ୍କର ସାସମଲ ଓ ନିଶ୍ଚେତକ ବିଭାର ଡା. ମାନସ କୁମାର ନାହାକ ଏବଂ ତାଙ୍କ ଟିମ୍ ସକ୍ରିୟ ସାମିଲ ଥିଲେ।

## ହରିଣ ଓ ବାର୍‌ହା ମାଂସ ଜବତ; ଶିକାରୀ ଗିରଫ



ମହୁଲଡିହା, ୨୧।୮ (ସମିସ): ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ନିକଟ ସାତକୋଶିଆ (ଗାଡ଼ା ସାହି)ରେ ଚଢ଼ଉ କରି ବନ କର୍ମଚାରୀମାନେ ଆଜି ବିପୁଳ ପରିମାଣର ହରିଣ ଓ ବାର୍‌ହା ମାଂସ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ଜଣେ ଶିକାରୀକୁ ଗିରଫ କରିଛନ୍ତି। ସେ ହେଲା, ପୀତାମ୍ବର ଲେୟାଙ୍ଗି (୪୫)। ସେ ନିଜ ଘରେ ଏହି ମାଂସ ବିକ୍ରି କରୁଥିଲା। ତା' ପାଖରୁ ଗୋଟିଏ ହରିଣ ମୁଣ୍ଡ ସହ ୭ କେଜି ମାଂସ, ଗୋଟିଏ ବାରହା ମୁଣ୍ଡ ସହ ୧୦ କେଜି ମାଂସ, ଛୁରି, ବୁଡ଼ିଆ, ରକ୍ତଲଗା କାଠ ଓ ତାରପୋଲିନ ଜବତ ହୋଇଛି। ବନ ବିଭାଗ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଚଢ଼ଉରେ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ମହାନ୍ତ, ବନପାଳ ବିଜୟ କୁମାର ମହାନ୍ତ, ବିଶ୍ୱଜିତ ମହାନ୍ତ, ଚିତ୍ରମଣି ହୋ, ବନରକ୍ଷୀ ସନତ କୁମାର ମହାନ୍ତ, ପଞ୍ଚାନନ ଗିରି, ଯୋଗେଶ୍ୱର କୁଲ୍ଲଡି, ମକରଧ୍ୱଜ ନାଏକ, ପଦ୍ମାବତୀ ପାତ୍ର ଓ ସବୁଜ ବାହିନୀର କର୍ମକର୍ତ୍ତା ସାମିଲ ଥିଲେ।

## ୫ ଇନାମୀ ମାଓବାଦୀ ଗିରଫ


ମାଲକାନଗିରି, ୨୧।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର ବାଙ୍ଗୋଲିର ଜଙ୍ଗଲରେ ଡିଆରଜି ବାହିନୀର କମ୍ବିଂ ଅପରେସନ୍ ଚାଲିଥବା ବେଳେ ୫ଜଣ ମାଓବାଦୀ



ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଜବତ ସାମଗ୍ରୀ ମଧ୍ୟରେ ଟିଫିନ୍ ବୋମା, କୋର୍ଡେକ୍ସ ତାର, ବିଦ୍ୟୁତ ତାର, ବ୍ୟାଟେରୀ, ମାଟି ଖୋଳିବା ଉପକରଣ ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ରହିଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ୨ମାଓବାଦୀ ଲକ୍ଷ୍ମୀ ଫାର୍ସା ଓ ସୁଖରାମ ହେମଲା ଥିବା ଜଣାଯାଇଛି।

ସୂଚନାନୁଯାୟୀ, ସୀମାନ୍ତ ଛତିଶଗଡ଼ରେ ମାଓ ଦମନ କ୍ଷେତ୍ରରେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ଅନବରତ ତଲାସି ଅଭିଯାନ ଜାରି ରହିଛି। ବିଜାପୁର ଜିଲ୍ଲାର ବାଙ୍ଗୋଲିର ଜଙ୍ଗଲରେ ଡିଆରଜିର ଯବାନମାନେ ମଧ ସମାନ ତଲାସି ଅଭିଯାନ ଜାରି ରଖିଥିବା ବେଳେ ଯବାନଙ୍କୁ ଦେଖି କିଛି ବ୍ୟକ୍ତି ଲୁଚି ପଳାଇବାକୁ ଉଦ୍ୟମ କରୁଥିବା ଦେଖି ଯବାନମାନେ ସେମାନଙ୍କୁ କାବୁ କରିଥିଲେ। ମୋଟ ୫ଜଣଙ୍କୁ ଯବାନମାନେ କାବୁ କରିଥିଲେ। ପଚରାଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ। ସେମାନଙ୍କ ନାମରେ ପୂର୍ବରୁ ୬ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିବା ଜଣାପଡ଼ିଥିଲା।

## ୨ କୁଖ୍ୟାତ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୨୧।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ରାଜ୍ୟ ପୁଲିସ ନିକଟରେ ଦୁଇଜଣ କୁଖ୍ୟାତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ତେଲେଙ୍ଗାନା ରାଜ୍ୟ କମିଟିର ମାଓନେତ୍ରୀ କାକରଲା ସୁନୀତା ଓରଫ ବଦ୍ରି ଏବଂ ଆଞ୍ଚଳିକ କମିଟି ସଦସ୍ୟ ହରୀଶ। ଦୀର୍ଘ ବର୍ଷ ଧରି ଦୁହେଁ ମାଓ ସଙ୍ଗଠନରେ କାର୍ଯ୍ୟ କରିଆସୁଥିବା ବେଳେ ଏବେ ସାଧାରଣ ଜୀବନଯାପନ ପାଇଁ ମୁଖ୍ୟସ୍ରୋତରେ ସାମିଲ ହେବା ଲାଗି ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସୁନୀତା ବଡ଼ଧରଣର ୫ଟି ଏନ୍‌କାଉଣ୍ଟର୍‌ରେ ଅଂଶଗ୍ରହଣ କରିଥିବା ବେଳେ ତାଙ୍କ ନାମରେ ୨୦ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା।

## ରେଳ ବିଭାଗର ଭୁଲ୍ ଘୋଷଣା ନେଲା ଯାତ୍ରୀଙ୍କ ଜୀବନ

ରାଉରକେଲା,୨୧।୮ (ସମିସ): ରେଳ ବିଭାଗର ଭୁଲ ଘୋଷଣା ଯୋଗୁଁ ଜଣେ ଯାତ୍ରୀଙ୍କ ଜୀବନ ଯାଇଛି। ଆଜି ରାଉରକେଲା ରେଳ ଷ୍ଟେସନ୍‌ରେ ଏଭଳି ଏକ ଅଘଟଣ ଘଟିଛି। ମୃତ ଯାତ୍ରୀଜଣଙ୍କ ହେଲେ, ପ୍ରବୋଧ ଘୋଷ।

ସୂଚନାନୁସାରେ, ପତ୍ନୀଙ୍କ ସହ ପ୍ରବୋଧ ଚିକିତ୍ସା ଲାଗି ଆଜି ଭିଲାଇ ଯାଉଥିଲେ। ଗୁରୁବାର ଦାନାପୁର-ଦୁର୍ଗ ଦକ୍ଷିଣ ବିହାର ଏକ୍ସପ୍ରେସ୍ ଟ୍ରେନ୍‌ରେ ଟିକଟ ଥିଲା। ଷ୍ଟେସନ୍‌ରେ ପ୍ଲାଟଫର୍ମ ନଂ୨ରେ ଟ୍ରେନ୍ ପହଞ୍ଚିବା ପୂର୍ବରୁ ଘୋଷଣା କରାଯାଇଥିଲା ଯେ ଏସି କୋଚ୍ ଆଗରେ ଅଛି। ତେଣୁ ସେମାନେ ଆଗକୁ ବଢ଼ିଥିଲେ। କିନ୍ତୁ କିଛି ସମୟ ପରେ ହଠାତ୍ ଘୋଷଣା କରାଯାଇଥିଲା ଯେ ଏସି କୋଚ୍ ପଛରେ ଅଛି। ଶୀଘ୍ର ସେ ପଛକୁ ଦୌଡ଼ି ଟ୍ରେନ୍‌ରେ ଚଢ଼ିବାକୁ ଚେଷ୍ଟା କରିବା ସମୟରେ ଖସିପଡ଼ି ଗୁରୁତର ହୋଇଥିଲେ। ତୁରନ୍ତ ଚିକିତ୍ସା ନ ପାଇବାରୁ ଷ୍ଟେସନ ପରିସରରେ ହିଁ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଦୁର୍ଘଟଣାର ସୂଚନା ପାଇବା ପରେ ରେଳବିଭାଗ ଡାକ୍ତରୀଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା। ପ୍ରବୋଧଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣାକୁ ନେଇ ମର୍ମାହତ ପରିବାର ସଦସ୍ୟମାନେ ରେଳ ପ୍ରଶାସନକୁ ଦାୟୀ କରିଛନ୍ତି ଏବଂ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ରାଉରକେଲା ଷ୍ଟେସନ୍‌ରେ ଏପରି ଭୁଲ ପ୍ରାୟତଃ ଘଟେ। କେତେବେଳେ ଗୋଟିଏ ପ୍ଲାଟଫର୍ମରେ ଟ୍ରେନ୍ ଆସିବାର ଥିବା ବେଳେ ପରେ ଅନ୍ୟ କୌଣସି ପ୍ଲାଟଫର୍ମ ଘୋଷଣା କରାଯାଏ। ଏଥିପାଇଁ ମାମଲାର ନିରପେକ୍ଷ ଏବଂ ଉଚ୍ଚସ୍ତରୀୟ ତଦନ୍ତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଦାବି କରାଯାଇଛି।

## ରାସ୍ତା ମଝିରେ ହୁତୁହୁତୁ ହୋଇ ଜଳିଗଲା 'ଆମ ବସ୍'

ଖୋର୍ଦ୍ଧା,୨୧।୮ (ସମିସ): ୧୬ନଂ ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ପଞ୍ଚପାଇକ ଛକ ନିକଟରେ ଆଜି ଏକ 'ଆମ ବସ୍' ରାସ୍ତା ଉପରେ ହୁତୁହୁତୁ ହୋଇ ଜଳିଯାଇଛି। ତେବେ ସୌଭାଗ୍ୟକୁ ଏଥିରେ ଥିବା ୪୧ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନା ମୁତାବକ, ଆଜି ପୂର୍ବାହ୍ନରେ ଜଗତପୁରରୁ ଭୁବନେଶ୍ୱର ଦେଇ ଖୋର୍ଦ୍ଧା ଅଭିମୁଖେ 'ଆମ ବସ୍'ଟି



୪୧ ଯାତ୍ରୀଙ୍କୁ ଧରି ଆସୁଥିଲା। ଆଉ ମାତ୍ର କିଛି ସମୟ ପରେ ବସ୍‌ରେ ଥିବା ଯାତ୍ରୀମାନେ ସେମାନଙ୍କ ଗନ୍ତବ୍ୟସ୍ଥଳ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥା'ନ୍ତେ। କିନ୍ତୁ ବସ୍‌ଟି ଗଡ଼ଖୋର୍ଦ୍ଧା ପଞ୍ଚପାଇକ ଛକ ନିକଟରେ ହୋଇଥିବା ବେଳେ ସମ୍ମୁଖ ଭାଗରୁ ଧୂଆଁ ବାହାରୁଥିବା କଣ୍ଡକ୍ଟର୍ ଦେଖିବାକୁ ପାଇଥିଲେ। ଏ ସଂପର୍କରେ ସେ ଚାଳକଙ୍କୁ ଅବଗତ କରାଇବା ପରେ ବସ୍‌କୁ ଅଟକାଯିବା ସହ ଯାତ୍ରୀମାନଙ୍କୁ ଓହ୍ଲାଇ ଦିଆଯାଇଥିଲା। ଯାତ୍ରୀମାନେ କିଛି ବୁଝିବା ପୂର୍ବରୁ ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯିବା ସହିତ ବସ୍‌ଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଏହା ଦେଖି ଯାତ୍ରୀମାନେ ଜୀବନ ବିକଳରେ ଏଣେତେଣେ ଦୌଡ଼ିଥିଲେ। ଖବର ପାଇ ଶିଳ୍ପାଞ୍ଚଳ ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ବସ୍‌ଟି ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା।

### ଅଳ୍ପକେ ବର୍ତ୍ତିଲେ ୪୧ ଯାତ୍ରୀ

ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିଲେ ମଧ ସର୍ଟସର୍କିଟ୍ କିମ୍ବା କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ଅଘଟଣ ଘଟିଥିବା ଅଗ୍ନିଶମ କର୍ମଚାରୀଙ୍କ ସୂତ୍ରରୁ ସୂଚନା ମିଳିଛି। ଏହି ଘଟଣାରେ ସମ୍ପୃକ୍ତ ଅପରେଟର୍‌ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ଏବଂ ସମସ୍ତ ବସ୍‌ର ତୁରନ୍ତ ଫିଟ୍‌ନେସ୍ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ପରିବହନ କମିଶନର, ଓଡ଼ିଶା କାର୍ଯ୍ୟାଳୟକୁ ସ୍ଥାନୀୟ ମୋଟର ଯାନ ନୀରିକ୍ଷକ (ଏମ୍‌ଭିଆଇ)ଙ୍କୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ଏବଂ ବିଶେଷଜ୍ଞ ମତାମତ ପ୍ରଦାନ କରିବା ପାଇଁ ନିଯୁକ୍ତ କରିବାକୁ ଅନୁରୋଧ କରାଯାଇଛି।

## ବାଇକ୍ ଚୋର ରାକେଟ୍ ଠାବ | ୩ ଗିରଫ, ୧୬ ବାଇକ୍ ଜବତ



ରାଉରକେଲା,୨୧।୮ (ସମିସ): ରାଉରକେଲା ପୁଲିସ୍ ଜିଲ୍ଲାର ରଘୁନାଥପାଲୀ ଥାନା ପୁଲିସ ୩ ବାଇକ୍ ଚୋରଙ୍କୁ ଗିରଫ କରିବା ସହ ୧୬ଟି ବାଇକ୍ ଜବତ୍ କରିଛି। ତିନି ଚୋରଙ୍କ ବିରୋଧରେ ରଘୁନାଥପାଲ୍ଲୀ ଥାନା ପୁଲିସ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ତିନି ଅଭିଯୁକ୍ତ ହେଲେ ଜଗଦା ସି ବ୍ଲକ୍‌ର ଶଙ୍କର ଲୋହାର ଓରଫ୍ ସୋନୁ (୩୬), କୋଇଡା ଭଞ୍ଜପାଲିର ରବି ଲୋହାର(୨୧) ଏବଂ କୋଇଡା ଆଜାଦ୍ ବସ୍ତିର ପଣ୍ଡା ମହାକୁଡ଼ (୩୨)।

ସୂଚନାନୁସାରେ, ଏହି ୩ ଅଭିଯୁକ୍ତ ବାଇକ ଚୋରି କରି ଝାଡ଼ଖଣ୍ଡ ଏବଂ ଅନ୍ୟାନ୍ୟ ସ୍ଥାନରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଗୁରୁବାର ରାଉରକେଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ମିଶ୍ର ଏହି ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ମିଶ୍ରଙ୍କ ସମେତ ଜୋନ-୨ ଡିଏସପି ଅମରେନ୍ଦ୍ର ସାଣ୍ଡ, ରଘୁନାଥପାଲ୍ଲୀ ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ବିଭିନ୍ନ ଥାନାରେ ମାମଲା ରହିଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରୁ ରଘୁନାଥପାଲି ଓ ଟାଙ୍ଗରପାଲି ଥାନାରେ ପୂର୍ବରୁ ମାମଲ ରହିଥିବା ସୂଚନା ମିଳିଛି।

## ରେଳଷ୍ଟେସନ୍ ପାର୍ସଲ୍ ଅଫିସରେ ସିବିଆଇ ଚଢ଼ଉ | ଲାଞ୍ଚ ନେଇ ବୁକିଂ କ୍ଲର୍କ ଗିରଫ

ରାଉରକେଲା,୨୧।୮ (ସମିସ): ରାଉରକେଲା ରେଳ ଷ୍ଟେସନର ପାର୍ସଲ୍ ଅଫିସରେ ଗୁରୁବାର ସିବିଆଇ ପକ୍ଷରୁ ଚଢ଼ଉ କରାଯାଇଥିଲା। ଜେନେରେଟର ପାର୍ସଲ ବୁକିଂ ପାଇଁ ଜଣେ ବ୍ୟକ୍ତିଙ୍କ ନିକଟରୁ ୭ ହଜାର୨୦୦ ଟଙ୍କା ଲାଞ୍ଚ ନେଉଥିବା ପାର୍ସଲ୍ ଅଫିସର ବୁକିଂ କ୍ଲର୍କ ରାଜୀବ ନନ୍ଦନକୁ ସିବିଆଇ ଗିରଫ କରିଥିବା ଜଣାପଡିଛି। ଗିରଫ ପରେ ରାଜୀବ ନନ୍ଦନକୁ ରେଳ



ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ଗିରଫ ଅଭିଯୁକ୍ତ ରାଜୀବ ନନ୍ଦନଙ୍କୁ ସିବିଆଇ ପଚରାଉଚୁରା କରୁଥିବା ଜଣାପଡ଼ିଛି। ଏହାସହ ପୁରୁଣା କାର୍ଯ୍ୟକାଳ ଓ ଆଚରଣର ମଧ ତଦନ୍ତ ଚାଲିଛି। ସିବିଆଇ ଚଢ଼ଉ ପାଇଁ ଯୋଜନା କରି ଏହି ରେଡ୍ କରିବା ସହ ଚନ୍ଦନ ହାତରୁ କେମିକଲ୍ ଲାଗାଇଥିବା ଟଙ୍କା ଜବତ କରିଥିବା ଜଣାପଡ଼ିଛି।

### ରାଜ୍ୟସ୍ତରୀୟ ଜାଲ୍ ଜାତିଗତ ପ୍ରମାଣପତ୍ର ଯାଞ୍ଚ କମିଟି ବୈଠକ

# ପୁଣି ଧରାପଡ଼ିଲେ ୧୧ ଜଣ

ବ୍ରହ୍ମପୁର,୨୧।୮ (ସମିସ): ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର୍‌ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଜାଲ୍ ଜାତିଗତ ପ୍ରମାଣପତ୍ର ଯାଞ୍ଚ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର୍ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୋଟ ୨୭ଟି ମାମଲାର ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୧୧ଟି ମାମଲାର ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥିବା ବେଳେ ଅନ୍ୟ ୧୬ଟି ମାମଲାର ଶୁଣାଣି

**ଶିକ୍ଷକ, ରିଜର୍ଭ ବ୍ୟାଙ୍କ କିରାଣୀ, ରାଜସ୍ୱ ନିରୀକ୍ଷକ ସାମିଲ**

ହୋଇଥିଲା। ଗୁରୁବାର ହୋଇଥିବା ମାମଲା ମୁଖ୍ୟତଃ ନବରଙ୍ଗପୁର ଓ ଗଜପତି ଜିଲ୍ଲାର ରହିଥିଲା। ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିବା ୧୧ଟି ମାମଲାରେ ସମସ୍ତ ୧୧ଜଣ ବ୍ୟକ୍ତିଙ୍କ ବିରୋଧରେ ଆସିଥିବା ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଛି। ସେମାନେ ନକଲି ବା ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇଥିବା ସ୍ପଷ୍ଟ ହୋଇଛି। ସେଥିମଧ୍ୟରୁ ଗଜପତି ଜିଲ୍ଲାର ୬ଜଣ ଓ ନବରଙ୍ଗପୁର ଜିଲ୍ଲାର ଅବଶିଷ୍ଟ ୫ଜଣ ଥିବା ଜଣାପଡ଼ିଛି। ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୪ଜଣ ଶିକ୍ଷକ, ଜଣେ ରାଜସ୍ୱ ନିରୀକ୍ଷକ, ଜଣେ ଫରେଷ୍ଟ



ଗାର୍ଡ, ଜଣେ ରିଜର୍ଭ ବ୍ୟାଙ୍କ କିରାଣି, ଦୁଇଜଣ ବରିଷ୍ଠ କିରାଣି, ଜଣେ ପୂର୍ବତନ ସରପଞ୍ଚ ଏବଂ ଜଣେ ଚାଷୀ ଥିବା ଜଣାପଡ଼ିଛି।

ଧରାପଡ଼ିଥିବା ବ୍ୟକ୍ତିଙ୍କ ମଧ୍ୟରେ ଗଜପତି ଜିଲ୍ଲା ମୋହନା ବ୍ଲକର ଦଧିଆମ୍ବ ପଞ୍ଚାୟତର ପୂର୍ବତନ ସରପଞ୍ଚ ନର୍ମଦା ଦଳେଇ ଅନ୍ୟତମ। ନର୍ମଦା ଜାତିରେ କ୍ଷତ୍ରୀୟ ହୋଇଥିବା ବେଳେ ସେ ନିଜକୁ କନ୍ଧ ଦର୍ଶାଇ ଜାଲ୍ ଜାତିଗତ ପ୍ରମାଣପତ୍ର ଦାଖଲ କରି ନିର୍ବାଚନ ଲଢ଼ିଥିଲେ। ଯାହାକୁ ନେଇ ପରବର୍ତ୍ତୀ ସମୟରେ ଅଭିଯୋଗ ହୋଇଥିଲା।

ସେହିଭଳି, ଗୁରୁବାର ଅନୁଷ୍ଠିତ ଯାଞ୍ଚ କମିଟିରେ ଶୁଣାଣି ହୋଇଥିବା ଅନ୍ୟ ୧୬ଟି ମାମଲା ମଧ୍ୟରୁ ନବରଙ୍ଗପୁର ଜିଲ୍ଲାର ୧୫ଟି ଓ ଗଜପତି ଜିଲ୍ଲାର ଗୋଟିଏ ମାମଲା ଥିଲା। ସେଥିମଧ୍ୟରେ ଜଣେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ଜଣେ ଓଆର୍‌ଏସ୍, ୨ ଜଣ ବରିଷ୍ଠ କିରାଣି, ଜଣେ ମୁଖ୍ୟ କିରାଣି, ଜଣେ ଫରେଷ୍ଟ ଏକ୍ସଟେନ୍‌ସନ୍ ଅଧିକାରୀ, ଜଣେ ସହକାରୀ ରାଜସ୍ୱ ନିରୀକ୍ଷକ, ଦୁଇଜଣ କନେଷ୍ଟବଳ ଓ ୨ ଜଣ ଶିକ୍ଷକଙ୍କ ସମେତ ଜଣେ ପୂର୍ବତନ ସରପଞ୍ଚ ଓ ଜଣେ ବର୍ତ୍ତମାନର ସମିତିସଭ୍ୟ ଥିବା ଜଣାପଡ଼ିଛି। ସେହିଭଳି ଜଣେ ସରକାରୀ ପିଅନଙ୍କ ସମେତ ସୁନାବେଡ଼ାସ୍ଥିତ 'ହାଲ୍'ର ଜଣେ ବରିଷ୍ଠ ମାଷ୍ଟର ଟେକ୍ନିସିଆନଙ୍କ ମାମଲା ବିଚାରାଧୀନ ରହିଛି। ଜାଲ୍ ଜାତିଗତ ପ୍ରମାଣପତ୍ର ନେଇ ଅଭିଯୋଗ ହୋଇଥିବା ପୂର୍ବତନ ସରପଞ୍ଚଜଣଙ୍କ ହେଉଛନ୍ତି, ନବରଙ୍ଗପୁର ଜିଲ୍ଲାର ଖୁଟୁବାଇ ପଞ୍ଚାୟତର। ସେହିଭଳି ଗଜପତି ଜିଲ୍ଲାର ରାଜପୁରର ବର୍ତ୍ତମାନର ନିର୍ବାଚିତ ସମିତିସଭ୍ୟଙ୍କ ବିରୁଦ୍ଧରେ ମଧ ରହିଛି ଅନୁରୂପ ତଥା ସଂଗୀନ ଅଭିଯୋଗ। ଗୁରୁବାର ଅନୁଷ୍ଠିତ ଯାଞ୍ଚ କମିଟିରେ ମୋଟ ୨୭ଟି ମାମଲା ପଡ଼ିଥିବା ବେଳେ ଏଥିସହିତ ମୋଟ ୬୭୧ଟି ମାମଲାର ନିଷ୍ପତ୍ତି ହୋଇସାରିଛି। ଫଳରେ ୨୦୧୦ ମସିହାରୁ ଆଜି ପର୍ଯ୍ୟନ୍ତ ପଡ଼ି ରହିଥିବା ମୋଟ ୧୪୫୯ଟି ଅଭିଯୋଗ ବା ମାମଲା ମଧ୍ୟରୁ ଆଉ ମାତ୍ର ୭୮୮ଟି ମାମଲାର ନିଷ୍ପତ୍ତି ହେବାକୁ ବାକି ରହିଥିବା ଆର୍‌ଡିସିଙ୍କ କାର୍ଯ୍ୟାଳୟର ଏସ୍‌ସି ଆଣ୍ଡ ଏସ୍‌ଟି ଉନ୍ନୟନ ବିଭାଗ ଉପ-ନିର୍ଦ୍ଦେଶକ ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି।

ଯାଞ୍ଚ କମିଟିର ଅଧକ୍ଷ ତଥା ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ଉଭୟ ଗଜପତି ଓ ନବରଙ୍ଗପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଉଭୟ ଜିଲ୍ଲାର ମଙ୍ଗଳ ଅଧିକାରୀ, ତହସିଲଦାର, ଏସ୍‌ସି ଆଣ୍ଡ ଏସ୍‌ଟି ରିସର୍ଚ୍ଚ ଟ୍ରେନିଂ ସେଣ୍ଟରର ସହକାରୀ ନିର୍ଦ୍ଦେଶକଙ୍କ ସମେତ ଉଭୟ ଜିଲ୍ଲାର ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହିଳା ନିବାସରେ ଅଗ୍ନିକାଣ୍ଡ

### ଅଳ୍ପକେ ବର୍ତ୍ତିଲେ ଅନ୍ତେବାସୀ



ବ୍ରହ୍ମପୁର,୨୧।୮ (ସମିସ): ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ପରିଚାଳିତ କର୍ମଜୀବୀ ମହିଳା ନିବାସରେ ଗୁରୁବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟିଛି। ମାତ୍ର ସୌଭାଗ୍ୟବଶତଃ ଏକ ବଡ଼ ଅଘଟଣରୁ ଅନ୍ତେବାସୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାନୁଯାୟୀ, ଆଜି ପୂର୍ବାହ୍ନରେ ମହିଳା ନିବାସର ୧୨ନମ୍ବର ପ୍ରକୋଷ୍ଠର ଅନ୍ତେବାସୀଜଣଙ୍କ ନିଜ ରୁମ୍‌ରେ ଗ୍ୟାସ ଚୁଲାରେ କ୍ଷୀର ଗରମ କରିବା ବେଳେ ହଠାତ୍ ସିଲିଣ୍ଡର୍‌ରେ ନିଆଁ ଲାଗି ଯାଇଥିଲା। ତେଣୁ, ଜୀବନ ବିକଳରେ ସେ ସେଠାରୁ ଦୌଡ଼ି ପଳାଇଥିଲେ। ଏହି ଖବର ପ୍ରଘଟ ହେବା ପରେ ଅନ୍ତେବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ କର୍ମଜୀବୀ ମହିଳା ନିବାସ ଦାୟିତ୍ୱରେ ଥିବା ବିଇଏମ୍‌ସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ କରିଥିଲେ। ତେବେ ମହିଳା କର୍ମଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ଏହି କୋଠାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନଥିବା ଜଣାପଡ଼ିଛି। ତୁରନ୍ତ ଏଠାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବାକୁ ଅନ୍ତେବାସୀମାନଙ୍କ ପକ୍ଷରୁ ଦାବି କରାଯାଇଛି।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ଶୁଭ ଖବର ପ୍ରାପ୍ତ ହେବ । ନୂଆ ଯାନ କିଣିବା ଯୋଗ ଅଛି । ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ । ନାଚ, ଗୀତରେ ପ୍ରଶଂସା ମିଳିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ । ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ଆୟଠୁ ଅଧିକ ବ୍ୟୟ କରିବେ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । ନୂଆ କାମ ଆରମ୍ଭ କରିବେ । ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ । ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଭାଇଭଉଣୀଙ୍କଠାରୁ ଉପହାର ପାଇବେ । ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ । ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ । ଆଇନଜୀବୀଙ୍କୁ ସଫଳତା ମିଳିବ ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ ।

## ଆଜିର ଇତିହାସ

- ୧୮୪୮ - ଆମେରିକା ନ୍ୟୁମେକ୍ସିକୋ ସହ ବୁଝାମଣା କଲା ।
- ୧୯୧୦- ଜାପାନ କୋରିଆ ଉପରେ କବ୍‌ଜା କଲା ।
- ୧୯୬୯ - ଆମେରିକାରେ ଆସିଥିବା ତୋଫାନ ଯୋଗୁଁ ୨୫୫ ଜଣଙ୍କ ମୃତ୍ୟୁ ।
- ୧୯୭୯ - ରାଷ୍ଟ୍ରପତି ନୀଲମ୍ ସଞ୍ଜୀବ ରେଡ୍ଡୀ ଲୋକସଭା ଭଙ୍ଗ କଲେ ।
- ୧୯୯୬- ମାଡ୍ରାସ ନାମ ବଦଳାଯାଇ ଚେନ୍ନାଇ ରଖାଗଲା ।
- ୨୦୧୨- କେନିଆରେ ହୋଇଥିବା ହିଂସାରେ ୫୨ ଜଣଙ୍କ ମୃତ୍ୟୁ ।

## ସୁଖୀ ଦାମ୍ପତ୍ୟ ପାଇଁ
### ବରର ତଳିପାଦରେ ମାଡ଼ ମାରନ୍ତି ସମ୍ପର୍କୀୟ



ବିବାହକୁ ନେଇ ବିଶ୍ୱର ବିଭିନ୍ନ ସ୍ଥାନରେ ଅନେକ ରୀତନୀତି ରହିଛି । କେଉଁଠି ବରର ଜୋତାକୁ କନିଆର ଭଉଣୀମାନେ ଲୁଚାଇ ରଖି ଟଙ୍କା ମାଗନ୍ତି ତ ଆଉ କେଉଁଠି କନିଆ ପିତା ବରକନିଆଙ୍କୁ ଛେପ ପକାଇ ଆଶୀର୍ବାଦ ଦିଅନ୍ତି । ହେଲେ ବିଶ୍ୱରେ ଏମିତି ଏକ ସ୍ଥାନ ଅଛି ଯେଉଁଠି ବିବାହ ପାଇଁ ବରକୁ ମାଡ଼ ଖାଇବାକୁ ପଡ଼ିଥାଏ । ଦକ୍ଷିଣ କୋରିଆରେ ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ରିସେପସନ୍ ଦିନ ବରକୁ ମାଡ଼ ସହିବାକୁ ହୁଏ । ଏଥିପାଇଁ ସାଙ୍ଗସାଥୀ ତଥା ବନ୍ଧୁ ପରିଜନ ବରର ଦୁଇ ପାଦକୁ ରଶିଦ୍ୱାରା ଏକ କାଠରେ ବାନ୍ଧି ଦିଅନ୍ତି । ବରକୁ ଓଲଟା ଲଟକାଇ ସାଙ୍ଗମାନେ ବାଡ଼ିରେ କିମ୍ବା ଜୋତାରେ ପିଟିବା ଆରମ୍ଭ କରିଦିଅନ୍ତି । ପରମ୍ପରା ଅନୁଯାୟୀ, ବରର ତଳିପାଦରେ ହିଁ ପିଟାଯାଇଥାଏ । ଏହି ପରମ୍ପରାରେ କନିଆଘର ପକ୍ଷରୁ କେହି ସାମିଲ ରୁହନ୍ତିନି । ମାନ୍ୟତା ରହିଛି ଯେ, ଯଦି ବର ଏହି ମାଡ଼ ଖାଇବା ପରମ୍ପରାରେ ପାସ୍ ହୋଇଯାଏ, ତେବେ ତାର ବୈବାହିକ ଜୀବନ ସୁଖମୟ ହୋଇଥାଏ । ତେଣୁ ଏହି ଦୃଷ୍ଟିରୁ ଏହି ପରମ୍ପରାକୁ ଆଜି ବି ସ୍ଥାନୀୟ ଲୋକେ ବେଶ୍ ଉତ୍ସାହର ସହ ପାଳନ କରିଆସୁଛନ୍ତି ।



## ଆସିଲା 'ଥାମା'ର ଟିଜର୍

ମ୍ୟାଡକ୍ ଫିଲ୍ମସ୍ ତା'ର ହରର୍ କମେଡି ଫିଲ୍ମ ପାଇଁ ବେଶ୍ ପ୍ରସିଦ୍ଧି ଅର୍ଜନ କରିଛି । 'ସ୍ତ୍ରୀ', 'ସ୍ତ୍ରୀ ୨', 'ଭେଡିୟା' ପରେ ଏବେ ଏହା 'ଥାମା' ଫିଲ୍ମ ନେଇ ଆସୁଛି । ଏଥିରେ ଲିଡ୍ ରୋଲରେ ଆୟୁଷ୍ମାନ୍ ଖୁରାନା ଓ ରଶ୍ମିକା ମନ୍ଦାନା ଦେଖାଯିବେ । ଇତିମଧ୍ୟରେ ଏହାର ଟିଜର୍ ଜାରି ହୋଇଛି । ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ଏକ ରକ୍ତାକ୍ତ ପ୍ରେମ କାହାଣୀକୁ ଏଥର ଦେଖିବାକୁ ମିଳିବ ବୋଲି ଟିଜର୍‌ରେ କୁହାଯାଇଛି । ୧.୪୯ ସେକେଣ୍ଡର ଏହି ଟିଜର୍‌ରେ ଆୟୁଷ୍ମାନ ଏବଂ ରଶ୍ମିକା ଭୂତପ୍ରେତ ଜାଲରେ ଫସି ରହିଥିବାର ଦେଖାଯାଇଛନ୍ତି । ଏଥିରେ ମଲାଇକା ଅରୋରାଙ୍କର ଏକ ଡ୍ୟାନ୍ସ ଆଇଟମ୍‌ର ମଧ୍ୟ ଝଲକ ଦେଖିବାକୁ ମିଳିଛି । ସେହିଭଳି ନୱାଜୁଦ୍ଦିନ୍ ସିଦ୍ଦିକିଙ୍କୁ ଏଥିରେ ବାଦୁଡ଼ି ଭଳି ଲୁକ୍‌ରେ ଦେଖିବାକୁ ମିଳିଛି । ଫୈଜଲ ମଲିକ ଓ ପରେଶ ରାୱଲଙ୍କୁ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ । ଟିଜର୍‌ରୁ ଫିଲ୍ମରେ ରୋମାନ୍ସ ସହ ହରର୍, ଆକ୍ସନ୍ ଓ ଥ୍ରିଲର୍‌ର ମିଶ୍ରଣ ଦେଖିବାକୁ ମିଳିବ ବୋଲି ସ୍ପଷ୍ଟ ହୋଇଛି । ଆଦିତ୍ୟ ସରୋପତଦାର ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି । ତେବେ ଏହା ଆସନ୍ତା ଦୀପାବଳି ଅବସରରେ ମୁକ୍ତିଲାଭ କରିବ ।

ଆଗକୁ ଗାଧୋଇବା କାମ ପୁରୁଣା ହେବାକୁ ଯାଉଛି । ଏହାର ଅର୍ଥ ହେଉଛି ଲୋକେ ଆଉ ଗାଧୋଇବେ ନାହିଁ, ବରଂ ନିଜକୁ ମେସିନ୍‌ରେ ସଫା କରିବେ । ଜାପାନ ଏମିତି ଏକ ନିଆରା ଓ ଉନ୍ନତମାନର ମେସିନ୍‌କୁ ପରିଚିତ କରାଇବାକୁ ଯାଉଛି । ଏଠାକାର ସାଇନ୍ସ କୋ କମ୍ପାନି ମିରାଇ ନିନ୍‌ଜେନ ସେଣ୍ଟାକୁକି ବା ହ୍ୟୁମାନ ୱାଶିଂ ମେସିନ୍‌କୁ ଲଞ୍ଚ କରିଛି । ୱାଶିଂ ମେସିନ୍ ଯେମିତି ଲୁଗାପଟା ସଫା କରିଥାଏ, ଠିକ୍‌ସେମିତି ହ୍ୟୁମାନ ୱାଶିଂ ମେସିନ୍ ମଣିଷକୁ ସଫା କରିବ । ତେବେ ଏହି ମେସିନ୍ ଏଆଇ ଦ୍ୱାରା ପରିଚାଳିତ ଏକ ସାୱାର କ୍ୟାପସୁଲ । ଏଥିରେ ଜଣେ ବ୍ୟକ୍ତି ମାତ୍ର ୧୫ ମିନିଟ୍‌ରେ ଗାଧୋଇବା ସହ ପୂରା ଶୁଖି ଯାଇ ଫ୍ରେସ୍ ହୋଇ ବାହାରକୁ ବାହାରିବେ । ତେବେ ଗାଧୋଇବା ପାଇଁ ଯେଉଁମାନଙ୍କ ପାଖରେ ଖୁବ୍ କମ୍ ସମୟ ଥାଏ, ଏହା ସେମାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଛି । ସେହିପରି ଏହାକୁ ବ୍ୟବହାର କରୁଥିବା ଲୋକଙ୍କୁ ଏହି କ୍ୟାପସୁଲ ଭିତରେ ଥିବା ଏକ ଆରାମଦାୟକ ସିଟ୍ ଉପରେ ବସିବାକୁ ହେବ । ଏହାପରେ ୧୫ ମିନିଟ୍‌ର ହାଇଟେକ୍ ସଫେଇ ପ୍ରକ୍ରିୟା ଆରମ୍ଭ ହୁଏ । ଅବଶ୍ୟ କ୍ୟାପସୁଲ୍‌ର ଅଧା ଗରମ ପାଣିରେ ଭର୍ତ୍ତି ହୋଇଥାଏ । ଏହାପରେ ବିଶେଷ ପ୍ରକାର ମାଇକ୍ରୋ ଏୟାର ବବଲସ୍ ଯୁକ୍ତ ୱାଟର ଜେଟ୍ ଦ୍ୱାରା ମଇଳା ସଫା




କରିଥାଏ । ଏହା କେବଳ ଶାରୀରିକ ସଫେଇ ପର୍ଯ୍ୟନ୍ତ ସୀମିତ ନୁହେଁ, ଏଥିରେ ଲାଗିଥିବା ସେନସର୍ ବ୍ୟବହାରକାରୀଙ୍କ ହୃଦ୍ ସ୍ପନ୍ଦନର ଗତି, ତାପମାତ୍ରା ଏବଂ ଅନ୍ୟ ଜୈବିକ ସଙ୍କେତ ଉପରେ ଦୃଷ୍ଟି ଦିଏ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏହି ତଥ୍ୟକୁ ବିଶ୍ଳେଷଣ କରି ପାଣିର ତାପମାତ୍ରାକୁ ସ୍ଥିର କରେ । କେବଳ ସେତିକି ନୁହେଁ, ବ୍ୟବହାରକାରୀଙ୍କ ଭାବନାତ୍ମକ ସ୍ଥିତି ଆଧାରରେ କ୍ୟାପ୍‌ସୁଲ ଭିତରେ ମନକୁ ଶାନ୍ତି ପ୍ରଦାନ କରୁଥିବା ଭିଡିଓ ଓ ଅଡିଓର ବ୍ୟବସ୍ଥା ହୋଇଛି । ସେହିପରି ଏହି ଉପକରଣ କେବଳ ଶରୀରକୁ ନୁହେଁ, ମନକୁ ମଧ୍ୟ ସତେଜ କରିଥାଏ ବୋଲି ଉକ୍ତ କମ୍ପାନି ଦାବି କରିଛି । ଅନ୍ୟପଟେ ଏହି ମେସିନ୍‌ର ପ୍ରେରଣା ୧୯୭୦ ମସିହା ଜାପାନ ୱାର୍ଲ୍ଡ ଏକ୍ସପୋରୁ ମିଳିଛି । ଅବଶ୍ୟ ଏବେ ସୁଦ୍ଧା ଏହାର ଦାମ୍ ଏବଂ ବ୍ୟାପକ ବ୍ୟବହାର ବାବଦରେ କିଛି ସୂଚନା ମିଳିନାହିଁ । ତେବେ ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି ।



## ସଞ୍ଜୀବନୀ

## ପୁରୁଷଙ୍କ ଜରୁରି ସ୍ୱାସ୍ଥ୍ୟ ପରୀକ୍ଷା

**ପୁରୁଷମାନେ ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ଗମ୍ଭୀରତାର ସହ ଗ୍ରହଣ କରନ୍ତିନି । ସେଥିପାଇଁ ସେମାନଙ୍କ ମଧ୍ୟରେ ବିଭିନ୍ନ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ । ତନ୍ମଧ୍ୟରୁ ପ୍ରୋଷ୍ଟେଟ କ୍ୟାନ୍‌ସର ସାଧାରଣ କର୍କଟ ଭାବେ ବିବେଚନା କରାଯାଏ । ତେଣୁ ସୁସ୍ଥ ଜୀବନଯାପନ ପାଇଁ ପୁରୁଷ ନିୟମିତ କିଛି ଜରୁରି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଆବଶ୍ୟକ ।**



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ, ୪୦ ବର୍ଷ ପରେ ପୁରୁଷମାନେ ନିୟମିତ ବର୍ଷକୁ ଥରେ ପ୍ରୋଷ୍ଟେଟ୍ ସ୍ପେସିଫିକ୍ ଆଣ୍ଟିଜେନ୍ ଟେଷ୍ଟ (ପିଏସ୍‌ଏ) ରକ୍ତ ପରୀକ୍ଷା କରାଇବା ଆବଶ୍ୟକ । ଏହି ପରୀକ୍ଷାରୁ ପ୍ରୋଷ୍ଟେଟ କ୍ୟାନ୍‌ସରର ପ୍ରାରମ୍ଭିକ ଅବସ୍ଥା ବିଷୟରେ ଜଣାପଡ଼ିଥାଏ । ଅଧୁନା ଉଚ୍ଚ ରକ୍ତଚାପ ନୀରବ ଘାତକ ସାଜି ହୃଦଜନିତ ସମସ୍ୟା, ଷ୍ଟ୍ରୋକ୍, ବୃକ୍କ ଅଚଳର କାରଣ ସାଜୁଛି । ତେଣୁ ପ୍ରତି ଛଅମାସରେ ଥରେ ନିୟମିତ ରକ୍ତଚାପ ପରୀକ୍ଷା କରିବା ଆବଶ୍ୟକ ।

ବୟସ ବଢ଼ିବା ସହ କୋଲେଷ୍ଟ୍ରଲ ଏବଂ ରକ୍ତ ଶର୍କରା କମ୍ ବେଶୀ ହୋଇଥାଏ । ଏଥିପାଇଁ ଡାକ୍ତରଙ୍କ ପରାମର୍ଶକ୍ରମେ ଲିପିଡ୍ ପ୍ରୋଫାଇଲ୍ ଓ ରକ୍ତ ଶର୍କରା ପରୀକ୍ଷା କରାଇନେବା ଆବଶ୍ୟକ । ଲିପିଡ୍ ପ୍ରୋଫାଇଲ୍‌ରୁ କୋଲେଷ୍ଟ୍ରଲ, ଏଲ୍‌ଡିଏଲ, ଏଚ୍‌ଡିଏଲ୍ ଏବଂ ଟ୍ରାଇଗ୍ଲିସରାଇଡ୍‌ସସ୍ତରର ସୂଚନା ମିଳିଥାଏ । ସେହିପରି ରକ୍ତ ଶର୍କରା, ମଧୁମେହ କିମ୍ବା ପ୍ରାକ୍-ମଧୁମେହ ଚିହ୍ନଟ କରିବାରେ ଏଚ୍‌ବିଏ୧ସି ପରୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ପରୀକ୍ଷା କରାଇବା ଆବଶ୍ୟକ । ବର୍ଷକୁ ଥରେ ଯକୃତ ଏବଂ ବୃକ୍କ ଫଙ୍କସନ୍ ଟେଷ୍ଟ କରିପାରିବେ । ବିଶେଷ କରି ମଦ୍ୟପାନ କରୁଥିବା ବ୍ୟକ୍ତି, ରକ୍ତଚାପ, ମଧୁମେହପୀଡ଼ିତ କିମ୍ବା ଦୀର୍ଘ ସମୟ ଧରି ଔଷଧ ସେବନ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହି ପରୀକ୍ଷା କରାଇନେବା ଆବଶ୍ୟକ ।

**କୋଲୋନ କ୍ୟାନ୍‌ସର ଯାଞ୍ଚ:** ୫୦ ବର୍ଷ ପରେ କୋଲନ କ୍ୟାନ୍‌ସର ଚିହ୍ନଟ କରିବାର ଆବଶ୍ୟକତା ଥାଏ । ପେଟର ଅଲଟ୍ରାସାଉଣ୍ଡ ବର୍ଷକୁ ଥରେ କରିବା ଦ୍ୱାରା ଯକୃତ, ଗଲ୍‌ବ୍ଲାଡର, ବୃକ୍କ ଏବଂ ପ୍ରୋଷ୍ଟେଟ ସ୍ଥିତି ଜଣାପଡ଼ିଥାଏ ।

**ଡେକ୍ସା ସ୍କାନ:** ଅସ୍ଥି ଶକ୍ତ ବା ଏହାର ଘନତ୍ୱ ଜାଣିବାକୁ ବୋନ୍ ଡେନ୍‌ସିଟି ଟେଷ୍ଟ (ଡେକ୍ସା ସ୍କାନ) ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା । ୪୦ ବର୍ଷ ପରେ ପୁରୁଷଙ୍କ ଅସ୍ଥି ଦୁର୍ବଳ ହୋଇଥାଏ । ତେଣୁ ଷ୍ଟେରଏଡ ନେଉଥିବା ବ୍ୟକ୍ତି, କମ୍ ଓଜନର ଲୋକ ଏହି ପରୀକ୍ଷା କରିବା ଆବଶ୍ୟକ । ଅନ୍ୟପଟେ କିଛି ଜଣଙ୍କଠାରେ ବୟସ ବଢ଼ିବା ସହ ଟେଷ୍ଟୋଷ୍ଟେରୋନସ୍ତର ହ୍ରାସ ପାଇଥାଏ । ତେଣୁ ଟେଷ୍ଟୋଷ୍ଟେରୋନ ପରୀକ୍ଷା କରିପାରିବେ ।

## ରୋଗକୁ ଡାକୁଛି ଆଧୁନିକ ଜୀବନଶୈଳୀ



**ଅନିୟନ୍ତ୍ରିତ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟପେୟ, କାର୍ଯ୍ୟଚାପ, ନିଶା ସେବନ ଆଦି କାରଣରୁ ବିଭିନ୍ନ ରୋଗ ସୃଷ୍ଟି ହେଉଛି । ଏହାକୁ ସାଧାରଣତଃ ଜୀବନଶୈଳୀଜନିତ ବିକାର ବୋଲି କୁହାଯାଇଥାଏ । ବର୍ତ୍ତମାନ ସମୟରେ ଏହା ଶରୀର ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି । ତେଣୁ ଜୀବନଶୈଳୀ ଜନିତ ବିକାରର ପ୍ରମୁଖ କାରଣ, ଏହାର ଲକ୍ଷଣ ଓ ନିରାକରଣ ବିଷୟରେ ଜାଣିବା ।**

ଜୀବନଶୈଳୀଜନିତ ବିକାର ହୃଦ୍‌ରୋଗ, କର୍କଟ, ମଧୁମେହ, ଉଚ୍ଚ ରକ୍ତଚାପ, ମାନସିକ ଅବସାଦ, ମୋଟାପା, ନିଦ ସମସ୍ୟା, ହରମୋନ ଅସନ୍ତୁଳନ ପରି ଗମ୍ଭୀର ରୋଗ ଆଶଙ୍କାକୁ ଅଧିକ ବଢ଼ାଇଥାଏ । ଏହି ରୋଗଗୁଡ଼ିକ ଅଧିକ ସମୟ ଧରି ଓ ଧୀରେ ଧୀରେ ଶରୀରକୁ କ୍ଷତି ପହଞ୍ଚାଇଥାନ୍ତି । ଶରୀରରେ ଏହି ରୋଗ ସୃଷ୍ଟିହେଲେ ସାଧାରଣତଃ ଅତ୍ୟଧିକ ଥକ୍କାପଣ, ମୁଣ୍ଡବ୍ୟଥା, ଓଜନ ବୃଦ୍ଧି



ଡା. ତନୁଜା ମାଝୀ

ଓ ହ୍ରାସ, ହୃଦସ୍ପନ୍ଦନ ଅସମାନତା, ଚିଡ଼ିଚିଡ଼ାପଣ, ଅନିଦ୍ରା ବା ଅତ୍ୟଧିକ ଶୋଇବା ଆଦି ଲକ୍ଷଣଗୁଡ଼ିକ ଦେଖିବାକୁ ମିଳିଥାଏ ।

**କାହିଁକି ବଢ଼ୁଛି:** ଅନିୟମିତ ଓ ବ୍ୟସ୍ତ ଜୀବନଶୈଳୀ, ଖାଦ୍ୟାଭ୍ୟାସ, ଫାଷ୍ଟଫୁଡ, ଅତ୍ୟଧିକ ଚିନି, ତେଲ, ରାଗ ଓ ଚର୍ବିଯୁକ୍ତ ଖାଦ୍ୟ ଖାଇବା ଆଦି ମୁଖ୍ୟ କାରଣ । ସେହିପରି ଶାରୀରିକ କ୍ରିୟାକଳାପର ଅଭାବ, ନିଦ ପୂରା ନ ହେବା, ଘଣ୍ଟା ଘଣ୍ଟା ଧରି ମୋବାଇଲ୍ ଓ ସ୍କ୍ରିନ୍ ଦେଖିବା ଅଭ୍ୟାସ ଦ୍ୱାରା ନିଦ ଓ ମାନସିକ ଅସ୍ଥୁଳନ ସୃଷ୍ଟି ହୋଇଥାଏ । ସେହିପରି ବର୍ତ୍ତମାନ ସମୟରେ ଯୁବପିଢ଼ି ନିଶା କବଳରେ ଛନ୍ଦି ହୋଇପଡ଼ିଛନ୍ତି । ମଦ୍ୟପାନ ଓ ଧୂମପାନ ଏହି ଦୁଇଟି ବାସ୍ତବରେ ହୃଦ୍‌ରୋଗ, କର୍କଟ ଓ ଅନେକ ଗମ୍ଭୀର ରୋଗ ସୃଷ୍ଟି ହେବାର ମୂଳ କାରଣ ।

**ପ୍ରତିକାର:** ଆଧୁନିକ ଜୀବନଶୈଳୀରୁ ସୃଷ୍ଟି ରୋଗ ସମସ୍ୟାକୁ ହ୍ରାସ କରିବା ନିମନ୍ତେ ପ୍ରତିଦିନ ସନ୍ତୁଳିତ ଓ ପୌଷ୍ଟିକ ଖାଦ୍ୟ ଖାଇବା ଅଭ୍ୟାସ ସହ ପର୍ଯ୍ୟାପ୍ତ ପାଣି ପିଇବା ଆବଶ୍ୟକ । ଦିନକୁ ୩୦ ମିନିଟ୍ ବ୍ୟାୟାମ, ଯୋଗ ଓ ପ୍ରାଣାୟମ କରିବା, ମାନସିକ ଶାନ୍ତି ପାଇଁ ଧ୍ୟାନ, ମନ୍ତ୍ର ଉଚ୍ଚାରଣ ଓ ପରିବାର ଓ ବନ୍ଧୁଙ୍କ ସହିତ ସମୟ ବିତାଇବା ନିହାତି ଆବଶ୍ୟକ । ନିଶା ସେବନଠାରୁ ଦୂରେଇବା ଭଲ । ପ୍ରଦୂଷଣମୁକ୍ତ ସୁସ୍ଥ ବାୟୁ ଗ୍ରହଣ କରିବା, ଦୈନିକ ୭ରୁ ୮ ଘଣ୍ଟା ଶୋଇବା, ଚାପମୁକ୍ତ ଆଦି ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ରୋଗମୁକ୍ତ ହୋଇପାରିବା ।

ହୋମିଓପାଥି ଚିକିତ୍ସକ, ଝାରବନ୍ଧ, ବରଗଡ଼

## ବ୍ରାଜିଲ୍ ନଟ୍

**ଡ୍ରାଏଫ୍ରୁଟ୍ସ କହିଲେ କାଜୁ, ବାଦାମ, କିସ୍‌ମିସ୍, ଅଖରୋଟ, ପିସ୍ତା ବୋଲି ସମସ୍ତେ ଭାବନ୍ତି । ହେଲେ ପୋଷକତତ୍ତ୍ୱରେ ଭରପୁର ବ୍ରାଜିଲ୍ ନଟ୍ ଏବେ ଡାଏଟରେ ଅଂଶବିଶେଷ ହୋଇଛି । ଦୈନିକ ଏହାକୁ ଖାଇବା ଦ୍ୱାରା ବିଭିନ୍ନ ରୋଗ ଦୂର ହୋଇଥାଏ ।**



ସ୍ୱାସ୍ଥ୍ୟ ଉପକାରୀ

ବ୍ରାଜିଲ୍ ନଟ୍‌ରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଫ୍ୟାଟ୍, ସେଲେନିୟମ ଭରପୁର ମାତ୍ରା ଥାଏ । ତେଣୁ ଏହା ଥାଇରଏଡ୍ ହରମୋନ୍‌ସ୍ତରର ଉନ୍ନତି ପାଇଁ କାର୍ଯ୍ୟ କରେ । ବ୍ରାଜିଲ୍ ନଟ୍ ଖାଇବା ଦ୍ୱାରା ହୃଦ୍‌ରୋଗ ଆଶଙ୍କା ହ୍ରାସ କରିଥାଏ ।

ଖାଦ୍ୟ ହଜମ କରିବାରେ ଏହା ବେଶ୍ ସହାୟକ । ଏହାକୁ ଖାଇବା ଦ୍ୱାରା ଭୋକ କମ୍ କରୁଥିବାରୁ ଓଜନ ହ୍ରାସ ହୁଏ । ତେଣୁ ଦୈନିକ ନିର୍ଦ୍ଦିଷ୍ଟମାତ୍ରାରେ ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ସହ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦେଇଥାଏ । ବ୍ରାଜିଲ୍ ନଟ୍‌ରେ ଏଲାଜିକ୍ ଏସିଡ୍ ଏବଂ ସେଲେନିୟମ୍ ଥାଏ, ଏହା ମସ୍ତିଷ୍କକୁ ସକ୍ରିୟ ରଖେ । ପ୍ରଜନନ କ୍ଷମତା ବୃଦ୍ଧି ପାଇଥାଏ । ଶରୀରକୁ ଶକ୍ତି ଯୋଗାଏ ।

## ବର୍ଷାଦିନିଆ ଆଖି ସଂକ୍ରମଣ

**ବର୍ଷାଦିନେ ବାତାବରଣ ଆର୍ଦ୍ରତା ଯୋଗୁଁ ବିଭିନ୍ନ ସଂକ୍ରମଣ ଜନିତ ସମସ୍ୟା ଦେଖାଯାଇଥାଏ । ଏହି ଦିନେ ଆଖି ସଂକ୍ରମଣ, ଆଖି ଧରିବା, ଆଖି ଲାଲ୍ ହେବା, କୁଣ୍ଡାଇ ହେବା, ଆଖିରୁ ପାଣି ବାହାରିବା ଆଦି ସମସ୍ୟା ଅଧିକ ଦେଖିବାକୁ ମିଳେ । ତେଣୁ ବର୍ଷାଦିନେ କିପରି ଆଖିର ଯତ୍ନ ନେବେ ଜାଣନ୍ତୁ ।**

ବର୍ଷାଦିନେ ସବୁଠୁ ଅଧିକ ଆଖିଧରା ସମସ୍ୟା, ଆଲୁଅ ହେବା, ଆଲର୍ଜି କିମ୍ବା ଆଖି ଶୁଷ୍କ ସମସ୍ୟା ଦେଖାଯାଏ । ଆଖିଧରାର ପ୍ରାଥମିକ ଲକ୍ଷଣରେ ଆଖି କୁଣ୍ଡାଇ ହୁଏ । ପରେ ଆଖି ଧଳା ଅଂଶ ଲାଲ୍ ଦେଖାଯିବା, ଆଖିରୁ ପାଣି ବୋହିବା, ଲେଞ୍ଚରା ବାହାରିବା, ଆଖି ଯନ୍ତ୍ରଣା ହୋଇ ଆଖି ଫୁଲିଯାଏ । ଆଖିରୋଗ ସଂକ୍ରାମକ ହୋଇଥିବାରୁ ଅନ୍ୟମାନଙ୍କୁ ସହଜରେ ବ୍ୟାପିଥାଏ । ତେଣୁ ଏହି ଦିନେ ମଇଳା ପାଣିକୁ ଆଖି ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁନି । ଓଦା ତଉଲିଆରେ ଆଖି ପୋଛିଲେ ସଂକ୍ରମଣ ଆଶଙ୍କା ଅଧିକ ଥାଏ । ତେଣୁ ସଫା ଓ ଶୁଖିଲା ରୁମାଲ କିମ୍ବା ଟିସୁ ବ୍ୟବହାର କରିବା ଆବଶ୍ୟକ । ଆଖିକୁ ବାରମ୍ବାର ହାତ ନ ଲଗାଇ ହାତର ସ୍ୱଚ୍ଛତାକୁ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଗୋଟିଏ ରୁମାଲ କେବଳ ଜଣେ ବ୍ୟବହାର କରିବା ଉଚିତ । ବର୍ଷାରେ ଭିଜିଗଲେ ଆଖିକୁ ସଫା ପାଣିରେ ଧୁଅନ୍ତୁ । କଣ୍ଟାକ୍ଟ ଲେନ୍ସ ପିନ୍ଧିବା ପୂର୍ବରୁ ହାତକୁ ଭଲ ଭାବେ ସଫା କରିବା ଜରୁରି । ଆଖି ସଂକ୍ରମଣ ହେଲେ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କୁ ସମ୍ପର୍କ କରିବା ନିହାତି ଆବଶ୍ୟକ ।



# କ୍ରୀଡ଼ା




ସକାଳ THE SAKALA
www.sakalaepaper.com


## ବର୍ଷେ ବଢ଼ିବ ଅଗରକରଙ୍କ କାର୍ଯ୍ୟକାଳ



ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଏସିଆ କପ୍ ଦଳ ଚୟନକୁ ନେଇ ବିବାଦରେ ଥିବା ବିସିସିଆଇ ଚୟନ କମିଟିର ଅଧ୍ୟକ୍ଷ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ୧ ବର୍ଷ ବଢ଼ିବ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଜୁନ ୨୦୨୩ରେ ଅଧ୍ୟକ୍ଷ ପଦ ସମ୍ଭାଳିଥିବା ଅଗରକର ଦୁଇ ବର୍ଷ ମଧ୍ୟରେ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ଏହି ସମୟରେ ଭାରତୀୟ ଦଳର ପିଢ଼ିଗତ ପରିବର୍ତ୍ତନ ମଧ୍ୟ ହୋଇଥିଲା। ବିରାଟ କୋହଲି, ରୋହିତ ଶର୍ମା, ରବିଚନ୍ଦ୍ରନ ଅଶ୍ୱିନ ପ୍ରମୁଖ ଅବସର ନେଇଥିଲେ। ସେହିଭଳି ଶୁବମନ ଗିଲ୍‌ଙ୍କୁ ଟେଷ୍ଟ ଓ ସୂର୍ଯ୍ୟକୁମାର ଯାଦବଙ୍କୁ ଟି-୨୦ ଦଳର ନେତୃତ୍ୱ ପ୍ରଦାନ ଭଳି ଏକାଧିକ ଚ୍ୟାଲେଞ୍ଜକୁ ଅଗରକର ସଫଳତାର ସହ ସାମ୍ନା କରିଥିଲେ। ତାଙ୍କରି କାର୍ଯ୍ୟକାଳରେ ଭାରତ ଟି-୨୦ ବିଶ୍ୱକପ୍ ଓ ଚାମ୍ପିଅନ୍ସ ଟ୍ରଫିରେ ଚାମ୍ପିଅନ ହୋଇଥିଲା। ଏହି ସମସ୍ତ ସଫଳତା ଲାଗି ବିସିସିଆଇ ୪୭ ବର୍ଷୀୟ ଅଗରକରଙ୍କ କାର୍ଯ୍ୟକାଳକୁ ୧ ବର୍ଷ ବୃଦ୍ଧି ଲାଗି ଅଫର ଦେଇଥିଲା। ସେ ମଧ୍ୟ ଏହାକୁ ଗ୍ରହଣ କରିଥିବା ଜଣାପଡ଼ିଛି। ସେହିଭଳି ଚୟନ କମିଟିରେ ଥିବା ଓଡ଼ିଶାର ଶିବ ସୁନ୍ଦର ଦାସ, ଅଜୟ ରାତ୍ରା, ସୁବ୍ରତ ବାନାର୍ଜୀ ସେମାନଙ୍କ ପଦ ବଜାୟ ରଖିବାର ସମ୍ଭାବନା ରହିଛି। କିନ୍ତୁ ଏସ୍. ଶରତ କୁଲିଂ ଅଫ୍ ପିରିୟଡ ଲାଗି ଚୟନ କମିଟିରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଛି।

## ୩ୟଥର ଲାଗି ବିଏଫ୍ଆଇ ସଭାପତି ହେଲେ ଅଜୟ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଅଜୟ ସିଂ ୩ୟଥର ଲାଗି ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍ଆଇ) ସଭାପତି ନିର୍ବାଚିତ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ବହୁପ୍ରତୀକ୍ଷିତ ନିର୍ବାଚନରେ ଅଜୟ ୪୦-୨୬ ଭୋଟରେ ଅଲିମ୍ପିଆନ ଯଶଲାଲ୍ ପ୍ରଧାନଙ୍କୁ ପରାସ୍ତ କରିଥିଲେ। ସ୍ପାଇସଜେଟ୍ ଏୟାରଲାଇନ୍ସର ନିର୍ଦ୍ଦେଶକ ଥିବା ୫୯ ବର୍ଷୀୟ ଅଜୟ ଏଥିପୂର୍ବରୁ ୨୦୧୬ ଓ ୨୦୨୧ରେ ସଭାପତି ନିର୍ବାଚିତ ହୋଇଥିଲେ। ସେହିଭଳି ଉତ୍ତର ପ୍ରଦେଶର ପ୍ରମୋଦ କୁମାର ସାଧାରଣ ସମ୍ପାଦକ ଓ ତାମିଲନାଡୁର ପୋନ୍ ଭାସ୍କରନ କୋଷାଧ୍ୟକ୍ଷ ଭାବେ ବିଜୟ ହୋଇଛନ୍ତି। ଆଇନଗତ ବିବାଦ ମଧ୍ୟରେ ଛନ୍ଦି ହୋଇଥିବା ବିଏଫ୍ଆଇ ନିର୍ବାଚନ ଗତ ୬ ମାସ ହେବ ସ୍ଥଗିତ ରହିଥିଲା। ଏହି ନିର୍ବାଚନ ପ୍ରଥମେ ମାର୍ଚ୍ଚ ୨୮ରେ ହେବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ଏହାକୁ ନେଇ କୋର୍ଟରେ ଏକାଧିକ ପିଟିଶନ ଦାଖଲ ହେବାରୁ ଶେଷରେ ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଥିଲା। ତଥାପି ଆଜିର ନିର୍ବାଚନ ଫଳାଫଳ ଦିଲ୍ଲୀ ହାଇକୋର୍ଟରେ ଚାଲିଥିବା ଏକ ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରେ। ବିଏଫ୍ଆଇର ଏକାଧିକ ରାଜ୍ୟ ସଂଘ ହାଇକୋର୍ଟରେ ଏକ କେସ୍ କରିଛନ୍ତି। ଯେଉଁଥିରେ ବିଏଫ୍ଆଇର ଦୈନନ୍ଦିକ କାର୍ଯ୍ୟ ତଦାରଖ କରୁଥିବା ମଧ୍ୟବର୍ତ୍ତୀକାଳୀନ କମିଟି ଦ୍ୱାରା ଆଗତ ସମ୍ବିଧାନ ସଂଶୋଧନକୁ ଚ୍ୟାଲେଞ୍ଜ କରିଛନ୍ତି।



### ଏସିଆ କପ୍ ମହିଳା ହକି

# ଭାରତୀୟ ଦଳରେ ସୁନେଲିତା ଏକମାତ୍ର ଓଡ଼ିଆ

ବେଙ୍ଗାଲୁରୁ, ୨୧।୮ (ଏଜେନ୍ସି):

ଏସିଆ କପ୍ ମହିଳା ହକିର ଏକାଦଶ ସଂସ୍କରଣ ସେପ୍ଟେମ୍ବର ୫ରୁ ଚାଇନାର ହାଙ୍ଗଝୋଉରେ ଆରମ୍ଭ ହେବ। ଏଥିଲାଗି ଗୁରୁବାର ହକି ଇଣ୍ଡିଆ ପକ୍ଷରୁ ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଝାଡ଼ଖଣ୍ଡର ସାଲିମା ଟେଟେଙ୍କୁ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଘୋଷିତ ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ଯୁବ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ଗତକାଲି ପୁରୁଷ ଦଳ ଘୋଷଣା ହୋଇଥିବାବେଳେ ଅମିତ୍ ରୋହିଦାସ ଓ ଶିଳାନନ୍ଦ ଲାକ୍ରାଙ୍କୁ ମିଶାଇ ରିଜର୍ଭ ତାଲିକାରେ ନୀଲମ ସଞ୍ଜୀପ ଖେସ୍ ସ୍ଥାନ ପାଇଥିଲେ। କିନ୍ତୁ ମହିଳା ଦଳରେ ଜଣେ ମାତ୍ର ଓଡ଼ିଆ ଖେଳାଳି ସ୍ଥାନ ପାଇବା ରାଜ୍ୟ କ୍ରୀଡ଼ାପ୍ରେମୀଙ୍କୁ ବ୍ୟଥିତ କରିଛି।



ଚାଇନାରେ ଖେଳାଯିବାକୁ ଥିବା ଏହି ମେଗା ହକି ଇଭେଣ୍ଟରେ ଭାରତୀୟ ମହିଳା ଦଳ ପୁଲ୍-ବି'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଭାରତ ସମେତ ଡିଫେଣ୍ଡିଂ ଚାମ୍ପିଅନ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ରହିଛନ୍ତି। ସେପ୍ଟେମ୍ବର ୫ରେ ଥାଇଲାଣ୍ଡ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ସେହିଭଳି ପୁଲ୍-ଏ'ରେ ଆୟୋଜକ ଚାଇନା ସହ ୩ଥରର ବିଜେତା ଦକ୍ଷିଣ କୋରିଆ, ମାଲେସିଆ ଓ ଚାଇନିଜ ତାଇପେଇ ସ୍ଥାନ ପାଇଛି। ପ୍ରତି ପୁଲ୍‌ର ଦୁଇ ଶ୍ରେଷ୍ଠ ଦଳକୁ ନେଇ ସେପ୍ଟେମ୍ବର ୧୦ରୁ ସୁପର୍-୪ ଆରମ୍ଭ ହେବ। ଏଥିରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ଦୁଇ ଶ୍ରେଷ୍ଠ ଦଳକୁ ନେଇ ସେପ୍ଟେମ୍ବର ୧୪ରେ ଫାଇନାଲ ଅନୁଷ୍ଠିତ ହେବ। ଏସିଆ କପ୍‌ରେ ଯେଉଁ ଦଳ ଚାମ୍ପିଅନ ହେବ ୨୦୨୬ରେ ହେବାକୁ ଥିବା ଏଫ୍ଆଇଏଚ୍ ବିଶ୍ୱକପ୍‌କୁ ସିଧାସଳଖ ଟିକଟ୍ ହାସଲ କରିବ।

**ଭାରତର କାର୍ଯ୍ୟସୂଚୀ**

| ସେପ୍ଟେମ୍ବର ୫ | ସେପ୍ଟେମ୍ବର ୬ | ସେପ୍ଟେମ୍ବର ୮ |
|---|---|---|
| ଭାରତ ବନାମ ଥାଇଲାଣ୍ଡ, ଅପରାହ୍ଣ ୨ଟା ୩୦ | ଭାରତ ବନାମ ଜାପାନ, ରାତି ୬ଟା | ଭାରତ ବନାମ ସିଙ୍ଗାପୁର, ଅପରାହ୍ଣ ୨ଟା ୩୦ |

ଏସିଆ କପ୍ ଇତିହାସରେ ଭାରତୀୟ ମହିଳା ଦଳ ୨ଥର ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ୨୦୦୪ରେ ଦଳ ପ୍ରଥମଥର ଟ୍ରଫି ଜିତିଥିଲା। ଏହାର ୧୩ ବର୍ଷ ପରେ ଶେଷ ଓ ଦ୍ୱିତୀୟଥର ଲାଗି ଚାମ୍ପିଅନ ହୋଇଥିଲା। ତେଣୁ ୮ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ଏଥର ଟ୍ରଫି ଜିତିବ ବୋଲି ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ ଆଶାବାଦୀ ରହିଛନ୍ତି। 'ଏହା କେବଳ ଏକ ସମ୍ମାନଜନକ ମହାଦେଶୀୟ ଟୁର୍ଣ୍ଣାମେଣ୍ଟ ନୁହେଁ ବରଂ ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ସୁବିଧା ରହିଛି। ତେଣୁ ପ୍ରତ୍ୟେକ ମ୍ୟାଚ୍ ଆମ ପାଇଁ ପରୀକ୍ଷା ସଦୃଶ ହେବ' ବୋଲି ହରେନ୍ଦ୍ର କହିଛନ୍ତି।

**ଘୋଷିତ ଭାରତୀୟ ଦଳ**

**ଗୋଲ୍‌ରକ୍ଷକ:** ବନସାରୀ ସୋଲାଙ୍କି, ବିଚ୍ଛୁ ଦେବୀ ଖାରିବାମ୍

**ଡିଫେଣ୍ଡର:** ମନିଷା ଚୌହାନ, ଉଦିତା, ଜ୍ୟୋତି, ସୁମନ ଦେବୀ ଥୌଦାମ, ନିକ୍କି ପ୍ରଧାନ, ଇଶିକା ଚୌଧୁରୀ

**ମିଡ୍‌ଫିଲ୍ଡର:** ନେହା, ବୈଷ୍ଣବୀ ଭିଉଲ ଫାଲକେ, ସାଲିମା ଟେଟେ, ଶର୍ମିଳା ଦେବୀ, ଲାଲରେମସିଆମି, ସୁନେଲିତା ଟପ୍ପୋ

**ଫର୍ୱାର୍ଡ:** ନବନୀତ୍ କୌର, ଋତୁଜା ଦାଦାସୋ ପିସାଲ, ବିୟୁଟି ଡୁଙ୍ଗ୍‌ଡୁଙ୍ଗ୍, ମୁମତାଜ ଖାନ, ଦୀପିକା, ସଙ୍ଗୀତା କୁମାରୀ।

## ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହ ଖେଳିବ ଭାରତ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟରେ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ବଡ଼ ନିଷ୍ପତ୍ତି ନିଆଯାଇଛି। 'ନିରପେକ୍ଷ ଭେନ୍ୟୁରେ ମଧ୍ୟ ପାକିସ୍ତାନ ସହ ଆମେ ଦ୍ୱିପାକ୍ଷିକ ସିରିଜ ଖେଳିବୁ ନାହିଁ। ଏହି ନୀତି ଭାରତକୁ ଅଧିକ ଆକ୍ରମଣାତ୍ମକ କରିବ। ଆମକୁ ଉଭୟ ସୀମା ଓ କ୍ରୀଡ଼ାରେ ପାକିସ୍ତାନକୁ ପରାସ୍ତ କରିବାକୁ ପଡ଼ିବ। କିନ୍ତୁ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଯେଉଁଥିରେ ପାକିସ୍ତାନ ଦଳ ଓ ଖେଳାଳି ରହିଥିବେ ସେଥିରେ ଭାରତୀୟ ଆଥଲେଟଙ୍କୁ ଖେଳିବାକୁ ଅନୁମତି ଦିଆଯିବ। ତେବେ ପୂର୍ବଭଳି ପାକିସ୍ତାନରେ କୌଣସି ମ୍ୟାଚ୍ ଖେଳିବ ନାହିଁ କି ଦ୍ୱିପାକ୍ଷିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ନାହିଁ ବୋଲି କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ଗୁରୁବାର ଗଣମାଧ୍ୟମକୁ କୁହାଯାଇଛି। ଏହା ସହିତ ଭିସା ନୀତିକୁ ଖେଳାଳି, ଦଳର ଅଧିକାରୀ, ବୈଷୟିକ ଅଧିକାରୀ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରଶାସକ ସଂସ୍ଥାର ପଦାଧିକାରୀଙ୍କ ପାଇଁ ସର୍ବାଧିକ ୫ ବର୍ଷ ପାଇଁ ସରଳୀକୃତ କରାଯିବ ବୋଲି ଜଣାପଡ଼ିଛି। କ୍ରୀଡ଼ା ବିଭାଗର ଏହି ନିଷ୍ପତ୍ତି ଫଳରେ ଆଗାମୀ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ମ୍ୟାଚକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସେପ୍ଟେମ୍ବର ୧୪ରେ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଏହି ହାଇଭୋଲଟେଜ ମ୍ୟାଚ୍ ଖେଳାଯିବା ନେଇ ରାସ୍ତା ଫିଟିଯାଇଛି। ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଓ ଏହାପରେ ଭାରତର 'ଅପରେସନ ସିନ୍ଦୁର'କୁ ନେଇ ଦୁଇ ପଡ଼ୋଶୀ ଦେଶ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଥିଲା। ଯେଉଁଥି ପାଇଁ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ଭାରତ ଖେଳିବ ନାହିଁ ବୋଲି ଆଲୋଚନା ହେଉଥିଲା। ଯାହାର ଏବେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

## ମୁମ୍ବାଇ ରଣଜୀ ଦଳର ନେତୃତ୍ୱ ଛାଡ଼ିଲେ ରାହାଣେ

ମୁମ୍ବାଇ, ୨୧।୮ (ଏଜେନ୍ସି): ଅଭିଜ୍ଞ ବ୍ୟାଟର ଆଜିଙ୍କ୍ୟ ରାହାଣେ ଗୁରୁବାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଘରୋଇ କ୍ରିକେଟ୍ ସିଜନ ଆରମ୍ଭ ହେବା ପୂର୍ବରୁ ସେ ମୁମ୍ବାଇ ରଣଜୀ ଟ୍ରଫି ଦଳର ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ୩୭ ବର୍ଷୀୟ ରାହାଣେ ଏହି ସୂଚନା ଦେଇଛନ୍ତି। ରାହାଣେ ଏଥିରେ ଉଲ୍ଲେଖ କରିଛନ୍ତି, 'ମୁମ୍ବାଇ ଦଳର ନେତୃତ୍ୱ ନେବା ଓ ଟ୍ରଫି ଜିତିବା ସମ୍ପୂର୍ଣ୍ଣ ଭାବେ ସମ୍ମାନର ବିଷୟ। ଆଗକୁ ନୂଆ ଘରୋଇ ସିଜନ ଆସୁଛି। ମୁଁ ଭାବୁଛି ଜଣେ ଯୁବ ନେତୃତ୍ୱଙ୍କୁ ସୁଯୋଗ ଦେବାର ଏହା ଉପଯୁକ୍ତ ସମୟ। ତେଣୁ ମୁଁ ଅଧିନାୟକ ପଦ ଜାରି ନ ରଖିବାକୁ ନିଷ୍ପତ୍ତି ନେଇଛି। ଏବେ ଜଣେ ଖେଳାଳି ଭାବେ ମୋର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଓ ଟ୍ରଫି ଜିତିବାକୁ ଦଳ ସହ ଯାତ୍ରା ଜାରି ରଖିବି।'



ରାହାଣେଙ୍କ ନେତୃତ୍ୱରେ ମୁମ୍ବାଇ ୮ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ୨୦୨୩-୨୪ ସିଜନରେ ରଣଜୀ ଟ୍ରଫି ଚାମ୍ପିଅନ ହୋଇଥିଲା। ଯାହାକି ମୁମ୍ବାଇର ୪୨ତମ ରଣଜୀ ଟାଇଟଲ୍ ଥିଲା। ରାହାଣେଙ୍କ ପରେ ଏବେ ଶାର୍ଦ୍ଦୁଳ ଠାକୁର ମୁମ୍ବାଇ ଦଳର ନେତୃତ୍ୱ ନେବା ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି।

## ଇଂଲଣ୍ଡ ବିଶ୍ୱକପ୍ ଦଳରେ ସ୍ଥାନ ପାଇଲେନି କେଟୀ

ଲଣ୍ଡନ, ୨୧।୮ (ଏଜେନ୍ସି): ଆଇସିସି ମହିଳା ଏକଦିବସୀୟ ବିଶ୍ୱକପ୍‌ର ୧୩ତମ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବାକୁ ଯାଉଛି। ଏହି ମେଗା ଇଭେଣ୍ଟ ଲାଗି ଗୁରୁବାର ୪ଥରର ବିଜେତା ଇଂଲଣ୍ଡ ପକ୍ଷରୁ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ନାଟାଲୀ ସ୍କିଭର-ବ୍ରଣ୍ଟଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ତେବେ ଇଂଲଣ୍ଡର ସବୁଠୁ ଅଭିଜ୍ଞ ଦ୍ରୁତ ବୋଲର୍ କେଟୀ କ୍ରସ୍ ବିଶ୍ୱକପ୍ ଦଳରେ ସ୍ଥାନ ପାଇବାରେ ବିଫଳ ହୋଇଛନ୍ତି। ୩୩ ବର୍ଷୀୟା କେଟୀ ୭୬ ଏକଦିବସୀୟ ମ୍ୟାଚ୍ ଖେଳି ୪.୪୫ ଇକୋନୋମୀରେ ୧୦୧ଟି ୱିକେଟ୍ ନେଇଛନ୍ତି। ଅପରପକ୍ଷରେ ପୂର୍ବତନ ଅଧିନାୟିକା ହେଥର ନାଇଟ୍, ସାରା ଗ୍ଲେନ ଓ ଡାନି ୱାଟ-ହୋଡଗେଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରାଯାଇଛି। ମାଂଶପେଶୀରେ ଆଘାତ ଲାଗି ହେଥର ଗତ ମେ'ରୁ ଦଳରୁ ଦୂରେଇ ରହିଥିଲେ। ସେହିଭଳି ଗତ ଭାରତ ବିପକ୍ଷ ସିରିଜରେ ଗ୍ଲେନ ଓ ଡାନିଙ୍କୁ ସୁଯୋଗ ମିଳି ନ ଥିଲା। ଅକ୍ଟୋବର ୩ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଇଂଲଣ୍ଡ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ୨୦୨୨ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆଠୁ ହାରି ଇଂଲଣ୍ଡ ଉପବିଜେତା ରହିଥିଲା।

**ଇଂଲଣ୍ଡ ଦଳ:** ନାଟାଲୀ ସ୍କିଭର-ବ୍ରଣ୍ଟ (ଅଧିନାୟିକା), ଇମା ଆର୍ଲୋଟ, ଟାମି ବିଉମଣ୍ଟ, ଲୌରେନ ବେଲ୍, ଆଲିସେ କାପସୀ, ଚାର୍ଲି ଡିନ, ସୋଫିଆ ଡଙ୍କଲୀ, ସୋଫି ଇକଲେଷ୍ଟୋନ, ଲୌରେନ ଫିଲର୍, ସାରା ଗ୍ଲେନ, ଆମି ଜୋନ୍ସ, ହେଥର ନାଇଟ୍, ଇମା ଲାମ୍ବ, ଲିନସୀ ସ୍ମିଥ ଓ ଡାନି ୱେଟ-ହୋଡଗେ।

### ■ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବ

## ରଶ୍ମୀତାଙ୍କୁ ସ୍ୱର୍ଣ୍ଣ, ନରିମ୍‌ଙ୍କୁ ରୌପ୍ୟ





କଟକ,୨୧।୮ (ସମିସ): ଶ୍ରୀନଗରରେ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ପୁରୁଷ ବର୍ଗର କାୟାକିଂ-୧ ଏକ ହଜାର ମିଟର ଇଭେଣ୍ଟରେ ନରିମ ଯମେଶ ସିଂହ ରୌପ୍ୟ ଜିତିଥିଛନ୍ତି। ସେହିଭଳି କାନୋଇଂ-୧ ମହିଳା ୨୦୦ ମିଟର ଇଭେଣ୍ଟରେ ରଶ୍ମିତା ସାହୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟର ୧୫ଜଣ ଖେଳାଳି ଭାଗ ନେଇଛନ୍ତି। ମୋଟ ୧୨ଟି ଯାକ ଇଭେଣ୍ଟରେ ଓଡ଼ିଶା ଖେଳାଳି ପ୍ରତିନିଧିତ୍ୱ କରିବେ। ଦଳର ପଦକ ସଂଖ୍ୟା ଆଶାତୀତ ବୃଦ୍ଧି ପାଇବ ବୋଲି ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ ସୂଚନା ଦେଇଛନ୍ତି।

## ଜାତୀୟ ଅଶୀଚାଳନା ମହାସଂଘ କୋଷାଧ୍ୟକ୍ଷ ହେଲେ ଦେବେନ୍ଦ୍ର

କଟକ,୨୧।୮ (ସମିସ): ଜାତୀୟ ଅଶୀଚାଳନା ମହାସଂଘର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ଓଡ଼ିଶା ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। ନୈନିତାଲରେ ଜାତୀୟ ମହାସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ଦେବେନ୍ଦ୍ରଙ୍କୁ ରାଜ୍ୟ ସଂଘ ସଭାପତି ଅନଙ୍ଗ ଉଦୟ ସିଂହଦେଓ, କାର୍ଯ୍ୟକାରୀ ସଭାପତି ଡଃ ହରିପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ନିର୍ମଳ ବିକାଶ ମହାପାତ୍ର, ଯୁଗ୍ମ ସମ୍ପାଦକ ସୁମିତ ପୁରୋହିତ, ଶଶୀକାନ୍ତ ନାୟକ, ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଥାଉକି, ସତ୍ୟେଜ ଦ୍ୟାନଦେଓ ପାଟିଲ ସଭାପତି ଓ ରାଜୀବ ମେହଟା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।



## ଆନ୍ତଃସ୍କୁଲ ଟିଟି: ଗୁରୁ ନାନକ, କେଭି ନଂ-୧ ଚାମ୍ପିଅନ

କଟକ,୨୧।୮ (ସମିସ): ସିଡିଏ ସେକ୍ଟର-୭ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ଷ୍ଟାଡିୟମରେ ଖେଳାଯାଉଥିବା ୬ଷ୍ଠ ଆନ୍ତଃସ୍କୁଲ ଟେବଲ ଟେନିସ ଚାମ୍ପିଅନସିପ ଶେଷ ହୋଇଛି। ସିନିଅର ବାଳିକା ବର୍ଗରେ କଟକର ଗୁରୁ ନାନକ ପବ୍ଲିକ ସ୍କୁଲ, ବାଳକ ବର୍ଗରେ ଭୁବନେଶ୍ୱରର ପିଏମ ଶ୍ରୀ କେଭି ନଂ-୧ ସ୍କୁଲ, ଜୁନିଅର ବାଳକ ବର୍ଗରେ କଟକର ନ୍ୟୁ ଷ୍ଟିୱାର୍ଟ ସ୍କୁଲ, ବାଳିକା ବର୍ଗରେ ସିଡିଏ ଡିଏଭି ପବ୍ଲିକ ସ୍କୁଲ ଚାମ୍ପିଅନ ହୋଇଛି। ଏଠାରେ ୩୦ତମ ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଂ ଟେବଲ ଟେନିସ୍ ଚାମ୍ପିଅନସିପ ଶୁକ୍ରବାରଠାରୁ ଆରମ୍ଭ ହେବ।

ସିନିୟର ବାଳିକା ବର୍ଗର ଫାଇନାଲରେ ଗୁରୁ ନାନକ ପବ୍ଲିକ ସ୍କୁଲ ୩-୦ ଗେମରେ ଷ୍ଟିୱାର୍ଟ ସ୍କୁଲକୁ ହରାଇଥିଲା। ବିଜୟୀ ଦଳ ପକ୍ଷରୁ ଶ୍ୱେତା ବର୍ମା, ଉର୍ଜ୍ଜା ବର୍ମା ଉଭୟ ସିଙ୍ଗିଲ୍ସ ଓ ଡବଲ୍ସ ଇଭେଣ୍ଟରେ ଏକତରଫା ଭାବେ ଜିତି ନିଜ ସ୍କୁଲକୁ ଚାମ୍ପିଅନ କରାଇଥିଲେ। ସେହିପରି ସିନିୟର ବାଳକ ବର୍ଗର ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର ପିଏମ ଶ୍ରୀ କେଭି ନଂ-୧ ୩-୦ ଗେମ୍‌ରେ ଖ୍ରୀଷ୍ଟ କଲିଜିଏଟ ସ୍କୁଲକୁ ହରାଇଥିଲା। ରୁଦ୍ର ଗୌଡ ଓ ରତିକାନ୍ତ ଗୌଡ ଦଳ ପାଇଁ ବିଜୟୀ ପଏଣ୍ଟ ହାସଲ କରିଥିଲେ। ଜୁନିୟର ବାଳକ ବର୍ଗର ଫାଇନାଲରେ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ୩-୧ ଗେମ୍‌ରେ ଡିପିଏସ୍ କଳିଙ୍ଗକୁ ହରାଇଥିଲା। ଡିପିଏସ୍ କଳିଙ୍ଗ ପକ୍ଷରୁ ହିତେଶ ଅଗ୍ରୱାଲ ଏକମାତ୍ର ଗେମ୍ ପଏଣ୍ଟ ହାସଲ କରିଥିବା ବେଳେ ବିଜୟୀ ନ୍ୟୁ ଷ୍ଟିୱାର୍ଟର ସୟଦ ଅର୍ଶ ଅଲ୍ଲୀ ଏକୁଟିଆ ୩ ଗେମ୍ ପଏଣ୍ଟ ଜିତିଥିଲେ। ଜୁନିୟର ବାଳିକା ବର୍ଗର ଫାଇନାଲରେ ସିଡିଏ ଡିଏଭି ପବ୍ଲିକ ସ୍କୁଲ ୩-୧ ଗେମ୍‌ରେ ପୁରୀ ଜିଲ୍ଲା ସ୍କୁଲକୁ ପରାସ୍ତ କରିଥିଲା। ପୁରୀର ଶ୍ରୀତିଜା ଚୌଧୁରୀ ଗୋଟିଏ ଗେମ୍‌ରେ ବିଜୟୀ ହୋଇଥିବା ବେଳେ ଅନ୍ୟ ୩ଟି ଗେମ୍‌ରେ ଡିଏଭିର ନିଳାକ୍ଷୀ ବସ୍ତିଆ ଓ ଆରାଧ୍ୟା ସାହୁ ବିଜୟୀ ହୋଇଥିଲେ।




### ଜାତୀୟ ଜୁନିଅର ପୁରୁଷ ହକି

# ପଞ୍ଜାବକୁ ହରାଇ ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର, ୨୧।୮ (ସମିସ):

ହକି ଇଣ୍ଡିଆ ଆନୁକୂଲ୍ୟରେ ପଞ୍ଜାବରେ ଚାଲିଥିବା ୧୫ତମ ଜାତୀୟ ଜୁନିଅର ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଓଡ଼ିଶା ଦଳ ୩-୨ ଗୋଲ୍‌ରେ ଘରୋଇ ପଞ୍ଜାବକୁ ମାତ୍ ଦେଇ ଟାଇଟଲ୍ ଲଢ଼େଇରେ ଅବତୀର୍ଣ୍ଣ ହୋଇଛି। ପ୍ରତାପ ଟପ୍ପୋ ୨ଟି ଗୋଲ୍ ଦେଇ ବିଜୟରେ ନାୟକ ସାଜିଥିଲେ। ଓଡ଼ିଶା ଏବେ ସ୍ୱର୍ଣ୍ଣ ପଦକ ଲାଗି ହରିୟାଣା ସହ ଶନିବାର ମୁକାବିଲା କରିବ। ଅନ୍ୟ ଏକ ସେମିଫାଇନାଲରେ ହରିୟାଣା ୩-୦ ଗୋଲରେ ଉତ୍ତରପ୍ରଦେଶକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ସେହିଭଳି ସେମିଫାଇନାଲର ଦୁଇ ପରାଜିତ ଦଳ ପଞ୍ଜାବ ଓ ଉତ୍ତରପ୍ରଦେଶ ମଧ୍ୟରେ କାଂସ୍ୟ ପଦକ ଲାଗି ଲଢ଼େଇ ହେବ।

ଗୁରୁବାର ଅପରାହ୍ଣରେ ଘରୋଇ ପଞ୍ଜାବ ଓ ଓଡ଼ିଶା ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚର ପ୍ରଥମ ମିନିଟରେ ହିଁ ଓଡ଼ିଶାକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା। ପ୍ରତାପ ଏହାର ଭରପୁର ଫାଇଦା ଉଠାଇ ବଲ୍‌କୁ ପଞ୍ଜାବ ନେଟ୍ସ ମଧ୍ୟକୁ ପଠାଇ ଦେଇଥିଲେ। ଏହାପରେ ସେହି ପ୍ରଥମ କ୍ୱାର୍ଟରରେ ହିଁ ପଞ୍ଜାବ ଗୋଲଟି ଶୁଝାଇ ଦେଇଥିଲା। ୧୨ତମ ମିନିଟରେ ଗୁରଶେୱାକ ସିଂହ ଏହି ଗୋଲ୍‌ଟି ଦେଇଥିଲେ। ଏହାର ୩ ମିନିଟ୍ ପରେ ପ୍ରତାପଙ୍କ ଷ୍ଟିକ୍‌ରୁ ଏକ ଫିଲ୍ଡ ଗୋଲ୍ ବାହାରିଥିଲା। ଯାହା ଫଳରେ ପ୍ରଥମ ୧୫ ମିନିଟ୍‌ରେ ଓଡ଼ିଶା ୨-୧ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟର କିନ୍ତୁ ଗୋଲ୍‌ଶୂନ୍ୟ ରହିଥିଲା। ଏହାପରେ ୩ୟ କ୍ୱାର୍ଟରରେ ପଞ୍ଜାବ କମବ୍ୟାକ୍ କରିଥିଲା। ୪୪ତମ ମିନିଟରେ ମନମିତ୍ ସିଂହ ରାଲ୍‌ଙ୍କ ଗୋଲ୍ ମ୍ୟାଚକୁ ୨-୨ର ବରାବର୍‌ସ୍ଥିତିକୁ ଆଣିଥିଲା। ତେବେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ତଥା ମ୍ୟାଚ ଶେଷ ହେବାକୁ ୨ ମିନିଟ୍ ବାକି ଥିବାବେଳେ କରନ ଲାକ୍ରା ଓଡ଼ିଶା ପାଇଁ ବିଜୟ ସୂଚକ ୩ୟ ଗୋଲଟି ଦେଇଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS